# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୬/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, July 16/2019 | ★★★★★★

୪୫ଶ ଭାଗ ୨୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଅକ୍ଟୋବର ୨ରେ 'ୱାର' ରିଲିଜ**

ଟାଇଗର ଶ୍ରଫ୍‌ଙ୍କ ଅପ୍‌କମିଂ ଆକ୍ସନ ଫିଲ୍ମ 'ୱାର' ଅକ୍ଟୋବର ୨ରେ ରିଲିଜ ହେବାକୁ ଯାଉଛି।

୦୮ | ୧୮

**ଶୁଟିଂରେ ଇଲାଭେନିଲଙ୍କୁ ସ୍ୱର୍ଣ୍ଣ**

ଜୁନିୟର ବିଶ୍ୱକପ୍‌ର ୧୦ ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ଭାରତର ଇଲାଭେନିଲ ଭାଲାରିଭାନ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।






29001/13/0025/1920

DSPL-48


# ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ରାଜ୍ୟରେ ଅରାଜକତା ଦେଖାଦେଇଛି। ଆଇନ କାନୁନ ବୋଲି କିଛି ନାହିଁ। ଦିନ ଦ୍ୱିପ୍ରହରରେ ଅପରାଧୀମାନେ ଗୋଡ଼ାଇ ଗୋଡ଼ାଇ ହତ୍ୟା କରୁଛନ୍ତି। ବଳାତ୍କାର, ଚୋରି, ଡକାୟତି ସୀମା ସରହଦ ପାର କଲାଣି। ରବିବାର ୩୧୬ ନମ୍ବର ଜାତୀୟ ରାଜପଥ ପଚ୍ଚନାୟିକିଆ ଛକରେ ୩ ଜଣଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ରାଜ୍ୟର ଆଇନଶୃଙ୍ଖଳାକୁ ପଦାରେ ପକାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ଗୃହରେ ତୁରନ୍ତ ବିବୃତି ଦିଅନ୍ତୁ। ଏଭଳି ଦାବି କରି ବିରୋଧୀ କଂଗ୍ରେସ ଏବଂ ଭାଜପା ସଦସ୍ୟମାନେ ବିଧାନସଭାକୁ ହୁଲସ୍ଥୁଲ କରିଛନ୍ତି। ସରକାର ଏ ନେଇ ଜବାବ ନ ଦେବା ଯାଏ ଗୃହ ଚଳାଇ ଦେବୁନାହିଁ। ଗୃହରେ କୌଣସି ଆଲୋଚନା ହୋଇପାରିବ ନାହିଁ। ଏଭଳି ଜିଦ୍‌ରେ ଅଡ଼ିବସି ବିରୋଧୀ ସଦସ୍ୟମାନେ ସୋମବାର ଗୃହକୁ ନିଜ କବ୍‌ଜାକୁ ନେଇଯାଇଥିଲେ। ଫଳରେ ଗୃହରେ କୌଣସି କାର୍ଯ୍ୟକ୍ରମ ଅପରାହ୍ନ ସାଢେ ୩ଟା ଯାଏ ହୋଇପାରି ନ ଥିଲା। ବିରୋଧୀଙ୍କ ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ। ବିରୋଧୀଙ୍କୁ ଶାନ୍ତ କରିବା ଏବଂ ଗୃହକୁ ସ୍ୱାଭାବିକ ପରିସ୍ଥିତିକୁ ଫେରାଇ ଆଣିବା ଲାଗି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଅପରାହ୍ନରେ ସର୍ବଦଳୀୟ ବୈଠକ ଡାକିଥିଲେ।

ଦୁଇ ଦିନ ଛୁଟି ପରେ ସୋମବାର ୧୦ଟା ୩୦ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ଭାଜପା ସଦସ୍ୟମାନେ ନିଜ ସିଟ୍ ନିକଟରେ ଛିଡ଼ା ହୋଇ ପଚ୍ଚନାୟିକିଆ ଛକରେ ହୋଇଥିବା ହତ୍ୟାକାଣ୍ଡ ପ୍ରସଙ୍ଗ ଉଠାଇଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବାତିଲ କରି ରାଜ୍ୟର ଆଇନଶୃଙ୍ଖଳା ବିଷୟରେ ଆଲୋଚନା କରାଯାଉ ବୋଲି ଦାବି କରି ପାଟିତୁଣ୍ଡ କରିଥିଲେ। ଏପରିକି ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଆପଣମାନେ ଉଠାଇପାରିବେ ବୋଲି ବାଚସ୍ପତି ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ଭାଜପା ସଦସ୍ୟମାନେ ବାଚସ୍ପତିଙ୍କ ଏହି ଅନୁରୋଧକୁ ଏଡ଼ାଇ ଦେଇଥିଲେ ଏବଂ ଆଲୋଚନା ପାଇଁ ଅଡ଼ି ବସିଥିଲେ। ଗୃହରେ ପ୍ରବଳ ହଟ୍ଟଗୋଳ ୩ ମିନିଟ୍ ଧରି ଚାଲିଥିଲା। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରି ନ ପାରି ୧୦ ଟା ୩୩ରୁ ୧୦ଟା ୪୩ ମିନିଟ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ପରିସ୍ଥିତିରେ ସୁଧାର ନ ଆସିବାରୁ ପୁଣି ଗୃହକୁ ୧୧ ଟା ୩୦ ଯାଏ ମୁଲତବୀ କରାଯାଇଥିଲା। ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକଙ୍କୁ କହିବା ଲାଗି ଅନୁମତି ଦେଇଥିଲେ। ବିରୋଧୀ ଦଳ ☞ପୃଷ୍ଠା-୪

### ବିଧାନସଭାରେ ବିରୋଧୀଙ୍କ ହଟ୍ଟଗୋଳ

- ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବିରେ ବିରୋଧୀ ଅଟଳ
- ଗୃହ ବାରମ୍ବାର ମୁଲତବୀ
- ସର୍ବଦଳୀୟ ବୈଠକ ପରେ ଶାନ୍ତ ହେଲେ ବିରୋଧୀ
- ମହଲତ ମାଗିଲେ ବାଚସ୍ପତି



## ଆଜି ଚନ୍ଦ୍ରଗ୍ରହଣ

### ଅପରାହ୍ନ ୪ଟା ୩୨ରେ ପାକତ୍ୟାଗ

**ଭୁବନେଶ୍ୱର(ବ୍ୟୁରୋ)/ପୁରୀ ଅଫିସ୍, ୧୫।୭**

କେତୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ ମଙ୍ଗଳବାର ଆଷାଢ଼ ପୂର୍ଣ୍ଣିମାରେ ସଂଘଟିତ ହେବ। ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା ଅନୁସାରେ ପୁରୀକୁ ଭାରତୀୟ ସମୟ ଅନୁସାରେ- ରାତ୍ରି ୦୧।୩୨ରେ ଗ୍ରହଣ ସ୍ପର୍ଶ, ରାତ୍ରି ୦୩।୦୧ରେ ଗ୍ରହଣ ମଧ୍ୟ ଏବଂ ରାତ୍ରି ୦୪।୩୦ରେ ସର୍ବମୋକ୍ଷ ହେବ। ଗ୍ରହଣ ସ୍ପର୍ଶର ୯ ଘଣ୍ଟା ପୂର୍ବରୁ ଅର୍ଥାତ୍ ଅପରାହ୍ନ ୦୪।୩୨ରୁ ପାକତ୍ୟାଗ ଓ ଦେବନୀତି ନିଷେଧ। ବାଳକ, ବୃଦ୍ଧ, ରୋଗୀ ଓ ଆତୁର ବ୍ୟକ୍ତିମାନଙ୍କ ପକ୍ଷେ ନିୟମ ଲଂଘନୀୟ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ। ବିଶେଷତଃ ଚତୁର୍ଥପ୍ରହରରେ ସର୍ବମୋକ୍ଷ ହେଉଥିବାରୁ ସୂର୍ଯ୍ୟୋଦୟ ପୂର୍ବରୁ ବା ପରେ ଠାକୁରମାନଙ୍କର ମହାସ୍ନାନ ଓ ଦେବନୀତି ଏବଂ ପରଦିନ ପାକକାର୍ଯ୍ୟାଦି କରିବା ବିଧିସଙ୍ଗତ। ଗ୍ରହଣଦିନଠାରୁ ସାତଦିନ ପର୍ଯ୍ୟନ୍ତ ଦୂରଯାତ୍ରା, ୧ ଦିନ ପର୍ଯ୍ୟନ୍ତ ବିବାହ ଓ ୩ ଦିନ ପର୍ଯ୍ୟନ୍ତ ବ୍ରତୋପନୟନ ନିଷେଧ।

ଏହି ଚନ୍ଦ୍ରଗ୍ରହଣ ଅରୁଣାଚଳ ପ୍ରଦେଶର ଉତ୍ତରପୂର୍ବାଞ୍ଚଳ ବ୍ୟତୀତ ଭାରତର ସର୍ବତ୍ର ଦୃଶ୍ୟ ହେବ ଏବଂ ଦୃଶ୍ୟ ହେଉଥିବା ଅଞ୍ଚଳରେ ଏହା ପାଳନୀୟ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ଗ୍ରହଣ ସ୍ପର୍ଶ ପରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ସମୟକୁ ଦେଖି ଅନ୍ୟାନ୍ୟ ନୀତି କରାଯିବ। ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ମଙ୍ଗଳବାର ସକାଳ ୬ଟାରେ ଦ୍ୱାରଫିଟା ଯାଇ ୭ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିବ। ପୂର୍ବାହ୍ନ ସାଢେ ୧୦ଟାରୁ ସାଢେ ୧୧ଟା ମଧ୍ୟରେ ସକାଳ ଧୂପ, ୧୦ଟା ୪୫ରୁ ଅପରାହ୍ନ ସାଢେ ୧ଟା ମଧ୍ୟରେ ଭୋଗମଣ୍ଡପ ଉଠିବ। ୨ଟାରୁ ୩ଟା ମଧ୍ୟରେ ମଧ୍ୟାହ୍ନ ଧୂପ ଏବଂ ୨ଟା ୧୫ରୁ ଅପରାହ୍ନ ୪ଟା ମଧ୍ୟରେ ଦ୍ୱିତୀୟ ଭୋଗମଣ୍ଡପ ସରି ୪ଟାରେ ମଇଲମ ଏବଂ ସାଢେ ୪ଟାରେ ତଡ଼ପଲାଗି ହେବ ବୋଲି ନିର୍ଘଣ୍ଟ ହୋଇଛି।

## ମୁଣ୍ଡବିହୀନ ରାଜ୍ୟ ପୋଲିସ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗତ ୧୧ ତାରିଖରେ ବସିଥିବା ଚୟନ କମିଟି ବୈଠକରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜି) ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ନାମ ଲୋକାୟୁକ୍ତ ସଦସ୍ୟ ପାଇଁ ମନୋନୀତ କରାଯାଇଥିବା ଜଣାପଡ଼ିଛି। ଏପରିକି ଏ ନେଇ ରାଜ୍ୟପାଳଙ୍କ ନିକଟକୁ ସୁପାରିସ କରାଯାଇଥିବା ଏବଂ ଡିଜିପି ଶର୍ମା ମଧ୍ୟ ଭିଆର୍‌ଏସ୍ (ଚାକିରିରୁ ସ୍ୱେଚ୍ଛାକୃତ ଅବସର) ପାଇଁ ଆବେଦନ କରିଥିବା ଏକ ସୂତ୍ରରୁ ଖବର ମିଳିଛି। କିନ୍ତୁ ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କିଛି କୁହାଯାଉନାହିଁ। ଏଭଳି ସ୍ଥଳେ ରାଜ୍ୟ ପୋଲିସ ଏକପ୍ରକାର ମୁଣ୍ଡବିହୀନ ହୋଇପଡିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ତାହାର ପ୍ରଭାବ ମଧ୍ୟ ଉଭୟ ପୋଲିସ ବିଭାଗ ଏବଂ ଅପରାଧ ଦୁନିଆରେ ବିସ୍ତାର ଲାଭ କରୁଥିବା ଦେଖିବାକୁ ମିଳୁଛି। ବିଭାଗର ସର୍ବୋଚ୍ଚ ଅଫିସର ପଦବୀ ବଦଳିବାକୁ ଥିବାରୁ ତଳିଆ ଅଫିସର ଓ କର୍ମଚାରୀ ବେପରୁଆ ହୋଇପଡ଼ିଛନ୍ତି। ଅପରାଧୀମାନେ ଏ ସବୁଥିରୁ ଫାଇଦା ଉଠାଇବାକୁ ଆଗେଇ ଆସିଥିବା ନଗଦ କେତେକ ଘଟଣାରୁ ଦେଖିଲେ ସ୍ପଷ୍ଟ ହେଉଛି।

ପୁରୀରେ ମହାପ୍ରଭୁଙ୍କ ଅଧରପଣା ନୀତି ପାଇଁ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପଚ୍ଚନାୟିକିଆ ଛକ ନିକଟରେ ରବିବାର ଅସ୍ଥାୟୀ ପୋଲିସ ଚେକ୍ ପୋଷ୍ଟ ଥିଲା। ସେଠାରେ ଫୋର୍ସ ମୁତୟନ ସତ୍ତ୍ୱେ ରାସ୍ତା ଉପରେ ଗୋଡ଼ାଇ ଗୋଡ଼ାଇ ଦୁର୍ବୃତ୍ତମାନେ ୩ ଭାଇଙ୍କୁ ଅତି ନିର୍ମମ ଭାବେ ହତ୍ୟା କଲେ। ସେହିପରି ଜୁଲାଇ ୧୩ରେ କେନ୍ଦ୍ରାପଡ଼ାରେ ପାଟକୁରା ନିର୍ବାଚନକୁ ନେଇ କଡ଼ା ସୁରକ୍ଷା ବ୍ୟବସ୍ଥା ରହିଥିବା ବେଳେ ଫୁଟିଛି ଗୁଳି। ଏଥିରେ ଜଣେ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ଏହାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ପରେ ପରିସ୍ଥିତି ଅଣାୟତ୍ତ ହୋଇପଡିଛି। ଏହି ଦୁଇଟି ଘଟଣା ଉଦାହରଣ ହୋଇଥିଲେ ହେଁ ଏପରି ଅନେକ ଅପରାଧ ରାଜ୍ୟ ସାରା ଘଟିଚାଲିଛି। ରାଜ୍ୟ ପୋଲିସର ମଙ୍ଗୁଆଳଙ୍କୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ତୁରନ୍ତ ଦୂର ନ ହେଲେ ଆଗାମୀ ଦିନରେ ବଡ଼ ବଡ଼ ଅପରାଧ ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଅନେକେ ଆଶଙ୍କା ପ୍ରକାଶ କଲେଣି।

### ■ କର୍ଣ୍ଣାଟକ ରାଜନୈତିକ ସଙ୍କଟ

## ୧୮ରେ ଆସ୍ଥାଭୋଟ

**ବେଙ୍ଗାଲୁରୁ/ମୁମ୍ବାଇ, ୧୫।୭**

କର୍ଣ୍ଣାଟକରେ ରାଜନୈତିକ ସଙ୍କଟ ଲାଗିରହିଥିବା ବେଳେ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ଜେଡିଏସ୍-କଂଗ୍ରେସ ମେଣ୍ଟ ସରକାର ଆସନ୍ତା ଗୁରୁବାର ଆସ୍ଥାଭୋଟ ଲୋଡ଼ିବ। ବିଧାନସଭା କାର୍ଯ୍ୟ ସମ୍ପର୍କିତ ଉପଦେଷ୍ଟା କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରେ ଆସ୍ଥାଭୋଟ ଉପରେ ଆଲୋଚନା ଆରମ୍ଭ ହେବ ବୋଲି କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମେୟା ଘୋଷଣା କରିଛନ୍ତି।

ଶାସକ ମେଣ୍ଟର ୧୬ ଜଣ ବିଧାୟକ ଇସ୍ତଫା ଦେବା ଫଳରେ କୁମାରସ୍ୱାମୀ ସରକାର ସଂଖ୍ୟାଲଘୁରେ ପରିଣତ ହେବା ଆଶଙ୍କା ସୃଷ୍ଟି ହୋଇଛି। ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାରୁ ବାଚସ୍ପତି କେ.ଆର୍. ରମେଶ କୁମାର ଇସ୍ତଫା ସମ୍ପର୍କରେ କୌଣସି ନିଷ୍ପତ୍ତି ନେଇପାରି ନାହାନ୍ତି। ଅନ୍ୟପକ୍ଷରେ ଆସ୍ଥାଭୋଟର ସମ୍ମୁଖୀନ ହେବା ଲାଗି ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ଗତ ସପ୍ତାହରେ କହିଥିଲେ। ୧୬ ବିଧାୟକଙ୍କ ଇସ୍ତଫା ଗୃହୀତ ହେଲେ ୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭାରେ ସଦସ୍ୟ ସଂଖ୍ୟା ୨୦୮କୁ ହ୍ରାସ ପାଇବ। ମେଣ୍ଟ ସରକାର ତିଷ୍ଠି ରହିବାକୁ ହେଲେ ୧୦୫ ବିଧାୟକଙ୍କ ସମର୍ଥନ ଦରକାର। ମେଣ୍ଟ ପାଖରେ ଏବେ ୧୦୧ ବିଧାୟକ ଥିବାବେଳେ ଭାଜପା ନିକଟରେ ୧୦୫ ବିଧାୟକ ଅଛନ୍ତି ଓ ୨ ଜଣ ସ୍ୱାଧୀନ ବିଧାୟକ ସେମାନଙ୍କୁ ସମର୍ଥନ ଦେଉଛନ୍ତି।

ଅନ୍ୟପକ୍ଷରେ ମୁମ୍ବାଇର ଏକ ହୋଟେଲରେ ରହୁଥିବା ୧୪ ବିଦ୍ରୋହୀ ବିଧାୟକ ମଲ୍ଲିକାର୍ଜୁନ ଖାର୍ଗେ, ଗୁଲାମ ନବୀ ଆଜାଦଙ୍କ ସମେତ କର୍ଣ୍ଣାଟକ ଓ ମହାରାଷ୍ଟ୍ରର ବରିଷ୍ଠ କଂଗ୍ରେସ ନେତାମାନଙ୍କଠାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ମୁମ୍ବାଇ ପୋଲିସ୍‌କୁ ଲେଖି ଜଣାଇଛନ୍ତି। ସେହି ନେତାମାନଙ୍କୁ ଭେଟିବାକୁ ସେମାନେ ଚାହାନ୍ତି ନାହିଁ। କାରଣ ଉକ୍ତ ନେତାମାନଙ୍କଠାରୁ ଗୁରୁତର ବିପଦ ଆଶଙ୍କା କରୁଥିବା ସେମାନେ ମୁମ୍ବାଇର ପୋୱାଇ ଥାନା ବରିଷ୍ଠ ପୋଲିସ ଇନ୍‌ସପେକ୍ଟରଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଆସ୍ଥାଭୋଟ ପୂର୍ବରୁ ବିଦ୍ରୋହୀ ବିଧାୟକମାନଙ୍କୁ ଫେରାଇନେବା ଲାଗି କଂଗ୍ରେସ ଓ ଜେଡିଏସ୍ ପକ୍ଷରୁ ଜୋରଦାର ଉଦ୍ୟମ ଚାଲିଥିବାବେଳେ ସେମାନେ କୌଣସି ନେତାଙ୍କୁ ଭେଟିବାକୁ ଚାହୁଁନାହାନ୍ତି।

- ଖାର୍ଗେ, ଆଜାଦଙ୍କୁ ନ ଭେଟିବା ପାଇଁ ବିଦ୍ରୋହୀ ବିଧାୟକ ମୁମ୍ବାଇ ପୋଲିସକୁ ଜଣାଇଲେ

## ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହ

**ପୁରୀ ଅଫିସ, ୧୫।୭**

ଶେଷ ହୋଇଛି ଘୋଷଯାତ୍ରା। ବଡ଼ଦାଣ୍ଡ ଓ ଜନ୍ମବେଦିରେ ଲୀଳାଖେଳା ସାରି ସୋମବାର ରତ୍ନସିଂହାସନକୁ ବିଜେ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ଦେବସ୍ନାନ ପୂର୍ଣ୍ଣିମାଠାରୁ ଶୂନ୍ୟ ପଡ଼ିଥିବା ରତ୍ନବେଦି କୋଳ ପୂର୍ଣ୍ଣ ହୋଇଛି। ମହାପ୍ରଭୁଙ୍କ ଆଗମନ ପରେ ମଙ୍ଗଳବାର ଠାରୁ ପୁଣି ଚଳଚଞ୍ଚଳ ହୋଇପଡ଼ିବ ଶ୍ରୀମନ୍ଦିର ରୋଷଶାଳା। ବାହାରିବ ନୀଳାଚଳ ଅବଢା ଆଉ ରତ୍ନବେଦିରେ ଠାକୁରଙ୍କ ଦର୍ଶନ ପାଇବେ ଶ୍ରଦ୍ଧାଳୁ।

ମଙ୍ଗଳବାର ଚନ୍ଦ୍ରଗ୍ରହଣ ଥିବାରୁ ନୀଳାଦ୍ରିବିଜେ ନୀତିକୁ ତ୍ୱରାନ୍ୱିତ କରାଯାଇଥିଲା। ପ୍ରାତଃରେ ତିନିରଥରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ରତ୍ନସିଂହାସନ ମାଜଣା କରିଥିଲେ। ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧା ଯାଇଥିଲା। ମଠ ପ୍ରଦତ୍ତ ପତିତପାବନ ବାନା ଚୂନରା ସେବକମାନେ ନୀଳଚକ୍ରରେ ବାନ୍ଧିଥିଲେ। ଗଜପତି ମହାରାଜାଙ୍କ ପ୍ରତିନିଧି ମୁଦିରସ୍ତ ସେବକ ଅପରାହ୍ନ ୩ଟା ୫୫ରେ ପୁଷ୍ପାଞ୍ଜଳି ପ୍ରଦାନ କରିବା ପରେ ବାଜିଥିଲା ବିଜେ କାହାଳୀ। ଅପରାହ୍ନ ୪ଟାରେ ପହଣ୍ଡି ଆରମ୍ଭ ହୋଇଥିଲା। ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସିଂହଦ୍ୱାର। ନନ୍ଦିଘୋଷ ରଥରୁ ମଦନମୋହନ, ତାଳଧ୍ୱଜ ରଥରୁ ରାମ, କୃଷ୍ଣଙ୍କୁ ମହାଜନସେବକମାନେ ଦକ୍ଷିଣୀଘରକୁ ବିଜେ କରାଇଥିଲେ। ଏହାପରେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ୪ଟା ୨୫ରେ ହୋଇଥିଲା। ସେବକମାନେ ସୁଦର୍ଶନଙ୍କୁ ରତ୍ନସିଂହାସନରେ ବିଜେ କରାଇଥିଲେ। ଅପରାହ୍ନ ୪ଟା ୫୦ରେ ବଡଠାକୁର ବଳଭଦ୍ର ଓ ସନ୍ଧ୍ୟା ୬ଟାରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ହୋଇଥିଲା। ସନ୍ଧ୍ୟା ୬ଟା ୩୫ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ରାତି ୮ଟା ୩୫ ସୁଦ୍ଧା ପହଣ୍ଡି ଶେଷ ହୋଇଥିଲା। ହେଲେ ମହାପ୍ରଭୁ ରଥରୁ ଓହ୍ଲାଉଥିବା ଦେଖି ଲକ୍ଷ୍ମୀ ଠାକୁରାଣୀ ଚାହାଣୀ ମଣ୍ଡପକୁ ବିଜେ କରିଥିଲେ। ଭେଟ ମଣ୍ଡପରୁ ଭିତରଚ୍ଛ ମହାପାତ୍ର ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ସହ ଭେଟ କରାଇଥିଲେ। କିନ୍ତୁ ବିବାହ ପରେ ମହାପ୍ରଭୁ ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡ଼ି ଭାଇ ଭଉଣୀଙ୍କୁ ସାଥିରେ ଧରି ଘୋଷଯାତ୍ରାରେ ଚାଲିଯାଇଥିଲେ। ତେଣୁ ଅଭିମାନ କରିଥିଲେ ଲକ୍ଷ୍ମୀ ଠାକୁରାଣୀ। ସେ ସିଂହଦ୍ୱାରକୁ ବନ୍ଦ କରି ଦେଇଥିଲେ। କିଛି ସମୟ ପରେ ସେ ସିଂହଦ୍ୱାର ଖୋଲି ଭିତରକୁ ଚାଲିଯାଇଥିଲେ। ଏହାପରେ ଶ୍ରୀମନ୍ଦିରକୁ ବିଜେ କରିଥିଲେ ମହାପ୍ରଭୁ। କିନ୍ତୁ ଜୟବିଜୟ ଦ୍ୱାର ବନ୍ଦ ରହିଥିଲା। ସେଠାରେ ବଚନିକା ସରିବା ପରେ ଭଣ୍ଡାରଘର ନିକଟରେ ଲକ୍ଷ୍ମୀଙ୍କ ସହିତ ଶ୍ରୀଜଗନ୍ନାଥଙ୍କର ଭେଟ ହୋଇଥିଲା। ସେଠାରେ ଠାକୁରଙ୍କ ବିବାହର ଗଇଁଠାଳ ଫିଟାଯାଇଥିଲା। ଏହି ନୀତିକୁ ଭିତରଚ୍ଛ ମହାପାତ୍ର ସମ୍ପାଦନ କରିଥିଲେ। ଏହାପରେ ସେଠାରେ ରସଗୋଲା ଭୋଗ ହୋଇଥିଲା। ଠାକୁର ରସଗୋଲା ଖୁଆଇ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥିଲେ। ଘଷା ବିଡ଼ିଆ ଓ ମଣୋହି ପରେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ।

- ରସଗୋଲା ଖୁଆଇ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କଲେ ମହାପ୍ରଭୁ
- ଆଜିଠୁ ମିଳିବ ନୀଳାଚଳ ଅବଢ଼ା



ରତ୍ନ ସିଂହାସନକୁ ବିଜେ ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ।

### ଆଜିର ସମ୍ପାଦକୀୟ

**ଉଭଟ: ଜହ୍ନରେ ଜଳଖୋଜା**

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ ୫୧.୮୪ ନିୟୁତ ଟନ୍ ଜାଳେଣୀ କୋଇଲା ଆମଦାନୀ କରିଛି।

-କୋଇଲା ମନ୍ତ୍ରଣାଳୟ

### ଆଜିର ମନ୍ତବ୍ୟ

"ଗଣତନ୍ତ୍ରର ତିନୋଟି ସ୍ତମ୍ଭ ନ୍ୟାୟପାଳିକା, ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର କ୍ଷମତା ଏବଂ ପରିସରକୁ ନେଇ ରାଜ୍ୟ ସଭାରେ ଆଲୋଚନା ହେବା ଆବଶ୍ୟକ।

-ଏମ୍. ଭେଙ୍କୟା ନାଇଡୁ, ଉପରାଷ୍ଟ୍ରପତି





NECC NATIONAL EGG CO-ORDINATION COMMITTEE | 15.07.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply

Eggs Retail Price- 51/-Dozen

Issued in the Interest of Consumers

### ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ଆଜି ବିଧାନସଭା ସମ୍ମୁଖରେ ଗଣବିକ୍ଷୋଭ

**ବଲାଙ୍ଗୀର ଅଫିସ,୧୫।୭**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ମଙ୍ଗଳବାର ଭୁବନେଶ୍ୱରରେ ବିଧାନସଭା ସମ୍ମୁଖରେ ଗଣବିକ୍ଷୋଭ କରାଯିବ। ବଲାଙ୍ଗୀର ଜିଲା ଓକିଲ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ହେବାକୁ ଥିବା ଏହି ଗଣବିକ୍ଷୋଭରେ ଜିଲାର ଶତାଧିକ ଓକିଲ, ବୁଦ୍ଧିଜୀବୀ, ରାଜନେତା, ବିଭିନ୍ନ ସଙ୍ଗଠନର ପ୍ରତିନିଧି ସାମିଲ ହେବେ। ସୋମବାର ଓକିଲ ସଂଘ ଏବଂ ମିଳିତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଶତାଧିକ ଓକିଲ ଓ ପ୍ରତିନିଧି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ମଙ୍ଗଳବାର ସକାଳେ ବିଧାନସଭା ସମ୍ମୁଖରେ ଗଣବିକ୍ଷୋଭ କରାଯିବ। ଏହି ଗଣବିକ୍ଷୋଭ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ସମସ୍ତ ନିର୍ବାଚିତ ଜନପ୍ରତିନିଧି ସାମିଲ ହେବାକୁ ନିମନ୍ତ୍ରଣ କରାଯାଇଛି। ଏହାସହିତ ଭୁବନେଶ୍ୱରଠାରେ ଥିବା ଜିଲାର ଶତାଧିକ ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷ ମଧ୍ୟ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି କ୍ରିୟାନୁଷ୍ଠାନ କମିଟି ସଂଯୋଜକ ଲଳିତ କୁମାର ନାୟକ ସୂଚନା ଦେଇଛନ୍ତି । ଏହି ଅବସରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ଯଶବନ୍ତ ସିଂ କମିଶନ ସୁପାରିଶ ଅନୁସାରେ ପଶ୍ଚିମ ଓଡ଼ିଶାର ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପାଇଁ ବଲାଙ୍ଗୀର ହିଁ ଉପଯୁକ୍ତ ସ୍ଥାନ ବୋଲି କୁହାଯାଇଛି। ଏଭଳି ସ୍ଥିତିରେ ସରକାର ତୁରନ୍ତ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଘୋଷଣା କରନ୍ତୁ ବୋଲି ଜିଲା ଓକିଲ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରିଆସୁଛି। ଗଡ଼ଜାତ ମିଶ୍ରଣ ପୂର୍ବରୁ ପୂର୍ବତନ ପାଟଣା ଷ୍ଟେଟରେ ଏକ ହାଇକୋର୍ଟ କାର୍ଯ୍ୟ କରୁଥିଲା। କଟକ ହାଇକୋର୍ଟ ସ୍ଥାପନ ପରେ ବଲାଙ୍ଗୀରରେ କାର୍ଯ୍ୟ କରୁଥିବା ହାଇକୋର୍ଟ ବନ୍ଦ ହୋଇଥିଲା। ଏଣୁ ଏବେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ବଲାଙ୍ଗୀରର ଦାବିକୁ ପ୍ରାଥମିକତା ଦିଆଯିବାର ଆବଶ୍ୟକତା ରହିଛି ବୋଲି ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ, ମିଳିତ କ୍ରିୟାନୁଷ୍ଠାନ କମିଟି ସଂଯୋଜକ ନାୟକ କହିଛନ୍ତି।




# ଟାଙ୍ଗିଆରେ ମା'ଙ୍କୁ ହତ୍ୟା

**ଚୌଦ୍ୱାର, ୧୫।୭(ଡି.ଏନ୍.ଏ.)**

- ଅଭିଯୁକ୍ତ ପୁଅ ଫେରାର
- ନିଶା ନେଲା ଜୀବନ
- ହତ୍ୟା ମାମଲା ରୁଜୁ କରି ପୋଲିସର ତଦନ୍ତ ଜାରି

ଚୌଦ୍ୱାର ଥାନା ଅନ୍ତର୍ଗତ କଖଡି ପଞ୍ଚାୟତ ଗୋପୀନାଥପଡା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକ ନିଜ ମା'ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପରେ ଟାଙ୍ଗିଆ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଖବରପାଇ ସୋମବାର ସକାଳେ ଟିପିଏମ୍ ଫାଣ୍ଡି ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏ ନେଇ ଚୌଦ୍ୱାର ଥାନାରେ ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା(ନଂ.୨୧୮/୧୯) ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଥିବା ଚୌଦ୍ୱାର ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି । ତେବେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

ପୋଲିସ ସୂତ୍ରରୁ ପ୍ରକାଶ, କଖଡି ବଜାରସାହିରେ ସାବି ପ୍ରଧାନ(୬୮), ପୁଅ ପ୍ରକାଶ ପ୍ରଧାନ(୩୧) ଓ ଝିଆରୀଙ୍କ ସହିତ ରହୁଥିଲେ। ରବିବାର ସମ୍ପର୍କୀୟଙ୍କ ବିବାହ ଭୋଜିରେ ଯୋଗଦେବା ପାଇଁ ସାବି ଓ ପ୍ରକାଶ ନିକଟସ୍ଥ ଗୋପୀନାଥପଡା ଗ୍ରାମକୁ ଯାଇଥିଲେ। ରାତି ପ୍ରାୟ ୧୦ଟାରେ ଭୋଜି ସରିବା ପରେ ପ୍ରକାଶ ସାବିଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ସାବି ଟଙ୍କା ଦେବାକୁ ମନାକରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଫଳରେ ପ୍ରକାଶ ଉତ୍କ୍ଷିପ୍ତ ହୋଇ ପାଖରେ ପଡିଥିବା ଏକ ଟାଙ୍ଗିଆରେ ସାବିଙ୍କ ମୁଣ୍ଡକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସାବିଙ୍କ ଚିତ୍କାର ଶୁଣି ବନ୍ଧୁଘର ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆଠଗଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ, ପ୍ରକାଶ କିଛିବର୍ଷ ତଳେ ଜଣେ ଯୁବକଙ୍କୁ ବ୍ଲେଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଏହି ଘଟଣାରେ ଗିରଫ ହୋଇ ଜେଲରେ ସଜା କାଟିବା ପରେ ମୁକୁଳିଥିଲେ। ଅନ୍ୟପକ୍ଷରେ ପ୍ରକାଶଙ୍କ ବଡଭାଇ ହତ୍ୟା ଘଟଣାରେ ସମ୍ପୃକ୍ତି ଥାଇ ୨୦ରୁ ଊର୍ଦ୍ଧ୍ୱ ବର୍ଷ ହେବ ଫେରାର ଥିବା ଫାଣ୍ଡି ଅଧିକାରୀ ନୃସିଂହ ଚରଣ ସ୍ୱାଇଁ କହିଛନ୍ତି।

# କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର

## ୪ ସହପାଠୀ ଛାତ୍ର ଅଟକ, ପୋଲିସ ତନାଘନା

**ସୁନ୍ଦରଗଡ଼, ୧୫।୭ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଅଞ୍ଚଳରେ ଥିବା ଏକ କଲେଜର ଜଣେ ଯୁକ୍ତ ୩ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସୋମବାର ଅପରାହ୍ନ ସାଢେ ୪ଟାରେ ସୁନ୍ଦରଗଡ଼ ସଦର ଥାନାରେ ଛାତ୍ରୀ ଅଭିଯୋଗ କରିଛନ୍ତି। ପରେ ପୋଲିସ ଏକ ମାମଲା (ନଂ.୧୨୫/୨୦୧୯) ରୁଜୁକରି ତଦନ୍ତ ଆରମ୍ଭ କରିଛି। ସନ୍ଧ୍ୟାରେ ପୋଲିସ ୪ଜଣ ଛାତ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ମଙ୍ଗଳବାର ପୀଡିତା ଛାତ୍ରୀ ଓ ଅଭିଯୁକ୍ତ ଛାତ୍ରମାନଙ୍କ ଡାକ୍ତରୀମାଇନା କରାଯିବ।

ଗତ ୨୬ତାରିଖରେ ଛାତ୍ରୀ ଜଣକ ନିଜ ସହପାଠୀ ଛାତ୍ରଙ୍କ ସହ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଅପରାହ୍ନ ସାଢେ ୪ଟାରୁ ୫ଟା ମଧ୍ୟରେ କିଞ୍ଜିରିକେଲା -ସୁନ୍ଦରଗଡ଼ ରାସ୍ତାର ଅଲେଇକେରା ଜଙ୍ଗଲ ମଧ୍ୟରେ ସହପାଠୀ ଛାତ୍ର ତାଙ୍କୁ ବଳାତ୍କାର କରିଥିଲେ। ପରେ ଅନ୍ୟ ୪ ଛାତ୍ର ପହଞ୍ଚି ବଳାତ୍କାର କରିଥିଲେ। ଘଟଣା ପରେ ଛାତ୍ରୀ ଜଣକ ଭୟଭୀତ ହୋଇପଡିଥିଲେ। ଏ ସମ୍ପର୍କରେ କାହାକୁ ଜଣାଇ ନ ଥିଲେ। ବାପ ଛେଉଣ୍ଡ ଏହି ଛାତ୍ରୀ ଜଣକ ବିଳମ୍ବରେ ଘରେ ସବୁ କଥା କହିବା ପରେ ଏହି ଘଟଣା ଥାନାକୁ ଆସିଥିଲା ।



**ଜିଲା ଚିଠି**
**ପୁରୀ**

# ଆର୍‌ଓବି ଆଶା

ପୁରୀକୁ ଓଡ଼ିଶା ପର୍ଯ୍ୟଟନର ପ୍ରାଣକେନ୍ଦ୍ର କୁହାଯାଉଛି। ଏହା କହିବା ବି ସ୍ୱାଭାବିକ। ଦେଶ ବିଦେଶର ଲୋକ ହାତଗଣତି ଯେଉଁ କେତୋଟି ଐତିହ୍ୟ ଏବଂ କୀର୍ତ୍ତିରାଜି ପାଇଁ ଓଡ଼ିଶାକୁ ଜାଣନ୍ତି ସେଥିମଧ୍ୟରୁ କିଛି ପୁରୀ ଜିଲାରେ ଅବସ୍ଥିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ଶ୍ରୀମନ୍ଦିର, କୋଣାର୍କର ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ସମେତ ସୌନ୍ଦର୍ଯ୍ୟରାଣୀ ଚିଲିକାର ବି କିଛି ଅଂଶ ରହିଛି ଏହି ଜିଲାରେ। ସେଥିପାଇଁ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀକୁ ଦିଆଯାଇଛି ସ୍ୱତନ୍ତ୍ର ସ୍ଥାନ। ରାଜ୍ୟକୁ ପ୍ରତିଦିନ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକଙ୍କ ମଧ୍ୟରୁ ସିଂହଭାଗ ଏହି ଜିଲାକୁ ଆସିଥାନ୍ତି। ହେଲେ ଦୁଇଟି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଶ୍ରୀମନ୍ଦିର ଏବଂ ସୂର୍ଯ୍ୟମନ୍ଦିରକୁ ସଂଯୋଗ କରିଛି ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରୋଡ୍। ପ୍ରତିଦିନ ଶହ ଶହ ସଂଖ୍ୟାରେ ଗାଡ଼ି ମୋଟର ଏହି ରାସ୍ତା ଦେଇ ଯା'ଆସ କରିଥାଏ। ସେହିପରି ଆମ୍ବୁଲାନ୍ସ, ସ୍କୁଲବସ୍, ପର୍ଯ୍ୟଟକ ଗାଡ଼ି ମଧ୍ୟ ବହୁ ସଂଖ୍ୟାରେ ଯିବାଆସିବା କରେ। ହେଲେ ଏହି ରାସ୍ତା ଦେଇ ଯାଉଥିବା ଯାତ୍ରୀ, ପର୍ଯ୍ୟଟକ, ରୋଗୀଙ୍କ ଦୁଃଖ ପାଲଟିଛି ସିଦ୍ଧମହାବୀର ଲେଭଲ କ୍ରସିଂ। ଦୈନିକ ଏଠାରେ ଅତିକମ୍‌ରେ ୫୫ ଥର ପଡୁଛି ଫାଟକ। ପ୍ରତିଥର ପ୍ରାୟ ୮ରୁ ୧୦ ମିନିଟ୍ ଏହା ବନ୍ଦ ରହୁଛି। ଏହି ସମୟ ମଧ୍ୟରେ ଉଭୟ ପାର୍ଶ୍ୱରେ ପ୍ରାୟ ୧ କିମି ପର୍ଯ୍ୟନ୍ତ ଗାଡ଼ିମୋଟରର ଧାଡ଼ି ଲମ୍ବିଯାଉଛି। ଫାଟକ ଉଠିବା ପରେ ଲେଭଲ କ୍ରସିଂ ପାର୍ ହେବାକୁ ସମସ୍ତଙ୍କୁ ନାକେଦମ୍ ହେବାକୁ ପଡୁଛି। ଅବ୍ୟବସ୍ଥିତ ଢଙ୍ଗରେ ଗାଡ଼ି ଓ ବାଇକ୍ ଚାଳକ ଆଗ ଯିବାର ମନୋବୃତ୍ତି ଯୋଗୁ ଅଧିକ ଜାମ୍ ହେଉଛି। ବେଳେବେଳେ ଏହି ଜାମ୍‌ରେ ରୋଗୀ, ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ ବି ଫସୁଛନ୍ତି। ଗୁଣ୍ଡିଚା ମନ୍ଦିରଠାରୁ ମାତ୍ର ୧ କିମି ଦୂର ଏହି ଲେଭଲ କ୍ରସିଂରେ ରେଲୱେ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ କରିବା ଲାଗି ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପୁରୀବାସୀ ଦାବି କରିଆସୁଛନ୍ତି। ବିଭିନ୍ନ ଫୋରମରେ ତାଙ୍କ ଦାବି ଉପସ୍ଥାପନ କରୁଛନ୍ତି। ରାଜନେତାଙ୍କୁ ବି ଗୁହାରି ହେଉଛନ୍ତି। ସମସ୍ତେ କେବଳ ପ୍ରତିଶ୍ରୁତି ଅଜାଡୁଛନ୍ତି ସିନା, ବାସ୍ତବତାର ରୂପ ନେଉନି ଆରଓବି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ବିଭିନ୍ନ ଦଳର ପ୍ରାର୍ଥୀ ସିଦ୍ଧମହାବୀର ଲେଭଲ କ୍ରସିଂକୁ ଆଗରେ ରଖିଥିଲେ। ହେଲେ ଏହାର ବାସ୍ତବତା ଏବେ ଦିଗହରା ହୋଇଥିବାବେଳେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଏଥିପାଇଁ ଅଣ୍ଟା ଭିଡ଼ିଥିଲା। ଆରମ୍ଭ କରିଥିଲା ଦସ୍ତଖତ ଅଭିଯାନ। ଏବେ ଲକ୍ଷେ ଲୋକଙ୍କ ଦସ୍ତଖତକୁ ସାଥିରେ ଧରି ଦିଲ୍ଲୀ ପଦଯାତ୍ରା କରିଛନ୍ତି ଜଣେ ଯୁବକ। ହାତରେ ତ୍ରିରଙ୍ଗା ପତାକା, ବ୍ୟାଗ୍‌ରେ ଲକ୍ଷେ ଲୋକଙ୍କ ଆଶା ଓ ସ୍ୱପ୍ନ। ଲକ୍ଷ୍ୟ ରହିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିବେ ଆଉ ଦୀର୍ଘ ୨୦ ବର୍ଷର ଦାବି ଜଣାଇବେ। ତେବେ ଦେଖିବାକୁ ରହିଲା କ'ଣ ହେଉଛି ପୁରୀବାସୀଙ୍କ ଆରଓବି ଆଶାର ଭାଗ୍ୟ।

**- ହେମନ୍ତ ନାୟକ**

# ତଦନ୍ତରେ ସୀମିତ ନ୍ୟାୟିକ କମିଶନ

- ୯ ତଦନ୍ତ କମିଶନ ପାଇଁ ବରବାଦ ହେଲାଣି ୬ କୋଟି ୭୭ ଲକ୍ଷ
- ଚିଟ୍‌ଫଣ୍ଡ ତଦନ୍ତ ପାଇଁ ଖର୍ଚ୍ଚ ହୋଇଛି ୫ କୋଟି ୫୫ ଲକ୍ଷ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ଗଣ୍ଡଗୋଳ, ବଳାତ୍କାର, ପୋଲିସ ଗୁଳିକାଣ୍ଡ, ଦଳାଚକଟା ଭଳି ଅନେକ ଘଟଣାକୁ ଶାନ୍ତ କରିବାକୁ ରାଜ୍ୟ ସରକାର ବିଭିନ୍ନ ସମୟରେ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥାଆନ୍ତି। ଏଥିପାଇଁ ତଦନ୍ତ କମିଶନ ଗଠନ କରାଯାଇଥାଏ। ଘଟଣାର ତଦନ୍ତ ୩ ମାସ ମଧ୍ୟରେ ସାରିବାକୁ ସରକାର ଡେଡ୍‌ଲାଇନ ଦେଇଥାଆନ୍ତି। ମାତ୍ର ତଦନ୍ତର ଅନ୍ତ କେବେ ହେବ, ତାହା ସରକାରଙ୍କୁ ମଧ୍ୟ ମାଲୁମ ନ ଥାଏ। ୩ ମାସର ତଦନ୍ତ ଗଡ଼ି ଗଡ଼ି ୭୩ ମାସରେ ବି ପହଞ୍ଚିଯାଉଛି। ସେତେବେଳକୁ ଘଟଣା ଲୋକମାନଙ୍କ ମନରୁ ଅପସରି ଯାଇଥାଏ। କମିଶନ ରିପୋର୍ଟ ଦେବା ପରେ ମଧ୍ୟ ତାହାକୁ ବିଧାନସଭାରେ ଉପସ୍ଥାପନ କରିବାକୁ ଆହୁରି ସମୟ ଲାଗିଯାଉଛି। ତଦନ୍ତ ବାହାନାରେ ଦୀର୍ଘସମୟ ଅପଚୟ ହେବା ସହ ରାଜ୍ୟ ରାଜକୋଷରୁ ବହୁ କୋଟି ଟଙ୍କା ବରବାଦ ହେଉଛି। ଏ କଥାକୁ ଖୋଦ୍ ସରକାର ସ୍ୱୀକାର କରିଛନ୍ତି। କଂଗ୍ରେସ ସଦସ୍ୟ ନରସିଂହ ମିଶ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ, ୨୦୧୦ରୁ ୨୦୧୯ ମଧ୍ୟରେ ରାଜ୍ୟ ସରକାର ୯ଟି ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ ପାଇଁ ରାଜ୍ୟ ତହବିଲ୍‌ରୁ ୬ କୋଟି ୭୭ ଲକ୍ଷ ୭୧ ହଜାର ୬୮ ଟଙ୍କା ଖର୍ଚ୍ଚ ହୋଇଛି। ସେଥିରୁ ବିଧାନସଭାରେ ମାତ୍ର ୩ଟିର ରିପୋର୍ଟ ଉପସ୍ଥାପନ କରାଯାଇଥିବା ବେଳେ ଅନ୍ୟ ୬ଟି ବିଭିନ୍ନ ପର୍ଯ୍ୟାୟରେ ରହିଛି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ୨୦୧୦ ଅଗଷ୍ଟ ୨୩ ତାରିଖରେ କଟକ ଜିଲା ବାଗଲପୁର ପୋଲିସ ଗୁଳିକାଣ୍ଡ ଘଟଣା ହୋଇଥିଲା। ସରକାର ଏହାକୁ ୩ ମାସ ମଧ୍ୟରେ ତଦନ୍ତ ସାରି ରିପୋର୍ଟ ଦେବାକୁ କମିଶନ ବସାଇଥିଲେ। ୩ ମାସ ବଦଳରେ ଏହି ତଦନ୍ତ ୫୭ ମାସ ଚାଲିଲା। ଏଥିପାଇଁ ୩୧ ଲକ୍ଷ ୬୧ ହଜାର ୩୯୧ ଟଙ୍କା ଖର୍ଚ୍ଚ ହେଲା। ସେହିପରି ୨୦୧୧ ଏପ୍ରିଲ ୨ ତାରିଖରେ ରାଉରକେଲା ପୋଲିସ ଓ ବିଚାରପତିଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ପାଇଁ ତଦନ୍ତ କମିଶନ ବସାଇଥିଲେ ରାଜ୍ୟ ସରକାର। ୩ ମାସ ବଦଳରେ ତଦନ୍ତ ଶେଷହେବାକୁ ୨୧ ମାସ ସମୟ ଲାଗିଲା। ଏଥିପାଇଁ ଖର୍ଚ୍ଚ ହେଲା ୩୧ ଲକ୍ଷ ୬ ହଜାର ୮୬୦ ଟଙ୍କା। ଉକ୍ତ ଦୁଇଟି ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ୨୦୧୧ ନଭେମ୍ବର ୩୦ ତାରିଖରେ ପୁରୀ ଜିଲାର ପିପିଲି ଅନ୍ତର୍ଗତ ଅର୍ଜ୍ଜୁନଗୋଦା ଗ୍ରାମରେ ଜଣେ ଝିଅର ଦୁର୍ଘଟଣାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିପାଇଁ ରାଜ୍ୟ ସରକାର ତଦନ୍ତ କମିଶନ ବସାଇଥିଲେ। କମିଶନ ୩ ମାସ ବଦଳରେ ୫୨ ମାସରେ ତଦନ୍ତ ଶେଷ କରିଥିଲେ। କମିଶନ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ବିଧାନସଭାରେ ଉପସ୍ଥାପନ କରାଯାଇନାହିଁ। ଏଥିପାଇଁ ୫୩ ଲକ୍ଷ ୩୬ ହଜାର ୮୧୮ ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୧୨ ମାର୍ଚ୍ଚ ୩୧ ତାରିଖରେ ଗଞ୍ଜାମ ଜିଲାର ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଫାସିପଡାଠାରେ ହୋଇଥିବା ପୋଲିସ ଗୁଳିକାଣ୍ଡର ତଦନ୍ତ କରାଇଥିଲେ ସରକାର। ଏଥିପାଇଁ କୌଣସି ଖର୍ଚ୍ଚ ହୋଇ ନ ଥିବା ବେଳେ ୩ ମାସ ବଦଳରେ ତଦନ୍ତ ଶେଷହେବାକୁ ୩୭ ମାସ ଲାଗିଗଲା। ବିଧାନସଭାରେ ଏହାର ରିପୋର୍ଟ ଉପସ୍ଥାପନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଚିଟ୍‌ଫଣ୍ଡ ପାଇଁ ସରକାର ତଦନ୍ତ କମିଶନ ବସାଇଛନ୍ତି। ତେବେ ଏହି କମିଶନ କେବେଠାରୁ ବସାଯାଇଛି ସେ ବିଷୟରେ ମନ୍ତ୍ରୀ କିଛି କହି ନ ଥିବା ବେଳେ ୩ ମାସ ମଧ୍ୟରେ ତଦନ୍ତ ସାରି ରିପୋର୍ଟ ଦେବାକୁ କୁହାଯାଇଥିଲେ ମଧ୍ୟ ୭୩ ମାସ ସମୟ ଲାଗିଯାଇଛି। ଏଥିପାଇଁ ସର୍ବାଧିକ ୫ କୋଟି ୫୫ ଲକ୍ଷ ୩୦ ହଜାର ୯୬୯ ଟଙ୍କା ଖର୍ଚ୍ଚ କରାଯାଇଛି। ଇତିମଧ୍ୟରେ ରାଜ୍ୟ ସରକାରଙ୍କୁ କମିଶନ ୭ଟି ଅନ୍ତରୀଣ ରିପୋର୍ଟ ଦେଇଛନ୍ତି। ସରକାରଙ୍କ ଅର୍ଥ ବିଭାଗ ସେଥିରୁ ୬ଟି ରିପୋର୍ଟ ଉପରେ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଛି। ୨୦୧୬ ଜୁଲାଇ ୮ ତାରିଖରେ କନ୍ଧମାଳ ଜିଲା ଗୁମୁଡିମାହା ପୋଲିସ ଗୁଳିକାଣ୍ଡ ଘଟଣାର ତଦନ୍ତ କମିଶନ ବସାଯାଇଥିଲା। ୩ ମାସରେ ତଦନ୍ତ ରିପୋର୍ଟ ଦେବା ବଦଳରେ କମିଶନ ୨୦ ମାସ ପରେ ରିପୋର୍ଟ ସରକାରଙ୍କୁ ଦେଲେ। ଏଥିପାଇଁ ରାଜ୍ୟ ରାଜକୋଷରୁ ୧ ଲକ୍ଷ ୭୩ ହଜାର ୭୪୩ ଟଙ୍କା ଖର୍ଚ୍ଚ ହୋଇଛି। ୨୦୧୬ ଅକ୍ଟୋବର ୧୭ ତାରିଖରେ ସମ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ବହୁ ଲୋକଙ୍କର ଜୀବନ ଯାଇଥିଲା। ୨ ମାସ ମଧ୍ୟରେ ତଦନ୍ତ ସାରିବାକୁ କମିଶନଙ୍କୁ କୁହାଯାଇଥିବା ବେଳେ ୫ ମାସ ପରେ ସରକାରଙ୍କୁ ରିପୋର୍ଟ ମିଳିଥିଲା। ୩ ବର୍ଷ ପରେ ସେହି ରିପୋର୍ଟକୁ ସରକାର ପରୀକ୍ଷା ନିରୀକ୍ଷା କରୁଛନ୍ତି। ସେହିପରି ୨୦୧୭ ଅକ୍ଟୋବର ୧୦ ତାରିଖରେ କୋରାପୁଟ ଜିଲାର ଏକ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ସରକାର ତଦନ୍ତ କମିଶନ ବସାଇଥିଲେ। ମାତ୍ର କମିଶନ ୩ ମାସ ବଦଳରେ ୮ ମାସରେ ତଦନ୍ତ ଶେଷ କରିଛନ୍ତି। ଏଥିପାଇଁ ୩୧,୩୭୦ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ରାଜ୍ୟ ସରକାର ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କରାଇଥିଲେ। ଏହି ତଦନ୍ତ କମିଶନ ୩ ମାସ ବଦଳରେ ୬ ମାସରେ ତଦନ୍ତ ଶେଷ କରିଥିଲେ। ଏଥିପାଇଁ ରାଜକୋଷରୁ ୨୨ ଲକ୍ଷ ୨୭ ହଜାର ୯୧୮ ଟଙ୍କା ଖର୍ଚ୍ଚ ହୋଇଛି। ଉକ୍ତ ରିପୋର୍ଟ ପାଇବା ପରେ ସରକାର ପରୀକ୍ଷା ନିରୀକ୍ଷା କରୁଥିବା ମନ୍ତ୍ରୀ ମିଶ୍ର କହିଛନ୍ତି।




- ଗୋରୁ ବ୍ୟବସାୟୀଙ୍କୁ ଆକ୍ରମଣ, ଟଙ୍କା ଲୁଟ୍

# ବୋମା ଫୁଟି ଜଣେ ଲୁଟେରା ମୃତ, ୬ ଫେରାର

- ପୋଲିସ-ଅପରାଧୀ ମୁହାଁମୁହିଁ
- ଟଙ୍କା, ମାଉଜର ଜବତ

**ଭଞ୍ଜନଗର/ଆସିକା,୧୫।୭(ଡି.ଏନ.ଏ.)**

ଜଣେ ଗୋରୁ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ କରି ଚମ୍ପଟ ମାରୁଥିବା ବେଳେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ପାଖରେ ଥିବା ବୋମା ଫୁଟି ଜଣେ ଲୁଟେରାଙ୍କ ମୃତ୍ୟୁ ଘଟିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୬ଜଣ ଫେରାର ହୋଇଯାଇଛନ୍ତି। ମୃତକ ହେଲେ ଗାଙ୍ଗପୁର ଥାନା ବଡ଼ବୋରସିଙ୍ଗିର ଚରଣ ରାଉତ।

ଲାଠିପଡ଼ାର ଗୋରୁ ବ୍ୟବସାୟୀ ଡାକ ନାୟକ ସୋମବାର ସକାଳେ କଣ୍ଟେଇପଲ୍ଲୀ ଜଙ୍ଗଲ ରାସ୍ତାଦେଇ ବେଲଗୁଣ୍ଠାରେ ହେଉଥିବା ଗୋରୁ ହାଟକୁ ଯାଉଥିଲେ। ଏହି ସମୟରେ ୭ ଜଣ ଦୁର୍ବୃତ୍ତ ୩ଟି ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଡାକଙ୍କଠାରୁ ସେମାନେ ୧ଲକ୍ଷ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ଖବରପାଇ ଭଞ୍ଜନଗର ଓ ଗାଙ୍ଗପୁର ଥାନା ପୋଲିସ ଦୁର୍ବୃତ୍ତମାନଙ୍କ ପିଛା କରିଥିଲା। ଉହ ନିକଟସ୍ଥ ଗୋଛାପଲ୍ଲୀ ରାସ୍ତାରେ ଭାଗ ଟଙ୍କା ବାଣ୍ଟି ନେଉଥିବା ବେଳେ ପୋଲିସ-ଦୁର୍ବୃତ୍ତମାନେ ମୁହାଁମୁହିଁ ହୋଇଥିଲେ। ଦୁର୍ବୃତ୍ତମାନେ ପୋଲିସଠାରୁ ବର୍ତ୍ତିବା ପାଇଁ ପ୍ରଥମେ ବୋମାମାଡ଼ କରିବା ସହ ଗୁଳି ଚଳାଇଥିଲେ। ପୋଲିସ ପାଲଟା ଗୁଳିଚାଳନା କରିବାରୁ ୫ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଚରଣ ଓ ଅନ୍ୟଜଣେ ଆଉ ଏକ ବାଇକ୍‌ରେ ଯିବା ବେଳେ କେନାଲ ବନ୍ଧରେ ଖସି ପଡ଼ିଥିଲେ। ଏହିସମୟରେ ତାଙ୍କ ପାଖରେ ଥିବା ଗୋଟିଏ ବୋମା ଫୁଟିଯିବାରୁ ଚରଣ ଘଟଣାସ୍ଥଳରେ ଗୁରୁତର ହୋଇ ପଡିଥିବା ବେଳେ ତାଙ୍କ ସହିତ ଥିବା ଅନ୍ୟ ଜଣେ ଦୁର୍ବୃତ୍ତ ବାଇକ୍ ନେଇ ଫେରାର ହୋଇଯାଇଥିଲେ। ଚରଣଙ୍କୁ ପୋଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଞ୍ଜନଗର ଡାକ୍ତରଖାନାକୁ ଆଣିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚରଣଙ୍କ ପକେଟରୁ ୨୧ ହଜାର ଟଙ୍କା ଓ ଘଟଣାସ୍ଥଳରୁ ଗୋଟିଏ ମାଉଜର ପୋଲିସ ଜବତ କରିଛି। ଭଞ୍ଜନଗର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡିଛି। ଫେରାର୍ ଥିବା ୬ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ କରାଯାଉଥିବା ଗାଙ୍ଗପୁର ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି। ଏ ନେଇ ଗୋରୁ ବ୍ୟବସାୟୀଙ୍କ ଅଭିଯୋଗକ୍ରମେ ଗାଙ୍ଗପୁର ଥାନାରେ ନଂ. ୧୯୪/୧୯ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଚରଣଙ୍କ ନାଁରେ ୨୦୧୫ରେ ଏକ ହତ୍ୟା ମାମଲା ବଡଗଡ ଥାନା ଅଞ୍ଚଳରେ ଥିବା ଜଣାପଡିଛି। ୨ମାସ ପୂର୍ବରୁ ସେ ଜାମିନରେ ଆସିଥିଲେ।

# ପୋଲିସ ଡ୍ରେସ୍ ପିନ୍ଧି ଦୁର୍ବ୍ୟବହାର: ଧାରଣାରେ ବସିଲେ ନର୍ସ

**କୋରାପୁଟ,୧୫।୭(ସ୍ୱ.ପ୍ର)**

କୋରାପୁଟ ମେଡିକାଲ କଲେଜ ଓ ହସପିଟାଲର ପୁରୁଷ ସର୍ଜରୀ ୱାର୍ଡରେ ରବିବାର ବିଳମ୍ବିତ ରାତିରେ ୨ ଜଣ ଯୁବକ ପୋଲିସ ଡ୍ରେସ ପିନ୍ଧି ନର୍ସମାନଙ୍କୁ ଦୁର୍ବ୍ୟବହାର କରିଥିଲେ । ଏହାର ପ୍ରତିବାଦରେ ସୋମବାର ସମସ୍ତ ନର୍ସ ମେଡିକାଲର ମୁଖ୍ୟ ଫାଟକଠାରେ ଧାରଣାରେ ବସିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା, ନର୍ସମାନଙ୍କୁ ସୁରକ୍ଷା ଦେବା ଓ ପ୍ରତି ରୋଗୀ ପିଛା ଆଣ୍ଟେଣ୍ଡାଣ୍ଟ ନିୟୋଜିତ କରିବାକୁ ଦାବି କରିଥିଲେ। ଏନେଇ ସନ୍ଧ୍ୟାରେ କୋରାପୁଟ ମେଡିକାଲରେ ପୋଲିସ ଓ ମେଡ଼ିକାଲ କର୍ତ୍ତୃପକ୍ଷ ଦୀର୍ଘ ୩ ଘଣ୍ଟା ଧରି ଆଲୋଚନା କରିଥିଲେ । ମେଡିକାଲରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ । ଏଥିସହିତ ଆସନ୍ତା ୧୮ ତାରିଖରୁ ମେଡିକାଲରେ ପୋଲିସ ମୁତୟନ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ନର୍ସମାନେ ଧାରଣାରୁ ଓହରିଥିଲେ।

# କେନ୍ଦ୍ର ବୈଦେଶିକ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

- ଦୁବାଇରେ ଫସିଥିବା ୧୮ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଅନୁରୋଧ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ):** ଦୁବାଇରେ ଫସିଥିବା ୧୮ ଓଡ଼ିଆ ଶ୍ରମିକଙ୍କ ଉଦ୍ଧାର ଲାଗି ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଧର୍ମେନ୍ଦ୍ର ଏକ ଚିଠି ଲେଖି କହିଛନ୍ତି ଯେ, ଏହି ମାମଲାରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ସହ ସମସ୍ତ ଓଡ଼ିଆ ଶ୍ରମିକଙ୍କୁ ଉଦ୍ଧାର କରି ସ୍ୱଦେଶକୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରାଯିବା ଆବଶ୍ୟକ। ନିକଟରେ ଦୁବାଇରୁ ୧୦ ଜଣ ଓଡ଼ିଆ ଶ୍ରମିକ ସୁରକ୍ଷିତଭାବେ ଉଦ୍ଧାର ହେବା ପରେ ପୁଣିଥରେ ଦୁବାଇର ଏକ୍ସିମ୍ ନାମକ ଏକ କମ୍ପାନୀରେ କାମ କରୁଥିବା ଓଡ଼ିଶା ଗଞ୍ଜାମ ଜିଲାର ୧୮ ଓଡିଆ ଶ୍ରମିକ ଗତ ୪ ମାସ ହେବ ବିନା ଦରମା ଓ ଖାଦ୍ୟପେୟରେ ସେଠାରେ ଫସି ରହିଛନ୍ତି। ଫସିରହିଥିବା ଶ୍ରମିକମାନେ ସେମାନଙ୍କ ଉଦ୍ଧାର ଲାଗି ଏକ ଭିଡିଓ ମାଧ୍ୟମରେ ଆବେଦନ ମଧ୍ୟ କରିଥିବା ସୂଚନା ମିଳିଛି । ତେଣୁ ଏହି ମାମଲାରେ ଶ୍ରମିକଙ୍କୁ ତତ୍କାଳ ସହାୟତା ଦିଆଯିବା ସହ ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରି ଦେଶକୁ ଫେରାଇ ଆଣିବା ଲାଗି ପଦକ୍ଷେପ ନେବାକୁ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ସୌଦି ଆରବରେ ଫସିରହିଥିବା ସମସ୍ତ ୧୦ ଓଡ଼ିଆ ଶ୍ରମିକ ଗତ ଜୁନ ୨୬ରେ ଉଦ୍ଧାର ହୋଇ ସ୍ୱଦେଶ ଫେରିଥିଲେ ।

## ନନ୍ଦିଘୋଷ ରଥରେ ଚଢ଼ିଲେ ଅଣସେବକ

**ପୁରୀ ଅଫିସ, ୧୫।୭:** ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କ ଲାଗି କେତେକ କଟକଣା ଜାରି କରିଥିଲା। ହେଲେ ଏହାକୁ ଅନେକେ ମାନି ନ ଥିଲେ। ସୋମବାର ନୀଳାଦ୍ରିବିଜେ ପହଣ୍ଡି ସମୟରେ ସବୁ କଟକଣାକୁ ଉଲ୍ଲଂଘନ କରି ଜଣେ ଅଣସେବକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଉପରକୁ ଚଢିଥିଲେ। ଚାରମାଳ ଉପରେ ଥିବା ବେଳେ ତାଙ୍କୁ ଦଇତାପତି ସେବକମାନେ ଚିହ୍ନି ତଳକୁ ଓହ୍ଲାଇ ଦେଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ସିଂହଦ୍ୱାର ଥାନା ପୋଲିସ ଜିମା ଦିଆଯାଇଥିଲା। ସେବାୟତ ବେଶ ଧାରଣ କରି ସେ ରଥ ଉପରକୁ ଉଠିଥିଲେ। ଏ ସମ୍ପର୍କରେ ସିଂହଦ୍ୱାର ପୋଲିସ କୌଣସି ସ୍ପଷ୍ଟ ସୂଚନା ଦେଇ ନାହିଁ। ତେବେ ସମ୍ପୃକ୍ତ ଯୁବକ ଜଣକ କଲିକତାର ପାର୍ଥପ୍ରତିମ ଶାହା ବୋଲି ଜଣାପଡ଼ିଛି। ସେହିପରି ପହଣ୍ଡି ସମୟରେ ଶ୍ରୀସୁଦର୍ଶନଙ୍କୁ ଏକାଧିକ ଭକ୍ତ ସ୍ପର୍ଶ କରିବାକୁ ଉଦ୍ୟମ କରିଥିଲେ। ସିଂହଦ୍ୱାର ପାଖରେ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ପୋଲିସ କର୍ମଚାରୀ ବି ଠାକୁରଙ୍କୁ ଛୁଇଁବାକୁ ଚେଷ୍ଟା କରିଥିଲେ। ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା ନୀଳାଦ୍ରିବିଜେ ପହଣ୍ଡି। ପ୍ରଥମେ ଗୋଟି ପହଣ୍ଡିରେ ଆସିଥିଲେ ଚକ୍ରରାଜ ଶ୍ରୀସୁଦର୍ଶନ। ଅରୁଣ ସ୍ତମ୍ଭ ପାଖାପାଖି ଗହଳି ଭିତରେ ୨ଜଣ ଭକ୍ତ ଶ୍ରୀସୁଦର୍ଶନଙ୍କୁ ଛୁଇଁବାକୁ ହାତ ବଢାଇଥିଲେ। କେତେଜଣ ସେବାୟତ ଏହା ଦେଖିଦେବାରୁ ଭିଡ଼ର ସୁଯୋଗ ନେଇ ସେମାନେ କେଉଁଆଡ଼େ ପଳାଇଥିଲେ ବୋଲି କୁହାଯାଉଛି।

DADLS-12

ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୧୬ ଜୁଲାଇ, ୨୦୧୯



ସମୟ – ପୂର୍ବାହ୍ନ ୯ ଘଟିକା

ରାଜଭବନ ଛକ ନିକଟସ୍ଥ ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସାଧାରଣ ସଭା

ସମୟ – ସଂଧ୍ୟା ଘ.୬.୩୦ ମିନିଟ୍ | ସ୍ଥାନ – ଜୟଦେବ ଭବନ

ମୁଖ୍ୟଅତିଥି : ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳସଂପଦ, ସୂଚନା ଓ ଲୋକସମ୍ପର୍କ
ସମ୍ମାନିତ ଅତିଥି : ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ବ୍ୟୋମକେଶ ରାୟ , ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ବିଷ୍ଣୁ ସେଠୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ସଂଜୀବ କୁମାର ମଲ୍ଲିକ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ବିଷ୍ଣୁବ୍ରତ ରାଉତରାୟ, ମାନ୍ୟବର ବିଧାୟକ
ଡ. ଗୌରହରି ଦାସ, ବିଶିଷ୍ଟ ଲେଖକ
ମୁଖ୍ୟବକ୍ତା : ଶ୍ରୀଯୁକ୍ତ ସୌମ୍ୟରଂଜନ ପଟ୍ଟନାୟକ, ମାନ୍ୟବର ବିଧାୟକ ତଥା ସମ୍ବାଦର ସମ୍ପାଦକ

ସାଂସ୍କୃତିକ କାର୍ଯ୍ୟକ୍ରମ :
ସୁନାମଧନ୍ୟ କଣ୍ଠଶିଳ୍ପୀ ଆଶାମୁକୁଳ ବାରିକ, ହରପ୍ରିୟା ସ୍ୱାଇଁ, ଜୟୀରାଜ ମିଶ୍ର, ଅର୍ପିତା ଦାଶ, କେଶବ ଚନ୍ଦ୍ର ମହାରଣା ଓ ନମ୍ରତା ରାଉତଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ ।

ଭୁବନେଶ୍ୱରର ସମସ୍ତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ଜନସାଧାରଣ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0015/1920



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଝିଅ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ପ୍ରଥମ ପୃଷ୍ଠାରୁ...

## ରାଜ୍ୟରେ...

ନେତା ରାଜ୍ୟରେ ଆଇନଶୃଙ୍ଖଳା ପ୍ରସଙ୍ଗ ଉଠାଇ କହିଥିଲେ, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆମେ ବିରୋଧ କରୁନାହୁଁ। କିନ୍ତୁ ରବିବାର ତିନି ଭାଇଙ୍କୁ ଯେଉଁଭଳି ନିର୍ମମ ଭାବେ ହତ୍ୟା କରାଗଲା, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଘଟଣାସ୍ଥଳ ନିକଟରେ ୪ ପ୍ଲାଟୁନ୍ ପୋଲିସ ଥାଇ ମଧ୍ୟ ଏଭଳି ଅପରାଧ ଘଟିଛି। ରାଜ୍ୟରେ ଅପରାଧୀ ରାଜ୍ ବୃଦ୍ଧି ପାଇଛି। କଣାସ ବ୍ଲକର ଗଡ଼ିଶାଗୋଦା ଗ୍ରାମରେ ଗୋଟିଏ ପରିବାରକୁ ବାସନ୍ଦ କରାଗଲା। ଆମକୁ ଭୋଟ ଦେଲ ନାହିଁ। ତେଣୁ ତୁମକୁ ଆମେ ବାସନ୍ଦ କରିବୁ। ଏଭଳି ଅବସ୍ଥା ରାଜ୍ୟରେ ସୃଷ୍ଟି ହୋଇଛି। ଥାନାରେ ଅଭିଯୋଗ କଲେ ମଧ୍ୟ ମାମଲା ରୁଜୁ ହେଉନାହିଁ। ସେହିପରି ବାଲେଶ୍ୱର ଥାନା ନିକଟରେ ମଦ, ଗଞ୍ଜେଇ, ବ୍ରାଉନସୁଗାର ଆଦି ଅବାଧରେ ବିକ୍ରି ଚାଲିଛି। ସୁନ୍ଦରଗଡ଼ ହେମଗିରି ଥାନା ବଣିକା ଫାଣ୍ଡି ଅନ୍ତର୍ଗତ ଏକ ଗାଁରେ ଗଣ୍ଡଗୋଳକୁ ନେଇ ଥାନାକୁ ଖବର ଦିଆଯାଇଥିଲେ ମଧ୍ୟ ପୋଲିସ ଆସିଲା ନାହିଁ। ଲୋକମାନେ ଥାନାରେ ଗଣ୍ଡଗୋଳ କରିବାରୁ ରାତି ୧୨ଟାରେ ଗାଁରେ ପଶି ଜଣେ ଗର୍ଭବତୀଙ୍କୁ ପୋଲିସ ନିର୍ଧୂମ ପିଟିଛି। ପାଇକମାଳ ଓ ପୁରୀ ଜିଲାର ପିପିଲି ଭଳି ଅନେକ ଘଟଣା ରାଜ୍ୟରେ ଘଟୁଛି। ଏ ସମସ୍ତ ବିଷୟ ଗୃହରେ ଆଲୋଚନା ହେବା ଦରକାର। ବାଚସ୍ପତି ରୁଲିଂ ଦିଅନ୍ତୁ। ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ରଖନ୍ତୁ ବୋଲି ସେ ଦାବି କରିଥିଲେ।

ଆଇନଶୃଙ୍ଖଳାକୁ ନେଇ ଭାଜପାର ଆକ୍ରମଣାତ୍ମକ ଆଚରଣ ଦେଖି କଂଗ୍ରେସ ମଧ୍ୟ ଏ ସୁଯୋଗକୁ ହାତଛଡ଼ା କରି ନ ଥିଲା। ବିଧାୟକ ଦଳ ନେତା ନରସିଂହ ମିଶ୍ର ରାଜ୍ୟର ଆଇନଶୃଙ୍ଖଳାକୁ ନେଇ ସରକାରଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିଥିଲେ। ସେ କହିଥିଲେ, ରାଜ୍ୟରେ ଜଙ୍ଗଲରାଜ ଚାଲିଛି।

ଆଇନଶୃଙ୍ଖଳା ବୋଲି କିଛି ନାହିଁ। ଦିନକୁ ଦିନ ଏହା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏ ବିଷୟରେ ଗୃହ ବିଭାଗକୁ ଉତ୍ତର ଦେବାକୁ ପଡ଼ିବ। ନିକଟରେ ପୁରୀରେ ୧୦ହଜାର ପୋଲିସ ଫୋର୍ସ ରଥଯାତ୍ରା ଡ୍ୟୁଟି କରୁଥିବାବେଳେ ବସ୍‌ରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଗଲା। ପୁରୀ ନିକଟସ୍ଥ ପଟ୍ଟନାୟିକିଆଠାରେ ୩ ଜଣଙ୍କୁ ଅପରାଧୀମାନେ ହତ୍ୟା କରିଛନ୍ତି। ବଲାଙ୍ଗୀର ମେଡିକାଲ କଲେଜ ହସ୍ପିଟାଲରେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରାଯାଇଛି। ଏହା ବିରୋଧରେ ସ୍ୱାସ୍ଥ୍ୟକର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ପଶ୍ଚିମବଙ୍ଗରେ ଡାକ୍ତରଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରିଥିଲେ। ରାଜ୍ୟରେ ଡାକ୍ତର ଓ ସମ୍ପୃକ୍ତ କର୍ମଚାରୀମାନେ ନିରାପଦରେ ନାହାନ୍ତି। ୨୦୧୭ରେ ୨୨୨୧ଟି ବଳାତ୍କାର ଘଟଣା ଘଟିଥିବା ବେଳେ ୨୦୧୮ରେ ୨୫୦୨ଟି ବଳାତ୍କାର ଘଟଣା ହୋଇଛି। ଅପରାଧ ସଂଖ୍ୟା ପ୍ରତ୍ୟେକ ବର୍ଷ ବୃଦ୍ଧି ପାଉଛି। ସରକାର ରାଜ୍ୟରେ ଅପରାଧୀଙ୍କୁ ସୁରକ୍ଷା ଦେଉଥିବା କାରଣରୁ ଏଭଳି ଘଟଣା ବଢ଼ି ଚାଲିଛି। ଅପରାଧୀଙ୍କର ପୋଲିସ ପ୍ରଶାସନ ପ୍ରତି ଆଦୌ ଡର ଭୟ ନାହିଁ। ଭୋଟ ସମୟରେ ଅପରାଧୀମାନେ ଖୋଲାଖୋଲି ଭାବେ ବୁଥ୍‌ରେ ଆସି ମତଦାତାଙ୍କୁ ଧମକ ଦେଉଥିବା ଦେଖିବାକୁ ମିଳିଥିଲା। ଏ ନେଇ ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଅଣାଯାଇଥିଲା। କମିଶନ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ମହାନିର୍ଦ୍ଦେଶକ ବଲାଙ୍ଗୀର ଜିଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଲେ ନାହିଁ। ଏହା ଅତ୍ୟନ୍ତ ସାଂଘାତିକ ବିଷୟ ହୋଇଥିବାରୁ ଗୃହରେ ଆଲୋଚନା ହେବା ଦରକାର। ମୁଖ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଉ ସେ ଗୃହରେ ଆସି ବିବୃତି ଦିଅନ୍ତୁ ବୋଲି ନରସିଂହ ଦାବି କରିଥିଲେ। ଏହି ସମୟରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ରମେଶ ଜେନା, ମହମ୍ମଦ ମୋକିମ୍ ଓ ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ମୁଖ୍ୟମନ୍ତ୍ରୀ ତୁରନ୍ତ ଏ ନେଇ ଗୃହରେ ବିବୃତି ଦିଅନ୍ତୁ ବୋଲି ଦାବି କରିଥିଲେ। ବାଚସ୍ପତି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। 'ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦେବା ଆମର ଦାବି, ସରକାର ତୁମେ ମାନିନିଅ, ମାନିନିଅ' ଏଭଳି ସ୍ଲୋଗାନ ଦେଇ ଗୃହ ମଧ୍ୟରେ ପ୍ରବଳ ହୋ ହଲ୍ଲା କରିଥିଲେ। ବିରୋଧୀ ଦଳଙ୍କ ପ୍ରଚଣ୍ଡ ଆକ୍ରମଣକୁ ଦେଖି ବାଚସ୍ପତି ଏ ସମ୍ପର୍କରେ ଗୃହରେ ବିବୃତି ଦେବା ଲାଗି ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଂଗ୍ରେସ ସଦସ୍ୟମାନେ ଏହାକୁ ମାନି ନ ଥିଲେ। ମୁଖ୍ୟମନ୍ତ୍ରୀ ଗୃହରେ ଆଇନଶୃଙ୍ଖଳାକୁ ନେଇ ବିବୃତି ଦିଅନ୍ତୁ। ନଚେତ ଗୃହ ଚଳାଇଦେବୁ ନାହିଁ। ପ୍ରବଳ ହଟ୍ଟଗୋଳକୁ ଦେଖି ବାଚସ୍ପତି ୧୧ ଟା ୫୬ମିନିଟ୍‌ରେ ଗୃହକୁ ଅପରାହ୍ଣ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ଣରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ସେହି ପ୍ରସଙ୍ଗକୁ ନେଇ ପୁଣି ହଟ୍ଟଗୋଳ ହୋଇଥିଲା। ବାଚସ୍ପତି ଗୃହକୁ ୩ଟା ୫ ମିନିଟରୁ ୩ଟା ୨୬ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବିବୃତିକୁ ନେଇ ବିରୋଧୀ ଅଡି ବସିଲେ। ବାଚସ୍ପତି ଆସନ୍ତା ଦୁଇ ଦିନ ମଧ୍ୟରେ ଏ ନେଇ ନିଷ୍ପତ୍ତି ନେବେ ବୋଲି ବିରୋଧୀଙ୍କୁ ଆଶ୍ୱାସନା ଦେବା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

# ରାଜସ୍ୱ, ଅବକାରୀ ବିଭାଗର ଖର୍ଚ୍ଚଦାବି ମଞ୍ଜୁର

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ଷୋଡଶ ବିଧାନସଭାର ପ୍ରଥମ ଅଧିବେଶନରେ ଗୃହରେ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇଯାଇଛି। ସୋମବାର ଗୃହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଅବକାରୀ ବିଭାଗର ବ୍ୟୟ ବରାଦ ବିଲ୍‌କୁ ମଞ୍ଜୁରୀ ମିଳିଛି। ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ସର୍ବମୋଟ ୧୧୫୮ କୋଟି ୯୩ଲକ୍ଷ ୩୧ ହଜାର ଟଙ୍କାର ବ୍ୟୟବରାଦ ବିଲ୍‌କୁ ମଞ୍ଜୁରୀ ମିଳିଛି। ଗୃହରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି ଯେ, ବିଭିନ୍ନ କାର୍ଯ୍ୟାଳୟ ପ୍ରତିଷ୍ଠାନର ପ୍ରଶାସନିକ ବ୍ୟୟ ବାବଦରେ ୧୦୧୨କୋଟି ୩୨ଲକ୍ଷ ୨୬ହଜାର ଟଙ୍କା ବରାଦ କରାଯାଇଛି। ଏହାସହ କାର୍ଯ୍ୟକ୍ରମ ବାବଦରେ ମୋଟ ୧୪୬,୬୧.୦୫ କୋଟି ଟଙ୍କା ଖର୍ଚ୍ଚ ବରାଦ କରାଯାଇଛି। ଏହି ବିଭାଗ ଅଧୀନ ନୂତନ କୋଠାବାଡ଼ି ନିର୍ମାଣ, ରାଜସ୍ୱ କାର୍ଯ୍ୟାଳୟ ଗୁଡ଼ିକର ଭିତ୍ତିଭୂମିର ସୁଦୃଢ଼ୀକରଣ, ସରକାରୀ ଜମିର ସୁରକ୍ଷା ଆଦି ବିଭିନ୍ନ ପରିକଳ୍ପନା କାର୍ଯ୍ୟାନ୍ୱୟନ କରିବା ପାଇଁ ବଜେଟରେ ସମୁଦାୟ ୧୪୬କୋଟି ୬୧ଲକ୍ଷ ୦୫ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫ଟି କୁ ମୂଳମନ୍ତ୍ରଭାବେ ଗ୍ରହଣ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନ ସମସ୍ତ ବିଭାଗ ତରଫରୁ ବଳିଷ୍ଠ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ବିଧାୟକମାନେ ଉଠାଇଥିବା ପ୍ରସଙ୍ଗରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଥିବା ୪୧୧୬ ପଡାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ଲାଗି ସରକାରଙ୍କ ବିଚାରାଧୀନ ରହିଛି। ସମସ୍ତ ତହସିଲରେ ଅନଲାଇନ ଦାଖଲ ଏବଂ ଖାରଜ ପ୍ରକ୍ରିୟାକୁ ବାଧ୍ୟତାମୂଳକ କରାଯାଇଛି। ଖାରଜ ହେଉଥିବା ମାମଲାଗୁଡ଼ିକର ଫଇସଲା ପରେ ଆବେଦନକାରୀଙ୍କ ନିକଟକୁ ଡାକ ମାଧ୍ୟମରେ ପଟ୍ଟା ପଠାଇ ଦିଆଯାଉଛି। ରାଜସ୍ୱ ଗ୍ରାମଗୁଡ଼ିକରେ ଭ୍ରାମ୍ୟମାଣ ରାଜସ୍ୱ ଅଦାଲତ ଶିବିର କରିବା ପାଇଁ ତହସିଲଦାରମାନଙ୍କୁ ପରାମର୍ଶ ଦିଆଯାଇଛି। ଜନସାଧାରଣଙ୍କ ଅଭିଯୋଗ ଶୁଣିବାକୁ ଟୋଲ୍ ଫି ନମ୍ବର ଦିଆଯାଇଛି। ବିଭାଗ ଦ୍ୱାରା ଅଣଆବାସିକ ଏବଂ ଆବାସିକ ଗୃହ ନିର୍ମାଣ ପାଇଁ ୧୦୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ୨୦ କୋଟି ଟଙ୍କା ଯାଜପୁର ଜିଲାରେ ପ୍ରସ୍ତାବିତ ପ୍ରଶାସନ ନଗର ତିଆରି ଲାଗି ଆବଶ୍ୟକ ଜମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ୧୯୯୫ ମସିହା ପୂର୍ବର ଫାଇଲକୁ ଡିଜିଟାଇଜେଶନ କରିବାକୁ ୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ରାଜସ୍ୱ ରେକର୍ଡ ଗୃହ ପାଇଁ ଆସବାବ ଓ ସଂଲଗ୍ନ ଉପକରଣ ସଂଗ୍ରହ ଏବଂ ଉନ୍ନତୀକରଣ ପାଇଁ ୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ରାଜସ୍ୱ ଭିତ୍ତିଭୂମିର ସୁଦୃଢ଼ୀକରଣ ଲାଗି ୧୫କୋଟି ୮୦ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଲଘୁ ଖଣିଜ ଦ୍ରବ୍ୟର ବେଆଇନ କାରବାର ଓ ଚୋରି ରୋକିବା ନିମନ୍ତେ ୫କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହାସହ ଏହି ଲଘୁ ଖଣିଜ ଦ୍ରବ୍ୟର ବେଆଇନ କାରବାର ରୋକିବା ନିମନ୍ତେ ସରକାର ଏକ ନିର୍ଦ୍ଦେଶାଳୟ ପ୍ରତିଷ୍ଠା ପାଇଁ ଚିନ୍ତା କରୁଛନ୍ତି। ରାଜ୍ୟରେ ବାସଗୃହ ନ ଥିବା ୭୧,୭୬୧ ପରିବାର ଚିହ୍ନଟ ହୋଇଛନ୍ତି। ସେଥି ମଧ୍ୟରୁ ୨୩,୫୨୧ ବାସଗୃହହୀନ ପରିବାରଙ୍କୁ ବାସ ଉପଯୋଗୀ ଜମି ଯୋଗାଇ ଦିଆଯାଇଛି। ଅବଶିଷ୍ଟଙ୍କୁ ଦେବାକୁ ପଦକ୍ଷେପ ନିଆଯାଇଛି।

**■ ୪୧୧୬ ପଡ଼ାଗ୍ରାମ ରାଜସ୍ୱ ଗ୍ରାମରେ ପରିଣତ ହେବ**

# ଚୋରାମଦ ରୋକିବାକୁ କଡ଼ା ପଦକ୍ଷେପ

**ଜିଲାସ୍ତରରେ ଗଠନ ହେବ ମଲ୍ଟି ଡିସିପ୍ଲିନ୍ ସ୍କ୍ୱାଡ୍**

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ଷୋଡଶ ବିଧାନସଭାର ପ୍ରଥମ ଅଧିବେଶନରେ ଗୃହରେ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇଯାଇଛି। ସୋମବାର ଗୃହରେ ଅବକାରୀ ବିଭାଗ ପାଇଁ ୨୦୨୦ ମାର୍ଚ୍ଚ ଶେଷ ସୁଦ୍ଧା ୧୩୧,୨୪,୭୪,୦୦୦ ଟଙ୍କାର ଖର୍ଚ୍ଚ ଦାବିକୁ ମଞ୍ଜୁରୀ ମିଳିଛି। ବିଭାଗୀୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ୧୯୯୯ରେ ଅବକାରୀ ବିଭାଗ ହୋଇଥିଲା। ସେତେବେଳେ ଏହି ବିଭାଗ ରାଜସ୍ୱ ବିଭାଗ ସହ ରହିଥିଲା। ସରକାର ମଦର ପ୍ରସାର କରି କାହାରି କ୍ଷତି ପହଞ୍ଚାଇବା ପାଇଁ ଚାହୁଁନାହାନ୍ତି। ସୋମରସ ଗ୍ରହଣ କରିବା ପରମ୍ପରା ଅତୀତରୁ ରହିଆସିଛି। ଉତ୍ତମ ପାନୀୟ ଯୋଗାଇଦେବାକୁ ସରକାର ପ୍ରୟାସ କରୁଛନ୍ତି। କାହାରି ଶରୀର ଖରାପ ଉଦ୍ଦେଶ୍ୟ ରଖି କିମ୍ବା ରାଜସ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ସରକାର ମଦର ପ୍ରସାର କରୁନାହାନ୍ତି। ରାଜସ୍ୱ ଆଦାୟ ୮୪୯ରୁ ଆସି ୩୯୨୫ କୋଟି ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଲାଣି। ଚଳିତ ଆର୍ଥିକ ବର୍ଷରେ ଏହା ୪,୬୦୦କୋଟି ଟଙ୍କାରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ବେଆଇନ ମଦ କାରବାର ଏବଂ ପ୍ରସ୍ତୁତି ରୋକିବା ଦିଗରେ ସରକାର ସଚେତନ ଅଛନ୍ତି। ମୋଟ ୫୪୫ଟି ଚୋରା ମଦରେ ସମ୍ପୃକ୍ତ ଘଟଣାରେ ୫୭୯ ଜଣଙ୍କୁ ପୋଲିସ ଗିରଫ କରିଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ପ୍ରସ୍ତୁତ କରାଯାଇଛି। ଗୃହର ସଦସ୍ୟମାନେ ଯେଉଁସବୁ ଅଭିଯୋଗ ଆଣିଛନ୍ତି ସେନେଇ ବ୍ୟକ୍ତିଗତ ଭାବେ ଅଫିସରଙ୍କ ସହ ଆଲୋଚନା କରାଯିବ। ଚୋରା ମଦ ରୋକିବା ସରକାରଙ୍କ ପ୍ରାଥମିକତା ରହିବ। ଏହାସହ ବିଧାୟକମାନଙ୍କ ଅଭିଯୋଗ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ଜିଲା ସ୍ତରରେ ମଲ୍ଟି ଡିସିପ୍ଲିନ ସ୍କ୍ୱାଡ୍ ଗଠନ ହେବ। ଏହି ସ୍କ୍ୱାଡ୍ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠନ ହେବ। ଏଥିରେ ଏସ୍‌ପି ଏବଂ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ରହିବେ। ଲୋକଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ସରକାରଙ୍କ ମୂଳ ଲକ୍ଷ୍ୟ। ୨୦ ଜିଲାରେ ମହୁଲି ବିକ୍ରି ଅଧିକ ମାତ୍ରାରେ ରହୁଛି। ଆଦିବାସୀମାନେ ମହୁଲି ଫୁଲ ବିକ୍ରି କରିବା ସାଙ୍ଗକୁ ଏଥିରୁ ମହୁଲି ରସ ପାନ କରୁଛନ୍ତି। ରାଜ୍ୟରେ ୧୧୫୪ଟି ଠିପି ଖୋଲା ମଦ ଦୋକାନ ରହିଛି। ବହୁ ସ୍ଥାନରେ ଗଞ୍ଜେଇ ଗଛକୁ ନଷ୍ଟ କରିଦିଆଯାଇଛି। ୨୦୧୮-୧୯ରେ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୧୨୪୯.୧୦ କୋଟି ଟଙ୍କାର ଗଞ୍ଜେଇ ଚାଷ ନଷ୍ଟ କରିଦିଆଯାଇଛି। ଏହାସହ ବିଭାଗରେ ଯେଉଁସବୁ ପଦବୀ ଖାଲି ରହିଛି ସେଗୁଡ଼ିକୁ ତୁରନ୍ତ ପୂରଣ କରିବା ସକାଶେ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

**■ ଗୃହରେ ମନ୍ତ୍ରୀ,ଶାସକ ବିଧାୟକଙ୍କ ଅନୁପସ୍ଥିତି ନେଇ ପ୍ରଶ୍ନ ଉଠାଇଲେ ତାରା**

# 'ପାଟକୁରା ନିର୍ବାଚନ ପର୍ଯ୍ୟନ୍ତ ଗୃହ ବନ୍ଦ କରିଦିଆଯାଉ'

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ବିଧାନସଭାରେ ସୋମବାର ଅପରାହ୍ଣରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଅବକାରୀ ବିଭାଗ ବ୍ୟୟ ବରାଦ ବିଲ୍‌କୁ ମଞ୍ଜୁରୀ ଦେବା ନେଇ ଆଲୋଚନା ଚାଲିଥିଲା। ଏହି ସମୟରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ପଏଣ୍ଟ ଅଫ୍ ଅର୍ଡରେ ଆଣିଥିଲେ। ବାଚସ୍ପତି ତାରାଙ୍କ ପଏଣ୍ଟ ଅଫ୍ ଅର୍ଡରକୁ ଗ୍ରହଣ କରି ତାଙ୍କୁ କହିବାର ସୁଯୋଗ ଦେଇଥିଲେ। ତାରା ଗୃହରେ ଶାସକ ଦଳର ମନ୍ତ୍ରୀ ଏବଂ ବିଧାୟକମାନେ ଅନୁପସ୍ଥିତ ରହିବା ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ, ପାଟକୁରା ନିର୍ବାଚନ ଆସନ୍ତା ୨୦ରେ ହେବାକୁ ଯାଉଛି। ସେଥିପାଇଁ ଶାସକ ଦଳର ଅଧିକାଂଶ ମନ୍ତ୍ରୀ ଓ ବିଧାୟକ ସେଠାରେ ଡେରା ପକାଇଛନ୍ତି। ତେଣୁ ଗୃହରେ ପ୍ରଶ୍ନକାଳ ଚାଲିଥିବାବେଳେ ୨୧ଜଣ ମନ୍ତ୍ରୀଙ୍କ ମଧ୍ୟରୁ ମାତ୍ର ୬ଜଣ ଉପସ୍ଥିତ ଅଛନ୍ତି। ଯେଉଁଠାରେ ସାଢେ ୪କୋଟି ଲୋକଙ୍କ ସମସ୍ୟା ନେଇ ଆଲୋଚନା ହେଉଛି ସେଠାରେ ବିଧାୟକ ଏବଂ ମନ୍ତ୍ରୀମାନେ ଅନୁପସ୍ଥିତ ରହିବା ଦୁର୍ଭାଗ୍ୟଜନକ। ତେଣୁ ବାଚସ୍ପତି ଗୃହକୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ବନ୍ଦ କରିଦେବା ଭଲ ହେବ। ଆଉ ଏଥିପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ବାଚସ୍ପତି ଚିଠି ଲେଖି ଜଣାନ୍ତୁ। ମୁଖ୍ୟମନ୍ତ୍ରୀ ଯେହେତୁ ଗୃହରେ ଅନୁପସ୍ଥିତ ରହୁଛନ୍ତି ସେଥିଲାଗି ତାଙ୍କ ବଦଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ଚିଠି ଲେଖିବାକୁ ତାରା ଗୃହରେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସକାଳୁ ସକାଳୁ କୌଣସି ଏକ ଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ବନ୍ଧୁମାନଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଘରର କେତେକ ରହିଯାଇଥିବା କାମକୁ କରିବା ସକାଶେ ଚିନ୍ତା କରିବେ। ଲେଖାପଢା, ସଭାସମିତି, ଆନୁଷ୍ଠାନିକ କାମ, ବାଣିଜ୍ୟ, ବ୍ୟବସାୟରେ କେତେକ ସମସ୍ୟା ଦେଖାଦେଇପାରେ।

**ବୃଷ** ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପାଇ ଖୁସି ହେବେ। ଗୁରୁଜନମାନଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବା ସଙ୍ଗକୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ଆଜି ଦିନ ଭିତରେ ପୂର୍ବ ନିର୍ଦ୍ଧାରିତ ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ। ଉଦ୍ୟମ ସଫଳ ଦିଗରେ ଜଣେ ଜଣାଶୁଣା ଗୌରବର୍ଣ୍ଣର ବ୍ୟକ୍ତି ସାହାଯ୍ୟ କରିପାରନ୍ତି। ଯାତ୍ରା କାଳରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ତରବରିଆ ଭାବେ କୌଣସି କାମ କରନ୍ତୁ ନାହିଁ, ଯାହା କି ଅନର୍ଥର କାରଣ ହୋଇପାରେ।

**କର୍କଟ** କର୍ମାଧିପତିଙ୍କ ଦୁର୍ବଳତା କାରଣରୁ ଅସ୍ଥିରତା ଲାଗି ରହିବ। ଉଚ୍ଚବର୍ଗଙ୍କ ସାହାଯ୍ୟରେ କାର୍ଯ୍ୟସିଦ୍ଧି ଘଟିବା ସହ ବନ୍ଧୁମିଳନରୁ ଉତ୍ସାହିତ ହେବେ। ରୋଗ, ଋଣ ଓ ଶତ୍ରୁତା କାରଣରୁ ମାନସିକ ସ୍ଥିରତା ରହି ନ ପାରେ। ଭୁଲ୍ ବୁଝାମଣାରୁ ଅତିପ୍ରିୟ ବନ୍ଧୁଙ୍କ ସହ ମନାନ୍ତର ହୋଇପାରେ। ପାରିବାରିକ ସମସ୍ୟାକୁ ସମାଧାନ ସକାଶେ ଚେଷ୍ଟା କରିବେ।

**ସିଂହ** ପରିସ୍ଥିତିରେ ପଡି ଇଚ୍ଛା ନ ଥିଲେ ମଧ୍ୟ ନିକଟ ସମ୍ପର୍କୀୟ ମାନଙ୍କ ସକାଶେ ବ୍ୟୟ କରିବାକୁ ବାଧ ହେବେ। କୌଣସି ଅତ୍ୟାବଶ୍ୟକ ଜିନିଷ ଅଭାବରୁ କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟର ସମ୍ମୁଖୀନ ହୋଇପାରନ୍ତି। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆଶାଜନକ ସୁଫଳ ପାଇବେ।

**କନ୍ୟା** ମାନସିକ ଅସ୍ଥିରତା କାରଣରୁ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହୋଇପାରନ୍ତି।

**ତୁଳା** ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିବା କାରଣରୁ ମନ ବିଚଳିତ ରହିବ। ସହକର୍ମୀଙ୍କ ସହଯୋଗରେ ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଆଜିର ସକାଳୁଆ ଯାତ୍ରାରେ ସଫଳତା ମିଳିବା ସହ ଆଶା ପୂରଣ ହୋଇଯିବ। କର୍ମକ୍ଷେତ୍ରରେ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ସତର୍କରେ ଚଳନ୍ତୁ, ଅନ୍ୟଥା ନିଜର ପାଖ ଲୋକମାନେ ଅପପ୍ରଚାର କରିପାରନ୍ତି। ଉପକୃତ ବ୍ୟକ୍ତିମାନେ ପୂର୍ବ ସାହାଯ୍ୟକୁ ପାସୋରି ଶତ୍ରୁତା କରିପାରନ୍ତି।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ। ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବ ନାହିଁ ଏବଂ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ନାହିଁ। ବାକି ପଡିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ହୋଇପାରେ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣାରେ ଆପଣଙ୍କ ପାଖ ମାଡି ନ ପାରେ।

**ମକର** ପୂର୍ବ ସ୍ଥିରୀକୃତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ଅନ୍ୟ ମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି। ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ।

**କୁମ୍ଭ** ବନ୍ଧୁଙ୍କ ଅନୁରୋଧରେ ସକାଳୁ ସକାଳୁ ଦେବ ଦର୍ଶନ ସକାଶେ ମନ ବଳାଇବେ। ଖାଦ୍ୟପେୟରେ ସତର୍କ ନ ରହିବା କାରଣରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେଇପାରେ। ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** ସାମାନ୍ୟ ସ୍ୱାର୍ଥତ୍ୟାଗ ଓ ସହନଶୀଳତା କାରଣରୁ ଅନ୍ୟମାନଙ୍କୁ ଆପଣାର କରିପାରିବେ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

ଆଜି ଆଷାଢ଼ ଶୁକ୍ଳପକ୍ଷର ଗୁରୁପୂର୍ଣ୍ଣିମା ମଙ୍ଗଳବାର, ବ୍ୟାସଦେବଙ୍କ ଜୟନ୍ତୀ, କେତୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ, ଜୁଲାଇ ୧୬ ତାରିଖ, ରାଶିନକ୍ଷତ୍ର-ପୂର୍ବାଷାଢା/ଧନୁ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର, ଅଦ୍ୟ ମାସାନ୍ତ, ସକାଳ ଘ.୮।୨୮ମି. ଗତେ ଘ.୧୦।୦୮ମି. ମଧ୍ୟେ, ଘ.୧୧।୪୭ମି. ଗତେ ଘ.୧।୨୫ମି. ମଧ୍ୟେ ଅମୃତବେଳା ଓ ଦିବା ଘ.୧୦।୦୮ମି. ଗତେ ଘ.୧୧।୪୭ମି. ମଧ୍ୟେ, ଘ.୩।୪୧ମି. ଗତେ ଘ.୫।୦୨ମି. ମଧ୍ୟେ ମାହେନ୍ଦ୍ର ବେଳା।


## classifieds Everyday 0674-2580101, 2549302




**SALE**

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/-ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

**5000 Plus sqft. residential plot for sale in Sishu Vihar, Patia. Ideal for Tutorials also. Contact directly 9871155802, 8240107574.** D-13427

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

**SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 9090556060.** D-66731

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591.** D-66732

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-67304

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft 650/- 7008045582, 9692003948. D-13401

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66927

**Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 1200sqft. 6,60,000/-. 9437306208.** D-66728

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Bhubaneswar-Pitapalli Chhaka ଠାରୁ 100 ମିଟର ଦୂରରେ BDA Plot, Road, Electric, ପାଚେରି ସହିତ ଶସ୍ତାରେ କିଣନ୍ତୁ। Contact: 9439101373, 6370485344. D-13422

**ଭୁବନେଶ୍ୱର Infocity-2 boundary କୁଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729




ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13425




Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Ayurvedic full body massage ladies & gents smart therapist. 9040900385. D-66926

Kajal ayurvedic massage club fully relaxed by smart lady, home service available. 9937637219. D-66928

Ayurvedic full body massage ladies/gents smart experts therapist. 9114697517. D-66929


**AFFIDAVIT**

I Subhana Das, daughter of Surendra Nath Pradhan of HIG-203, Sailashree Vihar, Phase-VII, Bhubaneswar vide affidavit dated on 15.07.2019, that my name was wrongly recorded in my graduation certificate as Subhanarani Pradhan. Subhana Das and Subhanarani Pradhan are one and the same person. D-13426

# କେନ୍ଦ୍ର ବଜେଟ ବିରୋଧରେ ଏଆଇଟିୟୁସିର ବିକ୍ଷୋଭ

## ଶ୍ରମିକଙ୍କ ପାଇଁ ବଜେଟରେ କୌଣସି ପ୍ରାବଧାନ ନାହିଁ



କେନ୍ଦ୍ର ବଜେଟ ବିରୋଧରେ ଏଆଇଟିୟୁସି ପକ୍ଷରୁ ସୋମବାର ଭୁବନେଶ୍ୱର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

କେନ୍ଦ୍ର ସରକାର ତାଙ୍କ ବଜେଟରେ ଘରୋଇକରଣ ଓ କର୍ପୋରେଟଙ୍କ ଉପରେ ଗୁରୁତ୍ୱ ଦେଇଛନ୍ତି। ହେଲେ ୪୪ଟି ଶ୍ରମ ଆଇନ୍‌କୁ ୪ଟି କୋଡ୍‌ରେ ପରିବର୍ତ୍ତନ କରି ଶ୍ରମିକଙ୍କ ଅଧିକାରକୁ ଖର୍ବ କରିଛନ୍ତି। ଶ୍ରମିକଙ୍କ ପାଇଁ ବଜେଟରେ ସେପରି କିଛି ବ୍ୟବସ୍ଥା ନାହିଁ। ବଜେଟରେ ସାର୍ବଜନୀନ ମାତୃତ୍ୱକାଳୀନ ସୁବିଧା, କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା, ସମାନ କାମକୁ ସମାନ ମଜୁରି, ଅଙ୍ଗନୱାଡି, ଆଶା ଓ ମଧ୍ୟାହ୍ନଭୋଜନ ପାଚିକା ଏବଂ ଶ୍ରମିକଙ୍କ ପାଇଁ ମାନ୍ୟତା ଆଦିର କୌଣସି ପ୍ରାବଧାନ ନାହିଁ। ଏହା ଶ୍ରମିକ, କୃଷକ ଓ ସାଧାରଣ ଶ୍ରମଜୀବୀ ବିରୋଧୀ ବଜେଟ। ସୋମବାର କେନ୍ଦ୍ର ବଜେଟ ବିରୋଧରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା ଅବସରରେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ଡ. ସୌରୀବନ୍ଧୁ କର ଓ ଏଆଇଟିୟୁସି ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ କହିଛନ୍ତି।

ଏଆଇଟିୟୁସି ଭୁବନେଶ୍ୱର ଜିଲା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ସାମିଲ୍ ହୋଇଥିଲେ। ସେମାନେ ଅଶୋକନଗରସ୍ଥିତ ଭଗବତୀ ଭବନଠାରୁ ଶୋଭାଯାତ୍ରା ବାହାରି ମାଷ୍ଟର କ୍ୟାଣ୍ଟିନ ଦେଇ ଲୋୟର ପିଏମ୍‌ଜିଠାରେ ପହଞ୍ଚିଥିଲେ। ଏଆଇଟିୟୁସି ଭୁବନେଶ୍ୱର ଜିଲା କମିଟି ସମ୍ପାଦକ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ସେମାନେ କେନ୍ଦ୍ର ସରକାର ଓ ବଜେଟ ବିରୋଧରେ ନାନା ନାରାବାଜି କରିଥିଲେ। ସି.ଭି.ଏନ୍ ରାଓ, ସୀମାଞ୍ଚଳ ବାରିକ, ପଦ୍ମଚରଣ ପାତ୍ର, ମମତା ଓଝା, ଗୋହିଗୋବିନ୍ଦ ବେଶ୍ରା, କୈଳାସ ପୁହାଣ, ପବିତ୍ର ସ୍ୱାଇଁ, ନାରୀନେତ୍ରୀ ରୀତା ସେଠୀ, ଛେତମ୍ବର ଭୋଇ, ସସ୍ମିତା ନାୟକ, ବିଦ୍ୟୁତ୍ ଶ୍ରମିକ ନେତା ଶ୍ରୀକୃଷ୍ଣ ପଟ୍ଟନାୟକ ଓ ଲୋକନାଥ ଭୋଇ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଆଜି ୧୧ ଜିଲାରେ ଝଡ଼ତୋଫାନ

**ଭୁବନେଶ୍ୱର,୧୫।୭(ବ୍ୟୁରୋ):** ମଙ୍ଗଳବାର ୧୧ ଜିଲାକୁ ଝଡ଼ତୋଫାନ ସତର୍କ ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ମୁତାବକ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, କନ୍ଧମାଳ, ଗଞ୍ଜାମ ଓ ସୁନ୍ଦରଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଙ୍ଗଳବାର ଝଡ଼ତୋଫାନ ସହ ବଜ୍ରପାତ ହେବା ଆଶଙ୍କା ରହିଛି। ଏହିସମୟରେ ଘରୁ ନ ବାହାରିବାକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଓଡ଼ିଶାର ଉତ୍ତର ଉପକୂଳର ବିଭିନ୍ନ ଜିଲା ସହ ଢେଙ୍କାନାଳ, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ଗଞ୍ଜାମ, ଗଜପତି, ପୁରୀ ଜିଲାରେ ମଙ୍ଗଳବାର ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି କହିଛି ପାଣିପାଗ କେନ୍ଦ୍ର। ଅନ୍ୟପକ୍ଷରେ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହୋଇଛି। ପୁରୀରେ ସର୍ବାଧିକ ୬ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀରରେ ୪ ମିମି, ବାଲେଶ୍ୱରରେ ୩ ମିମି, ବାରିପଦାରେ ୨.୨ ମିମି, ଟିଟିଲାଗଡ଼ ଓ ଦାରିଙ୍ଗବାଡ଼ିରେ ୨ ମିମି ରେକର୍ଡ କରାଯାଇଛି। ମୌସୁମୀ ଓ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ଜାରି ରହିଛି।

## ■ ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟ

# ବୃକ୍ଷରୋପଣ ପାଇଁ ଆଉ ୩୨୯.୧୭ କୋଟି ଆବଶ୍ୟକ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ଜନିତ ସ୍ଥିତିର ମୁକାବିଲା ତଥା ସବୁଜୀକରଣ ପାଇଁ ବହୁ ମାତ୍ରାରେ ବୃକ୍ଷରୋପଣର ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ସରକାର ବର୍ତ୍ତମାନ ବୃକ୍ଷରୋପଣକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ଏ ନେଇ ବିଭିନ୍ନ ପଦକ୍ଷେପ ହାତକୁ ନେଇଛି। ବିଭିନ୍ନ ପ୍ରକଳ୍ପ ବା ଯୋଜନା ଅଧୀନରେ ଆସୁଥିବା ବଜେଟ୍‌ରେ ଏହି ବୃକ୍ଷରୋପଣ କରାଯାଇଥାଏ। ତେବେ ଚଳିତ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବଜେଟରେ କମ୍ ଟଙ୍କା ଅନୁମୋଦନ ହୋଇଛି। ଆଇଜିସି (ଇନ୍‌କ୍ରିଜିଂ ଦି ଗ୍ରୀନ୍ କଭର) ଯୋଜନାରେ ମୋଟ ୧୫୨.୧୨କୋଟି ଟଙ୍କା ଆବଶ୍ୟକ ଥିବାବେଳେ ମାତ୍ର ୩୫କୋଟି ଟଙ୍କା ଅନୁମୋଦନ ହୋଇଛି। ଆହୁରି ୧୧୭.୧୨କୋଟି ଟଙ୍କା କମ୍ ପଡୁଛି। ସେହିପରି ଗ୍ରୀନ୍ ମହାନଦୀ ମିଶନ ଯୋଜନା ପାଇଁ ମୋଟ ୧୦୫.୭୨ କୋଟି ଟଙ୍କା ଆବଶ୍ୟକ ଥିବାବେଳେ ୫୧କୋଟି ଟଙ୍କା ପାଇଁ ଅନୁମୋଦନ ମିଳିଛି। ଆହୁରି ୫୪.୭୨କୋଟି ଟଙ୍କା ଆବଶ୍ୟକ ରହିଛି। ଆମ ଜଙ୍ଗଲ ଯୋଜନା ପାଇଁ ୪୩.୩୫କୋଟି ଆବଶ୍ୟକ ଥିବା ବେଳେ ୧୦କୋଟି ପାଇଁ ଅନୁମୋଦନ ମିଳିଛି। ଆଉ ୩୩.୩୫କୋଟି ଆବଶ୍ୟକ ରହିଛି। ତେବେ ଓଏଫ୍‌ଏସ୍‌ଡିପି (ଓଡ଼ିଶା ଫରେଷ୍ଟ୍ରି ସେକ୍ଟର ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ) ଯୋଜନା ସବୁଠାରୁ ଅଧିକ ଟଙ୍କାର ଆବଶ୍ୟକତା ରହିଛି। ଏହି ଯୋଜନା ପାଇଁ ମୋଟ ୧୬୩.୯୮କୋଟି ଟଙ୍କା ଆବଶ୍ୟକ ଥିବାବେଳେ ଚଳିତ ବଜେଟ୍‌ରେ ମାତ୍ର ୪୦କୋଟି ଟଙ୍କା ଅନୁମୋଦନ ମିଳିଛି। ଅର୍ଥାତ୍ ଏହି ଯୋଜନାରେ ଆହୁରି ୧୨୩.୯୮କୋଟି ଟଙ୍କା କମ୍ ପଡୁଛି। ତେଣୁ ଏସବୁ ଯୋଜନା ପାଇଁ ବଜେଟ୍‌ରେ ଅନୁମୋଦନ ହୋଇଥିବା ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ଜଙ୍ଗଲ ଓ ପରିବେଶ ବିଭାଗର ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ପରାମର୍ଶ ଦେଇଛି।

### ତପ୍ତପାଣି, ମାଙ୍ଗଡ଼ାଡିଆଁ ଓ ଭିତରକନିକାର ଉନ୍ନତୀକରଣ ପାଇଁ ପରାମର୍ଶ

କମିଟି ଉପସ୍ଥାପନା କରିଥିବା ରିପୋର୍ଟରେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଟଙ୍କା ଉପରେ ମଧ୍ୟ ଦର୍ଶାଇଛି। ରିପୋର୍ଟ ଅନୁସାରେ, କାମ୍ପା ପ୍ରୋଜେକ୍ଟ ଓ ଷ୍ଟେଟ୍ ପ୍ଲାନ୍ ଅଧୀନରେ ଭୁବନେଶ୍ୱରରେ ଏକ ଫରେଷ୍ଟ ଏକାଡେମୀ ନିର୍ମାଣ ହେଉଛି। ଏଠାରେ ହେବାକୁ ଥିବା ଫାକଲ୍‌ଟି ଓ ଷ୍ଟାଫ୍ କ୍ୱାର୍ଟର୍ସ ପାଇଁ ମୋଟ ୫କୋଟି ଆବଶ୍ୟକ ରହିଥିବା ବେଳେ ବଜେଟ୍‌ରେ ୨କୋଟି ଟଙ୍କା ପାଇଁ ଅନୁମୋଦନ ହୋଇଛି। ତେଣୁ ଆଉ ୩କୋଟି ଦେବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ସେହିଭଳି ନନ୍ଦନକାନନରେ ଏକ ମଲ୍‌ଟି ଲେଭଲ ପାର୍କିଂ ନିର୍ମାଣ କାର୍ଯ୍ୟ ଚାଲିଛି। ନୂଆ କାଠଯୋଡ଼ି ବ୍ରିଜ୍ ହେବା ପରେ କଟକ ପର୍ଯ୍ୟନ୍ତ ନନ୍ଦନକାନନ ରୋଡ୍‌କୁ ବଢ଼ାଯାଉଛି। ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ନନ୍ଦନକାନନକୁ ପ୍ରବେଶ ଓ ପ୍ରସ୍ଥାନ ପାଇଁ ରାସ୍ତାରେ ଏକ ଅଣ୍ଡରପାସ୍ ହେବ। ଏହିସବୁ କାର୍ଯ୍ୟ ପାଇଁ ଆଉ ୫କୋଟି ଦେବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ଚିଲିକା ଲାଗୁନ୍‌ର ମ୍ୟାନେଜ୍‌ମେଣ୍ଟ ଓ ସଂରକ୍ଷଣ ସହିତ ବିଭିନ୍ନ ଗବେଷଣା ଏବଂ ଜବରଦଖଲ ଉଚ୍ଛେଦ ପାଇଁ ଅଧିକ ଟଙ୍କାର ଆବଶ୍ୟକ ରହିଥିବା କମିଟି କହିଛି। ତେଣୁ ଅନୁମୋଦିତ ହୋଇଥିବା ୪କୋଟି ବଜେଟ୍‌ରେ ଆଉ ୩କୋଟି ଟଙ୍କା ଦେବାପାଇଁ କମିଟି ପକ୍ଷରୁ କୁହାଯାଇଛି। ସେହିଭଳି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ତପ୍ତପାଣି ଓ ମାଙ୍ଗଡ଼ାଡିଆଁ ଉନ୍ନତୀକରଣ ଏବଂ ଭିତରକନିକା ଜାତୀୟ ଉଦ୍ୟାନରେ ଇକୋ-ଟୁରିଜମ୍ ଭିତ୍ତିଭୂମିର ଉନ୍ନତୀକରଣ ପାଇଁ କମିଟି ପରାମର୍ଶ ଦେଇଛି।


## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଖରିଫ-୨୦୧୯

सत्यमेव जयते

(ଭାରତ ସରକାର, ଓଡ଼ିଶା ସରକାର ଏବଂ ଏଗ୍ରିକଲଚର ଇନ୍ସ୍ୟୁରାନ୍ସ କମ୍ପାନୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକାରୀ)

**ଋଣୀ ଓ ଅଣଋଣୀ ଚାଷୀମାନଙ୍କ ପାଇଁ ବିଶେଷ ସୂଚନା**

ଭାରତ ସରକାରଙ୍କ ଏହି ଯୋଜନାକୁ ଓଡ଼ିଶା ସରକାରଙ୍କ ଦ୍ୱାରା ଖରିଫ୍-୨୦୧୯ ଋତୁ ପାଇଁ ଏଗ୍ରିକଲଚର ଇନ୍ସ୍ୟୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏ.ଆଇ.ସି.)କୁ ବୌଦ୍ଧ, କନ୍ଧମାଳ, କୋରାପୁଟ, ନୂଆପଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ କରିବା ନିମନ୍ତେ ଅଧିକୃତ କରିଛନ୍ତି। ଏହି ଋତୁ ପାଇଁ ଓଡ଼ିଶା ସରକାରଙ୍କ ଅଧିସୂଚନା ସମସ୍ତ ଜିଲ୍ଲା ସହକାରୀ ବ୍ୟାଙ୍କ, ଗ୍ରାମ୍ୟ ବ୍ୟାଙ୍କ, ବ୍ୟବସାୟିକ ବ୍ୟାଙ୍କ, ଜିଲ୍ଲା ଓ ବ୍ଲକ୍ କୃଷି ଅଧିକାରୀ, ଡି.ଡି.ଏମ୍. (ନାବାର୍ଡ଼) ଏବଂ ଏଲ୍.ଡି.ଏମ୍.ମାନଙ୍କ ପାଖରେ ଉପଲବ୍ଧ ଅଛି।

୧. **ବିଜ୍ଞାପିତ ବୀମା ଯୋଗ୍ୟ ଫସଲ:**- ଧାନ, ଚିନାବାଦାମ, ମକା, ହରଡ଼, ମାଣ୍ଡିଆ, କପା, ହଳଦୀ, ଅଦା।
୨. **ବିଜ୍ଞାପିତ ବୀମା ଏକକ:**- ଧାନ ଫସଲ ପାଇଁ ସମସ୍ତ ଗ୍ରାମପଞ୍ଚାୟତ, ଏନ୍.ଏ.ସି., ମ୍ୟୁନିସିପାଲିଟି। ଅନ୍ୟ ଫସଲ ପାଇଁ ନିର୍ଦ୍ଦିଷ୍ଟ ବ୍ଲକ୍।
୩. ଋଣୀ ଚାଷୀଙ୍କ ପାଇଁ ବୀମା ବାଧ୍ୟତାମୂଳକ ଏବଂ ଅଣଋଣୀଙ୍କ ପାଇଁ ଇଚ୍ଛାଧୀନ।
୪. **ମୁଖ୍ୟ ବୀମା ସୁରକ୍ଷା:**- ପ୍ରାକୃତିକ ବିପର୍ଯ୍ୟୟ, ରୋଗ ଏବଂ ପୋକ କାରଣରୁ, ବୀମିତ ଫସଲର ବାସ୍ତବିକ ଉତ୍ପାଦନ ସେହି ଅଧିସୂଚିତ ବୀମା ଏକକ (ଗ୍ରାମପଞ୍ଚାୟତ/ବ୍ଲକ୍) ନିମନ୍ତେ ପୂର୍ବନିର୍ଦ୍ଧାରିତ ନିଶ୍ଚିତ ଉତ୍ପାଦନଠାରୁ କମ୍ ହେଲେ ବୀମାଭୁକ୍ତ ଚାଷୀଙ୍କୁ ସ୍ୱତଃପ୍ରବୃତ୍ତ ବୀମା କ୍ଷତିପୂରଣ ପ୍ରଦାନ।
୫. **ଅତିରିକ୍ତ ବୀମା ସୁରକ୍ଷା:**
(କ) **ଧାନ ବୁଣା କିମ୍ବା ରୁଆରେ ବିଫଳତା:** (ଗ୍ରାମପଞ୍ଚାୟତ ଆଧାରିତ) ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କୌଣସି ଅଞ୍ଚଳରେ ୭୫%ରୁ ଅଧିକ ଶସ୍ୟ କ୍ଷେତ୍ରରେ ଧାନ ବୁଣା କିମ୍ବା ରୁଆ ହୋଇନପାରିଲେ ବୀମିତ ରାଶିର ୨୫% ପର୍ଯ୍ୟନ୍ତ କ୍ଷତିପୂରଣ।
(ଖ) **ସ୍ଥାନୀୟ ଆପଦା ଯୋଗୁଁ କ୍ଷତି:** (ବ୍ୟକ୍ତିଗତ ଆଧାରିତ) ଭୂସ୍ଖଳନ, କରକାପାତ, ବାଦଲଫଟା ବର୍ଷା, ବଜ୍ରପାତଜନିତ ଅଗ୍ନିକାଣ୍ଡ ଓ ଜଳପ୍ଳାବନ କାରଣରୁ ବ୍ୟକ୍ତିଗତ କୃଷକଙ୍କୁ କ୍ଷତିପୂରଣ।
(ଗ) **ଅନ୍ତବର୍ତ୍ତୀ କ୍ଷତିପୂରଣ ପ୍ରଦାନ:** (ଗ୍ରାମପଞ୍ଚାୟତ ଆଧାରିତ) ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଫସଲ କ୍ଷତି ହେଲେ, ସମ୍ଭାବ୍ୟ କ୍ଷତିପୂର୍ତ୍ତି ରାଶିର ୨୫% ପର୍ଯ୍ୟନ୍ତ ଅଗ୍ରିମ କ୍ଷତିପୂରଣ।
(ଘ) **ଅମଳ ପରବର୍ତ୍ତୀ ଫସଲ କ୍ଷତି:** (ବ୍ୟକ୍ତିଗତ ଆଧାରିତ) ଧାନକଟାର ୧୪ ଦିନ ଭିତରେ ବାତ୍ୟା, କରକାପାତ କିମ୍ବା ଅଦିନିଆ ବର୍ଷା କାରଣରୁ ବିଲରେ ଶୁଖିବା ପାଇଁ ବିଛାଡ଼ି ହୋଇ ପଡ଼ିଥିବା କଟା ଧାନର କ୍ଷତିହେଲେ ବ୍ୟକ୍ତିଗତ କୃଷକଙ୍କୁ କ୍ଷତିପୂରଣ।
୬. **କୃଷକଙ୍କ ପାଇଁ ପ୍ରିମିୟମ ଦର:**- ଧାନ ଏବଂ ଅନ୍ୟ ଖାଦ୍ୟ ତୈଳବୀଜ ଫସଲ ପାଇଁ ସର୍ବାଧିକ ୨%, ବାର୍ଷିକ ଓ ବ୍ୟବସାୟିକ ଫସଲ ପାଇଁ ସର୍ବାଧିକ ୫%।
୭. **କେଉଁଠାରେ ବୀମା କରିବେ:**- ବ୍ୟାଙ୍କ ଶାଖା, ସମବାୟ ସମିତି, ସାର୍ବଜନୀକ ସେବା କେନ୍ଦ୍ର (CSC), ଭାରତ ସରକାରଙ୍କ PMFBY ପୋର୍ଟାଲ କିମ୍ବା ଏ.ଆଇ.ସି. କ୍ଷେତ୍ରୀୟ କାର୍ଯ୍ୟାଳୟ ସହିତ ସିଧାସଳଖ ଯୋଗାଯୋଗ କରି ବୀମା କରିପାରିବେ।
୮. ବୀମା କରିବାର ଶେଷ ତାରିଖ: **୩୧।୦୭।୨୦୧୯**

ଓଡ଼ିଶା ଶାସନ

ସୂଚନା ଓ ଲୋକସମ୍ପର୍କ ବିଭାଗ OD/PMFBY/KH2019/01/NP

### ଏଗ୍ରିକଲଚର ଇନ୍ସ୍ୟୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ ଲିମିଟେଡ୍

कृषक यत्न रक्षणम्

**କ୍ଷେତ୍ରୀୟ କାର୍ଯ୍ୟାଳୟ:** 'ଦି ମଦର' (ପ୍ରଥମ ମହଲା), ପ୍ଲଟ୍ ନଂ.-୮୭, ସତ୍ୟନଗର, ଭୁବନେଶ୍ୱର- ୭୫୧୦୦୭, ଫୋନ୍ ନଂ.: ୦୬୭୪-୨୫୭୦୦୨୩
ଫ୍ୟାକ୍ସ ନଂ.: ୦୬୭୪-୨୫୭୨୪୦୯, CIN No.: U74999DL2002PLC118123,
ଇମେଲ: ro.bhubaneswar@aicofindia.com, ୱେବ୍‌ସାଇଟ୍: www.aicofindia.com

**ମୁଖ୍ୟ କାର୍ଯ୍ୟାଳୟ:** ପ୍ଲଟ୍-ବି 'ଓ' ସି, ପଞ୍ଚମ ମହଲା, ବ୍ଲକ୍-୧, ପୂର୍ବ କିଦୱାଇ ନଗର, ନୂଆଦିଲ୍ଲୀ-୧୧୦୦୨୩
ଫୋନ୍ ନଂ.: +୯୧-୦୧୧-୨୪୬୦୪୪୪୪, ଇ-ମେଲ୍: aicho@aicofindia.com

ଅଭିଯୋଗ ଥିଲେ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଭିଯୋଗ ନିବାରଣ ଅଧିକାରୀଙ୍କ ସହ ୦୬୭୪-୨୫୭୦୦୨୩ରେ ସମ୍ପର୍କ କରନ୍ତୁ କିମ୍ବା http://www.aicofindia.com/AICEng/Pages/GrievanceHome.aspxରେ ଲଗ୍‌ଅନ କରନ୍ତୁ। ନିଃଶୁଳ୍କ ସହାୟକ ସେବା ୧୮୦୦-୧୧୬-୫୧୫ କିମ୍ବା fasalbima@aicofindia.comରେ ଇମେଲ୍ କରନ୍ତୁ।

UIN- IRDAN126P0001201617 "ଯଦି ଭାବୁଛନ୍ତି ଫସଲ ବୀମା, ଭାବନ୍ତୁ ଏ.ଆଇ.ସି. ସଦାସର୍ବଦା" ବୀମା ଆଗ୍ରହର ବିଷୟବସ୍ତୁ



DSPL-46



"Odisha has always strived to provide a hassle-free business environment for MSMEs to operate and now with **Industry Care**, we are taking another step towards achieving that vision."

## Take advantage of first-of-its-kind grievance resolution mechanism: Industry Care

All existing & upcoming MSMEs with investment above INR 1 crore are invited to log their grievances/issues, if any, on the e-Suvidha portal through GO SWIFT (URL: https://investodisha.gov.in/goswift/)

### Key Features

- Online logging of grievances – no physical interface required
- Provision to tag concerned Department responsible for resolution
- Real-time tracking of status of resolution
- Pendency of issues reviewed by Hon'ble Chief Minister
- Monthly review meeting at the district-level under the chairpersonship of concerned Collector and by Principal Secretary, MSME Department at the state-level

ODISHA NEW OPPORTUNITIES

14005/13/0004/1920

In case of any difficulty to log in, please call helpline at 1800 345 7157

## ସଂକ୍ଷେପରେ

### କଟକ ସଭାରେ ଭାଜପାର ଗଣ୍ଡଗୋଳ ପ୍ରସଙ୍ଗ

## ଜ୍ୟୋତିରଞ୍ଜନ, ଦେବାଶିଷ ଦଳରୁ ନିଲମ୍ବିତ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ):** କଟକ ନଗର ଭାଜପାର ଦୁଇଗୋଷ୍ଠୀ ମଧ୍ୟରେ ଗତ ରବିବାର ବିବାଦ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଟାଉନ ହଲଠାରେ ନଗର ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ ପାଇଁ ଏକ ବୈଠକ ଚାଲିଥିଲା ବେଳେ ହଠାତ୍ ଦୁଇ ଗୋଷ୍ଠୀ ଧସ୍ତାଧସ୍ତି ହୋଇଥିଲେ। ଏପରି କି ହଲ୍ ଭିତରେ ଚେୟାର ଭଙ୍ଗାରୁଜା ସହ ବ୍ୟାନର ମଧ୍ୟ ଚିରି ଦିଆଯାଇଥିଲା। ଜଣେ ପୂର୍ବତନ ସଦସ୍ୟଙ୍କ ଉପସ୍ଥିତିକୁ ନେଇ ଏଭଳି ସ୍ଥିତି ଉପୁଜିଥିବା ସେତେବେଳେ ଚର୍ଚ୍ଚା ଜୋର୍ ଧରିଲା। ଏହି ଘଟଣାରେ ସୋମବାର ଭାଜପାର ଦଳୀୟ ଅନୁଶାସନ ଭଙ୍ଗ, ବିଶୃଙ୍ଖଳିତ କାର୍ଯ୍ୟ ଏବଂ ଦଳର ସାଙ୍ଗଠନିକ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରିଥିବା ଦୁଇଜଣଙ୍କୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ କରିଥିବା ଦର୍ଶାଯାଇ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନକ୍ରମେ କଟକ ନଗର ଜିଲା ଯୁବମୋର୍ଚ୍ଚା ସଭାପତି ଜ୍ୟୋତିରଞ୍ଜନ ପଲେଇ ଏବଂ ଯୁବମୋର୍ଚ୍ଚା ଜିଲା ପ୍ରଭାରୀ ଦେବାଶିଷ ଘୋଷଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି। ଏନେଇ ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

### ପିକ୍‌ଅପ୍ ଭ୍ୟାନ୍-ବାଇକ୍ ମଧ୍ୟରେ ଧକ୍କା

## ଯୁବକଙ୍କ ମୁଣ୍ଡ ଛିଣ୍ଡି ରାସ୍ତାରେ ପଡ଼ିଲା

**କୁଚିଣ୍ଡା, ୧୫।୭ (ଡି.ଏନ.ଏ.):** ସମ୍ବଲପୁର ଜିଲା ମହୁଲପାଲି ଥାନା ଅଧୀନ ଗୋଛରା ଗ୍ରାମରେ ସୋମବାର ସନ୍ଧ୍ୟାରେ ଏକ ବାଇକ ସହ ଗୋଟିଏ ପିକଅପ୍ ଭ୍ୟାନ୍‌ର ଦୁର୍ଘଟଣା ଘଟିଛି। ଏଥିରେ ବାଇକ୍ ଚାଳକଙ୍କ ମୁଣ୍ଡ ଛିଣ୍ଡି ଯାଇ ଦୁର୍ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବଗଡ଼ ଜିଲା ଲଇମୁରା ପିଚୋପଡାର ଜଗଦୀଶ ମୁଣ୍ଡା (୩୦)। ଡିଜେଲ ବୋଝେଇ ପିକଅପ୍ ଭ୍ୟାନ୍ (ନଂ. ଓଡି ୧୫ ସି- ୨୫୮୧)ଟି ଗୋଛରା ପଟକୁ ଆସୁଥିବା ବେଳେ ସେହି ରାସ୍ତା ପଟୁ ବାଇକ (ନଂ. ଓଆର ୧୫ ଆର- ୪୨୬୩)ରେ ଜଗଦୀଶ ନିଜ ଘରକୁ ଯାଉଥିଲେ। ହେଲେ ପିକଅପ୍ ଭ୍ୟାନ୍ ଡାଲାରେ ପିଟି ହୋଇ ଜଗଦୀଶଙ୍କ ମୁଣ୍ଡ ଛିଣ୍ଡି ଯାଇଥିଲା। ରାସ୍ତା ଉପରେ ମୁଣ୍ଡ ପଡିବା ପରେ ପିକଅପର ପଛ ଚକା ଏହା ଉପରେ ଚଢି ଯାଇଥିଲା। ଜଗଦୀଶଙ୍କ ଶରୀର ରାସ୍ତା କଡ ବିଲରେ ପଡିଥିଲା। ଖବର ପାଇ ମହୁଲପାଲି ଥାନା ପୋଲିସ ପହଞ୍ଚିଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଇ ଗାଡି ଦୁଇଟିକୁ ଜବତ କରିଛି।

### ■ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ନେଇ ଭୁବନେଶ୍ୱରରେ ବୈଠକ

# ବର୍ଷେ ପରେ ବଦଳିବ ସୁନ୍ଦରୀ ଠିକଣା

**ବନ୍ତଲା,୧୫।୭(ଡି.ଏନ.ଏ.)**

- ■ ୨୫ ହେକ୍ଟରରେ କରାଯିବ ନୂଆ ଏନକ୍ଲୋଜର
- ■ ସ୍ଥାନ ନିରୂପଣ କରିବେ ଏନ୍‌ଟିସିଏ, ଡବ୍ଲ୍ୟୁଆଇଆଇ ଟିମ୍
- ■ ଅସଫଳ ଆନ୍ତଃ ରାଜ୍ୟ ପ୍ରକ୍ରିୟାକୁ ସଫଳ କରିବା ଉପରେ ଗୁରୁତ୍ୱ



ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ନେଇ ସୋମବାର ଭୁବନେଶ୍ୱରର ଅରଣ୍ୟ ଭବନରେ ଅନୁଷ୍ଠିତ ହୋଇଥିଲା ଏକ ଉଚ୍ଚସ୍ତରୀୟ ବୈଠକ। ଏଥିରେ ପ୍ରଥମ ଆନ୍ତଃ ରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା ପ୍ରାଥମିକ ପର୍ଯ୍ୟାୟରେ ଅସଫଳ ହୋଇଥିବା କୁହାଯିବା ସହ ଏହାକୁ ସଫଳ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ରାଇଗୁଡ଼ାସ୍ଥିତ ୨ ହେକ୍ଟର ଏନ୍‌କ୍ଲୋଜର ମଧ୍ୟରେ ଥିବା ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୀର୍ଘଦିନ ଧରି ବନ୍ଦୀ ଜୀବନ କାଟୁଥିବା ସୁନ୍ଦରୀ ପାଇଁ ୨୫ ହେକ୍ଟରର ଏକ ନୂତନ ଏନ୍‌କ୍ଲୋଜର ନିର୍ମାଣ କରାଯିବ। ପ୍ରାୟ ବର୍ଷେ ମଧ୍ୟରେ ଏକ ନୂତନ ସ୍ଥାନରେ ଏହାର ନିର୍ମାଣ ଶେଷହେଲେ ସୁନ୍ଦରୀକୁ ସେଠାକୁ ସ୍ଥାନାନ୍ତର କରାଯିବ ବୋଲି ବୈଠକରୁ ସୂଚନା ମିଳିଛି।

ଅପରାହ୍ନ ୪ଟାରୁ ୬ଟା ଯାଏ ଚାଲିଥିବା ଏହି ବୈଠକରେ ବାଘୁଣୀ ସୁନ୍ଦରୀକୁ ନେଇ ବିଗତ ଦିନରେ ସାତକୋଶିଆରେ ଘଟିଯାଇଥିବା ଘଟଣା ଓ ଦୁର୍ଘଟଣା ଉପରେ ଆଲୋଚନା ହୋଇଥିଲା। ଦୀର୍ଘ ମାସ ଧରି ସୁନ୍ଦରୀ ରାଇଗୁଡା ଏନକ୍ଲୋଜରରେ ରହିଥିବାରୁ ତାହାର ବ୍ୟାଘ୍ର ପ୍ରବୃତ୍ତି ବଦଳି ଯାଇଛି। ଛୋଟ ଏନକ୍ଲୋଜରରେ ରହିବା ଯୋଗୁ ସେ ଶିକାର ଅଭ୍ୟାସ କରିପାରୁ ନାହିଁ। ତେଣୁ ସୁନ୍ଦରୀର ବନ୍ୟଜନ୍ତୁ ପ୍ରବୃତ୍ତି ଫେରାଇ ଆଣିବାକୁ ଉଦ୍ୟମ କରିବା ନିମନ୍ତେ ଦୁଇ ହେକ୍ଟମଭର ଏନକ୍ଲୋଜରକୁ ୨୫ ହେକ୍ଟର ବିଶିଷ୍ଟ ଏନକ୍ଲୋଜର କରାଯିବ। ଯେଉଁଥିରେ ଅଧିକ ସଂଖ୍ୟକ ତୃଣଭୋଜୀ ପ୍ରାଣୀ ରହିବା ସହିତ ବାଘୁଣୀ ସୁନ୍ଦରୀର ଶିକାର ଅଭ୍ୟାସ ହୋଇପାରିବ। ଏଥିପାଇଁ ଏନ୍‌ଟିସିଏ ଓ ଡବ୍ଲ୍ୟୁଆଇଆଇ ଟିମ୍ ସାତକୋଶିଆ କିମ୍ବା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସର୍ଭେ କଲା ପରେ ସ୍ଥାନ ନିରୂପଣ କରିବେ। ଏହି ପ୍ରକ୍ରିୟାକୁ ଏକ ବର୍ଷ ଲାଗିବ। ଏବେ ସୁନ୍ଦରୀର ଭାଗ୍ୟ ପୂର୍ବପରି ରାଇଗୁଡ଼ା ଏନକ୍ଲୋଜର ମଧ୍ୟରେ ସୀମିତ ରହିବ। ଉକ୍ତ ବୈଠକରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ମୁଖ୍ୟ ଡ. ଅନୁପ ନାୟକଙ୍କ ସହ ତାଙ୍କ ଟିମ୍, ପିସିସିଏଫ୍ (ବନ୍ୟପ୍ରାଣୀ) ଅଜୟ ମହାପାତ୍ର, ପିସିସିଏଫ, ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ପ୍ରଦୀପ ରାଜ କରାଟେ, ସାତକୋଶିଆ ଡିଏଫଓ ପି. ରାମସ୍ୱାମୀ, ମହାନଦୀ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ। ତେବେ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆ (ଡବ୍ଲ୍ୟୁଆଇଆଇ) ଟିମ୍ ଉପସ୍ଥିତ ନ ଥିଲେ।

ଏ ବିଷୟରେ ଏନ୍‌ଟିସିଏ କର୍ତ୍ତୃପକ୍ଷ ଅନୁପ ନାୟକ କହିଛନ୍ତି, ସୁନ୍ଦରୀର ବନ୍ୟଜନ୍ତୁ ପ୍ରବୃତ୍ତି ଫେରାଇ ଆଣିବାକୁ ଉଦ୍ୟମ କରାଯିବ। ଦୁଇ ହେକ୍ଟର ଏନକ୍ଲୋଜରକୁ ବଢ଼ାଇ ୨୫ ହେକ୍ଟର କରାଯିବ। ଏଥିରେ ବାଘୁଣୀକୁ ଶିକାର ଅଭ୍ୟାସ କରାଇବା ପାଇଁ ତୃଣଭୋଜୀ ପ୍ରାଣୀ ରଖାଯିବ। ଏନ୍‌ଟିସିଏ ଓ ଡବ୍ଲ୍ୟୁଆଇଆଇ ଟିମ୍ ସ୍ଥାନ ଚିହ୍ନଟ କରିବେ। ଏହି ପ୍ରକ୍ରିୟା ଶେଷ ହେବାକୁ ପ୍ରାୟ ଏକ ବର୍ଷ ଲାଗି ପାରେ ବୋଲି ନାୟକ ପ୍ରକାଶ କରିଛନ୍ତି। ପିସିସିଏଫ(ବନ୍ୟପ୍ରାଣୀ) ଅଜୟ ମହାପାତ୍ର କହିଛନ୍ତି, ସୁନ୍ଦରୀ ବନ୍ୟଜନ୍ତୁ ପ୍ରବୃତ୍ତି ଫେରାଇ ଆଣିବାକୁ ବ୍ୟାପକ ଉଦ୍ୟମ କରାଯିବ। ଦେଶର ପ୍ରଥମ ଆନ୍ତରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା ଦୁର୍ଭାଗ୍ୟବଶତଃ ପ୍ରାଥମିକ ପର୍ଯ୍ୟାୟରେ ଅସଫଳ ହୋଇଛି। କିନ୍ତୁ ଏହାକୁ ସଫଳ କରି ଦେଖାଇବୁ ବୋଲି ମହାପାତ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳକୁ ନେଇ ଅଡୁଆ ପରିସ୍ଥିତି

# କାର୍ଯ୍ୟକାରୀ ହେଲାନି ହାଇକୋର୍ଟ ଆଦେଶ

**କଟକ ଅଫିସ,୧୫।୭**

ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ। ୨୦୧୩ ଜାନୁୟାରୀ ୨୧ରେ ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ନିମନ୍ତେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତଦନୁଯାୟୀ ସଂରକ୍ଷିତ ଅଞ୍ଚଳ ମଧ୍ୟରେ ବସତି ସ୍ଥାପନ କରିଥିବା ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସରକାର ଆଦେଶନାମା ଜାରି କରିଥିଲେ। ତେବେ ସ୍ଥାନାନ୍ତର ବଦଳରେ ଯୋଗ୍ୟ ହିତାଧିକାରୀମାନଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବାକୁ ସରକାର ଘୋଷଣାନାମାରେ ଉଲ୍ଲେଖ କରିଥିଲେ। ଏଥିପାଇଁ ଏକ ଆବେଦନପତ୍ର ମଧ୍ୟ ସରକାର ପ୍ରସ୍ତୁତ କରିଥିଲେ। କିନ୍ତୁ ଏହି କ୍ଷତିପୂରଣ ଦେବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଫଳରେ ବିସ୍ଥାପିତ ହେବାକୁ ଥିବା ଲୋକେ ଏ ସମ୍ପର୍କରେ ଜିଲାପାଳ, ବନଖଣ୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ୨୯ ଜଣ ବିସ୍ଥାପିତ ପରିବାର ୨୦୧୮ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଗତ ଫେବୃୟାରୀରେ ସରକାରଙ୍କୁ ଆଦେଶନାମା ଜାରି କରିଥିଲେ। ଏହି ଆଦେଶନାମା ଅନୁଯାୟୀ ବିସ୍ଥାପିତମାନଙ୍କୁ ନିୟମାବଳୀ ଅନୁଯାୟୀ ୬ ସପ୍ତାହ ମଧ୍ୟରେ ଥଇଥାନ କରିବାକୁ କୁହାଯାଇଥିଲା। କିନ୍ତୁ ଇତିମଧ୍ୟରେ ଅନେକ ଦିନ ବିତିଗଲାଣି। ମାତ୍ର ବିସ୍ଥାପିତଙ୍କ କ୍ଷେତ୍ରରେ ସରକାର କୌଣସି ବ୍ୟବସ୍ଥା କରିନାହାନ୍ତି। ଅନ୍ୟପକ୍ଷରେ ବାଘ ସୁନ୍ଦରୀର ଆତଙ୍କ ସମୟରେ ସ୍ଥାନୀୟ ପ୍ରଶାସନ ଜୋରଜବରଦସ୍ତ ସଂରକ୍ଷିତ ଅଞ୍ଚଳ ମଧ୍ୟରେ ବସବାସ କରୁଥିବା ଲୋକଙ୍କ ଘର ଭାଙ୍ଗି ଦେଇଥିଲା। ତେଣୁ ବାସହରାମାନେ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ତେଣୁ ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରା ନ ଯିବାରୁ ପୁନର୍ବାର ବିସ୍ଥାପିତମାନେ କୋର୍ଟ ଆଦେଶ ଅବମାନନା ମାମଲା ରୁଜୁ କରିବାକୁ ପ୍ରସ୍ତୁତ ହେଉଥିବା ଆଡଭୋକେଟ ନିରଞ୍ଜନ ହୋତା କହିଛନ୍ତି।

**କୋର୍ଟ ଅବମାନନା ମାମଲା ପାଇଁ ବିସ୍ଥାପିତଙ୍କ ପ୍ରସ୍ତୁତି**

### ପାରାଦୀପରେ ପ୍ରତିଷ୍ଠା ହେବ ଲବଣ ଅପସାରଣ କାରଖାନା

# ସମୁଦ୍ର ଜଳରୁ ସଂଗ୍ରହ ହେବ ମଧୁର ଜଳ



ଚୁକ୍ତି ସ୍ୱାକ୍ଷର ବେଳେ ଉପସ୍ଥିତ ପାରାଦୀପ ବନ୍ଦର ଓ ଏନ୍‌ଆଇଓଟିର ଅଧିକାରୀମାନେ।

**ପାରାଦୀପ,୧୫।୭ (ସ୍ୱ.ପ୍ର.)**

- ■ ବନ୍ଦର ଓ ଏନଆଇଓଟି ମଧ୍ୟରେ ଚୁକ୍ତି ସ୍ୱାକ୍ଷର
- ■ ବ୍ୟୟ ହେବ ୧୧୬ କୋଟି ଟଙ୍କା
- ■ ଦୈନିକ ସଂଗ୍ରହ ହେବ ୧୦ ନିୟୁତ ଲିଟର ପାଣି

ବିଶ୍ୱରେ ଜନସଂଖ୍ୟା ବୃଦ୍ଧି ସହ ପାନୀୟଜଳର ଅଭାବ ଚିନ୍ତାର ବିଷୟ ହେଲାଣି। ଏଥିପାଇଁ ପାଣିକୁ ନେଇ ରାଜ୍ୟ-ରାଜ୍ୟ ଓ ଦେଶ-ଦେଶ ମଧ୍ୟରେ ବିବାଦ ସୃଷ୍ଟି ହେଉଛି। ଶିଳ୍ପ ସମୃଦ୍ଧ ପାରାଦୀପରେ ମଧ୍ୟ ପାନୀୟଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏହାର ସମାଧାନ ନିମନ୍ତେ ପାରାଦୀପ ବନ୍ଦର ଏକ ଲବଣ ଅପସାରଣ କାରଖାନା ପ୍ରତିଷ୍ଠା କରିବାକୁ ଯାଉଛି। ଏଥିରେ ସମୁଦ୍ରର ଲୁଣିପାଣିକୁ ଶୋଧନ କରି ମଧୁର ଜଳ ବାହାର କରାଯିବ। ଏହି ପ୍ରକଳ୍ପ ଓଡ଼ିଶାରେ ପ୍ରଥମ ବୋଲି କୁହାଯାଉଛି। ଏନେଇ ସୋମବାର ସନ୍ଧ୍ୟାରେ ପାରାଦୀପ ବନ୍ଦର ଓ ଏନଆଇଓଟି (ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ ଟେକ୍ନୋଲୋଜି) ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ଏନ୍‌ଆଇଓଟି ହେଉଛି କେନ୍ଦ୍ର ସରକାରଙ୍କ ଭୂତଳ ବିଜ୍ଞାନ ଅଧୀନ ସ୍ୱିକୃତିପ୍ରାପ୍ତ ସଂସ୍ଥା। ପାରାଦୀପ ବନ୍ଦର ମୁଖ୍ୟଯନ୍ତ୍ରୀ କେ. ରାମଚନ୍ଦ୍ର ରାଓ, ଏନଆଇଓଟିର ପ୍ରକଳ୍ପ ନିର୍ଦ୍ଦେଶକ ଏମ୍.ଭି. ରାମଣାମୂର୍ତ୍ତି ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏ ସମ୍ପର୍କରେ ଦୁଇ ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ପ୍ରକଳ୍ପ ପାଇଁ ୧୧୬ କୋଟି ଟଙ୍କା ପାରାଦୀପ ବନ୍ଦର ଖର୍ଚ୍ଚ କରିବ। ଏଥିପାଇଁ ଆବଶ୍ୟକ ୩ରୁ ୪ ଏକର ଜାଗା ମଧ୍ୟ ଯୋଗାଇଦେବ। ଉକ୍ତ ପ୍ରକଳ୍ପରୁ ଦୈନିକ ୧୦ ଏମ୍‌ଏଲ୍‌ଡି ମଧୁର ଜଳ ସଂଗ୍ରହ ହେବ। ଏହାକୁ ଖରାଦିନେ ସାଧାରଣ ଲୋକଙ୍କ ସହ ଜାହାଜକୁ ମଧ୍ୟ ଯୋଗାଇ ଦିଆଯିବ। ଏନେଇ ଚଳିତବର୍ଷ ଶେଷ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଶେଷ ହେବ। ପ୍ରକଳ୍ପ ପାଇଁ ୨ରୁ ୩ ବର୍ଷ ଲାଗିବ। ଏହି ଚୁକ୍ତିପତ୍ର ସ୍ୱାକ୍ଷରବେଳେ ସର୍ବୋଚ୍ଚ ଯନ୍ତ୍ରୀ ପି.କେ.ବିନ୍ଧାଣୀ, ପରାମର୍ଶଦାତା ଜିତ୍‌ଶତ୍ରୁ ମହାନ୍ତି, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ବିନାୟକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଭିମ୍‌ସାରର ୨୨ ପଦବୀ ପୂରଣ ହେଲା

**ସମ୍ବଲପୁର,୧୫।୭(ବ୍ୟୁରୋ)**

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ବହୁ ଦିନ ହେଲା ଖାଲି ପଡିଥିବା ପ୍ରଫେସର, ସହକାରୀ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ହୋଇଛି। ଜଣେ ପ୍ରଫେସର ଓ ଜଣେ ସହକାରୀ ପ୍ରଫେସରଙ୍କ ସହ ୨୦ ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯାଇଥିବା ଭିମ୍‌ସାରର ଚିଠି ନଂ ୩୦୪/୧୯ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି। ଭିମ୍‌ସାର ପକ୍ଷରୁ ସେମାନଙ୍କ ନାମ ତାଲିକା ବି ପ୍ରକାଶ ପାଇଛି। ହେଲେ ଏହି ୨୨ ଜଣଙ୍କ ଭିତରୁ ୧୩ ଜଣ ବିଭିନ୍ନ ସରକାରୀ ଡାକ୍ତରଖାନାରେ କାମ କରୁଛନ୍ତି। ଏଣୁ ସେମାନଙ୍କୁ ରିଲିଭ କରିବା ପାଇଁ ଅନୁରୋଧ କରାଯାଇଛି। ଫଳରେ ସେମାନେ ଆସି ଏଠାରେ ଯୋଗ ଦେବାକୁ ସୁବିଧା ହେବ। ସେହିପରି ଅନ୍ୟ ୯ ଜଣଙ୍କ ଭିତରେ କେତେକ ଅବସରପ୍ରାପ୍ତ ଡାକ୍ତର ରହିଛନ୍ତି। ଆଉ କେତେକ ରାଜ୍ୟ ତଥା ରାଜ୍ୟ ବାହାରେ ଘରୋଇ ଡାକ୍ତରଖାନାରେ କାମ କରୁଛନ୍ତି। ସେହି ଡାକ୍ତରମାନଙ୍କୁ ସିଧାସଳଖ ନିଯୁକ୍ତ କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି। ପ୍ରଫେସର ପଦ ପାଇଁ ଶ୍ରୀବତ୍ସ କୁମାର ମହାପାତ୍ର ଓ ଶୋଭାଗିନୀ ନାଏକଙ୍କୁ ଆସୋସିଏଟ ପ୍ରଫେସର ଭାବେ ନିଯୁକ୍ତି କରାଯାଇଛି। ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ପାଇଥିବା ଡାକ୍ତରଙ୍କ ମଧ୍ୟରେ ଦୀପ୍ତିମୟୀ ପ୍ରଧାନ, ଡାକ୍ତର ନିର୍ଲିପ୍ତ ବେହେରା, ଡାକ୍ତର ପର୍ଶୁରାମ ନାୟକ, ଡାକ୍ତର ମନୋଜ କୁମାର ଯାଦବ, ଡାକ୍ତର ଅମିତ କୁମାର ମିଶ୍ର, ଡାକ୍ତର ସନ୍ତୋଷ ଟେଟେ, ଡାକ୍ତର ପ୍ରଭାତ ରଞ୍ଜନ ରାଇକା, ଡାକ୍ତର ଦେବାଶିଷ ନାଏକ, ଡାକ୍ତର ରବି ନାରାୟଣ ଗୁରୁ, ଡାକ୍ତର ନଗେନ୍ଦ୍ର କୁମାର ରାଜସାମନ୍ତ, ଡାକ୍ତର ଅବିନାଶ ମହାପାତ୍ର, ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର, ଡାକ୍ତର ସୁଧାଂଶୁ ଶେଖର ନାଥ, ଡାକ୍ତର ଶ୍ୱେତାଲିନା ପାଣ୍ଡେ, ଡାକ୍ତର ନୀଳମାଧବ ପଣ୍ଡା, ଡାକ୍ତର ସୌଲେନ କୁମାର ମିଶ୍ର, ଡାକ୍ତର ଇତିଶ୍ରୀ ପୃଷ୍ଟି, ଡାକ୍ତର ମଞ୍ଜୁ ଅଗ୍ରୱାଲ, ଡାକ୍ତର ଗୌରହରୀ ପ୍ରଧାନଙ୍କ ନାମ ରହିଛି ।

## ବଡ଼ରମା ଘାଟିରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଜମନକିରା, ୧୫।୭ (ଡି.ଏନ୍.ଏ.):** ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡିଅନ୍ତର୍ଗତ ବଡ଼ରମା ଘାଟିରୁ ସୋମବାର ସକାଳେ ଜଣେ ବାଇକ ମେକାନିକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ସେ ହେଲେ ବଡ଼ରମା ପଞ୍ଚାୟତ କଦଳୀପାଳ ଗାଁର ଶ୍ୟାମସୁନ୍ଦର ସିଂ(୪୫)। ଏହା ଏକ ହତ୍ୟାକାଣ୍ଡ ବୋଲି ତାଙ୍କ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଏ ନେଇ ଥାନାରେ ହତ୍ୟା ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି। ରବିବାର ରାତିରେ ଜଣେ ବ୍ୟକ୍ତି ବାଇକ୍ ମରାମତି ପାଇଁ ଶ୍ୟାମସୁନ୍ଦରଙ୍କୁ ଘରୁ ଡାକି ନେଇଥିଲେ। ସୋମବାର ଭୋରୁ ବଡ଼ରମା ଘାଟି ମଝି ରାସ୍ତାରେ ତାଙ୍କ ମୁଣ୍ଡ ଉପରେ ଗାଡ଼ି ଚଢ଼ି ଯାଇଥିବା ଖବର ମିଳିଥିଲା। ବାଇକ୍ ଓ ମୃତଦେହର ସ୍ଥିତି ଦେଖିବା ପରେ ଶ୍ୟାମସୁନ୍ଦରଙ୍କୁ ଯୋଜନାବଦ୍ଧ ଭାବେ ଗାଡି ଚଢାଇ ହତ୍ୟା କରାଯାଇ ଦୁର୍ଘଟଣାର ରୂପ ଦିଆଯାଇଥିବା ପରିବାର ଲୋକ ସନ୍ଦେହ କରିଛନ୍ତି।







**ADITYA BIRLA CAPITAL** — PROTECTING INVESTING FINANCING ADVISING

Aditya Birla Housing Finance Limited

ପଞ୍ଜୀକୃତ କାର୍ଯ୍ୟାଳୟ: ଇଣ୍ଡିଆନ୍ ରେୟନ୍ କମ୍ପାଉଣ୍ଡ, ଭେରାଭାଲ, ଗୁଜରାଟ - ୩୬୨ ୨୬୬
ସିଆଇଏନ୍: ୟୁ୬୫୯୨୨ଜିଜେ୨୦୦୯ପିଏଲ୍‌ସି୦୬୪୬୦୩

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ର ଧାରା ୧୩ (୨) ଅଧୀନରେ ନୋଟିସ**

୧. ଶ୍ରୀଯୁକ୍ତ ସଞ୍ଜୟ ଦାସ,
ଠିକଣା:- ସ୍ଥାନ ସାମନ୍ତରାପୁର, ଖୋର୍ଦ୍ଧା (ଏମ୍)
ଖୋର୍ଦ୍ଧା, ଖୋର୍ଦ୍ଧା ଓଡ଼ିଶା ୭୫୨୦୫୫
ଆହୁରି ମଧ୍ୟ: ଶ୍ରୀଯୁକ୍ତ ସଞ୍ଜୟ ଦାସ
ପ୍ଲଟ୍ ନଂ. ୯୭୪/୨୩୪୨/ ଖାତା ନଂ.୮୬୬/୬୮୨, ମୌଜା ପଲ୍ଲା ଥାନା/ଏସ୍‌ଆର୍‌ଓ ତହସିଲ ଜିଲ୍ଲା- ଖୋର୍ଦ୍ଧା, ଖୋର୍ଦ୍ଧା, ଓଡ଼ିଶା, ପିନ୍ ୭୫୨୦୫୫।

୨. ମେସର୍ସ ଅନୁରାଧା ମାର୍ବଲ ଆଣ୍ଡ ଟାଇଲ୍ସ,
ଠିକଣା:- ସ୍ଥାନ ସାମନ୍ତରାପୁର ଖୋର୍ଦ୍ଧା (ଏମ୍)
ଖୋର୍ଦ୍ଧା, ଖୋର୍ଦ୍ଧା ଓଡ଼ିଶା - ୭୫୨୦୫୫
ଆହୁରି ମଧ୍ୟ: ମେସର୍ସ ଅନୁରାଧା ମାର୍ବଲ ଆଣ୍ଡ ଟାଇଲ୍ସ,
ପ୍ଲଟ୍ ନଂ. ୯୭୪/୨୩୪୨/ ଖାତା ନଂ.୮୬୬/୬୮୨, ମୌଜା ପଲ୍ଲା ଥାନା/ଏସ୍‌ଆର୍‌ଓ ତହସିଲ ଜିଲ୍ଲା- ଖୋର୍ଦ୍ଧା, ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୫।

୩. ଶ୍ରୀମତୀ ସୁକାନ୍ତି ଦାସ,
ଠିକଣା: ସ୍ଥାନ, ସାମନ୍ତରାପୁର, ଖୋର୍ଦ୍ଧା (ଏମ୍) ଖୋର୍ଦ୍ଧା, ଖୋର୍ଦ୍ଧା ଓଡ଼ିଶା – ୭୫୨୦୫୫
ଆହୁରି ମଧ୍ୟ ଶ୍ରୀମତୀ ସୁକାନ୍ତି ଦାସ
ପ୍ଲଟ୍ ନଂ. ୯୭୪/୨୩୪୨, ଖାତା ନଂ. ୮୬୬/୬୮୨,ମୌଜା ପଲ୍ଲା ଥାନା/ଏସ୍‌ଆର୍‌ଓ ତହସିଲ/ଜିଲ୍ଲା- ଖୋର୍ଦ୍ଧା, ଖୋର୍ଦ୍ଧା, ଓଡ଼ିଶା - ୭୫୨୦୫୫

**୧. ଋଣ ଖାତା ନଂ. ଏଚ୍‌ଏଫ୍‌ଏଲ୍‌ଏପି୩୨୬୦୧୦୦୦୦୦୩୬୮୫୭ ପରିମାଣ ଟ.୨୯,୩୦,୬୭୧/- (ଅଣତିରିଶ ଲକ୍ଷ ତିରିଶ ହଜାର ଛଅଶହ ଏକସ୍ତରି ଟଙ୍କା ମାତ୍ର) ପାଇଁ**

ଏହିକି ଯେ, ଆଦିତ୍ୟ ବିର୍ଲା ହାଉସିଂ ଫାଇନାନ୍ସ ଲିମିଟେଡ୍, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଇଣ୍ଡିଆନ୍ ରେୟନ୍ କମ୍ପାଉଣ୍ଡ, ଭେରାଭାଲ, ଗୁଜରାଟ ୩୬୨୨୬୬ ଏବଂ ଅନ୍ୟତମ କାର୍ଯ୍ୟାଳୟ ସ୍ଥାନ: ଚୌରିଙ୍ଗୀ ରୋଡ୍, ୨ୟ ମହଲା, ହରାଇଜନ୍ ବିଲ୍‌ଡିଂ, କୋଲକାତା ୭୦୦୦୭୧ (ଏତଦ୍‌ପଶ୍ଚାତ୍ "ଏବିଏଚ୍‌ଏଫ୍‌ଏଲ୍" ଭାବେ ଦର୍ଶିତ) ଆପଣ, ପ୍ରାପ୍ତେଷୁଙ୍କୁ ଋଣ ସୁବିଧା ପ୍ରଦାନ କରିଥିଲେ । କଥିତ କରଜ ସୁବିଧା ପ୍ଲଟ୍ ନଂ. ୯୭୪/୨୩୪୨, ଖାତା ନଂ. ୮୬୬/୬୮୨ ମୌଜା: ପଲ୍ଲା ଥାନା/ଏସ୍‌ଆର୍‌ଓ ତହସିଲ/ଜିଲ୍ଲା ଖୋର୍ଦ୍ଧା, ଖୋର୍ଦ୍ଧା, ଓଡ଼ିଶା, ପିନ୍ ୭୫୨୦୫୫ (ଏତଦ୍‌ପଶ୍ଚାତ୍ "ବନ୍ଧକ ପରିସମ୍ପତ୍ତି" ଭାବେ ଉଲ୍ଲିଖିତ)ର ବନ୍ଧକ ଭାବେ ପ୍ରଦାନ କରାଯାଇଥିଲା।
ଯେ ଆପଣ, ପ୍ରାପ୍ତେଷୁ, ଉପରେ ଦର୍ଶାଯାଇଥିବା ଅନୁଯାୟୀ ଋଣ ଖାତାର ଆର୍ଥିକ ଶୃଙ୍ଖଳାକୁ ବଜାୟ ରଖିବାରେ ବିଫଳ ହୋଇଛନ୍ତି ଏବଂ ଏବିଏଚ୍‌ଏଫ୍‌ଏଲ୍‌ର ବ୍ୟବସାୟର ସାଧାରଣ ବ୍ୟବସାୟ ଧାରାରେ ରକ୍ଷିତ ଖାତା ଅନୁଯାୟୀ ୩୦-ଏପ୍ରିଲ-୨୦୧୯ ସୁଦ୍ଧା ମୂଳ ବକେୟା, ଅନ୍ୟାନ୍ୟ ବକେୟା (ଏକତ୍ରିତ ବିଳମ୍ବ ଶୁଳ୍କ ସମେତ) ଏବଂ ସୁଧ ବାବଦରେ ଟ.୩୦,୪୫,୮୨୯/- (ତିରିଶ ଲକ୍ଷ ପଇଁତାଳିଶ ହଜାର ଆଠଶହ ଅଣତିରିଶ ଟଙ୍କା ମାତ୍ର)ର ଅର୍ଥରାଶି ବକେୟା ରହିଛି। ଉପରୋକ୍ତ ବକେୟା ସମେତ, ବକେୟା ଦେୟ ପୈଠ ହେବା ପର୍ଯ୍ୟନ୍ତ ସୁଧ ଏବଂ ଜରିମାନାମୂଳକ ସୁଧ ଏବଂ/କିମ୍ବା ଅନ୍ୟାନ୍ୟ ଭବିଷ୍ୟତ ଦେୟ ପୈଠ କରିବା ପାଇଁ ମଧ୍ୟ ଆପଣ ଉତ୍ତରଦାୟୀ ଅଟନ୍ତି । ଆପଣ, ପ୍ରାପ୍ତେଷୁଙ୍କ ଅବିରତ ଖିଲାପ କାରଣରୁ ଋଣ ଖାତାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ୦୫ ଏପ୍ରିଲ ୨୦୧୯ରେ ଏବିଏଚ୍‌ଏଫ୍‌ଏଲ୍ ଦ୍ୱାରା ଅଣ-ପ୍ରଦର୍ଶନକାରୀ ପରିସମ୍ପତ୍ତି ଭାବେ ଶ୍ରେଣୀଭୁକ୍ତ କରାଯାଇଛି।
ଉପରୋକ୍ତ ଖିଲାପକୁ ଦୃଷ୍ଟିରେ ରଖାଯାଇ, ଏବିଏଚ୍‌ଏଫ୍‌ଏଲ୍ ଏତଦ୍ୱାରା ଆପଣ, ପ୍ରାପ୍ତେଷୁଙ୍କୁ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୬୦ (ଷାଠିଏ) ଦିନ ମଧ୍ୟରେ ସମ୍ପୃକ୍ତ ତାରିଖ ସୁଦ୍ଧା ସୁଧ, ଖର୍ଚ୍ଚ ଏବଂ ଶୁଳ୍କ ସମେତ ସମ୍ପୂର୍ଣ୍ଣ ବକେୟା ରାଶି ପୈଠ କରି ଏବିଏଚ୍‌ଏଫ୍‌ଏଲ୍ ନିକଟରେ ଆପଣଙ୍କ ସମ୍ପୂର୍ଣ୍ଣ ଦେୟତାକୁ ପୂରଣ କରିବା ପାଇଁ ନିର୍ଦ୍ଦେଶ ଦେଉଛି, ଅନ୍ୟଥା ଏବିଏଚ୍‌ଏଫ୍‌ଏଲ୍ ବନ୍ଧକ ପରିସମ୍ପତ୍ତିକୁ ଦଖଲ ନେବା ସହିତ ଆଇନ ଅଧୀନରେ ଏବିଏଚ୍‌ଏଫ୍‌ଏଲ୍‌କୁ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ହକଦାର ହେବ।
ଦୟାକରି ସୂଚିତ ରୁହନ୍ତୁ ଯେ, ଏବିଏଚ୍‌ଏଫ୍‌ଏଲ୍‌ଠାରୁ ଆଗୁଆ ଲିଖିତ ଅନୁମତି ବିନା ଆପଣ ବନ୍ଧକ ପରିସମ୍ପତ୍ତିକୁ ହସ୍ତାନ୍ତରିତ କରିବା (ସ୍ଥାନାନ୍ତର, ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ) ଅଥବା ତୃତୀୟ ପକ୍ଷ ସ୍ୱାର୍ଥ ସୃଷ୍ଟି କରିବା କିମ୍ବା କାରବାର କରିବାରୁ ପ୍ରତିବନ୍ଧିତ ଅଟନ୍ତି । ସୂଚିତ ରୁହନ୍ତୁ ଯେ ଏଥିରେ କୌଣସି ଖିଲାପ ଏକବର୍ଷର କାରାଦଣ୍ଡ କିମ୍ବା ଜରିମାନା କିମ୍ବା ଉଭୟ ସହିତ ଦଣ୍ଡନୀୟ ।
ଦୟାକରି ଧ୍ୟାନ ଦିଅନ୍ତୁ ଯେ ଏହା ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ର ଧାରା ୧୩(୨) ଅଧୀନରେ ଏକ ଚୂଡ଼ାନ୍ତ ନୋଟିସ ଅଟେ। ଏହା ଉଲ୍ଲେଖଯୋଗ୍ୟ ଯେ ଉପରଦର୍ଶିତ କାରଣ ପାଇଁ ଏବିଏଚ୍‌ଏଫ୍‌ଏଲ୍ ସମ୍ପୂର୍ଣ୍ଣ ଭାବେ ପ୍ରାପ୍ତେଷୁଙ୍କ ରିସ୍କ, ଦାୟିତ୍ୱ ଏବଂ ଖର୍ଚ୍ଚରେ ନିଜର ଅଧିକାରକୁ ପ୍ରୟୋଗ କରିବା ପାଇଁ ହକଦାର ଅଟନ୍ତି।

ଆଦିତ୍ୟ ବିର୍ଲା ହାଉସିଂ ଫାଇନାନ୍ସ ଲିମିଟେଡ୍
ସ୍ଥାନ: କୋଲକାତା — ସ୍ୱା./–
ତାରିଖ: ୧୫।୦୭।୨୦୧୯ — ପ୍ରାଧିକୃତ ଅଧିକାରୀ



**IDBI BANK** — ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା, ଫୋନ୍ ନଂ.: ୦୬୭୫୨-୨୨୮୩୬୦/୩୭୦/୩୮୦, CIN: L65190MH2004GOI148838

ପରିଶିଷ୍ଟ-୪ [ରୁଲ୍ ୮(୧)]
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟ ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ **୧୦.୦୭.୨୦୧୯**ରେ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ, ପୁରୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା **୧୩**ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ସନ୍ତୋଷ ପାତ୍ର,** ଚୁଡଙ୍ଗ ସାହି, ପୁରୀ ଟାଉନ, ପୁରୀ-୭୫୨୦୦୧, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ନଳିନୀ ବିହାରୀ ପଟ୍ଟନାୟକ,** ମଙ୍ଗଳାଘାଟ ରୋଡ୍, ପୁରୀ ମ୍ୟୁନିସିପାଲିଟି, ଟାଉନ ଥାନା, ପୁରୀ-୭୫୨୦୦୧, ଓଡ଼ିଶା | ୩୦.୦୯.୨୦୧୮ ସୁଦ୍ଧା ଟ.୩୭,୭୨,୫୩୬/- + ପ୍ରଯୁଜ୍ୟ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ୧୧.୦୧.୨୦୧୯ / ୧୦.୦୭.୨୦୧୯ | ଶ୍ରୀ ନଳିନୀ ବିହାରୀ ପଟ୍ଟନାୟକଙ୍କ ନାମରେ ଥିବା ଖାଲି ଜମି ଆଦି ସମ୍ପତ୍ତିର |

ସମସ୍ତ ଅଂଶବିଶେଷ ଯାହାର **୧**) ମୌଜା: ସମାଙ୍ଗ, ମ୍ୟୁଟେଡ ଖାତା ନଂ.: ୧୦୪୭, ପ୍ଲଟ୍ ନଂ.: ୮୨୪, କ୍ଷେତ୍ର: ଏକର୦.୩୦ଡିସିମିଲି, କିସମ: ଘରବାରୀ, ଅନୁରୂପ ସ୍ଥିତିବାନ ସାବିକ ଖାତା ନଂ.: ୨୩୬, ସାବିକ ପ୍ଲଟ୍ ନଂ.: ୬୦୧, କ୍ଷେତ୍ର: ଏକର୦.୪୭ଡିସିମିଲି, ଥାନା: ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚରିପାର୍ଶ୍ୱରେ ପୂର୍ବ: ଡ୍ରେନ୍, ପଶ୍ଚିମ: ଡ୍ରେନ୍, ଦକ୍ଷିଣ: କେଲୁଣୀ ଦେଇ, ଉତ୍ତର: ଲକ୍ଷ୍ମୀଧର ପ୍ରଧାନ, **୨**) ମୌଜା: ଖରୀପଡା, ମ୍ୟୁଟେଡ୍ ଖାତା ନଂ.: ୨୬୬/୧୭୫, ପ୍ଲଟ୍ ନଂ.: ୧୮୧/୮୪୧, କ୍ଷେତ୍ର: ଏକର୦.୯୬ଡିସିମିଲି, କିସମ: ଘରବାରୀ, ଅନୁରୂପ ସ୍ଥିତିବାନ ସାବିକ ଖାତା ନଂ.: ୧୧୫, ସାବିକ ପ୍ଲଟ୍ ନଂ.: ୧୮୧, କ୍ଷେତ୍ର: ଏକର୦.୩୭ଡିସିମିଲି, ଥାନା: ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଲୋକନାଥ ସାହୁ, ଦକ୍ଷିଣ: ବସ୍ତି ପ୍ଲଟ୍ -୩, ଉତ୍ତର: ବସ୍ତି ପ୍ଲଟ୍ -୧ ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କାରଖାନା ଓ କଳକବ୍ଜା କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୂ-ସଂଲଗ୍ନ ଯେକୌଣସି ଦ୍ରବ୍ୟ ।

**ସ୍ଥାନ: ପୁରୀ, ତାରିଖ: ୧୫.୦୭.୨୦୧୯** — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ



# ADMISSION NOTICE - 2019

DIRECTORATE OF DISTANCE & CONTINUING EDUCATION

UTKAL UNIVERSITY — NAAC Accredited A+

## D.D.C.E., UTKAL UNIVERSITY
BHUBANESWAR-751007
## COURSES OFFERED

Admn Advt-1

| Courses | Admission |
|---|---|
| **DISTANCE MODE (Management Courses)**<br>◆ Master of Business Administration (MBA)<br>◆ BBA / IMBA<br>◆ Post Graduate Diploma in Mgt. :<br>◆ Human Resource ◆ Marketing<br>◆ Production & Operation ◆ Finance<br>◆ Tour & Travel ◆ Agri Business<br>◆ Ditetics & Nutrition ◆ Public Policy | Walk in Online Entrance Test & Rolling Admission. |
| **REGULAR MODE (Management Courses)**<br>◆ Master of Business Administration (Evening)<br>◆ P.G.Dip. in Banking & Insurance Mgt. (Morning) | Walk in Online Entrance Test, PI & Rolling Admission. |
| **REGULAR MODE (Morning Programme)**<br>◆ MCA (3 Yrs.) ◆ Lateral MCA (2Yrs.)<br>◆ M.Sc. Comp. Sc. ◆ M.Sc. IT<br>◆ M.Sc. IT & M | Walk in Online Entrance Test cum PI and Rolling Admission. |
| **DISTANCE MODE (Graduate Courses)**<br>◆ BA (HONS.) ◆ B.COM. (HONS.)<br>**DISTANCE MODE (Post Graduate Courses)**<br>◆ MSW ◆ M.Com.<br>◆ MA in Public Admn. ◆ MA in History<br>◆ MA in Pol.Science ◆ MA in Sanskrit<br>◆ MA in Education ◆ MA in English<br>◆ MA in Odia ◆ MA in Sociology<br>◆ MA in Economics ◆ MA in Hindi | Walk in Admission |

Last Date of Admission : 31.07.2019
APPLY ONLINE : www.ddceutkal.ac.in
(FOR ELIGIBILITY, FEE STRUCTURE , SELECTION PROCESS AND IMPORTANT DATE LINES VISIT OUR WEBSITE. NO ADMISSION ON 2ND AND 4TH SATURDAY)
DIRECTOR



ଉତ୍ତରପ୍ରଦେଶର ଭାଜପା ବିଧାୟକ ରାଜେଶ ମିଶ୍ରଙ୍କ ଝିଅ ସାକ୍ଷୀ(୨୩) ଦଳିତ ଯୁବକ ଅଜିତେଶ୍ କୁମାର(୨୯)ଙ୍କୁ ବିବାହ କରିବା ପରେ ସୋମବାର ଆଲ୍ଲାହାବାଦ ହାଇକୋର୍ଟକୁ ସୁରକ୍ଷା ଲାଗି ଆସିଥିଲେ। ସେଠାରେ ସେମାନଙ୍କ ଉପରେ ଆକ୍ରମଣ କରାଯାଇଛି। ଏମାନଙ୍କୁ ପୋଲିସ ସୁରକ୍ଷା ଯୋଗାଇ ଦେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ୮୨ କୋଟି ଲୋକ ଭୋକିଲା

## ୨୦୩୦ ସୁଦ୍ଧା କ୍ଷୁଧାମୁକ୍ତ ବିଶ୍ୱ ଲକ୍ଷ୍ୟ ପୂରଣ ଅସମ୍ଭବ

ଜାତିସଂଘ,୧୫।୭(ପି.ଟି.)

ବିଶ୍ୱରେ ୮୨କୋଟିରୁ ଊର୍ଦ୍ଧ୍ୱ ଲୋକ କ୍ଷୁଧା, ଖାଦ୍ୟାଭାବ ଏବଂ ଅପପୁଷ୍ଟିର ଶିକାର ହୋଇଥିବା ଜାତିସଂଘ ରିପୋର୍ଟରେ ପ୍ରକାଶ ପାଇଛି। ୨୦୧୫ରୁ ଖାଦ୍ୟ ଅଭାବ ବୃଦ୍ଧି ପାଇବାରେ ଲାଗିଛି। ୨୦୩୦ ସୁଦ୍ଧା ଜାତିସଂଘର ପୋଷଣୀୟ ଉନ୍ନୟନ ଲକ୍ଷ୍ୟ ପୂରଣକୁ ଦୃଷ୍ଟିରେ ରଖିଲେ ଏହି ଧାରା ବିପରୀତ ବୋଲି ସୂଚନା ମିଳୁଛି। ୨୦୩୦ ବେଳକୁ ବିଶ୍ୱର କୌଣସି ବି ଲୋକ ଭୋକ ଉପାସରେ ରହିବେ ନାହିଁ ପ୍ରସଙ୍ଗ 'ଅତ୍ୟନ୍ତ ଆହ୍ୱାନକାରୀ' ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

ଆଫ୍ରିକାରେ ୨୦ପ୍ରତିଶତ ଲୋକ ଅପପୁଷ୍ଟିର ଶିକାର ହୋଇଥିବାବେଳେ ଏସିଆରେ ୧୨ପ୍ରତିଶତରୁ ଅଧିକ ଏବଂ ଲାଟିନ ଆମେରିକା ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ୭ପ୍ରତିଶତ ଲୋକ ଅପପୁଷ୍ଟିର ଶିକାର ହୋଇଛନ୍ତି। ବିଶ୍ୱର କିଛି ଅଞ୍ଚଳର ଲୋକେ ଖାଦ୍ୟ ସଂକଟର ସମ୍ମୁଖୀନ ହୋଇଛନ୍ତି। ସାମଗ୍ରିକ ଭାବରେ ବିଶ୍ୱରେ ୨୦୦କୋଟିରୁ ଊର୍ଦ୍ଧ୍ୱ ଲୋକ ଖାଦ୍ୟ ଅଭାବର ସମ୍ମୁଖୀନ ହୋଇଛନ୍ତି। ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନର ଏହି ଧାରା ବଜାୟ ରହିଲେ ୨୦୩୦ ସୁଦ୍ଧା ଅନେକ ଶିଶୁ ଅପପୁଷ୍ଟିର ଶିକାର ହେବେ ଏବଂ 'କେହି ଜଣେ ଭୋକରେ ରହିବେ ନାହିଁ' ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ବର୍ତ୍ତମାନ ପାଖାପାଖି ୧୪କୋଟି ୯୦ଲକ୍ଷ ଶିଶୁଙ୍କର ଅଭିବୃଦ୍ଧି ଖାଦ୍ୟ ଅଭାବରୁ ବିଳମ୍ବ ହେଉଛି। ଉକ୍ତ ରିପୋର୍ଟରେ ପୁଣି କୁହାଯାଇଛି, ପୃଥିବୀର ସବୁ ଅଞ୍ଚଳରେ ମେଦ ବହୁଳତା ତଥା ଅଧିକ ଓଜନଯୁକ୍ତ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ସ୍କୁଲ ଯିବା ବୟସର ପିଲା ଏବଂ ବୟସ୍କ ବ୍ୟକ୍ତି ଅଧିକ ସଂଖ୍ୟାରେ ଏହାର ଶିକାର ହେଉଛନ୍ତି।





## ସଂକ୍ଷେପରେ

### ଆଶାରାମଙ୍କ ଜାମିନ ଆବେଦନ ଖାରଜ



**ନୂଆଦିଲ୍ଲୀ,୧୫।୭(ପି.ଟି.)**-ବଳାତ୍କାର ମାମଲାରେ ଜେଲରେ ଥିବା ଆଶାରାମ ବାପୁଙ୍କ ଜାମିନ ଆବେଦନକୁ ସୋମବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଗୁଜରାଟ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟରେ ହାଜର ହୋଇ କହିଥିଲେ, ମାମଲାର ବିଚାର ପ୍ରକ୍ରିୟା ଜାରି ରହିଛି ଏବଂ ଏବେବି ଆଉ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିବା ବାକି ଅଛି। ସଲିସିଟର ଜେନେରାଲଙ୍କ ଯୁକ୍ତି ଶୁଣିବା ପରେ ଜଷ୍ଟିସ୍ ଏନ୍.ଭି. ରମାନା ଏବଂ ଅଜୟ ରସ୍ତୋଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଶାରାମଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ସୂଚନାଯୋଗ୍ୟ, ଆଶାରାମ ଓ ତାଙ୍କ ପୁଅ ନାରାୟଣ ସାଇଙ୍କ ବିରୋଧରେ ସୁରଟର ଦୁଇ ଭଉଣୀ ବଳାତ୍କାର ଅଭିଯୋଗ ଆଣିଥିଲେ।

### ଉତ୍ତରାଧିକାରୀ ନିଷ୍ପତ୍ତି ନେବେ ଦଲାଇଲାମା



**ଧର୍ମଶାଳା,୧୫।୭(ଆଇଏଏନ୍ଏସ୍)**-ତିବ୍ବତର ଆଧାତ୍ମିକ ନେତା ଦଲାଇଲାମା ନିଜେ ତାଙ୍କର ଉତ୍ତରାଧିକାରୀ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ତାଙ୍କର ଉତ୍ତରାଧିକାରୀ ଜଣେ ସୁନ୍ଦରୀ ମହିଳା ହେବ ବୋଲି କିଛିଦିନ ପୂର୍ବେ ମନ୍ତବ୍ୟ ଦେଇ ଦଲାଇଲାମା ବିବାଦ ଘେରକୁ ଆସିଥିଲେ। ପରେ ସେ ଏଥିପାଇଁ କ୍ଷମା ମାଗିଥିଲେ। ଉତ୍ତରାଧିକାରୀ ଚାଇନାରୁ ଚୟନ କରାଯିବା ଜରୁରୀ ଏବଂ ଭାରତ ଏଥିରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି ଦିନକ ପୂର୍ବରୁ ବେଜିଂ କହିଥିଲା। ତେବେ ଦଲାଇଲାମାଙ୍କର ଉତ୍ତରାଧିକାରୀ ରହିବେ କି ନାହିଁ ତାହା ସେ ୯୦ ବର୍ଷ ବୟସରେ ନିଷ୍ପତ୍ତି ନେବେ। ପୁନର୍ଜନ୍ମ ତାଙ୍କର ବ୍ୟକ୍ତିଗତ ଅଧିକାର ବୋଲି ଦଲାଇଲାମାଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ଗଣମାଧ୍ୟମକୁ କହିଛନ୍ତି।

### ବିଦ୍ୟୁତ୍ ସ୍ପର୍ଶରେ ୫୧ ପିଲା ଅସୁସ୍ଥ

**ଗୋରଖପୁର,୧୫।୭**-ଉତ୍ତରପ୍ରଦେଶର ବଳରାମପୁର ଜିଲାରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟ କ୍ୟାମ୍ପସ୍‌ରେ ସୋମବାର ସକାଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ୫୧ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଖବର ନେବାରେ ଜଣାପଡିଛି, ସ୍କୁଲ ଉପର ଦେଇ ଯାଇଥିବା ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ ତାର କେତେକ ଗଛରେ ଲାଗିଯାଇଥିଲା। ପିଲାମାନେ ଜୋତା ଖୋଲି ତଳେ ବସିଥିବାବେଳେ ବିଦ୍ୟୁତ ଆଘାତ ଲାଗିଥିଲା।

### [ଇତିହାସର ଆଇନାରେ]

### ଜୁଲାଇ ୧୬ର ପ୍ରମୁଖ ଘଟଣା

୨୦୦୪ ଜୁଲାଇ ୧୬ରେ ଚିକାଗୋର ପ୍ରଥମ ମିଲେନିୟମ୍ ପାର୍କ ମେୟର ରିଚାର୍ଡ ଏମ୍. ଡାଲେଙ୍କ ଦ୍ୱାରା ସର୍ବସାଧାରଣଙ୍କ ନିମନ୍ତେ ଉଦ୍‌ଘାଟିତ ହୋଇଥିଲା। ଏକବିଂଶ ଶତାବ୍ଦୀର ସ୍ଥାପତ୍ୟ ଇତିହାସରେ ଏହା ଏକ ଅଭିଳଷିତ ପ୍ରକଳ୍ପ। ଚିକାଗୋ ସଂସ୍କୃତି ବ୍ୟାପାର ବିଭାଗ ଦ୍ୱାରା ଏହାକୁ ଅପରେଟ୍ କରାଯିବା ସହିତ ଏମ୍‌ବି ରିୟାଲ ଇଷ୍ଟେଟ୍ ଦ୍ୱାରା ପରିଚାଳନା କରାଯାଉଛି।

୨୦୦୭ ଜୁଲାଇ ୧୬ରେ ଜାପାନର ନିଗାଟା ଉପକୂଳରେ ୬.୮ ତୀବ୍ରତାର ଭୂକମ୍ପ ଯୋଗୁ ୮ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୮୦୦ ଲୋକ ଆହତ ହୋଇଥିଲେ। ଏଥିପାଇଁ ଆଣବିକ ଶକ୍ତିକେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିଲା। ୩୪୨ ଅଟ୍ଟାଳିକା ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିଲା। ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ଦକ୍ଷିଣ ଜାପାନରେ ନିର୍ବାଚନ ପ୍ରଚାର ବାତିଲକରି ଧ୍ୱସ୍ତବିଧ୍ୱସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖନାକୁ ଖନୀ;**
**ଭଲା ଖଞ୍ଜିଛନ୍ତି ଚକରପାଣି ।**

ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖପୁରୀ ଲୋ !**
**କେତେ ହଉଥାଉ ଛୋପରୀ ଲୋ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି। ନିଜେ ଯେତେ ନୁହେଁ କି ଯାହା ନୁହେଁ ତାକୁ ଅତିରଞ୍ଜିତ କରି ବଡ଼ିମା ଦେଖେଇ ବୃଥା ପ୍ରଶଂସା ସାଉଁଟିବାକୁ ଉଦ୍ୟମ ଚଳାଇଥାନ୍ତି। ତୁଚ୍ଛାଟାରେ ଅନ୍ୟ ଆଗରେ ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳାଙ୍କ ଏତାଦୃଶ ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପିଓକେରେ ବନ୍ୟା: ୨୩ ମୃତ

**ଇସ୍‌ଲାମାବାବାଦ,୧୫।୭–** ପାକିସ୍ତାନ ଅଧିକୃତ କଶ୍ମୀରର ନୀଲମ୍ ଉପତ୍ୟକାରେ ମୂଷଳ ଧାରାରେ ବର୍ଷା ହେବା ସହ ବନ୍ୟା ପରିସ୍ଥିତି ଦେଖାଦେଇଛି। ଅଦ୍ୟାବଧି ୨୩ ଲୋକ ପ୍ରାଣ ହରାଇଥିବାବେଳେ କେତେକେ ନିଖୋଜ ଥିବା ଜଣାପଡ଼ିଛି। ଲସଓ୍ୱା ଅଞ୍ଚଳରେ ଲଗାଣ ବର୍ଷା ଓ ଭୂସ୍ଖଳନ ଯୋଗୁ ଅନେକ ଘର ଭାଙ୍ଗିଯିବାରୁ ଲୋକମାନେ ବନ୍ୟାରେ ଭାସିଯାଇଛନ୍ତି। ବନ୍ୟାରେ ଦୁଇଟି ମସ୍‌ଜିଦ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଛି। କେତେକ ସ୍ଥାନରେ ଇଣ୍ଟରନେଟ ସେବା ପ୍ରଭାବିତ ହୋଇଥିବା ପ୍ରକାଶ। ଜିଲା ପ୍ରଶାସନ, ସ୍ଥାନୀୟ ପୋଲିସ, ବିପର୍ଯ୍ୟୟ ପରିଚାଳନା ଅଥରିଟିର କର୍ମକର୍ତ୍ତା ଉଦ୍ଧାର କାର୍ଯ୍ୟ ଚଳାଇଥିବା ଜଣାପଡ଼ିଛି। ଗତ ସପ୍ତାହରେ ବରଫ ତରଳିବାରୁ ଚିତ୍ରାଲ ଜିଲାରେ ଭୟଙ୍କର ବନ୍ୟା ଦେଖାଦେଇଥିଲା।

## ଚନ୍ଦ୍ରୟାନ-୨ ଉତ୍କ୍ଷେପଣ ନିଷ୍ପତ୍ତି ବୁଧବାର



**ବେଙ୍ଗାଲୁରୁ,୧୫।୭:** ଚନ୍ଦ୍ରୟାନ-୨ର ପରବର୍ତ୍ତୀ ଉତ୍କ୍ଷେପଣ ତାରିଖ ସଂକ୍ରାନ୍ତ ନିଷ୍ପତ୍ତି ବୁଧବାର ଘୋଷଣା କରାଯିବା ସମ୍ଭାବନା ଅଛି ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ସୂଚନା ମିଳିଛି। ଲଞ୍ଚ ଭେଇକିଲ୍ ସିଷ୍ଟମ୍‌ରେ ତ୍ରୁଟିସୁଧାର କାର୍ଯ୍ୟ ସମ୍ପନ୍ନ ହେବାପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ସବୁ ଠିକ୍‌ଠାକ୍ ରହିଲେ ଆସନ୍ତା ସୋମବାର (ଜୁଲାଇ ୨୨)ରେ ଉତ୍କ୍ଷେପଣ ହୋଇପାରେ ବୋଲି ବୈଜ୍ଞାନିକମାନେ ଆଶା କରୁଛନ୍ତି। ନଚେତ୍ ଅକ୍ଟୋବର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ। ଆଉ କେତେକ ବୈଜ୍ଞାନିକଙ୍କ ଧାରଣା ଚଳିତ ବର୍ଷ ଚନ୍ଦ୍ରୟାନ-୨ର ଉତ୍କ୍ଷେପଣ ସମ୍ଭବତଃ ହୋଇ ନ ପାରେ। ତେବେ ଏ ସମ୍ପର୍କରେ ଇସ୍ରୋ ସରକାରୀ ଭାବେ ସୂଚନା ଦେବା ବାକି ରହିଛି। ବୈଷୟିକ ତ୍ରୁଟି ଯୋଗୁ ରବିବାର ରାତିରେ ଚନ୍ଦ୍ରୟାନ-୨ର ଉତ୍କ୍ଷେପଣକୁ ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖାଯାଇଥିଲା। କ୍ରାୟୋଜେନିକ୍ ଇଞ୍ଜିନ୍ ଏବଂ ଚନ୍ଦ୍ରୟାନ-୨କୁ ସଂଯୋଗ କରୁଥିବା ଯାନ ମଧ୍ୟରେ ଆବଶ୍ୟକ ଚାପ ସୃଷ୍ଟି ହେଉ ନ ଥିବାରୁ ଉତ୍କ୍ଷେପଣରେ ଅସୁବିଧା ଉପୁଜିବା ଆଶଙ୍କାକୁ ଦୃଷ୍ଟିରେ ରଖି ଶେଷ ମୁହୂର୍ତ୍ତରେ ଏହାକୁ ବନ୍ଦ କରିଦିଆଯାଇଛି। ଏହାର ଉତ୍କ୍ଷେପଣ ଅକ୍ଟୋବର ୧୦ରୁ ୨୬ ମଧ୍ୟରେ ହେବା ଯଥେଷ୍ଟ ସମ୍ଭାବନା ଅଛି।

## ଅକ୍ଟୋବର ୨ରେ 'ୱାର' ରିଲିଜ

**ମୁମ୍ବାଇ:** ଟାଇଗର ଶ୍ରଫ୍ ଓ ହ୍ରିତିକ୍ ରୋଶନଙ୍କ ଅପ୍‌କମିଂ ଆକ୍ସନ ଫିଲ୍ମ 'ୱାର' ଅକ୍ଟୋବର ୨ରେ ରିଲିଜ ହେବାକୁ ଯାଉଛି। ଏହା ହିଟ୍ ହେବା ବହୁ ସମ୍ଭାବନା ଅଛି ବୋଲି ଏହାର ନିର୍ମାତା ସୋମବାର ଘୋଷଣା କରିଛନ୍ତି। ଯଶରାଜ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ସିଦ୍ଧାର୍ଥ ଆନନ୍ଦ। ଆନନ୍ଦ ପୂର୍ବରୁ ହ୍ରିତିକ୍‌ଙ୍କ ଅଭିନୀତ 'ବ୍ୟାଙ୍ଗ ବ୍ୟାଙ୍ଗ'ର ନିର୍ଦ୍ଦେଶନା ଦେଇଥିଲେ। ସିଦ୍ଧାର୍ଥଙ୍କ କହିବାନୁଯାୟୀ, 'ୱାର'ରେ ଦୁଇଜଣ ସର୍ବଶ୍ରେଷ୍ଠ ଆକ୍ସନ୍ ସୁପରଷ୍ଟାର ଏକାଠି ହୋଇଛନ୍ତି ଏବଂ ଫିଲ୍ମ ହିଟ୍ ପାଇଁ ସେ ଦୁହିଁଙ୍କୁ ପରସ୍ପର ମଧ୍ୟରେ ଲଢ଼େଇ କରିବାକୁ ପଡିବ। ହ୍ରିତିକ ଏବଂ ଟାଇଗରଙ୍କ ମଧ୍ୟରେ ଯେଭଳି ଘମାଘୋଟ ଲଢ଼େଇ ହେବ ଦର୍ଶକମାନେ ଭାବିବେ ଏଭଳି ଭୟଙ୍କର ଯୁଦ୍ଧରେ କିଏ ବିଜୟୀ ହେଉଛି?

ଏଭଳି ଏକ ଟାଇଟଲ୍ ଦିଆଯିବାର କାରଣ ହେଉଛି ଏହାକୁ ବିଶ୍ୱବ୍ୟାପୀ ରିଲିଜ କରାଯିବା ପାଇଁ ପ୍ରସ୍ତୁତି ଚାଲିଥିବା ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ଏଥିରେ ହ୍ରିତିକଙ୍କ ସହ ବାଣୀ କପୁର ଅଭିନୟ କରୁଥିବାବେଳେ ଏହା ହିନ୍ଦୀ, ତାମିଲ ଏବଂ ତେଲୁଗୁରେ ରିଲିଜ ହେବାକୁ ଯାଉଛି।



## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୦ | ୨୫.୯ |
| ଚାନ୍ଦବାଲି | ୩୭.୦ | ୨୭.୨ |
| କଟକ | ୩୫.୫ | ୨୪.୫ |
| ପାରାଦ୍ୱୀପ | ୩୩.୪ | ୨୭.୮ |
| ଭୁବନେଶ୍ୱର | ୩୫.୮ | ୨୬.୦ |
| ଗୋପାଳପୁର | ୩୨.୦ | ୨୫.୮ |
| ପୁରୀ | ୩୪.୬ | ୨୬.୬ |
| ଅନୁଗୋଳ | ୩୫.୭ | ୨୩.୬ |
| ବାରିପଦା | ୩୮.୨ | ୨୮.୫ |
| ଝାରସୁଗୁଡ଼ା | ୩୫.୮ | ୨୭.୪ |
| କେନ୍ଦୁଝର | ୩୪.୫ | ୨୬.୪ |
| ସମ୍ବଲପୁର | ୩୫.୬ | ୨୬.୫ |
| ସୁନ୍ଦରଗଡ଼ | --- | ୨୩.୦ |
| ହୀରାକୁଦ | ୩୫.୧ | ୨୭.୧ |
| ତାଳଚେର | ୩୫.୪ | ୨୫.୩ |
| ଭବାନୀପାଟଣା | --- | ୨୪.୫ |
| ବଲାଙ୍ଗୀର | ୩୩.୭ | ୨୬.୩ |
| କୋରାପୁଟ | ୨୯.୬ | ୧୯.୬ |
| ଫୁଲବାଣୀ | --- | ୨୪.୫ |
| ଟିଟିଲାଗଡ଼ | ୩୦.୦ | ୨୩.୫ |
| ମାଲକାନଗିରି | ୩୩.୨ | ୨୦.୦ |
| ସୋନପୁର | ୩୫.୨ | ୨୫.୮ |
| ଦାରିଙ୍ଗିବାଡ଼ି | ୨୯.୫ | ୨୦.୦ |

**ଡିଗ୍ରୀ ସେଲ୍‌ସିୟସ୍**



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049




See Color Display Classified on every Tuesday & Friday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଖର୍ଚ୍ଚ ଦାବି ଆଲୋଚନାରେ ସରକାରଙ୍କୁ ବିରୋଧ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ଗୃହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ଅବକାରୀ ବିଭାଗର ଖର୍ଚ୍ଚ ଦାବି ଉପରେ ସୋମବାର ଅପରାହ୍ଣରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଉଭୟ ବିରୋଧୀ ଏବଂ ଶାସକ ଦଳର ସଦସ୍ୟ ଭାଗ ନେଇଥିଲେ। ବିରୋଧୀ ସଦସ୍ୟମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ରାଜସ୍ୱ ଓ ଅବକାରୀ ବିଭାଗର ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ। ଅମର ଶତପଥି ଠିଆ ହୋଇ ଗୃହର କାର୍ଯ୍ୟ ସମ୍ପର୍କରେ କିଛି ମନ୍ତବ୍ୟ ରଖିଥିଲେ। ରୁଲ୍ ୩୬ କଥା କହି ସେ କହିଥିଲେ ଯେ, ଆଜି ହେଉଛି ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ। ଅଧିକ ପ୍ରଶ୍ନ ଆସୁଥିବାରୁ ୧ ଘଣ୍ଟାରେ ଆଲୋଚନା ସରିପାରୁନାହିଁ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜି ପ୍ରଶ୍ନକାଳ ଆରମ୍ଭ ସମୟରେ ଜଣେ ପାଟିକଲେ, ଯାହା ଠିକ୍ ନୁହେଁ। ଯାହା ପୂର୍ବାହ୍ନରେ ହୋଇଥିଲା ତାହାର ପୁନରାବୃତ୍ତି ନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହାର ବିରୋଧ କରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସଙ୍ଗେ ସଙ୍ଗେ ଅମର ଶତପଥୀଙ୍କ କଥାକୁ ବିରୋଧ କରିଥିଲେ। ସେ କହିଥିଲେ ଯେ, ବିରୋଧୀଙ୍କ ଅଧିକାର ଅଛି ସେମାନେ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯେକୌଣସି ସମୟରେ ଉଠାଇପାରିବେ। ଏହାପରେ ପ୍ରଥମେ ବାଚସ୍ପତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ଅବକାରୀ ବିଭାଗର ଭୋଟ୍ ଅନ୍ ଡିମାଣ୍ଡ ପ୍ରସ୍ତାବ ଆଣିଥିଲେ। ଏହାପରେ ରାଜସ୍ୱ ଏବଂ ଅବକାରୀ ବିଭାଗର ବ୍ୟୟ ମଞ୍ଜୁରୀ ବିଲ୍ ଉପରେ ଆଲୋଚନା ଆରମ୍ଭ ହୋଇଥିଲା। ପ୍ରଥମେ ଭାଜପା ବିଧାୟକ ବିଷ୍ଣୁ ସେଠୀ ରାଜସ୍ୱ ଓ ଅବକାରୀ ବିଭାଗର ବିଭିନ୍ନ ଅନିୟମିତତା ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଥିଲେ ଯେ, ଅବକାରୀ ବିଭାଗ ସମ୍ପର୍କିତ ଯେଉଁ ଖର୍ଚ୍ଚ ଆଗତ ହୋଇଛି ତାକୁ ସେ ସମର୍ଥନ କରୁନାହାଁନ୍ତି। ବିଭାଗର ଖର୍ଚ୍ଚ ସମ୍ପର୍କରେ ମନ୍ତ୍ରୀ ଯେଉଁସବୁ ଚିତ୍ର ଦର୍ଶାଇଛନ୍ତି ସେ ବିଷୟରେ ସମସ୍ତଙ୍କୁ ଜଣାଅଛି। ଏ ପର୍ଯ୍ୟନ୍ତ ରାଜସ୍ୱ ବିଭାଗ ରାଜ୍ୟରେ ଖାଲି ପଡିଥିବା ଆର୍‌ଆଇ, ଅମିନ ପଦବୀ ପୂରଣ କରିପାରୁନାହିଁ। ତହସିଲ୍ ଅଫିସ୍ ଗଲେ ସବୁଥିପାଇଁ ଲାଞ୍ଚ ଦେବାକୁ ପଡୁଛି। ଓଡିଶାର ଉପକୂଳ ଅଞ୍ଚଳରେ ବାତ୍ୟା ଓ ବନ୍ୟା ସବୁବେଳେ ଲାଗି ରହିଛି। ସାଳନ୍ଦୀ ଏବଂ ବୈତରଣୀ ନଦୀରେ ବୋଟ୍ ଚାଲିପାରୁନି। ସେହିପରି ଜଗନ୍ନାଥ ଜମିର ବ୍ୟବହାର ଏବଂ ସେଥିରୁ ରାଜସ୍ୱ ଆଦାୟ ସମ୍ପର୍କରେ ସେ କହିଛନ୍ତି। ଅନ୍ୟପଟେ ଭଦ୍ରକ ମଦ ମୃତ୍ୟୁ କଥା ଉଠାଇ ସେ ସରକାରଙ୍କ ଉପରେ ବର୍ଷିଥିଲେ। ନିର୍ବାଚନ ପୂର୍ବଦିନ ଚାନ୍ଦବାଲି ଅଞ୍ଚଳରେ ୧୨ଜଣଙ୍କ ବିଷାକ୍ତ ମଦ ପିଇ ମୃତ୍ୟୁ ହୋଇଥିଲା। ଯେଉଁମାନେ ମଦ ବାଣ୍ଟିଥିଲେ ସେମାନେ ଶାସକ ଦଳର ଏବଂ ମୃତ୍ୟୁବରଣ କରିଥିବା ଲୋକେ ମଧ୍ୟ ବିଜେଡିର ଥିଲେ। ହେଲେ ଏହି ଘଟଣାରେ ମୁଖ୍ୟ ଦାୟୀ ଯିଏ ତାକୁ ଏ ପର୍ଯ୍ୟନ୍ତ ଧରାଗଲାନାହିଁ। ମନ୍ତ୍ରୀ ଏହା ଉପରେ ଗୁରୁତ୍ୱର ସହ ବିଚାର କରନ୍ତୁ ବୋଲି ସେ କହିଛନ୍ତି। ଶ୍ରେଷ୍ଠ ମଦ ବ୍ୟବସାୟୀଙ୍କୁ ପୁରସ୍କାର ଦିଆଯିବା ଘଟଣାରେ ସିଏ ସରକାରଙ୍କୁ ଟାର୍ଗେଟ କରିଥିଲେ। ମନ୍ତ୍ରୀ ଶ୍ରେଷ୍ଠ ମଦ ବ୍ୟବସାୟୀଙ୍କୁ ପଦ୍ମଭୂଷଣ କିମ୍ବା ପଦ୍ମଶ୍ରୀ ଦିଆଯିବାର ବ୍ୟବସ୍ଥା କରନ୍ତୁ ବୋଲି କହିଛନ୍ତି। ଏହାପରେ ଅମର ପ୍ରସାଦ ଶତପଥୀ ଦୁଇ ବିଭାଗର ଖର୍ଚ୍ଚ ଦାବି ମଞ୍ଜୁରୀ ପ୍ରସ୍ତାବ ଦାବିକୁ ସମର୍ଥନ ଦେଇଛନ୍ତି। ଏହାପରେ ପ୍ରଫୁଲ୍ଲ ସାମଲ ବ୍ୟୟ ବରାଦ ବିଲ୍‌କୁ ସମର୍ଥନ ଦେଇ କହିଛନ୍ତି ଯେ, ରାଜସ୍ୱ ବିଭାଗର ପରିଚାଳନା ଦେଖି ଆଶ୍ଚର୍ଯ୍ୟ ଲାଗୁଛି। ସମସ୍ତେ ମାନୁଛନ୍ତି। ବର୍ତ୍ତମାନ ମଧ୍ୟ ରାଜ୍ୟରେ ବହୁ ଭୂମିହୀନ ରହିଛନ୍ତି। ଭୂସଂସ୍କାର ଆଇନରେ ସଂଶୋଧନ ଆବଶ୍ୟକ। ଲଘୁ ଖଣିଜ ସମ୍ପଦ ଉପରେ ମାଫିଆ ରାଜ କରିଲେଣି। ୪୫ ହଜାର ଏକର ଜମି ଜବର ଦଖଲରେ ରହିଛି। ଏହାପରେ ନରସିଂହ ମିଶ୍ର କହିଛନ୍ତି ଯେ, ବିଜୁ ବାବୁ ଦେଶୀ ମଦ ବନ୍ଦ କରିଥିଲେ। ଗୁଜରାଟ, ବିହାରରେ କାଗଜ କଲମରେ ମଦ ବନ୍ଦ ଅଛି। ମଦ ବନ୍ଦ କରାଗଲେ ସମସ୍ୟାର ସମାଧାନ ହେବନାହିଁ। ଏହା ଉପରେ ନିୟନ୍ତ୍ରଣର ଆବଶ୍ୟକତା ରହିଛି। ହାଇୱେ ନିକଟରେ ମଦ ଦୋକାନ ବନ୍ଦ କରାଯିବା ଦରକାର। ବହୁ ବିଧାୟକ ଜାଣନ୍ତି ନାହିଁ ସେମାନଙ୍କ ଅଞ୍ଚଳରେ କେଉଁ ରାଜସ୍ୱ ନିୟମ ପ୍ରଚଳିତ ହେଉଛି। ଏହାପରେ ସୁରେଶ ରାଉତରାୟ ଜଗନ୍ନାଥ ମୁଖ୍ୟତଃ ରାଜସ୍ୱ ବିଭାଗ ଉପରେ ବିଶେଷ ଧ୍ୟାନ ଦେଇଥିଲେ। ଫନୀ ଦ୍ୱାରା ଖୋର୍ଦ୍ଧା ଲୋକେ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କୁ ସାହାଯ୍ୟ ଯୋଗାଇବା। ଏହାସହ ପୂର୍ବରୁ ସେହି ଅଞ୍ଚଳରେ ଥିବା ବହୁ ସ୍ଥିତିବାନ ଜମି ଜଗନ୍ନାଥଙ୍କ ନାମରେ ହୋଇଯାଇଥିଲା। ଫଳରେ ବହୁ ବାସିନ୍ଦା ନିଜ ଜମି ସେଠାରେ ବିକ୍ରି କରିବାରେ ଅସୁବିଧା ଭୋଗିଲେ। ଏନେଇ ହାଇକୋର୍ଟ ଦେଇଥିବା ରାୟ କାର୍ଯ୍ୟକାରୀ ହେବା ଆବଶ୍ୟକ। ସେହିପରି ବହୁ କଲେଜ ପିଲା ବର୍ତ୍ତମାନ ନିଶାଦ୍ରବ୍ୟ ଖାଇବାରେ ଲାଗିଛନ୍ତି। ଏନେଇ ମଧ୍ୟ ଗୁରୁତ୍ୱ ଦେବାକୁ ସେ କହିଥିଲେ।



## ବିଧାନସଭା ପ୍ରଶ୍ନୋତ୍ତର

### ସରକାରୀ କର୍ମଚାରୀଙ୍କ ଦରମା, ପେନ୍‌ସନ ୩୮,୮୦୦ କୋଟି

**ଭୁବନେଶ୍ୱର, ୧୫।୭(ବ୍ୟୁରୋ):** ଚଳିତ ଆର୍ଥିକ ବର୍ଷରେ ସରକାରୀ କର୍ମଚାରୀଙ୍କ ଦରମା ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାର ୩୮ ହଜାର ୮୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। ସରକାରୀ କର୍ମଚାରୀଙ୍କ ଦରମା ବାବଦରେ ୨୫ ହଜାର ୫୦୦ କୋଟି ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ ବାବଦରେ ୧୩ ହଜାର ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏ ନେଇ ବଜେଟରେ ବ୍ୟୟବରାଦ କରାଯାଇଛି। ଏହି ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ବିଧାନସଭାରେ ଏହା କହିଛନ୍ତି। ବିଧାୟକ ଶଙ୍କର ଓରାମ୍‌ଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ଦରମା ବ୍ୟତୀତ ରାଜ୍ୟ ସରକାର ବିଭିନ୍ନ କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ମଧ୍ୟ କର୍ମଚାରୀଙ୍କ ଦରମା ରାଜ୍ୟ ସରକାର ଭରଣା କରନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୧ ଲକ୍ଷ ୩୯ ହଜାର କୋଟିର ବ୍ୟୟବରାଦ କରିଛନ୍ତି। ରାଜସ୍ୱ ଟିକସରୁ ୩୩ ହଜାର କେଟି, ଅଣ ରାଜସ୍ୱ ଟିକସରୁ ୧୨୫୦୦ କୋଟି, କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶଧନ ୩୯୨୦୬.୫୯ କୋଟି, କେନ୍ଦ୍ର ସରକାରଙ୍କଠାରୁ ସହାୟତା ଅନୁଦାନ ୩୦୫୫୯.୪୧, ଋଣ ଏବଂ ଅଗ୍ରିମ ଆଦାୟ ୧୫୦, ବିଭିନ୍ନ ସୂତ୍ରରୁ ଋଣ ୨୨୫୮୪ ଏବଂ ଭବିଷ୍ୟନିଧି ଓ ଅନ୍ୟାନ୍ୟ ସୂତ୍ରରୁ ୧ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି।

### ଆଉ ୬ ମେଡିକାଲ କଲେଜ ଖୋଲିବ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ):** ରାଜ୍ୟରେ ଆଉ ୬ଟି ମେଡିକାଲ କଲେଜ ଖୋଲିବ। ପୁରୀ, ଯାଜପୁର, କେନ୍ଦୁଝର, ତାଳଚେର, ସୁନ୍ଦରଗଡ଼ ଏବଂ କଳାହାଣ୍ଡିଠାରେ ଉକ୍ତ ମେଡିକାଲ କଲେଜଗୁଡିକ ଖୋଲାଯିବ। ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସୋମବାର ବିଧାନସଭାରେ ଏହି କଥା କହିଛନ୍ତି।

### ହାଜତ ମୃତ୍ୟୁ: ୫ ବର୍ଷରେ ୨୨

ଭୁବନେଶ୍ୱର, ୧୫।୭(ବ୍ୟୁରୋ): ରାଜ୍ୟରେ ହାଜତ ମୃତ୍ୟୁ ବଢ଼ି ବଢ଼ି ଚାଲିଛି। ୨୦୧୪ ପରଠାରୁ ରାଜ୍ୟରେ ୨୨ଟି ହାଜତ ମୃତ୍ୟୁ ଘଟଣା ଘଟିଛି। ସେଥିରୁ ୨୦୧୪ରେ ୨ଟି ହାଜତ ମୃତ୍ୟୁ ହୋଇଥିବା ବେଳେ ୨୦୧୫ରେ ୮, ୨୦୧୬ରେ ୪, ୨୦୧୭ରେ ୩, ୨୦୧୮ରେ ୩ ଏବଂ ୨୦୧୯ ମେ' ୩୧ ସୁଦ୍ଧା ୨ଟି ହାଜତ ମୃତ୍ୟୁ ଘଟଣା ଘଟିଛି। ସେଥିମଧ୍ୟରୁ ୨୦୧୫ରେ ୪ଟି ଏବଂ ୨୦୧୬ରେ ୨ଟି ହାଜତ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ପୋଲିସ କର୍ମଚାରୀମାନଙ୍କୁ ନିଲମ୍ବିତ କରାଯାଇଛି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସୋମବାର ବିଧାନସଭାରେ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ସୂଚନା ଦେଇଛନ୍ତି।

## ପୋଖରୀରେ ବୁଡ଼ି ଛାତ୍ର ମୃତ୍ୟୁ ନେଇ ଉତ୍ତେଜନା

### ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବଦଳି ଦାବି

**ମାଲକାନଗିରି/ପାଣ୍ଡ୍ରିପାଣି, ୧୫।୭ (ଡି.ଏନ.ଏ./ସ୍ୱ.ପ୍ର.):** ମାଲକାନଗିରିର ଜିଲା ସଦର ବ୍ଲକ ଅନ୍ତର୍ଗତ ଗଙ୍ଗଲା ଆଶ୍ରମ ବିଦ୍ୟାଳୟର ଜଣେ ଛାତ୍ରଙ୍କ ସୋମବାର ପୋଖରୀରେ ବୁଡି ମୃତ୍ୟୁ ହୋଇଛି। ସକାଳେ ସେ ଶୌଚ କରିବାକୁ ଯାଇ ପୋଖରୀରେ ବୁଡ଼ିଯାଇଥିବା ଜଣାପଡ଼ିଛି। ତାଙ୍କ ନାମ ଅମିତ କାଲେକୁରା। ସେ ପ୍ରଥମ ଶ୍ରେଣୀରେ ପଢୁଥିଲେ। ଏହାକୁ ନେଇ ବିଦ୍ୟାଳୟ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ଦାବି କରିଛନ୍ତି। ଖବରରୁ ଜଣାପଡିଛି ସୋମବାର ସକାଳେ ଆଶ୍ରମ ବିଦ୍ୟାଳୟର ପ୍ରାୟ ୫ ଜଣ ଛାତ୍ର ନିକଟସ୍ଥ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ଶୌଚ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ଅମିତ ପାଣିରେ ବୁଡ଼ିଯାଇଥିଲେ। ତାଙ୍କ ସହ ଆସିଥିବା ଅନ୍ୟ ଛାତ୍ରମାନେ ବିଦ୍ୟାଳୟକୁ ଯାଇ ଖବର ଦେବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଯାଇ ଅମିତଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ନିକଟସ୍ଥ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ବିଦ୍ୟାଳୟ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ବଦଳି କରିବାକୁ ଗ୍ରାମବାସୀ ଓ ଅଭିଭାବକମାନେ ଦାବି କରିଥିଲେ। ପରେ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ନିଜ ପିଲାଙ୍କୁ ଘରକୁ ନେବା ପାଇଁ ଅଡି ବସିଥିଲେ। ଖବରପାଇ ଉପ ଜିଲାପାଳ ରାମେଶ୍ୱର ପ୍ରଧାନ, ଏସଡିପିଓ ଋଷିକେଶ ଖିଲାରି, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲେ। ବରିଷ୍ଠ ଅଧିକାରୀମାନେ ଗ୍ରାମବାସୀ ଓ ଅଭିଭାବକଙ୍କ ସହ ଆଲୋଚନା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ ଜିଲାପାଳ ପ୍ରଧାନ କହିଛନ୍ତି।

### ପାଟକୁରାରେ ଭାଜପାର ହାଇଭୋଲଟେଜ ପ୍ରଚାର

## କର୍ମୀଙ୍କୁ ବିଜୟ ମନ୍ତ୍ର ଦେଲେ ସମ୍ବିତ



ପ୍ରଚାରରେ ଦଳର ମୁଖପାତ୍ର ସମ୍ବିତ ପାତ୍ର ଓ ଅନ୍ୟମାନେ।

**ଡେରାବିଶ, ୧୫।୭ (ସ୍ୱ.ପ୍ର.)**

ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର ବିଭିନ୍ନ ପଞ୍ଚାୟତରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ପାଇଁ ସୋମବାର ପ୍ରଚାର କରିଛନ୍ତି ଦଳର ମୁଖପାତ୍ର ସମ୍ବିତ ପାତ୍ର। ଅନ୍ୟ ତୁଙ୍ଗ ନେତାଙ୍କ ସହ ମିଶି ସେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ଏଥିସହ ବିଜୟଙ୍କୁ ବିଜୟୀ କରାଇବା ପାଇଁ ଦଳୀୟ କର୍ମୀଙ୍କୁ ସମ୍ବିତ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ରୋଡ ଶୋ କେନ୍ଦ୍ରାପଡ଼ା କଲେଜ ଛକରୁ ଆରମ୍ଭ ହୋଇ ଶ୍ରୀଲଛମନ ଜୀଉ ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରୁ ଶ୍ରୀଜୀଉଙ୍କ ଦର୍ଶନ ସାରି ନେତାମନେ ଅଁଳାବାଙ୍କ ଦେଇ ବିହାରୀଛକସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ଏଥିରେ କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ବିଜୟଙ୍କୁ ଜିତାଇବାକୁ ଦଳୀୟ ନେତାମାନେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂଦେଓ, ପୂର୍ବତନ ମନ୍ତ୍ରୀ ସମୀର ଦେ, ବିଧାୟକ ନାଉରୀ ନାୟକ, ରାଜେନ୍ଦ୍ର ସାମଲ, ପ୍ରଦୀପ ପଟ୍ଟନାୟକ, ବିଷ୍ଣୁ ଦାସ, ମାନସ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ସାପ କାମୁଡ଼ାରେ ଛାତ୍ର ମୃତ

**ଖଇରା, ୧୫।୭(ଡି.ଏନ.ଏ.)**

ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ମଉଜମପୁର ଗ୍ରାମର ଗୋବିନ୍ଦ ଦାସଙ୍କ ପୁଅ ଶିବ ସୁନ୍ଦର ରବିବାର ରାତିରେ ସାପ କାମୁଡାରେ ପ୍ରାଣ ହରାଇଛନ୍ତି। ଶିବ ସୁନ୍ଦର ବାଣପୁର ସରସ୍ୱତୀ ମନ୍ଦିରରେ ୫ମ ଶ୍ରେଣୀରେ ପଢୁଥିଲେ। ରବିବାର ରାତିରେ ସେ ଖାଇସାରି ହାତ ଧୋଇବାକୁ ଘର ବାହାରକୁ ଆସିଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଭଦ୍ରକ ଡାକ୍ତରଖାନାକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ମାଣିତ୍ରୀ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସ ଦାବି କରିଛନ୍ତି।

## ଭିଜିଲାନ୍ସ ଜାଲରେ ୯ ଆଇଏଏସ୍, ୨୨୭ ଓଏଏସ୍

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ରାଜ୍ୟରେ ତଳୁ ଉପର ଯାଏ ଦୁର୍ନୀତି ଖୁନ୍ଦି ହୋଇ ରହିଛି। କେବଳ ତଳିଆ କର୍ମଚାରୀ ଯେ ହାତଗୁଞ୍ଜା ନେଉଛନ୍ତି ତାହା ନୁହେଁ, ବଡ଼ ବାବୁମାନେ ମଧ୍ୟ ଦୁର୍ନୀତିରୁ ଦୂରରେ ନାହାନ୍ତି। ବିଜେଡି ସରକାର ପ୍ରଶାସନିକ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଆସୁଥିବା କହୁଥିବା ବେଳେ ବାସ୍ତବ କ୍ଷେତ୍ରରେ କିନ୍ତୁ ଫଳ ଓଲଟା। ବାବୁମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୩-ଟି କିମ୍ବା ୫-ଟିକୁ ମଧ୍ୟ ଖାତିର କରୁନାହାନ୍ତି। ୨୦୧୦ ଜାନୁୟାରୀରୁ ୨୦୧୯ ଜୁନ୍ ୩୦ ତାରିଖ ମଧ୍ୟରେ ଦୁର୍ନୀତି ଅଭିଯୋଗରେ ୨୩୬ ଜଣ ବାବୁଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରିଛି। ସେମାନଙ୍କ ମଧ୍ୟରେ ୯ ଜଣ ଆଇଏଏସ୍ ଅଫିସର ଥିବା ବେଳେ ୨୨୭ ଜଣ ଓଏଏସ୍ ଅଫିସର ଅଛନ୍ତି। ଏହି ୯ ଜଣ ଆଇଏଏସ୍ ଅଫିସରଙ୍କ ବିରୋଧରେ ୧୧ଟି ମାମଲ ରୁଜୁ କରାଯାଇଛି। ସେଥିରୁ ୬ଟି କେସ୍‌ର ଚାର୍ଜସିଟ୍ ଭିଜିଲାନ୍ସ ଦାଖଲ କରିଥିବା ବେଳେ ୪ଟିର ତଦନ୍ତ ଜାରି ରହିଛି ଏବଂ ଜଣଙ୍କ ବିରୋଧରେ ଚୂଡ଼ାନ୍ତ ରିପୋର୍ଟ ଉପସ୍ଥାପନ କରାଯାଇଛି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ପ୍ରଶ୍ନ ନଂ.୬୦୫ର ଜବାବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ତଥ୍ୟରୁ ଏ କଥା ସ୍ପଷ୍ଟ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୧୦ ମେ ୧୧ ତାରିଖରେ ରାଜ୍ୟ ଦୁର୍ନୀତି ନିବାରଣ ସଂସ୍ଥା ତତ୍କାଳୀନ ମତ୍ସ୍ୟ ଓ ପ୍ରାଣୀସମ୍ପଦ ନିର୍ଦ୍ଦେଶକ ବସ୍ତୁପଦ ସେଠୀଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। ତେବେ ଇତିମଧ୍ୟରେ ୮ ବର୍ଷ ବିତିଯାଇଥିଲେ ସୁଦ୍ଧା ସେହି ମାମଲାର କୌଣସି ଅଗ୍ରଗତି ହୋଇପାରିନାହିଁ। ସେହିପରି ଭିଜିଲାନ୍ସ ୨୦୧୦ ଜୁନ୍ ୩୦ ତାରିଖରେ ଆଇଏଏସ୍ ଅଫିସର ଶ୍ରୀକାନ୍ତ ପୃଷ୍ଟି, ୨୦୧୦ ସେପ୍ଟେମ୍ବର ୨୯ ତାରିଖରେ ରବୀନ୍ଦ୍ର ନାଥ ଦାଶ, ୨୦୧୦ ସେପ୍ଟେମ୍ବର ୩୦ରେ ଅମ୍ବିକା ପ୍ରସାଦ ମିଶ୍ର, ୨୦୧୧ ଫେବୃୟାରୀ ୨୪ ତାରିଖରେ ଅଲେଖ ଚନ୍ଦ୍ର ପଢିଆରୀ, ୨୦୧୧ ଓ ୨୦୧୫ରେ ବିନୋଦ କୁମାର, ୨୦୧୨ ଡିସେମ୍ବର ୨୮ ତାରିଖରେ ସଞ୍ଜୀବ ରାୟ, ୨୦୧୪ ସେପ୍ଟେମ୍ବର ୩୦ ତାରିଖରେ ଦେବରାଜ ମିଶ୍ର ଏବଂ ୨୦୧୭ ଫେବୃୟାରୀ ୧୬ ଏବଂ ଏପ୍ରିଲ ୩ ତାରିଖରେ ପାର୍ଥସାରଥି ମିଶ୍ରଙ୍କ ନାମରେ ମାମଲା ରୁଜୁ ହୋଇଛି।

## କେଆର୍ ରେଳପଥରେ ପୁଣି ଅଗ୍ନିକାଣ୍ଡ

**ରାୟଗଡା ଅଫିସ୍, ୧୫।୭**

କୋରାପୁଟ-ରାୟଗଡା(କେଆର୍) ରେଳପଥରେ ବିପର୍ଯ୍ୟୟ ପିଛା ଛାଡୁନାହିଁ। ଗତ ୨୫ତାରିଖରେ ଦୁର୍ଘଟଣା ଓ ପରେ ସର୍ଟସର୍କିଟଜନିତ ଅଗ୍ନିକାଣ୍ଡ ଯୋଗୁ ୩ ଜଣ ରେଳ କର୍ମଚାରୀଙ୍କ ପ୍ରାଣହାନି ଘଟିଥିଲା। ସୋମବାର ପୁଣି ଏଠାରେ ଘଟିଛି ସର୍ଟ୍‌ସର୍କିଟ। ଶିକରପାଇ ଓ କେଉଟଗୁଡା ରେଳ ଷ୍ଟେଶନ୍‌ର ମଧ୍ୟବର୍ତ୍ତୀ ସ୍ଥାନ ୧୪୮/୦ ପୋଷ୍ଟ ନିକଟରେ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଫଳରେ କେଆର୍ ରେଳପଥରେ ରେଳ ଚଳାଚଳ ପ୍ରଭାବିତ ହେବାସହ ବିଶାଖାପାଟଣା-କୋରାପୁଟ ଡିଏମ୍‌ୟୁ ଟ୍ରେନ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ସୂଚନାଯୋଗ୍ୟ ଯେ, ସର୍ଟ୍‌ସର୍କିଟରୁ ନିଆଁ ଲାଗିଥିବା ନେଇ ସୁପରଭାଇଜର ଭୀମ ନାଏକ ଦେଖି ନିଜ ଗ୍ରାମ କାଶୀପୁର ବ୍ଲକ୍‌ର ବାହାରଦୁଲୁକିକୁ ସୂଚନା ଦେଇଥିଲେ। ସେହି ସମୟରେ କୋରାପୁଟ ପଟୁ ରାୟଗଡାକୁ ଆସୁଥିବା ମାଲବାହୀ ଟ୍ରେନକୁ ଶ୍ରମିକମାନେ ଅଟକାଇ ସମ୍ପୂର୍ଣ୍ଣ ତଥ୍ୟ ଦେଇଥିଲେ। ପରେ ମାଲବାହୀ ଟ୍ରେନର ଡ୍ରାଇଭର ରାୟଗଡା ଓ ଲକ୍ଷ୍ମୀପୁର ରେଳ ଷ୍ଟେଶନ୍‌କୁ ସୂଚନା ଦେଇଥିଲେ। ସେହି ସମୟରେ ବିଶାଖପାଟଣାଠାରୁ କୋରାପୁଟ ଯାଉଥିବା ଡିଏମ୍‌ୟୁ ଟ୍ରେନ ଆସିବା ପାଇଁ ସିଗ୍‌ନାଲ ପ୍ରଦାନ କରାଯାଇଥିଲା। କୌଣସିମତେ କେଉଟଗୁଡା ରେଳ ଷ୍ଟେଶନ୍‌କୁ ସୂଚନା ଦେବା ପରେ ସୂଚନା ପାଇ ଡିଏମ୍‌ୟୁ ସେଠାରେ ଅଟକି ଥିଲା। ଦୀର୍ଘ ୬ଘଣ୍ଟାପରେ ସନ୍ଧ୍ୟା ୫ଟାରେ ଡିଏମ୍‌ୟୁ କୋରାପୁଟ ଅଭିମୁଖେ ଯାତ୍ରା କରିଥିଲା।

## ଫର୍ଜନା ପାଲଟିଲେ ସ୍ୱପ୍ନାରାଣୀ

### ମନ୍ଦିରରେ ସଂସ୍କାର ପରେ ହେଲା ବାହାଘର

**ତିହିଡ଼ି, ୧୫।୭ (ଡି.ଏନ.ଏ.)**

ଭଲପାଇବା ମାନେନି ଜାତିଭେଦ କି ସାମାଜିକ ବନ୍ଧନ। ପ୍ରଶାନ୍ତ ଓ ଫର୍ଜନା ଏହା ବିରୋଧରେ ସାହସର ସହ ଲଢ଼ି ଏବେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରିଛନ୍ତି। ଏକ ସଂଖ୍ୟାଲଘୁ ସମ୍ପ୍ରଦାୟର ଝିଅ ଫର୍ଜନା ସାଜିଛନ୍ତି 'ସ୍ୱପ୍ନାରାଣୀ', ଏକ ଓଡ଼ିଆ ଘରର ବୋହୂ। ସୋମବାର ଭଦ୍ରକ ଜିଲା ତିହିଡ଼ି ଥାନା ଭାଟପଡ଼ାସ୍ଥିତ ତାରିଣୀଙ୍କ ମନ୍ଦିରରେ ସେମାନଙ୍କ ବିବାହ ଉତ୍ସବ ଆୟୋଜିତ ହୋଇଥିଲା। ନା ଫୁଟିଥିଲା ବାଣ ନା ଆସିଥିଲା ବର ଶୋଭାଯାତ୍ରା। ମନ୍ଦିର ରୀତିନୀତି ଅନୁଯାୟୀ ନାମ ପଞ୍ଜୀକରଣ ପରେ ବରକନ୍ୟା ବେଦିରେ ବସିଥିଲେ। ପ୍ରଥମେ ପ୍ରେମୀଯୁଗଳଙ୍କୁ ସଂସ୍କାର କରାଯାଇ ହିନ୍ଦୁଧର୍ମକୁ ଅଣାଯାଇଥିଲା। ପରେ ବୈଦିକ ରୀତିରେ ବିବାହ ଅନୁଷ୍ଠିତ ହୋଇଥିଲା। ଆର୍‌ଏସ୍‌ଏସ୍‌ର କିଶୋର ନାୟକ କନ୍ୟାପିତା ଏବଂ ବର ପ୍ରଶାନ୍ତଙ୍କ ମା' କନକଲତା ମହାଲିକ ବିବାହ ଦାୟିତ୍ୱ ତୁଲାଇଥିଲେ।


ପ୍ରଶାନ୍ତ ଓ ସ୍ୱପ୍ନାରାଣୀ।

ବିଶ୍ୱହିନ୍ଦୁ ପରିଷଦର ଭୁବନାନନ୍ଦ ମିଶ୍ର, ଯଯାତି ଦାସ, ରଘୁନାରାୟଣ ନାୟକ, ଜଗନ୍ନାଥ ବେହେରା, ରତିକାନ୍ତ ଦାସ, ବୈଦ୍ୟନାଥ ସେନାପତି ଓ ବଜରଙ୍ଗ ଦଳର ଜୟପ୍ରକାଶ ପତି ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

ପ୍ରଶାନ୍ତଙ୍କ ଘର ତିହିଡ଼ି ଥାନା ଅଧୀନ ବାରୋ ଗ୍ରାମରେ। ସେ କେନ୍ଦ୍ରାପଡ଼ା ଜିଲାର ମନକରପୁର ଗ୍ରାମଠାରୁ କିଛି ଦୂରରେ ଏକ ସ୍କୁଲ ଖୋଲି ପିଲାଙ୍କୁ ଶିକ୍ଷା ଦେଉଥିଲେ। ସେହି ସ୍କୁଲରେ ମନକରପୁର ଅଞ୍ଚଳର ଫର୍ଜନା ଆଜମୀ କର୍ମଚାରୀ ଭାବେ କାମ କରୁଥିଲେ। ୩ ବର୍ଷ ପୂର୍ବେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଏ ବିଷୟରେ ପରିବାର ଲୋକେ ଜାଣିବା ପରେ ସେମାନଙ୍କୁ କଡ଼ା ବିରୋଧ କରିଥିଲେ। ଏଥିଲାଗି ଫର୍ଜନାଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ସହିବାକୁ ପଡ଼ିଥିଲା। ଶେଷରେ ପ୍ରେମୀଯୁଗଳ କେନ୍ଦ୍ରାପଡ଼ା ଛାଡ଼ି ଟାଟା ଚାଲି ଯାଇଥିଲେ। ସେଠାରେ ୧୫ ଦିନ ରହିବା ପରେ ଭଦ୍ରକ ଫେରିଆସି ଏକ ଭଡ଼ାଘର ନେଇ ରହୁଥିଲେ। ପରେ ଫର୍ଜନା ଏକ ପୁତ୍ରସନ୍ତାନର ଜନନୀ ହୋଇଥିଲେ। ପ୍ରଶାନ୍ତଙ୍କୁ ପରିବାର ଲୋକେ ବିରୋଧ କରୁଥିବାରୁ ଘରକୁ ଯିବା ଲାଗି ଛାଡ଼ି ନ ଥିଲେ। ଏଭଳି ସ୍ଥିତିରେ ପ୍ରଶାନ୍ତ ୧୫ ଦିନ ତଳେ ତିହିଡ଼ିର ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ସହଯୋଗ କରିବାକୁ ନିବେଦନ କରିଥିଲେ। ପରିଶେଷରେ ପରିଷଦର କର୍ମକର୍ତ୍ତା ତିହିଡ଼ି ଥାନା ଭାଟପଡ଼ାସ୍ଥିତ ତାରିଣୀ ମନ୍ଦିରରେ ସ୍ୱପ୍ନାରାଣୀ ଓ ପ୍ରଶାନ୍ତଙ୍କ ବିବାହ କରାଇବାକୁ ସ୍ଥିର କରିଥିଲେ।

## ବାଇକ୍‌କୁ ଧକ୍କାଦେଲା ଟ୍ରକ୍, ୨ ମୃତ

**ଭବାନୀପାଟଣା, ୧୫।୭(ଡି.ଏନ.ଏ.)**

ଭବାନୀପାଟଣା-ଖରିଆର ୧୬ ନଂ. ରାଜ୍ୟ ରାଜପଥ ତୁର୍କେଲ ତେଲ ନଦୀ ପୋଲ ଉପରେ ସୋମବାର ଏକ ବାଇକ୍‌କୁ ଟ୍ରକ ପଛପଟୁ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବଲାଙ୍ଗୀର ଜିଲା ତୁରେକେଲା ଗାଁର ମଦନ ବେହେରା (୪୫) ଓ ଭାଲୁମୁଣ୍ଡା ଗାଁର ଅନିରୁଦ୍ଧ ମେହେର (୪୦)। ଅନିରୁଦ୍ଧ ଓ ମଦନ ଏକ ବାଇକ୍ (ନଂ.ଓଆର୦୩ଏମ୍-୧୬୮୫)ରେ ନିଜ ଗାଁରୁ ଭବାନୀପାଟଣା ଗାୟତ୍ରୀ କଲେଜରେ ପଢୁଥିବା ଝିଅ ପାଖକୁ ଯାଉଥିଲେ। ଏହି ସମୟରେ ତୁର୍କେଲ ନିକଟ ତେଲ ନଦୀ ପୋଲ ଉପରେ ପଛପଟୁ ଆସୁଥିବା ଟ୍ରକ୍ (ନଂ. ସିଜି୦୪ଏମ୍‌ଏ-୯୪୭୭) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାସ୍ଥଳରେ ମଦନଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ଅନିରୁଦ୍ଧଙ୍କୁ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ କର୍ଲାପଡା ଫାଣ୍ଡିରେ ଅଟକ ରଖାଯାଇଛି।

## ଏସ୍‌ଏଚ୍‌ଜିରୁ ୫ ଲକ୍ଷ ଟଙ୍କା ଠକେଇ

**ବାଲେଶ୍ୱର ଅଫିସ, ୧୫।୭**

ବାଲେଶ୍ୱର ରୂପ୍‌ସା ଥାନା ବାଖରାବାଦ ଅଞ୍ଚଳର ଶିବବାବା ଏସ୍‌ଏଚ୍‌ଜି(ସ୍ୱୟଂ ସହାୟକ ଗୋଷ୍ଠୀ) ଏବଂ ଲକ୍ଷ୍ମୀନାରାୟଣ ଏସ୍‌ଏଚଜିର ସଦସ୍ୟା ଥିବା ଜଣେ ମହିଳା ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଉଭୟ ଗୋଷ୍ଠୀ ମହିଳାମାନେ ଏନେଇ ସୋମବାର ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି।

ଫେରାର ହୋଇଥିବା ଉକ୍ତ ମହିଳା ଗଡ଼ପଦା ପଞ୍ଚାୟତର ବାଖରାବାଦ ଗାଁର ୱାର୍ଡ଼ମେମ୍ବର ଅଛନ୍ତି। ସେ ବିଭିନ୍ନ ଅଞ୍ଚଳରେ ବୁଲି ସ୍ୱୟଂ ସହାୟକ ଗୋଷ୍ଠୀ ତିଆରି କରିବା ପରେ ବ୍ୟାଙ୍କ ଦ୍ୱାରା ଲୋନ୍ ଓ ସବ୍‌ସିଡ଼ି ନେଣଦେଣରେ ସହାୟକ ହୋଇଥାନ୍ତି। ଉପରୋକ୍ତ ଦୁଇ ଗ୍ରୁପ୍‌ର ସଦସ୍ୟ ଭାବେ ରହି ସମସ୍ତ କାର୍ଯ୍ୟ ବୁଝାଶୁଝା କରିବା ସହ ଗ୍ରୁପ୍ ନିମନ୍ତେ ସ୍ଥାନୀୟ ଗ୍ରାମ୍ୟ ବ୍ୟାଙ୍କରୁ ଟଙ୍କା ନେଣଦେଣ କରିଆସୁଥିଲେ। ଗ୍ରୁପ୍ ନାମରେ ଋଣ କରାଯାଇଥିବା ଟଙ୍କାକୁ ମାତ୍ର ଜଣେ, ଦୁଇଜଣ ସଦସ୍ୟଙ୍କୁ ଟଙ୍କା ଦେଇ ମାସିକ ସୁଧମୂଳ ବ୍ୟାଙ୍କରେ ପୈଠ କରିବାର ସଦସ୍ୟାମାନଙ୍କୁ ପ୍ରତିଶ୍ରୁତି ଦେଇ ସମସ୍ତ ଟଙ୍କାକୁ ହାତେଇ ନେଇଥାନ୍ତି। ସଦସ୍ୟାମାନେ ତାଙ୍କୁ ବିଶ୍ୱାସ କରି ୨ ବର୍ଷ ଧରି ନିର୍ଦ୍ଧାରିତ ମାସିକ ଧାର୍ଯ୍ୟ ଟଙ୍କାକୁ ମଧ୍ୟ ଦେଇଆସୁଥିଲେ। ସେ ଉକ୍ତ ଟଙ୍କାକୁ ଡିପୋଜିଟ୍ କରି ନ ଥିବାର ଜଣାପଡ଼ିଛି। ଏସଏଚ୍‌ଜି ସମ୍ପାଦିକା ଓ ସଭାପତିଙ୍କୁ ବ୍ୟାଙ୍କରୁ କିସ୍ତି ଖିଲାପ ନୋଟିସ୍ ଆସିବା ପରେ ଠକେଇ ସମ୍ପର୍କରେ ଜଣାପଡ଼ିଥିଲା। ସଦସ୍ୟାଙ୍କ ପରିବାର ଲୋକ ସମ୍ପୃକ୍ତ ମହିଳାଙ୍କ ପାଖକୁ ଯାଇ ପଚରାଉଚରା କରି ବ୍ୟାଙ୍କକୁ ଯିବା ପାଇଁ ଡାକିଥିଲେ। ସେ ଚଞ୍ଚକତା କରି ଗତ ମାର୍ଚ୍ଚରୁ ଗାଁରୁ ଫେରାର ହୋଇଯାଇଥିଲେ। ବାଲେଶ୍ୱର ସଦର ଥାନା ତାମୁଲିଆ ଗାଁରେ ଏକ ଭଡ଼ାଘରେ ଉକ୍ତ ମହିଳା ରହୁଥିବା ଜାଣିପାରି ସଦସ୍ୟାମାନେ ସେଠାରେ ପହଞ୍ଚିଥିଲେ। ହେଲେ ଦେଖା ନ ପାଇ ସେଠାରୁ ନିରାଶ ହୋଇ ଫେରିଥିଲେ। ଏନେଇ ଉଭୟଗୋଷ୍ଠୀର ସମ୍ପାଦିକା ଓ ସଭାପତି ରୂପ୍‌ସା ଥାନାରେ ଗତ ଜୁନ୍ ୩୦ ତାରିଖରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସେମାନଙ୍କ ଅଭିଯୋଗକୁ କାର୍ଯ୍ୟକାରୀ କରୁ ନ ଥିବାରୁ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ବୋଲି ଶିବବାବା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ପ୍ରଭାତି ରାଉତ, ସମ୍ପାଦିକା ସବିତା ନାୟକ ଏବଂ ଲକ୍ଷ୍ମୀନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ମଞ୍ଜୁଲତା ଲେଙ୍କା, ସମ୍ପାଦିକା ଜୟନ୍ତୀ ବେହେରା। ସମ୍ପୃକ୍ତ ମହିଳା ଉକ୍ତ ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ, ଏସ୍‌କେଏସ୍ ଓ ବନ୍ଦନା ଗ୍ରୁପ ତିଆରି କରି ବହୁ ଟଙ୍କା ହଡ଼ପ କରିଥିବା ସଦସ୍ୟା ଅଭିଯୋଗରେ ଦର୍ଶାଇଛନ୍ତି।


ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦୁଇ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା।



ମନୁଷ୍ୟତ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
- ସ୍ୱାମୀ ବିବେକାନନ୍ଦ



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବିକ୍ଷୋଭ, ଅବକାରୀ ବିଭାଗ ବାସଗୃହ ସମ୍ମୁଖ, ସକାଳ ୮ଟା ୩୦।
- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ମାତୃବିହାର, ଖଣ୍ଡଗିରି, ସକାଳ ୮ଟା ୩୦ରୁ ରାତି ୯ଟା।
- ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସମାରୋହ, ରବୀନ୍ଦ୍ର ମଣ୍ଡପ, ସକାଳ ୯ଟାରୁ ରାତି ୯ଟା ୩୦।
- ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ବୈଠକ, ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଆଶାକର୍ମୀ ଆସୋସିଏଶନ ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- ସହରରୁ ଗାଁ ଓ ଶିକ୍ଷା ରୋଜଗାର ଅଧିକାରୀ ଅଭିଯାନ ପକ୍ଷରୁ ଆଲୋଚନାଚକ୍ର, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା ୩୦।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ନୃତ୍ୟ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟାରୁ ରାତି ୯ଟା।

## ୧୮ରେ ଏଲ୍‌ଆଇସି ଅଧ୍ୟକ୍ଷଙ୍କ ଓଡ଼ିଶା ଗସ୍ତ

କଟକ ଅଫିସ,୧୫।୭: ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି)ର ଅଧକ୍ଷ ଏମ୍.ଆର୍ କୁମାର ଚଳିତ ମାସ ୧୮ରେ ଓଡିଶା ଆସୁଛନ୍ତି। ଏହି ଅବସରରେ ତାଙ୍କୁ ଏଲ୍‌ଆଇସି କଟକ ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ଏଥିଲାଗି ସମସ୍ତ ପ୍ରସ୍ତୁତି କରାଯାଇଥିବା ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ରାଉତରାୟ ସୂଚନା ଦେଇଛନ୍ତି। ଅଧକ୍ଷ ନୂଆପାଟଣାସ୍ଥିତ କଟକ ମଣ୍ଡଳ କାର୍ଯ୍ୟାଳୟର ଆଧୁନିକୀକରଣ କାର୍ଯ୍ୟ ଶୁଭାରମ୍ଭ କରିବେ। ସୂଚନାଯୋଗ୍ୟ, ଗତବର୍ଷ କଟକ ମଣ୍ଡଳ ୫ ଲକ୍ଷ ୧୦ହଜାର ପଲିସି ଏବଂ ୩୨୫ କୋଟି ଟଙ୍କାର ନନ୍ ସିଙ୍ଗଲ ପ୍ରିମିୟମ ଆୟ କରି ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଛି। ୧୯୫୬ରେ ଏଲ୍‌ଆଇସି ଜାତୀୟକରଣ ସମୟରୁ କଟକ ଡିଭିଜନ ସ୍ଥାପନ କରାଯାଇଥିଲା ବେଳେ ଏହା ଓଡ଼ିଶାର ସର୍ବପୁରାତନ । ଗସ୍ତ ଅବସରରେ ଅଧକ୍ଷ ଅଭିକର୍ତ୍ତା, ଉନ୍ନୟନ ଅଧିକାରୀଙ୍କୁ ଅଭିଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି। ଏହାବାଦ ସଫଳ ଅଭିକର୍ତ୍ତା ଏବଂ ଉନ୍ନୟନ ଅଧିକାରୀମାନଙ୍କୁ ସେ ସମ୍ମାନିତ କରିବେ। ତାଙ୍କ ସହ କ୍ଷେତ୍ରୀୟ ପ୍ରବନ୍ଧକ, ମହେନ୍ଦ୍ର କୁମାର ଓ ସେଣ୍ଟ୍ରାଲ ଅଫିସର ଇଞ୍ଜିନିୟରିଂ ବିଭାଗ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବ କୁମାର ବାନାର୍ଜୀ ଉପସ୍ଥିତ ରହିବେ।

# ବଙ୍ଗଳା ଫିଲ୍ମରେ 'ରଙ୍ଗବତୀ'



### ଗୀତରେ ଓଡ଼ିଆ-ବଙ୍ଗଳା କଳା, ସଂସ୍କୃତିର ସମନ୍ୱୟ

ଭୁବନେଶ୍ୱର,୧୫।୭(ବ୍ୟୁରୋ)

ହିନ୍ଦୀ ପରେ ବଙ୍ଗଳା ସିନେମାରେ ସ୍ଥାନ ପାଇଛି ଲୋକପ୍ରିୟ ସମ୍ବଲପୁରୀ ଗୀତ ରଙ୍ଗବତୀ। ୭୦ ଦଶକର ପ୍ରସିଦ୍ଧ ଏହି ଗୀତକୁ ଶ୍ରୋତାମାନେ ତେଲୁଗୁ ଓ ହିନ୍ଦୀ ଭାଷାରେ ଶୁଣିବା ପରେ ଏବେ ବଙ୍ଗଳା ଭାଷାରେ ଶୁଣିବାର ଅବସର ପାଇବେ। ଅକ୍ଷୟ ପରିଜାଙ୍କ ଦ୍ୱାରା ପ୍ରଯୋଜିତ ଓ ଶିବପ୍ରସାଦ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ବଙ୍ଗଳା ଫିଲ୍ମ 'ଗୋତ୍ର'ରେ ସମ୍ପୂର୍ଣ୍ଣ ନିଆରା ଶୈଳୀରେ ସ୍ଥାନପାଇଛି ରଙ୍ଗବତୀ ଗୀତ। ଗୀତକୁ ବଙ୍ଗଳାରେ ଅନୁବାଦ କରାଯାଇଥିବା ବେଳେ ଏହାର ସ୍ୱର, ତାଳ ଓ ଲୟ ସବୁକିଛି ରଙ୍ଗବତୀ ଗୀତର ମୌଳିକତାକୁ ଅକ୍ଷୁଣ୍ଣ ରଖିଛି। ଏପଟେ ଗୀତ ରିଲିଜ ହେବାର ମାତ୍ର କିଛି ସମୟ ମଧ୍ୟରେ ଏହା ୟୁଟ୍ୟୁବ୍‌ରେ ସୁପରହିଟ୍ ହୋଇଛି।

ବଙ୍ଗଳା ସିନେମାରେ ସମ୍ବଲପୁରୀ ଗୀତ ରଙ୍ଗବତୀର ପରିକଳ୍ପନା କେହି କରି ନଥିଲେ ସୁଦ୍ଧା ଏହା ବାସ୍ତବତାର ରୂପ ନେଇଛି। ବଙ୍ଗଳା ସିନେମା ପ୍ରଯୋଜନା କ୍ଷେତ୍ରରେ ପାଦ ଦେଇଥିବା ଓଡ଼ିଶା ଜନ୍ମିତ ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ପ୍ରୟାସରେ ଏହା ସମ୍ଭବ ହୋଇଛି। ପ୍ରାୟ ୪ ମିନିଟ ୩୦ ସେକେଣ୍ଡର ଏହି ଗୀତରେ ଓଡ଼ିଆ ଏବଂ ବଙ୍ଗଳା ସଂସ୍କୃତି, ପରମ୍ପରାରେ ରହିଥିବା ସମନ୍ୱୟକୁ ଅତି ଚିତ୍ତାକର୍ଷକ ଶୈଳୀରେ ଦର୍ଶାଯାଇଛି। ସମୁଦ୍ରକୂଳରେ ଶୁଟିଂ ହୋଇଥିବା ଏହି ଗୀତରେ ଓଡ଼ିଶାର ପାରମ୍ପରିକ ଘୁମୁରା, ଘୋଡା ନାଚ, ନାଗା ମେଢ, ପଶୁମୁଖା ନୃତ୍ୟ, ଡାଲଖାଇ ନୃତ୍ୟ ଦେଖିବାକୁ ମିଳିଛି। ଏହାସହ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟର ଝଲକ ମଧ୍ୟ ଏଥିରେ ଦେଖିବାକୁ ପାଇଛନ୍ତି ଦର୍ଶକ। ରସଗୋଲା ହେଉ କି ଭାଷା ବିତର୍କ, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ମଧ୍ୟରେ ଅଧିକାଂଶ ସମୟରେ ବିବାଦ ଦେଖାଦେବା କିଛି ନୂଆକଥା ନୁହେଁ। ହେଲେ ପ୍ରଥମଥର ପାଇଁ ଉଭୟ ରାଜ୍ୟର କଳା, ସଂସ୍କୃତିକୁ ଗୋଟିଏ ପରଦାରେ ଦେଖିବାକୁ ମିଳିବା ନିଶ୍ଚୟ ନୂଆକଥା।

୨୦୧୫ରେ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ବିଜେତା ଫିଲ୍ମନିର୍ମାତା ନୀଳମାଧବ ପଣ୍ଡାଙ୍କ ଦ୍ୱାରା ନିର୍ମିତ ହିନ୍ଦୀ ଫିଲ୍ମ 'କନ୍ କିତନେ ପାନିମେ'ରେ ରଙ୍ଗବତୀ ସ୍ଥାନ ପାଇଥିଲା। 'ରଙ୍ଗ୍ ଦେ ବସନ୍ତୀ' ଷ୍ଟାର୍ କୁନାଲ କପୁର ଏବଂ ଅଭିନେତ୍ରୀ ରାଧିକା ଆପ୍ଟେଙ୍କ ସହ ଓଡ଼ିଆ ଅଭିନେତ୍ରୀ ପ୍ରକୃତି ମିଶ୍ର ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀଙ୍କୁ ରଙ୍ଗବତୀର ତାଳେ ତାଳେ ନୃତ୍ୟ କରୁଥିବାର ଦେଖିବାକୁ ମିଳିଥିଲା। ଗୀତକୁ ହିନ୍ଦୀ ଭାଷାରେ ରୂପାନ୍ତରିତ କରାଯାଇଥିଲେ ମଧ୍ୟ ଏହାର ତାଳ, ଲୟ ଏବଂ ମର୍ମକୁ ଅକ୍ଷୁଣ୍ଣ ରଖାଯାଇଥିଲା। ସେଥିରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ବାଦ୍ୟର ବ୍ୟବହାର କରାଯାଇଥିବାବେଳେ ପଶ୍ଚିମ ଓଡ଼ିଶାର ଝଲକ ଦେଖିବାକୁ ମିଳିଥିଲା। ୧୯୭୯ରେ ଆକାଶବାଣୀ ସମ୍ବଲପୁର କେନ୍ଦ୍ରରୁ ସୁରମାଳିକା କାର୍ଯ୍ୟକ୍ରମରେ ରଙ୍ଗବତୀ ଗୀତକୁ ପରିବେଷଣ କରାଯିବା ପରେ ଏହି ଗୀତଟି ଅଜସ୍ର ଲୋକପ୍ରିୟତା ହାସଲ କରିଥିଲା। ଏହାପରେ ବିବିସି ଏବଂ ଭଏସ୍ ଅଫ୍ ଆମେରିକା ଭଳି ଅନ୍ତର୍ଜାତୀୟ ରେଡିଓ ଷ୍ଟେଶନରେ ଏହି ଗୀତକୁ ପରିବେଷଣ କରାଯାଇଥିଲା। ଏହାସହ ବିଭିନ୍ନ ସ୍ଥାନରେ ରଙ୍ଗବତୀ ବ୍ୟବହୃତ ହୋଇ ଶ୍ରୋତାଙ୍କ ଆଦର ସାଉଁଟି ଥିଲା। ୨୦୦୨ରେ ତେଲୁଗୁ ଫିଲ୍ମ 'ଶ୍ରୀରାମ'ରେ ରଙ୍ଗବତୀ ଶୁଣିବାକୁ ମିଳିଥିଲା।

### 'ମିସ୍ ଟିନ୍ ଡିଭା ଇଣ୍ଡିଆ ଇଣ୍ଟରନ୍ୟାଶନାଲ'

# ଟାଇଟଲ ଜିତିଲେ ଓଡ଼ିଆ ଝିଅ



ଭୁବନେଶ୍ୱର,୧୫।୭(ବ୍ୟୁରୋ)

ନୂଆଦିଲ୍ଲୀରେ ଅନୁଷ୍ଠିତ ମିସ୍ ଟିନ୍ ଡିଭା ଇଣ୍ଡିଆ ଇଣ୍ଟରନ୍ୟାଶନାଲ ୨୦୧୯ ଟାଇଟଲ ଜିତିଛନ୍ତି ଓଡ଼ିଆ ଝିଅ ଲାବଣ୍ୟା ଦାସ। ଭୁବନେଶ୍ୱର ୟୁନିଟ୍-୮ ଡିଏଭିରେ ଦଶମ ଶ୍ରେଣୀରେ ପଢୁଥିବା ଲାବଣ୍ୟା ଏହି ଟାଇଟଲ ଜିତି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ରବିବାର ରାତିରେ ଅନୁଷ୍ଠିତ ଏହି ବ୍ୟୁଟି ପାଜେଣ୍ଟରେ ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀଭାବେ ଲାବଣ୍ୟା ଅଂଶଗ୍ରହଣ କରିଥିଲେ। ଭାରତରୁ ୪୦ ଜଣ ପ୍ରତିଯୋଗୀ ଫାଇନାଲ ରାଉଣ୍ଡକୁ ଯାଇଥିବାବେଳେ ଲାବଣ୍ୟା ସମସ୍ତଙ୍କୁ ପଛରେ ପକାଇ ଟାଇଟଲ ଜିତିଥିଲେ। ପୂର୍ବରୁ ମାଲେସିଆରେ ଅନୁଷ୍ଠିତ ମିସ୍ ଟୁରିଜିମ୍ ଆମ୍ବାସାଡର ୟୁନିଭର୍ସ ୨୦୧୮ ପ୍ରତିଯୋଗିତାରେ ସେ ମିସ୍ ଟୁରିଜିମ୍ ଆମ୍ବାସାଡର ୟୁନିଭର୍ସ ଟିନ୍ ଟାଇଟଲ୍ ହାସଲ କରିଥିଲେ। ଓଡ଼ିଶାର କଳା, ସଂସ୍କୃତିର ଝଲକ ଦେଇ ସେ ପିନ୍ଧିଥିବା ଗାଉନ୍ ଏହି ପ୍ରତିଯୋଗିତାର 'ବେଷ୍ଟ କଷ୍ଟ୍ୟୁମ୍' ଟାଇଟଲ୍ ଜିତିବାରେ ସଫଳ ହୋଇଥିଲା। ଏହାସହ ଥାଇଲାଣ୍ଡରେ ଅନୁଷ୍ଠିତ 'ପ୍ରିନ୍ସ ଆଣ୍ଡ ପ୍ରିନ୍ସେସ୍ ଇଣ୍ଟରନ୍ୟାଶନାଲ'ରେ ସେ 'ବେଷ୍ଟ ଫାଣ୍ଟାସୀ ନ୍ୟାଶନାଲ କଷ୍ଟ୍ୟୁମ୍', 'ବେଷ୍ଟ ଆଉଟ୍‌ଷ୍ଟାଣ୍ଡିଂ ଆଚିଭର୍ ୨୦୧୮' ଏବଂ 'ବେଷ୍ଟ ଫୋକ୍ ଡ୍ୟାନ୍ସର' ଜିତି ଓଡ଼ିଶା ପାଇଁ ଗୌରବ ଆଣିଥିଲେ।



ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ଅଭିଲେଖାଗାରଠାରେ ସୋମବାର ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଆଲୋଚନାଚକ୍ର ଅବସରରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ମହିଳାମାନେ ବୁଲି ଦେଖୁଛନ୍ତି।

# ପାହାଳରେ ରସଗୋଲା ଦିବସ

ବାଲିଅନ୍ତା,୧୫।୭(ଡି.ଏନ୍.ଏ.)



ସୋମବାର ପବିତ୍ର ନୀଳାଦ୍ରି ବିଜେ ଅବସରରେ ରାଜଧାନୀ ଉପକଣ୍ଠ ପାହାଳ ମିଠା ବଜାରରେ ରସଗୋଲା ଦିବସ ପାଳିତ ହୋଇଯାଇଛି। ପାହାଳ ରସଗୋଲା ଉଦ୍ୟୋଗୀ ଓ ପ୍ରସ୍ତୁତକାରୀ ସମିତି ପକ୍ଷରୁ ଆୟୋଜିତ ଉତ୍ସବରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପାହାଳ ରସଗୋଲାକୁ ବିଶ୍ୱ ବଜାରରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ପଣ୍ଡା କହିଥିଲେ। ଏହି ଉତ୍ସବରେ ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ, ଏମଏସଏମଇର ନିର୍ଦ୍ଦେଶକ ସୁକାନ୍ତ କୁମାର ସାହୁ, ସହକାରୀ ନିର୍ଦ୍ଦେଶକ ସରୋଜ କୁମାର ରଥ, ବୈଜ୍ଞାନିକ ଡ.ପିକେ ପଣ୍ଡା, ବାବା ଦିବାକର ଦାସ, ଐତିହାସିକ ଡ.ଅନୀତା ସାବତ, ଅସିତ ମହାନ୍ତି ଓ ଉତ୍କଳ ମିଷ୍ଟାନ ବ୍ୟବସାୟୀ ସଂଘର ସଭାପତି ବିମ୍ବାଧର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅକ୍ଷୟ କୁମାର ଲେଙ୍କା ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ଶ୍ରୀଜଗନ୍ନାଥଙ୍କ ପ୍ରସ୍ଥାନ, ପ୍ରତ୍ୟାବର୍ତ୍ତନ ନାହିଁ: ଗବେଷକ

ଭୁବନେଶ୍ୱର,୧୫।୭(ବ୍ୟୁରୋ)

ପ୍ରଭୁ ଶ୍ରୀଜଗନ୍ନାଥ ମାନବସମାଜକୁ ସଂସ୍କାରିତ ଜୀବନର ବାର୍ତ୍ତା ଦେଇଥାନ୍ତି। ଦେବତା ହୋଇ ମଧ ମାନବସମାଜର ଧର୍ମ, କର୍ମ, କର୍ତ୍ତବ୍ୟ ଓ ପରିପାଳନର ସନ୍ଦେଶ ଦିଅନ୍ତି। ତାଙ୍କର ରୀତିନୀତି, ପୂଜା-ପରମ୍ପରାରେ ମାନବୀୟ ଲୀଳାଖେଳାର ଚିତ୍ର ପ୍ରକାଶ ପାଇଥାଏ। ସେଥିପାଇଁ ସେ ପୁରୁଷୋତ୍ତମ ଓ ସଚ୍ଚିଦାନନ୍ଦ। ସେ ଚିରକାଳ ରହସ୍ୟମୟ। ଏପର୍ଯ୍ୟନ୍ତ ସୁଦ୍ଧା କେହି ତାଙ୍କ ରହସ୍ୟ ଭେଦ କରିପାରିନାହାନ୍ତି। ତାଙ୍କ ପ୍ରତି ଭାବନା ଓ ଭାବ ବ୍ୟକ୍ତ କରିବା ଦୁଇଟି ଭିନ୍ନ ତତ୍ତ୍ୱ। ପ୍ରଭୁ ଜଗନ୍ନାଥ ହିଁ ଆନନ୍ଦମାର୍ଗର ଉତ୍ପ୍ରେରକ। ସୋମବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନୀଳାଦ୍ରିବିଜେ ଉପଲକ୍ଷେ ରାଜ୍ୟ ଅଭିଲେଖାଗାରରେ ଜଗନ୍ନାଥଙ୍କ ସମ୍ପର୍କିତ ପ୍ରଦର୍ଶନୀ ଓ ଆଲୋଚନାଚକ୍ରରେ ଯୋଗଦେଇ ବିଶିଷ୍ଟ ଜଗନ୍ନାଥ ଗବେଷକମାନେ ଏହି ମତ ଦେଇଛନ୍ତି।

ଜଗନ୍ନାଥ ସଂସ୍କୃତି ଗବେଷକ କୃପାସିନ୍ଧୁ ମିଶ୍ର କହିଥିଲେ, ଶ୍ରୀଜଗନ୍ନାଥ ରଥଯାତ୍ରାରେ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ମାନବସମାଜକୁ ପ୍ରେମମୟ କରିବାର ବାର୍ତ୍ତା ଦେଇଛନ୍ତି। ଦୁଇ ବାହୁ ଟେକି ସେ ଆନନ୍ଦ ଭାବରେ ଦାନ କରିବା ଶିଖାଇଛନ୍ତି। ରଙ୍ଗିଆ ଅଧର ମାଧ୍ୟମରେ ପାର୍ଥିବ ଜୀବନର ଯାବତୀୟ ସାଂସାରିକ ଜଞ୍ଜାଳ ଓ ଦୁଃଖ ସତ୍ତ୍ୱେ ହସିବା ଓ ହସାଇବାର ବାର୍ତ୍ତା ଦେଇଛନ୍ତି। ନୀଳାଦ୍ରିବିଜେ ଜରିଆରେ ଦାମ୍ପତ୍ୟ ଜୀବନକୁ ମଧୁରତର କରିବା ପାଇଁ ସୂଚନା ଦେଇଛନ୍ତି। ଶ୍ରୀଜଗନ୍ନାଥ ହିଁ ମାନବଧର୍ମର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ମିଶ୍ର କହିଥିଲେ। ଶ୍ରୀଜଗନ୍ନାଥ ଗବେଷକ ଅସିତ୍ ମହାନ୍ତି କହିଥିଲେ, ଶ୍ରୀଜଗନ୍ନାଥଙ୍କର ନୀଳାଦ୍ରିବିଜେ ତାଙ୍କ ଲୀଳାର ଏକ ଅଂଶବିଶେଷ ମାତ୍ର। ତାଙ୍କର ପ୍ରସ୍ଥାନ ନାହିଁ କି ପ୍ରତ୍ୟାବର୍ତ୍ତନ ନାହିଁ ବୋଲି ସ୍କନ୍ଦପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟରେ ନିଜେ ସ୍ୱୟଂ ଜଗନ୍ନାଥ ବର୍ଣ୍ଣନା କରିଛନ୍ତି। ତେବେ ଗବେଷଣା ଦୃଷ୍ଟିକୋଣରୁ କୁହାଯାଇପାରେ ଯେ ବିଭିନ୍ନ ସମୟରେ ବାହ୍ୟଶତ୍ରୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗଜପତିଙ୍କ ନିର୍ଦ୍ଦେଶରେ ଯେତେବେଳେ ମହାପ୍ରଭୁଙ୍କୁ ବିଭିନ୍ନ ଗୋପନ ସ୍ଥାନରେ ରଖାଯାଇଥିଲା, ବିପଦ ପରେ ରତ୍ନ ସିଂହାସନକୁ ଫେରାଇ ନିଆଯାଉଥିଲା, ସେତେବେଳେ ତାହାକୁ ନୀଳାଦ୍ରିବିଜେ ବୋଲି କୁହାଯାଉଥିଲା। ବରିଷ୍ଠ ଗବେଷକ ଭାସ୍କର ମିଶ୍ର ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟସ୍ ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଚନ୍ଦନ ପୂର୍ଣ୍ଣିମାଠାରୁ ଦେବସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ପର୍ଯ୍ୟନ୍ତ ମାସାଧିକ କାଳର ପାରମ୍ପରିକ ନୀତି ସମ୍ବନ୍ଧରେ ଅବତାରଣା କରିଥିଲେ। ନୀଳାଦ୍ରିବିଜେ ଦିନ ବିଭିନ୍ନ ମଠ ଓ ପ୍ରାୟ ୧୩୦୦ ସେବକ ନିଜ ଘରେ ରସଗୋଲା ପ୍ରସ୍ତୁତ କରି ଭୋଗଲାଗି କରନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ପ୍ରତୀକ ପଟ୍ଟନାୟକ ଲକ୍ଷ୍ମୀନାରାୟଣ ବଚନିକାର କିୟଦଂଶ ଆବୃତ୍ତି କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସମାରୋହରେ ପୌରୋହିତ୍ୟ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ରାଜ୍ୟ ଗାଇଡ୍ କମିଶନରଙ୍କ ବିଶ୍ୱ ଜାମ୍ବୋରୀରେ ଯୋଗଦାନ

ଭୁବନେଶ୍ୱର,୧୫।୭(ବ୍ୟୁରୋ)

ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ରାଜ୍ୟ ସଂସ୍ଥାର ସହକାରୀ ଗାଇଡ୍ କମିଶନର ଡ. ନମିତା ପଟ୍ଟନାୟକ ଉତ୍ତର ଆମେରିକାର ପଶ୍ଚିମ ଭର୍ଜିନିଆରେ ହେଉଥିବା ୨୪ତମ ବିଶ୍ୱ ସ୍କାଉଟସ୍ ଜାମ୍ବୋରୀରେ ଜଣେ ଆନ୍ତର୍ଜାତୀୟ ସେବାଦଳର ସଦସ୍ୟାଭାବେ



ଯୋଗଦେବେ। ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ଏକମାତ୍ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ସୋମବାର ଭୁବନେଶ୍ୱରରୁ ଦିଲ୍ଲୀ ଜାତୀୟ କାର୍ଯ୍ୟାଳୟକୁ ଯାଇଛନ୍ତି। ସେଠାରେ ଆବଶ୍ୟକୀୟ ତାଲିମ ନେଇ ୧୮ଜୁଲାଇରୁ ୩ ଅଗଷ୍ଟ ଯାଏ ହେବାକୁ ଥିବା ଆନ୍ତର୍ଜାତୀୟ ଶିବିରରେ ସେ ପରିଚାଳନାର ସଦସ୍ୟ ଭାବରେ କାର୍ଯ୍ୟ କରିବେ। ଏହି ଜାମ୍ବୋରୀରେ ୧୬୫ଟି ଦେଶରୁ ୪୦ ହଜାରରୁ ଊର୍ଦ୍ଧ୍ୱ ସ୍କାଉଟ ଯୋଗଦେବେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ମାନସୀ



ସ୍ମୃତି



ମହେଶ



ଦେବଜିତ୍



ପରିଣୀତା



ସମୀର


ବଡ଼ଠାକୁର ଶ୍ରୀବଳଭଦ୍ରଙ୍କୁ ନୀଳାଦ୍ରିବିଜେ କରାଯାଉଛି।


ଦେବୀ ସୁଭଦ୍ରାଙ୍କୁ ପହଣ୍ଡି କରି ଶ୍ରୀମନ୍ଦିରକୁ ନିଆଯାଉଛି।


ଠାକୁରଙ୍କ ନୀଳାଦ୍ରିବିଜେ ପାଇଁ ସୋମବାର ଅପରାହ୍ନରେ ତିନିରଥରେ ଚାରମାଳ ବନ୍ଧାଯାଉଛି।

(ଫଟୋ: ଅନିଲ କୁମାର ସାହୁ, ଯଜ୍ଞେଶ୍ୱର ମହାନ୍ତି)


ରତ୍ନ ସିଂହାସନ ମାର୍ଜନା ପାଇଁ ପାଲିଙ୍କିରେ ଶ୍ରୀମନ୍ଦିର ଯାଉଛନ୍ତି ବଡ଼ଓଡ଼ିଆ ମଠର ମହନ୍ତ।


ଠାକୁରଙ୍କ ପାଇଁ ଜିଅରସ୍ୱାମୀ ମଠରୁ ଭୋଗ ନିଆଯାଉଛି।


ରଥାରୂଢ଼ ଶ୍ରୀଜୀଉଙ୍କୁ ରସଗୋଲା ଭୋଗ ଅର୍ପଣ କରାଯାଉଛି।

# ରେକର୍ଡ ପଛରେ ଭାଙ୍ଗୁଛି ପରମ୍ପରା

**ପୁରୀ ଅଫିସ, ୧୫।୭**

- ପୂର୍ବାହ୍ନରେ ହେଲା ସନ୍ଧ୍ୟା ଆଳତି
- ମଧ୍ୟାହ୍ନରେ ମହାପ୍ରଭୁଙ୍କ ରାତ୍ରଭୋଜନ

ଶ୍ରୀମନ୍ଦିର ପ୍ରଶାସନ ଚଳିତବର୍ଷ ଘୋଷଯାତ୍ରାରେ ଏକାଧିକ ରେକର୍ଡ କରିଛି। ରଥଯାତ୍ରା ଏବଂ ବାହୁଡ଼ାର ପହଣ୍ଡି ହେଉ କି ରଥଟଣା ବେଶ୍ ସଅଳ ହୋଇଥିଲା। ବିଗତ କିଛିବର୍ଷକୁ ଦେଖିଲେ ଏତେ ଶୀଘ୍ର ନୀତିକାନ୍ତି କରାଯାଇ ନ ଥିଲା। ସେହିପରି ନୀଳାଦ୍ରିବିଜେ ପହଣ୍ଡିରେ ବି ଏଥର ରେକର୍ଡ କରିଛି। ତେବେ ଏହି ରେକର୍ଡ ପଛରେ ପରମ୍ପରା ଭଙ୍ଗ ହେଉଥିଲେ ବି ସେଥିପ୍ରତି ଧ୍ୟାନ ଦିଆଯାଉନାହିଁ। ସୋମବାର ପୂର୍ବାହ୍ନରେ ରଥ ଉପରେ ଠାକୁରଙ୍କ ସନ୍ଧ୍ୟା ଆଳତି ହୋଇଥିବାବେଳେ ମଧ୍ୟାହ୍ନରେ ମହାପ୍ରଭୁ କରିଛନ୍ତି ରାତ୍ରଭୋଜନ। ପ୍ରଶାସନର ରେକର୍ଡ କରିବା ନିଶାକୁ ନେଇ ନାପସନ୍ଦ କରିଛନ୍ତି ଅନେକ ଭକ୍ତ। କିନ୍ତୁ ମଙ୍ଗଳବାର ଚନ୍ଦ୍ରଗ୍ରହଣ ଯୋଗୁ ନୀତିକୁ ସଅଳ କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

ଚଳିତବର୍ଷ ରଥଯାତ୍ରା ପହଣ୍ଡି ପ୍ରାୟ ୧ ଘଣ୍ଟା ଆଗକୁ ଆରମ୍ଭ ହୋଇଥିବାବେଳେ ରଥଟଣା ରେକର୍ଡ କରିଥିଲା। ଅର୍ଥାତ୍ ୪ଟାରେ ରଥଟଣା ଯିବାକୁ ଥିବାବେଳେ ୨ଟା ୧୦ରେ ରଥଟଣା ଆରମ୍ଭ ହୋଇଥିଲା। ସେହିପରି ବାହୁଡାରେ ମଧ୍ୟ ନିର୍ଦ୍ଧାରିତ ସମୟର ୨ଘଣ୍ଟା ୪୫ ପୂର୍ବରୁ ଆରମ୍ଭ ହେଲା ରଥଟଣା। ଏଥିପାଇଁ ଦିନ ଥାଉଁ ଥାଉଁ ତିନିରଥ ସିଂହଦ୍ୱାରରେ ଲାଗିଥିଲା। ତେବେ ରଥଯାତ୍ରା ଏବଂ ବାହୁଡାଠାରୁ ନୀଳାଦ୍ରିବିଜେରେ ବି ରେକର୍ଡ ହୋଇଛି। ଅବଶ୍ୟ ଶ୍ରୀମନ୍ଦିର ପ୍ରଶାସନ ପୂର୍ବରୁ ଧାର୍ଯ୍ୟ କରିଥିବା ସମୟରେ ଠାକୁରମାନଙ୍କର ପହଣ୍ଡି ଆରମ୍ଭ କରାଯାଇଥିଲା। କିନ୍ତୁ ରାତି ୧୦ଟା ମଧରେ ପହଣ୍ଡି ଶେଷ ହେବାକୁ ଥିବାବେଳେ ଏହାର ଦେଢଘଣ୍ଟା ପୂର୍ବରୁ ଅର୍ଥାତ୍ ୮ଟା ୩୫ ସୁଦ୍ଧା ପହଣ୍ଡି ସରିଥିଲା। ଏହି ରେକର୍ଡ ପଛରେ କିନ୍ତୁ ଭାଙ୍ଗିଛି ପରମ୍ପରା। ପୂର୍ବାହ୍ନରେ ରଥ ଉପରେ ଠାକୁରଙ୍କ ସନ୍ଧ୍ୟା ଆଳତି ହୋଇଥିବାବେଳେ ମଧ୍ୟାହ୍ନରେ ମହାପ୍ରଭୁଙ୍କୁ ରାତ୍ରଭୋଜନ ଅର୍ପଣ କରାଯାଇଥିଲା। ଭୋର ୫ଟା ୧୫ରେ ମଙ୍ଗଳ ଆଳତି ହୋଇଥିବାବେଳେ ସକାଳ ୯ଟାରେ ସକାଳ ଧୂପ ସରିଥିଲା। ୯ଟା ୪୦ରେ ଯାତ୍ରାଙ୍ଗୀ ମହାସ୍ନାନ ବଢ଼ି ୧୦ଟା ୧୫ରେ ବେଶ ସରିଥିଲା। ପୂର୍ବାହ୍ନ ୧୧ଟା ମଧ୍ୟାହ୍ନ ସରିଥିବାବେଳେ ୧୧ଟା ୩୫ରେ ରଥ ଉପରେ ହୋଇଥିଲା ସନ୍ଧ୍ୟା ଆଳତି। ଏହାପରେ ମଧ୍ୟାହ୍ନ ୧୨ଟା ୪୦ରେ ସନ୍ଧ୍ୟା ଧୂପ ଅର୍ଥାତ୍ ଠାକୁରଙ୍କ ରାତ୍ରଭୋଜନ ସରିଥିଲା। ରେକର୍ଡ ନିଶାରେ ପୂର୍ବାହ୍ନରେ ସନ୍ଧ୍ୟା ଆଳତି ହେବା ଏବଂ ମଧ୍ୟାହ୍ନରେ ରାତ୍ରଭୋଜନ ସରିବା ପରମ୍ପରା ବିରୋଧୀ ବୋଲି ପୁରୀର ପ୍ରତାପେଶ୍ୱର ଶତପଥୀ କହିଛନ୍ତି। ଏଭଳି ହେବା କଥା ନୁହେଁ ବୋଲି ସେ ମତ ବାଢ଼ିଛନ୍ତି। ଅନ୍ୟ କେତେଜଣ ମଧ୍ୟ ଅନୁରୂପ ମତ ଦେଇଛନ୍ତି।

ଏ ସମ୍ପର୍କରେ ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ବର୍ଷସାରା ବିଶେଷ ନୀତିକାନ୍ତି ଦିନମାନଙ୍କରେ ପ୍ରୟୋଜନ ଥିଲେ ଠାକୁରଙ୍କର ଦିନରେ ସନ୍ଧ୍ୟା ଆଳତି ହୋଇଥାଏ। ରଥଯାତ୍ରା ସମୟରେ ପ୍ରାୟତଃ ଏଭଳି ଘଟିଥାଏ। ମଙ୍ଗଳବାର ଚନ୍ଦ୍ରଗ୍ରହଣ ଯୋଗୁ ସାଢେ ୪ଟା ପୂର୍ବରୁ ଦ୍ୱିତୀୟ ଭୋଗମଣ୍ଡପ ସାରିବାକୁ ସ୍ଥିର କରାଯାଇଥିବାରୁ ସଅଳ ପହଣ୍ଡି ହୋଇଛି। ଫଳରେ ଠାକୁରଙ୍କର ଦିନରେ ସନ୍ଧ୍ୟା ଆଳତି କରାଯାଇଛି। ଚଳିତବର୍ଷକୁ ମିଶାଇ ଲଗାତର ୩ବର୍ଷ ଧରି ନୀଳାଦ୍ରିବିଜେ ସମୟରେ ଏଭଳି ସଅଳ ପହଣ୍ଡି ଏବଂ ସନ୍ଧ୍ୟା ଆଳତି ହୋଇଥିବା ପୂଜାପଣ୍ଡା ପ୍ରକାଶ କରିଛନ୍ତି।


ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ପହଣ୍ଡିରେ ଶ୍ରୀମନ୍ଦିର ବିଜେ କରାଯାଉଛି।


ଚାହାଣୀମଣ୍ଡପରେ ମା'ଲକ୍ଷ୍ମୀ ଠାକୁରାଣୀ।


ରାମ ଓ କୃଷ୍ଣଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯାଉଛି।


ମଦନମୋହନଙ୍କୁ ଶ୍ରୀମନ୍ଦିର ଭିତରକୁ ନିଆଯାଉଛି।

# ପାଲିଙ୍କିରେ ସ୍ୱ ମନ୍ଦିରକୁ ଫେରିଲେ ଶ୍ରୀଗୁରୁଦେବ

**କାକଟପୁର, ୧୫।୭(ଡି.ଏନ୍.ଏ.)**



ଶ୍ରୀଜୀଉମାନଙ୍କ ରଥଯାତ୍ରା ଉତ୍ସବ ଶେଷ ହେବାପରେ ସୋମବାର ସେମାନଙ୍କୁ ନୀଳାଦ୍ରିବିଜେ କରାଯାଇଛି। ପ୍ରାଚୀ ଉପତ୍ୟକାର ତୁଳସୀପୁର ଗ୍ରାମରେ ଶେଷ ହୋଇଛି ବାହୁଡ଼ାଯାତ୍ରା। ସୋମବାର ଠାକୁର ଶ୍ରୀଗୁରୁଦେବଙ୍କୁ ରଥରୁ ଓହ୍ଲାଇ ପାଲିଙ୍କିରେ ବସାଇ ଗ୍ରାମବାସୀ ଏକ ପଟୁଆରରେ ସ୍ୱ ମନ୍ଦିର ପ୍ରାଚୀ ନଦୀକୂଳସ୍ଥ ବନ୍ଦେଶ୍ୱର ଗ୍ରାମକୁ ନେଇଛନ୍ତି। ଶ୍ରୀଗୁଣ୍ଡିଚା ଦିନ ଠାକୁରଙ୍କୁ ପାଲିଙ୍କିରେ ବିଜେ କରାଇ ତୁଳସୀପୁର ଗ୍ରାମକୁ ଅଣାଯାଇଥିଲା। ଏଠାରେ ରଥଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ, ଅଧରପଣା ପ୍ରଭୃତି ନୀତି ସରିବା ପରେ ସୋମବାର ଠାକୁରଙ୍କୁ ପୁଣି ସ୍ୱମନ୍ଦିରକୁ ଫେରାଇ ନିଆଯାଇଛି। ଠାକୁର ପାଲିଙ୍କିରେ ମନ୍ଦିର ଫେରିବା ସମୟରେ ଗ୍ରାମର ମହିଳାମାନେ ହରିବୋଲ, ହୁଳହୁଳି ପକାଇ, ଭୋଗ ଲଗାଇ ବିଦାୟ ଜଣାଇଥିଲେ। ଛବାଟିଆ ଗ୍ରାମଠାରେ ସାମାଜିକ କର୍ମୀ ଅଶୋକ ଦାସଙ୍କ ଦ୍ୱାରା ଠାକୁରଙ୍କୁ ରସଗୋଲା ଭୋଗ ଲାଗି କରାଯାଇଥିଲା।

# ପହଣ୍ଡି ବେଳେ ସେବକଙ୍କ ମଧ୍ୟରେ ଗଣ୍ଡଗୋଳ



**ପୁରୀ ଅଫିସ, ୧୫।୭**

ସିଂହଦ୍ୱାର ସମ୍ମୁଖରେ ସୋମବାର ନୀଳାଦ୍ରିବିଜେ ପହଣ୍ଡି ଚାଲିଥିଲା। ଠାକୁରମାନେ ଗୋଟି ପହଣ୍ଡିରେ ଜଣଙ୍କ ପରେ ଜଣେ ରତ୍ନସିଂହାସନକୁ ବିଜେ କରୁଥିଲେ। ହଜାର ହଜାର ଭକ୍ତ ଏହାକୁ ଦେଖୁଥିଲେ। ଏହି ସମୟରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ସେବକଙ୍କ ମଧ୍ୟରେ ହଠାତ୍ ଗଣ୍ଡଗୋଳ ହୋଇଥିଲା। ଏହାର କାରଣ ଜଣାପଡି ନ ଥିବାବେଳେ ସେବାୟତଙ୍କ ଏଭଳି ଆଚରଣକୁ ଭକ୍ତମାନେ ନାପସନ୍ଦ କରିଥିଲେ।

ଶ୍ରୀସୁଦର୍ଶନ, ବଡଠାକୁର ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ପହଣ୍ଡି ସରିଥିଲା। ସମସ୍ତେ ମହାପ୍ରଭୁଙ୍କ ପହଣ୍ଡି ଏବଂ ଲକ୍ଷ୍ମୀନାରାୟଣ ଭେଟ ଦେଖିବା ଲାଗି ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ। ସନ୍ଧ୍ୟା ପ୍ରାୟ ସାଢେ ୭ଟା ସୁଦ୍ଧା ଲକ୍ଷ୍ମୀନାରାୟଣ ଭେଟ ସରିଥିଲା। ସେବକମାନେ ମହାପ୍ରଭୁଙ୍କୁ ପହଣ୍ଡିରେ ଶ୍ରୀମନ୍ଦିର ଅଭିମୁଖେ ନେଇ ଯାଉଥିଲେ। ଠାକୁର ଅରୁଣ ସ୍ତମ୍ଭ ନିକଟରେ ହୋଇଥିବାବେଳେ ହଠାତ୍ ସେବକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। କିଛି ସମୟ ପରସ୍ପର ମଧ୍ୟରେ କଥା କଟାକଟି ହୋଇଥିଲେ। ପୋଲିସ ଅଧିକାରୀ ଉମାଶଙ୍କର ସିଂହଙ୍କ ସମେତ କେତେଜଣ ଜେଟିପି ଏବଂ ବରିଷ୍ଠ ସେବକମାନେ ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆଗକୁ ବଢିଥିଲା।


ସୋମବାର ନୀଳାଦ୍ରିବିଜେ ଅବସରରେ ରଥ ସମ୍ମୁଖରେ ଜଣେ ମହିଳା ନିଆଁ ବନାଟି ବୁଲାଉଛନ୍ତି।


ରଥ ସମ୍ମୁଖରେ ଓଡ଼ିଶୀ ନୃତ୍ୟ ପରିବେଷଣ।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ଦିବ୍ୟସିଂହଦେବ



## ସଂକ୍ଷେପରେ

### ଷ୍ଟୁଡେଣ୍ଟ ନର୍ସିଂ ଆସୋସିଏଶନ୍‌ର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

**କଟକ ଅଫିସ,୧୫।୭:** କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସରେ ଦୁଇଦିନ ଧରି ଚାଲିଥିବା ଷ୍ଟୁଡେଣ୍ଟ ନର୍ସିଂ ଆସୋସିଏଶନ୍ (ଏସ୍‌ଏନଏ)ର ୨୮ତମ ଦ୍ୱିବାର୍ଷିକ ରାଜ୍ୟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାର ୩୬ ନର୍ସିଂ କଲେଜରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ନର୍ସିଂ ଭଳି ଏକ ମହନୀୟବୃତ୍ତିକୁ ଗ୍ରହଣ କରିଥିବା ପ୍ରତ୍ୟେକ ଛାତ୍ରୀଛାତ୍ର ପୀଡିତର ସେବାରେ ନିଜକୁ ଉତ୍ସର୍ଗ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧକ୍ଷା ଡକ୍ଟର ଲକ୍ଷ୍ମୀ ରଣା, ଫୁଲଣା କୁମାରୀ ଦେଇ, ସମ୍ପାଦିକା ବାସନ୍ତୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଡ୍ରିମ୍‌ସ ନର୍ସିଂ କଲେଜ ଅଧକ୍ଷା ଅନସୂୟା ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ସୁନିତା ଦାସ ଓ ସନ୍ଧ୍ୟାରାଣୀ ଜେନା ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆୟୋଜିତ 'ବ୍ୟକ୍ତିତ୍ୱ ଅନ୍ୱେଷଣ' ପ୍ରତିଯୋଗିତାରେ ସନ୍ଦୀପ ପଣ୍ଡା ଏବଂ ଛାତ୍ରୀ ଦେବପ୍ରିୟା ସାହା ଯଥାକ୍ରମେ ମିଷ୍ଟର ଓ ମିସ୍ ଏସ୍‌ଏନଏ ଆଖ୍ୟା ଅର୍ଜନ କରିଥିଲେ। ଏହାଛଡା ବିବିଧ ବିଭାଗରେ ସର୍ବାଧିକ ପୁରସ୍କାର ବିଜେତା ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ଚମ୍ପିୟନ ଟ୍ରଫି ହାସଲ କରିଥିଲା। ଉତ୍ସବରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଆଗାମୀ ବର୍ଷ ପାଇଁ ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା ଭାବେ ପ୍ରତ୍ୟାଶା ଶର୍ମା ସଭାନେତ୍ରୀ, ପଲ୍ଲବୀ ଜେନା ଉପ ସଭାନେତ୍ରୀ, ଅନସୂୟା ରାୟ ସମ୍ପାଦିକା ଓ ନରେଶ କୁମାରଙ୍କୁ କୋଷାଧକ୍ଷ ନିର୍ବାଚିତ କରାଯାଇଥିଲା। ଅଧାପିକା ଶ୍ୱେତାରାଣୀ ଦଳାଇ ଓ ରିମି ସରକାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପାଧକ୍ଷା ଏନ୍. ପ୍ରେମଲତା, ଅଧାପିକା ସ୍ମୃତିଶ୍ରୀ ପ୍ରିୟଦର୍ଶିନୀ ଦଳାଇ, ମୋନାଲିସା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଧାପକ ବିନୁ ଜ୍ୟାଭିୟର ଧନ୍ୟବାଦ ଦେଇଥିଲେ। ଏହି ରାଜ୍ୟସ୍ତରୀୟ ସମ୍ମିଳନୀରେ ବିଜେତା ପ୍ରତିନିଧିମାନେ କୋଏମ୍ବାଟୁରରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସମ୍ମିଳନୀରେ ଭାଗନେବେ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

## ଅବ୍ୟବସ୍ଥା ଭିତରେ ଚୌଦ୍ୱାର ଜେଲ

# ସୁରକ୍ଷା ଢିଲା, ସିସିଟିଭି ଅଚଳ

- ଆବଶ୍ୟକତା ଠାରୁ ରହୁଛନ୍ତି ଅଧିକ କଏଦୀ
- ନିଶାଦ୍ରବ୍ୟ ଆସିବାରେ ରହୁଛି କର୍ମଚାରୀଙ୍କ ସମ୍ପୃକ୍ତି

**କଟକ ଅଫିସ,୧୫।୭**

ଓଡ଼ିଶାର ସବୁଠୁ ବଡ ଜେଲ ହେଉଛି ଚୌଦ୍ୱାର ସର୍କଲ ଜେଲ। ଏଠାରେ ସବୁଠୁ ଅଧିକ କଏଦୀ ମଧ୍ୟ ରହୁଛନ୍ତି। ହେଲେ ଏହି ଜେଲରେ ଏବେ ଅନେକ ଅବ୍ୟବସ୍ଥା ଦେଖାଦେଇଛି। ଏଠାରେ ୭୨୮ ଜଣ କଏଦୀଙ୍କ ରହିବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଏବେ ୬୩୦ ଜଣ ବିଚାରାଧୀନ କଏଦୀଙ୍କୁ ମିଶାଇ ମୋଟ ୯୨୯ ଜଣ କଏଦୀ ଅଛନ୍ତି। ସେମାନଙ୍କ ମଧ୍ୟରେ ବହୁ ଦୁର୍ଦ୍ଦାନ୍ତ ଅପରାଧୀ ମଧ୍ୟ ରହିଛନ୍ତି। ଏହି ଜେଲର ସୁରକ୍ଷା ବ୍ୟବସ୍ଥା ସୁବୁଠୁ ଢିଲା। ବିଭିନ୍ନ ସମୟରେ ଜେଲ ଭିତରେ ମୋବାଇଲ, ନିଶାଦ୍ରବ୍ୟ କାରବାର ହେଉଥିବା ଅଭିଯୋଗ ହେଉଛି। ଜେଲରେ ବିଭିନ୍ନ ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ରହୁନି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଜେଲରେ ରୋଷେଇ ସାମଗ୍ରୀ ଯୋଗାଇବାକୁ ଟେଣ୍ଡର ଦିଆଯାଉଛି। ଫଳରେ ସେମାନଙ୍କ ଦ୍ୱାରା ଜେଲ ଭିତରକୁ ମଦ, ଗଞ୍ଜେଇ ଭଳି ନିଶାଦ୍ରବ୍ୟ ଆସୁଛି। ଏହି ସମସ୍ତ କାର୍ଯ୍ୟରେ ଜେଲରେ କାର୍ଯ୍ୟରତ କେତେଜଣ କର୍ମଚାରୀଙ୍କର ସମ୍ପୃକ୍ତି ରହୁଥିବା ନେଇ କଏଦୀମାନେ ଅଭିଯୋଗ କରିଛନ୍ତି।

ଗତ ଏପ୍ରିଲରେ ବହୁ ଚର୍ଚ୍ଚିତ ଶେଖ୍‌ବଜାର କେଶବ ବେହେରା(କେଶିଆ) ହତ୍ୟା ଘଟଣାରେ ଆଜୀବନ ସଜା କଟୁଥିବା ଶୁଭ୍ରାଂଶୁ କୁମାର ଦାସଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଥିଲା। ତେବେ ଶୁଭ୍ରାଂଶୁ ମୃତ୍ୟୁର କିଛିଦିନ ପୂର୍ବରୁ ଜେଲ୍ ଭିତରୁ ଏକ ଭିଡିଓ ଭାଇରାଲ କରିଥିଲେ। ଜେଲ ଭିତରେ ବେଆଇନ ନିଶାଦ୍ରବ୍ୟ କାରବାର ହେଉଥିବା ଉକ୍ତ ଭାଇରାଲ ଭିଡିଓରେ ଦେଖିବାକୁ ମିଳିଥିଲା। ଜେଲ କର୍ତ୍ତୃପକ୍ଷ ଶୁଭ୍ରାଂଶୁଙ୍କୁ ମାଡ଼ ମାରିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରବର୍ତ୍ତୀ ସମୟରେ ପରିବାର ଲୋକେ ଅଭିଯୋଗ କରିଥିଲେ, ଯାହା ଜେଲର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଚୌଦ୍ୱାର ଜେଲରେ ୨୨ ଫୁଟ ଉଚ୍ଚତାର ପାଚେରି ରହିଛି। ହେଲେ ଏହି ପାଚେରି ଦେଇ ଜେଲ ଭିତରକୁ ନିଶାଦ୍ରବ୍ୟ ଫୋପଡା ଯାଉଛି। ଆବଶ୍ୟକ ସୁରକ୍ଷା କର୍ମୀ ରହୁ ନ ଥିବାରୁ ଜେଲ ଭିତରେ ନିଶାଦ୍ରବ୍ୟ ପଡିବା ପରେ କଏଦୀମାନେ ଆସି ନେଇ ଯାଉଛନ୍ତି। ଏବେ ଜେଲରେ ଅଫିସରଙ୍କୁ ମିଶାଇ ମୋଟ ୧୦୦ ଜଣ କର୍ମଚାରୀ ଅଛନ୍ତି। ଯଦି କଏଦୀଙ୍କ ଅନୁପାତରେ ସୁରକ୍ଷା କର୍ମୀଙ୍କୁ ଦେଖାଯାଏ ତାହା ବହୁତ କମ୍। ଏପରି ସ୍ଥଳେ ଜେଲରେ ଲାଗିଥିବା ସିସିଟିଭି ମଧ୍ୟରୁ କେତେକ ଅଚଳ ହୋଇପଡିଛି।

ଏ ନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ କୁମାର ବେହେରା କୁହନ୍ତି, ଜେଲରେ ଆବଶ୍ୟକତା ଠାରୁ କମ୍ ସୁରକ୍ଷାକର୍ମୀ ଅଛନ୍ତି। ଫଳରେ ଠିକ୍‌ଭାବେ ଯାଞ୍ଚ କରିବାରେ ତ୍ରୁଟି ରହୁଛି। କେତେକ କ୍ଷେତ୍ରରେ ପାଚେରି ଦେଇ ନିଶାଦ୍ରବ୍ୟ ଆସୁଛି। ଏହାକୁ ରୋକିବା ପାଇଁ ଆମେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛୁ। ଅନ୍ୟପକ୍ଷରେ ଜେଲ କର୍ମଚାରୀଙ୍କ ସମ୍ପୃକ୍ତି ରହୁଥିବା ଉପରେ ଆମେ ତଦନ୍ତ କରୁଛୁ। ଯଦି କାହାର ସମ୍ପୃକ୍ତି ଏଥିରେ ରହିଥିବ ତା' ହେଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଫନୀ ପ୍ରଭାବରେ ଅଚଳ ହୋଇପଡିଥିବା ସିସିଟିଭିକୁ ମରାମତି କରାଯିବା ପାଇଁ ଚେଷ୍ଟା ଚଳାଇଛୁ।



ନୀଳାଦ୍ରି ବିଜେ ଅବସରରେ ସୋମବାର ଶ୍ରୀଜଗନ୍ନାଥଙ୍କୁ ରଥ ଉପରୁ କଟକ ଚାନ୍ଦିନୀଚୌକ ଶ୍ରୀଜଗନ୍ନାଥ ମନ୍ଦିରକୁ ପହଣ୍ଡିରେ ନିଆଯାଉଛି।

## ଗଞ୍ଜେଇ ଜବତ: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୧୫।୭:** ଗଞ୍ଜେଇ ବିକ୍ରି ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ସୋମବାର ସ୍ଥାନୀୟ ମଠସାହି ଅଞ୍ଚଳର ଶ୍ରୀଧର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ତାଙ୍କଠାରୁ ୪୪୦ଗ୍ରାମ ଓଜନର ଗଞ୍ଜେଇ ଜବତ କରି ଏକ ମାମଲା(ନଂ.୨୧୬ /୧୯) ରୁଜୁ କରିଛି। ଶ୍ରୀଧର ଚାଉଳିଆଗଞ୍ଜ ଅଞ୍ଚଳରେ ଥିବା ଏକ ଦୋକାନରେ ଗଞ୍ଜେଇ କାରବାର କରୁଥିବା ପୋଲିସ ସୂଚନାପାଇ ସୋମବାର ମଧ୍ୟାହ୍ନରେ ଚଢାଉ କରିଥିଲା। ଦୋକାନ ଯାଞ୍ଚବେଳେ ଗଞ୍ଜେଇ ବାହାରିବାରୁ ପୋଲିସ ଶ୍ରୀଧରଙ୍କୁ ଗିରଫ କରିଥିଲା।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ରାସ୍ତା ପାର୍ଶ୍ୱ ପାଚେରିକୁ ରଙ୍ଗତୂଳୀରେ ନୂତନ ରୂପରେଖ ଦିଆଯାଉଛି।

## ଦ୍ୱିତୀୟ ହରିଣ ପାର୍କ ପାଇଁ ଜମି ଚିହ୍ନଟ ହୋଇପାରିଲା ନାହିଁ

# ଚିଡ଼ିଆଖାନାକୁ ହରିଣ ସ୍ଥାନାନ୍ତର ଯୋଜନା

**କଟକ ଅଫିସ, ୧୫।୭**

କଟକ ତୁଳସୀପୁର ମଧୁସୂଦନ ନଗରଠାରେ ଥିବା ପାର୍କରୁ ହରିଣ ସ୍ଥାନାନ୍ତରକୁ ନେଇ ସୋମବାର ଡିଏଫଓଙ୍କ ଅଧକ୍ଷତାରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପାର୍କରୁ ହରିଣମାନଙ୍କୁ କେଉଁଠିକୁ ଓ କିଭଳି ସ୍ଥାନାନ୍ତର କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ହରିଣମାନଙ୍କୁ ସ୍ଥାନାନ୍ତର କରିବା ନେଇ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯିବ। ପରେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କୁ ଏହି ରିପୋର୍ଟ ପ୍ରଦାନ କରାଯିବା ସହ ଏ ଦିଗରେ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯିବ। ଏ ନେଇ ସିଏମସି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଣ୍ଡଳୀଠାରେ ଦ୍ୱିତୀୟ ହରିଣ ପାର୍କ ନିର୍ମାଣ ପାଇଁ ଜମି ହସ୍ତାନ୍ତର କରାଯାଉ ନ ଥିବାରୁ କଟକ ମହାନଗର ନିଗମ(ସିଏମସି) କର୍ତ୍ତୃପକ୍ଷ ବାଧହୋଇ ହରିଣମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଯୋଜନା କରିଛନ୍ତି। ମଧୁସୂଦନ ନଗର ହରିଣ ପାର୍କରେ ବର୍ତ୍ତମାନ ୨୧୧ ହରିଣ ରହିଛନ୍ତି। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ନିୟମ ଅନୁଯାୟୀ ଏଠାରେ ରହୁଥିବା ହରିଣଙ୍କ ସଂଖ୍ୟା ଆବଶ୍ୟକତାଠାରୁ ଢେର ଅଧିକ। ବିଭିନ୍ନ ସମୟରେ ଚିଡ଼ିଆଖାନା କର୍ତ୍ତୃପକ୍ଷ ସିଏମ୍‌ସି ଉପରେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। କିଛିବର୍ଷ ତଳେ କଟକରେ ଦ୍ୱିତୀୟ ହରିଣ ପାର୍କ ନିର୍ମାଣ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ମର୍କତନଗର, ବିଦ୍ୟାଧରପୁର, ସତୀଚଉରାଠାରେ ଜମି ଚିହ୍ନଟ ହୋଇଥିଲେ ମଧ୍ୟ ବିଭିନ୍ନ କାରଣରୁ ମନୋନିତ ହୋଇପାରି ନ ଥିଲା। ପରେ ଉତ୍ତମାପୁରଠାରେ ଆଉଏକ ଜମି ଚିହ୍ନଟ ହୋଇଥିଲା। କିନ୍ତୁ ତାହାର କିସମ ନଦୀଶଯ୍ୟା ଜଣାପଡ଼ିବା ପରେ ତାହାକୁ ମଧ୍ୟ ବାତିଲ କରାଯାଇଥିଲା। ଏହାପରେ ମୁଣ୍ଡଳୀ ନିକଟସ୍ଥ ବାଆଁରାଠାରେ ଦ୍ୱିତୀୟ ହରିଣ ପାର୍କ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ଜମି ଚିହ୍ନଟ ପ୍ରକ୍ରିୟାକୁ ଇତିମଧ୍ୟରେ ଦୁଇବର୍ଷ ବିତିଯାଇଛି। ହେଲେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଜମି ହସ୍ତାନ୍ତର କରାଯାଉ ନ ଥିବାରୁ ଦ୍ୱିତୀୟ ପାର୍କ ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ତେଣୁ ହରିଣମାନଙ୍କୁ ଅନ୍ୟ ଚିଡ଼ିଆଖାନାକୁ ସ୍ଥାନାନ୍ତର କରିବାକୁ ଯୋଜନା ହୋଇଛି। ଏ ନେଇ ଡିଏଫଓଙ୍କ ଅଧକ୍ଷତାରେ ଏକ ସମନ୍ୱୟ ବୈଠକ କରାଯିବ। ଏହି ବୈଠକରେ ତହସିଲଦାର, ନନ୍ଦନକାନନ, ସିଏମସି ସହଯୋଗରେ ଏବଂ ବିଭାଗର ଅଧିକାରୀଦେବେ। କିଭଳି ଭାବେ ହରିଣମାନଙ୍କୁ ହସ୍ତାନ୍ତର କରାଯିବ ସେ ନେଇ ସେମାନେ ନିଷ୍ପତ୍ତି ନେବେ। ଏହି ବୈଠକରେ ସିଏମ୍‌ସି କମିସନର ଅନନ୍ୟା ଦାସ, ଡିଏଫଓ, ଏସିଏଫଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ଦି ଲୟର୍ସ ଏକାଡେମୀ ଟ୍ରଷ୍ଟ ବୋର୍ଡ ନିର୍ବାଚନ

**କଟକ ଅଫିସ, ୧୫।୭**

ଦି ଲୟର୍ସ ଏକାଡେମୀ ଟ୍ରଷ୍ଟ ବୋର୍ଡ ନିର୍ବାଚନ ସ୍ଥାନୀୟ ଜୁଡିସିଆଲ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୌରାଙ୍ଗ ଚରଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପରିଚାଳନା ଟ୍ରଷ୍ଟି ଶୁଭ ବିକାଶ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ପରେ ଟ୍ରଷ୍ଟ ବୋର୍ଡ ନିର୍ବାଚନ ହୋଇଥିଲା। ଏକାଡେମୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଭାବେ କୈଳାସ ଚନ୍ଦ୍ର କର, ନିର୍ଦ୍ଦେଶକ ଗୋକୁଳାନନ୍ଦ ପଟ୍ଟନାୟକ, କୋଷାଧକ୍ଷ ଭାବେ ତାରାନନ୍ଦ ପଟ୍ଟନାୟକ, କାର୍ଯ୍ୟକାରୀ ଟ୍ରଷ୍ଟି ଭାବେ ଗୌରାଙ୍ଗ ଚରଣ ମହାପାତ୍ର, ଡ. କେ.ଏଲ୍. ଶର୍ମା, କେ.ପି. ମିଶ୍ର, ଗୁରୁଦତ୍ତ କର, ଦୀପ୍ତିରେଖା ନନ୍ଦ, ନଟବର ପଣ୍ଡା, ନିବେଦିତା ମହାନ୍ତି, ମୋହିତ ଅଗ୍ରୱାଲ ଓ ନିଗମାନନ୍ଦ ଦାସ ନିର୍ବାଚିତ ହୋଇଛନ୍ତି। ପୃଷ୍ଠପୋଷକ କମିଟିର ମୁଖ୍ୟ ପୃଷ୍ଠପୋଷକ ଭାବେ ଜଷ୍ଟିସ ଅନଙ୍ଗ ପଟ୍ଟନାୟକ, ଭି. ଗୋପାଳ ଗୌଡ଼ା, ଜଷ୍ଟିସ ଇନ୍ଦ୍ରଜିତ ମହାନ୍ତି, ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ପୂର୍ବତନ ଆଡଭୋକେଟ ଜେନେରାଲ ଜୟନ୍ତ ଦାଶ, ସୂର୍ଯ୍ୟ ପ୍ରସାଦ ମିଶ୍ର, ଆଇନଜୀବୀ ବିପିନ ବିହାରୀ ରଥ, ବିଜନ ବିହାରୀ ରାୟ, ଏନ୍.ସି. ପାଣିଗ୍ରାହୀ, ବୁଦ୍ଧଦେବ ରାଉତରାୟ, ମନୋଜ ମିଶ୍ର, ଜଗବନ୍ଧୁ ସାହୁ, ସୌରଚନ୍ଦ୍ର ମହାପାତ୍ର, ଏସ୍.ଏସ୍. ରାଓ ଏବଂ ଏଲ୍. ପଙ୍ଗାରୀଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତିଙ୍କୁ ଟ୍ରଷ୍ଟି ଭାବେ ଗ୍ରହଣ କରାଯାଇଥିଲା। ଏକାଡେମୀର ପୂର୍ବତନ କାର୍ଯ୍ୟକାରୀ ନିର୍ଦ୍ଦେଶକ ଜଗବନ୍ଧୁ ସାହୁ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ଜଣାଇଥିଲେ। କୋଷାଧକ୍ଷ ତାରାନନ୍ଦ ପଟ୍ଟନାୟକ ନବନିର୍ବାଚିତ କର୍ମକର୍ତ୍ତାଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକାରୀ ଟ୍ରଷ୍ଟି ଡ. କେ.ଏଲ. ଶର୍ମା ଧନ୍ୟବାଦ ଦେଇଥିଲେ। ଏହି ସଭାରେ ପରିଚାଳନାରେ ବିଭୁଦତ୍ତ ବାରିକ ଓ କାହ୍ନୁ ଚରଣ ନାୟକ ସହଯୋଗ କରିଥିଲେ।

## ଟ୍ରେନ୍‌ରୁ ନାବାଳିକା ଉଦ୍ଧାର

**କଟକ ଅଫିସ, ୧୫।୭:** କଟକ ରେଳ ଷ୍ଟେଶନରେ ଥିବା ଟ୍ରେନ୍ ନଂ ୧୨୮୯୧(ବିଜିୱାଇ-ବିବିଏସ୍)ରୁ ସୋମବାର ଜଣେ ନାବାଳିକାଙ୍କୁ ଆରପିଏଫ୍ ପୋଲିସ ଉଦ୍ଧାର କରିଛି। ନାବାଳିକା ଜଣଙ୍କ ଉଦାସ ହୋଇ ଟ୍ରେନ୍‌ରେ ବୁଲୁଥିବା ବେଳେ ଜଣେ ଯାତ୍ରୀ ଆରପିଏଫ୍‌କୁ ଜଣାଇଥିଲେ। ସକାଳ ୯ଟା ୪୫ରେ ଆରପିଏଫ୍‌ର ଏକ ଟିମ୍ ଉକ୍ତ ଟ୍ରେନ୍‌ରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ପଚରାଉଚରା ପରେ ନାବାଳିକା ଜଣଙ୍କ କଟକ ଜିଲା ତିଗିରିଆ ଥାନା ଅଞ୍ଚଳର ବୋଲି ଜଣାପଡିଥିଲା। ସେ ତାଙ୍କ ପରିବାର ଲୋକଙ୍କ ଉପରେ ରାଗି କରି ଘରୁ ପଳାଇ ଆସିଥିଲେ। ଟ୍ରେନ୍‌ରେ ବସିଥିଲେ ମଧ୍ୟ କେଉଁଆଡେ ଯିବେ କିଛି ଜାଣିପାରୁ ନ ଥିଲେ। ତେବେ ନାବାଳିକାଙ୍କୁ ଆରପିଏଫ୍ ପକ୍ଷରୁ ସମାଜିକ ଅନୁଷ୍ଠାନ ବସୁନ୍ଧରାରେ ଛଡାଯାଇଥିବା ଥାନା ଅଧିକାରୀ ପ୍ରବୀଣ କୁମାର କହିଛନ୍ତି।

## ହାବିଲଦାର, କନଷ୍ଟେବଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ

**କଟକ ଅଫିସ, ୧୫।୭:** କମିଶନରେଟ ପୋଲିସର ଅଧୀନ କଟକ ହାବିଲଦାର ଓ କନଷ୍ଟେବଲ ସଂଘର ନୂତନ କର୍ମକର୍ତ୍ତା ସୋମବାର ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଉପ ସଭାପତି ସାଇବା ମାଝୀ, ସମ୍ପାଦକ ପ୍ରଦୀପ କୁମାର ଦତ୍ତ, ସହକାରୀ ସମ୍ପାଦକ-୧ ପ୍ରମୋଦ କୁମାର ସାମଲ, ସହକାରୀ ସମ୍ପାଦକ-୨ ଅନାଦି ଚରଣ ସେନାପତି, କୋଷାଧକ୍ଷ ପ୍ରମୋଦ କୁମାର ଜଗଦେବଙ୍କ ସମେତ ୫ ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ରବିବାର କଟକର ବିଭିନ୍ନ ଥାନା ଓ ବାଟାଲିୟନ୍‌ର ୧୯ଟି ବୁଥରେ ନିର୍ବାଚନ ହୋଇଥିବାବେଳେ ମୋଟ ୩୧୦୦ ଜଣ ଭୋଟର୍ ମତଦାନ ସାବ୍ୟସ୍ତ କରିଥିଲେ। ୨୨ ଜଣ ପ୍ରାର୍ଥୀ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ସୋମବାର ରିଜର୍ଭ ଲାଇନ୍ ନିକଟରେ ଥିବା ସଂଘ କାର୍ଯ୍ୟାଳୟରେ ଭୋଟ ଗଣତି ପରେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା।

# ସମସ୍ୟା ସମାଧାନ ଦାବିରେ ଧାରଣା

**କଟକ ଅଫିସ,୧୫।୭**

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ସମସ୍ୟା ସମାଧାନ ଦାବିରେ ସୋମବାର ହିନ୍ଦୁସେନା ପକ୍ଷରୁ ସିଏମ୍‌ସି ଫାଟକ ସମ୍ମୁଖରେ ଧାରଣା ଦିଆଯିବା ସହ କମିଶନରଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। କଟକ ଖାନ୍‌ନଗର ନିକଟରେ ବର୍ଷାଜଳ ନିଷ୍କାସନ ପାଇଁ ଥିବା ଗେଟ୍‌କୁ ସ୍ଲୁଇସ ଗେଟ୍ କରାଯାଉ। ବର୍ତ୍ତମାନ ଉକ୍ତ ଗେଟ୍ ହାତରେ ଚାଳିତ ହେଉଥିବାରୁ ଏହା ଖୋଲିବା ପାଇଁ ପ୍ରାୟ ୪ଘଣ୍ଟା ଲାଗୁଛି। ଏହାଦ୍ୱାରା ସହରରୁ ବର୍ଷାଜଳ ନିଷ୍କାସନ ହେବାରେ ବିଳମ୍ବ ହେଉଛି। ସହରର ସତିଚଉରା ନିକଟରେ ଥିବା ଡମ୍ପିଂୟାର୍ଡରୁ ଆବର୍ଜନାକୁ ଗାଡିରେ ଚକ୍ରଧରପୁର ନିଆଯାଉଥିବାବେଳେ ରାସ୍ତାର ବିଭିନ୍ନ ସ୍ଥାନରେ ଏହା ଗଳି ପଡୁଛି। ଫଳରେ ସହର ଅପରିଷ୍କାର ହେଉଛି। ସେଥିନିମନ୍ତେ ଉକ୍ତ ଡମ୍ପିଂୟାର୍ଡକୁ ସହର ବାହାରକୁ ନେବା ପାଇଁ ଦାବି ହେଉଛି। ଖାନ୍‌ନଗର ନିକଟରେ ଅପରିଷ୍କାର ଜଳକୁ ମହାନଦୀକୁ ଛଡାଯାଏ। ଫଳରେ ଏହା ମହାନଦୀ ପାଣିକୁ ପ୍ରଦୂଷିତ କରୁଛି। ଏଥିପାଇଁ ସିଡିଏ ଓ ମତ୍ତଗଜପୁର ଠାରେ ଜଳ ବିଶୋଧନ ପ୍ଲାଣ୍ଟ କରାଯାଇ ପ୍ରଦୂଷିତ ଜଳକୁ ବିଶୋଧନ କରି ନଦୀକୁ ଛାଡ଼ିବା ପାଇଁ ହିନ୍ଦୁସେନା ପକ୍ଷରୁ ଦାବି କରାଯାଇଛି। ଏହି ଧାରଣାରେ ରାଜ୍ୟ ଆବାହକ ସଞ୍ଜିତ ସାମଲ, ରାଜ୍ୟ ସଭାପତି ଦେବାଶିଷ ରାଉତଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।




ସିଏମ୍‌ସି ଫାଟକ ସମ୍ମୁଖରେ ହିନ୍ଦୁସେନାର ଧାରଣା।

# କନିକା ରାଜ ପରମ୍ପରାର ମୂକସାକ୍ଷୀ ସତୀଗୁମ୍ଫା

**କଟକ ଅଫିସ, ୧୫।୭**

କଟକ ସହର ଯେତିକି ପ୍ରାଚୀନ, ସହରର ଇତିହାସ ତା'ଠୁ ଅଧିକ ପୁରାତନ। ସହର ଛାତି ଉପରେ ସାଇତା ହୋଇ ରହିଛି ଅନେକ ସ୍ମୃତି ବିଜଡିତ କାହାଣୀ। ରାଜାରାଜୁଡା ଅମଳ ଓ ବ୍ରିଟିଶରଙ୍କ ଛାପ ଏବେ ବି ଏହି ସହର ନିଜ ବୁକୁରେ ସାଇତି ରଖିଛି। ବାଉନ ବଜାର ତେପନ ଗଳି ଥିବା ଏହି ସହରର ପ୍ରତ୍ୟେକ ସାହି, ଗଳିକନ୍ଦିକୁ ନେଇ ରହିଛି ଗୋଟିଏ ଗୋଟିଏ ଇତିହାସ। ଏଠାରେ ରହିଥିବା କିଛି ପୁରୁଣା ସ୍ଥାନକୁ ନେଇ ଏହି ସ୍ତମ୍ଭ, କାନ୍ଥ କହେ କାହାଣୀ...

ଅଭିନବ ବିଡ଼ାନାସୀ ଆରମ୍ଭ ହେଉଛି ସତୀ ଚଉରା ଛକଠାରୁ। ଛକରେ ସତୀ ଚଉରା ବୋଲି ଏକ ଶ୍ମଶାନ ରହିଛି। କାହିଁକି ଏହି ଜାଗାର ନାଁ ସତୀଚଉରା ତା' ପଛରେ ମଧ୍ୟ ଏକ କାହାଣୀ ରହିଛି। ସତୀଚଉରା ନିକଟରେ ଥିବା ସତୀଗୁମ୍ଫା ନାମରେ ହିଁ ଛକ। ସତୀଗୁମ୍ଫାର ଆୟୁଷ ଅନୁମାନ ନ ଲଗାଇ ପାରିଲେ ବି ଏହା ଦେଢ଼ ଶହରୁ ଅଧିକ ବର୍ଷର ପୁରୁଣା ବୋଲି ସ୍ଥାନୀୟ ଲୋକମାନେ ମତ ଦିଅନ୍ତି। ସତୀଗୁମ୍ଫା ପୀଠରେ ଦୁଇଟି ପୁରୁଣା ସୁଡଙ୍ଗ ରହିଛି। ଗୋଟିଏ ପୁରୀକୁ ଓ ଅନ୍ୟଟି କାଳିଆବୋଦା ମଶାଣୀ ପର୍ଯ୍ୟନ୍ତ ଲମ୍ବିଛି ବୋଲି ଲୋକକଥା ରହିଛି। କାଳକ୍ରମେ ଏହି ଦୁଇଟି ସୁଡ଼ଙ୍ଗ ଏବେ ପୋତି ହୋଇ ସାରିଲାଣି ବୋଲି ସତୀଗୁମ୍ଫାର ପୂଜକ ଦିବାକର ପଣ୍ଡା କୁହନ୍ତି।

ସତୀ ଗୁମ୍ଫାରେ ଅବସ୍ଥିତ ମା' ସତୀଶ୍ୱରୀଙ୍କ ମନ୍ଦିର। କନିକା ରାଜାଙ୍କ ସମୟରୁ ରହିଆସିଛି ଏହି ମନ୍ଦିର। ଏହି ମନ୍ଦିର ମଣ୍ଡନ କରୁଛି ଅନେକଗୁଡିଏ ଇତିହାସ ଓ ଲୋକକଥା। ସତୀଶ୍ୱରୀ ମନ୍ଦିରର ଗୋଟିଏ ସିଂହାସନରେ ବିରାଜିତ ହୋଇଛନ୍ତି ତିନି ଦେବୀ। ମା' ଲକ୍ଷ୍ମୀ, ମା' ସରସ୍ୱତୀ ଏବଂ ମା' କାଳୀଙ୍କ ପ୍ରତିମୂର୍ତ୍ତି ଗୋଟିଏ ସିଂହାସନରେ ଅବସ୍ଥାପିତ ହୋଇଥିବାର ବିରଳ ଦୃଶ୍ୟ ମଧ୍ୟ ଏଠାରେ ଦେଖିବାକୁ ମିଳେ। କିମ୍ବଦନ୍ତୀ ଅନୁସାରେ, ସିଂହାସନର ତଳେ ଦୁଇଟି ସୁଡଙ୍ଗ ଥିଲା। ଯାହା ମା'ଙ୍କ ମନ୍ଦିର ଠାରୁ ପୁରୀ ଓ ସ୍ଥାନୀୟ କାଳିଆବୋଦା ଶ୍ମଶାନ ଯାଏ ବ୍ୟାପ୍ତ ଥିଲା। ମଧ୍ୟ ରାତ୍ରିରେ ରାଜ ପରିବାର ସଦସ୍ୟ ଏହି ମନ୍ଦିରକୁ ପୂଜା କରିବାକୁ ଆସୁଥିଲେ ବୋଲି କୁହାଯାଉଥିବା ପୂଜକ ଦିବାକର ଜଣାଇଛନ୍ତି। କନିକା ରାଜ ପରମ୍ପରାର ଏହା ଏକ ମୂକସାକ୍ଷୀ କହିଲେ ବି ଅତ୍ୟୁକ୍ତି ହେବ ନାହିଁ। ଏବେ ବର୍ଷତମାମ ଅନେକ ଭକ୍ତ ଏଠାକୁ ଆସୁଛନ୍ତି। ମା'ଙ୍କ କୃପା ଲାଭ ପାଇଁ ଭକ୍ତମାନେ ପୀଠରେ ଗୁଆ, ନଡିଆ ବସାଇ ଥାଆନ୍ତି ଓ ନିକଟସ୍ଥ ବଟବୃକ୍ଷରେ ନାଲି କପଡା ବାନ୍ଧି ଥାଆନ୍ତି। ପ୍ରତିଦିନ ସକାଳ ୭ଟାରେ ମା'ଙ୍କ ପହଡ ଖୋଲେ। ଅପରାହ୍ନ ୧ଟା ୩୦ ମିନିଟ୍‌ରେ ମା'ଙ୍କ ପାଖେ ନୀତି ଭୋଗ ଓ ସନ୍ଧ୍ୟା ଆଳତିରେ ଖିରୁଡି ଭୋଗ ହୋଇଥାଏ। ବିଶେଷକରି ଦଶହରା, କାଳୀପୂଜା ଓ ଜାଗର ଉତ୍ସବ ମା'ଙ୍କ ପୀଠରେ ମହାଆଡମ୍ବରରେ ପାଳିତ ହୋଇଥାଏ। ପୀଠରେ ଦଶହରା ସମୟରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ନବମୀରେ ମା'ଙ୍କ ପାଖରେ ମାଛ ଭୋଗ କରାଯାଇଥାଏ।



ମା' ସତୀଶ୍ୱରୀ ମନ୍ଦିରରେ ପୂଜା ପାଉଥିବା ଦେବୀ।

### ଆରାଧ ଦେବୀ ବୋଲି ବିଶ୍ୱାସ ଅଛି



କଟକରେ ଯେଉଁ ବି କେତୋଟି ପୁରାତନ ମନ୍ଦିର ଅଛି ତାହା ଭିତରୁ ଏହା ଗୋଟିଏ। ଦୀର୍ଘବର୍ଷ ଧରି ଏଠାରେ ପୂଜା କରୁଛି। ତିନି ଦେବୀଙ୍କୁ ଗୋଟିଏ ସଙ୍ଗରେ ପୂଜା କରିବାର ଅନୁଭବ ବି ନିଆରା। ସମ୍ପୂର୍ଣ୍ଣ ଆରାଧ ଦେବୀ ବୋଲି ମୋର ନୁହେଁ ସମସ୍ତଙ୍କର ବିଶ୍ୱାସ ଅଛି।

- ଦିବାକର ପଣ୍ଡା, ପୂଜକ



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଜବରଦଖଲ ଅଞ୍ଚଳ ବୁଲି ଦେଖିଲେ କମିଶନର

**ଭୁବନେଶ୍ୱର,୧୫।୭(ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ ବଢ଼ିଚାଲିଥିବା ଜବରଦଖଲ ସମସ୍ୟାକୁ ହ୍ରାସ କରାଇବା ପାଇଁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସୋମବାର ବିଭିନ୍ନ ଜବରଦଖଲ ଅଞ୍ଚଳ ବୁଲି ଦେଖିଛନ୍ତି। ଏହା ସହ ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଅଞ୍ଚଳଗୁଡ଼ିକୁ ଦେଖିଥିଲେ। ଏଠାରେ ନିର୍ମାଣ ହେଉଥିବା ଶପିଂ ମଲର ଆଗ ରାସ୍ତାକୁ ନେଇ ବହୁଦିନ ହେବ ବିବାଦ ଲାଗି ରହିଥିବା ବେଳେ କମିଶନର ପ୍ରତ୍ୟକ୍ଷ ଭାବେ ଏହାର ସମୀକ୍ଷା କରିଥିଲେ। ଅନ୍ୟପକ୍ଷରେ ଏହି ସ୍ଥାନକୁ ପୁନର୍ବାର ମାପିବା ସହିତ ଏଥିରେ ସରକାରୀ ଜାଗା ରହିଛି କି ନାହିଁ ସେଥିପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜବରଦଖଲ ଜାଗାକୁ ମୁକ୍ତ କରାଯିବ ବୋଲି ଚୌଧାରୀ କହିଛନ୍ତି।

### ଚୋରି ଘଟଣା:୨ ଗିରଫ

**ପୁରୁଣା ଭୁବନେଶ୍ୱର, ୧୫। ୭ (ଡି.ଏନ.ଏ.):** ଏୟାରପୋର୍ଟ ଥାନା ପୋଲିସ ସୋମବାର ଚୋରି ଘଟଣାରେ ୨ ଜଣଙ୍କୁ ଗିରଫ କରିବା ସହ ଜିନିଷକୁ ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ କାର୍‌ଗିଲ ବସ୍ତି କେଳାସାହିରେ ରହୁଥିବା ବିଶ୍ୱଜିତ ସରକାର(୨୦) ଓରଫ ବିଶୁ ଓ ଶ୍ରୀକାନ୍ତ ମଙ୍ଗରାଜ(୨୦) ଓରଫ ବଙ୍କା। ପୋଲିସ ସୂଚନା ଅନୁଯାୟୀ, ଜୁନ ୨୬ରେ ଡୁମୁଡୁମା ଅଞ୍ଚଳର ସୁମନ୍ତ କୁମାର ନାୟକ ସ୍ତ୍ରୀ ଏବଂ ତାଙ୍କର ଜଣେ କର୍ମଚାରୀଙ୍କ ସହ ଭୋର ୪ଟାରେ ପଳାଶପଲ୍ଲୀ ଛକ ଦେଇ ଯାଉଥିଲେ। ହଠାତ ୩ ଜଣ ବାଇକ୍‌ରେ ଆସି ତାଙ୍କୁ ଅଟକାଇବା ସହ ଭୁଜାଲି ଦେଖାଇ ଏକ ମୋବାଇଲ, ସୁନାମୁଦି ଏବଂ ଟଙ୍କା ସହ ସେମାନଙ୍କ କାଗଜପତ୍ର ଲୁଟ୍ କରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଦଫା ୩୯୪ରେ ୧୦୦/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ସେମାନଙ୍କଠାରୁ ଚୋରି ଜିନିଷ ଜବତ କରିବା ସହ ଏକ କଟୁରି ସେମାନେ ବ୍ୟବହାର କରୁଥିବା ବାଇକ୍‌କୁ ଜବତ କରିଛି।

### ଶ୍ରୀରାମେଶ୍ୱର ବରିଷ୍ଠ ନାଗରିକ ସଙ୍ଘର ନୂତନ କର୍ମକର୍ତ୍ତା ନିର୍ବାଚିତ

**ଭୁବନେଶ୍ୱର,୧୫।୭(ବ୍ୟୁରୋ):** ଜୟଦେବ ବିହାର ସ୍ଥିତ ଶ୍ରୀରାମେଶ୍ୱର ବରିଷ୍ଠ ନାଗରିକ ସଙ୍ଘର ୨୦୧୯-୨୧ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ବିଷ୍ଣୁ ମୋହନ ମହାନ୍ତି ସଭାପତି, ଶାନ୍ତି ବେହେରା ଉପସଭାପତି, ହରିହର ବରାଳ ସମ୍ପାଦକ, ଅଜିତ ସାହୁ ସହ ସମ୍ପାଦକ, ସୁବାଷ ଚନ୍ଦ୍ର ବିଶ୍ୱାଳ ଯୁଗ୍ମ ସମ୍ପାଦକ, ଜଗଦିଶ ସାହୁ କୋଷାଧ୍ୟକ୍ଷ, ସୁବାସ ଚନ୍ଦ୍ର ଦାସ ସହକାରୀ କୋଷାଧ୍ୟକ୍ଷ ଓ ପ୍ରଫୁଲ କୁମାର ତ୍ରିପାଠୀ ସମୀକ୍ଷକ ଭାବେ ନିର୍ବାଚିତ ହୋଇଛନ୍ତି। ଏହା ବ୍ୟତୀତ ସାତ ଜଣ ସଭ୍ୟଙ୍କୁ ସଙ୍ଘର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ସେମାନେ ହେଲେ- ବଂଶୀଧର ସାହୁ, ପତିତପାବନ ଭଞ୍ଜ, ପ୍ରହ୍ଲାଦ ସାମଲ, ରବୀନ୍ଦ୍ର ପଟ୍ଟନାୟକ, ଶରତଚନ୍ଦ୍ର ରାୟଗୁରୁ, ରାଜେନ୍ଦ୍ର ପ୍ରସାଦ ରଥ ଏବଂ କୁମୁଦିନୀ ପରିଡା। ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏକ ସଭାରେ ନବ ନିର୍ବାଚିତ ସଭ୍ୟ ଓ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ସଭ୍ୟମାନେ ସର୍ବସମ୍ମତି କ୍ରମେ ଚୟନ କରିଥିଲେ ଓ ଶେଷରେ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା।

■ ଛୋଟାଙ୍କ କୋଟିଏ ଟଙ୍କାର ଘର ଉଚ୍ଛେଦ କଲା ପ୍ରଶାସନ

# ମାଟିରେ ମିଶିଲା ଦ୍ୱାରିକାନଗର ଆଡ୍ଡାସ୍ଥଳ

**ଖୋର୍ଦ୍ଧା ଅଫିସ,୧୫।୭**



■ ୧୪ ବଖରା ସହ ରହିଥିଲା ଶୀତତାପ ନିୟନ୍ତ୍ରିତ କୋଠରି, ସୁଇମିଂ ପୁଲ୍

■ ଭାଙ୍ଗିବାକୁ ଲାଗିଲା ୮ ଘଣ୍ଟା, ଦାମୀ ଉପକରଣ, ବିଦେଶୀ କୁକୁର ଗାଏବ୍

ବ୍ରାଉନ୍‌ସୁଗାର କାରବାରରୁ ପଥର ଚୋରା ଚାଲାଣ। ବନ୍ଧୁକ କାରବାରଠାରୁ ଆରମ୍ଭ କରି ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ସୁଧାଂଶୁ ପରିଡ଼ା ଓରଫ୍ ଛୋଟା ଓରଫ ଶୁଭ୍ରାଂଶୁ ଜେଲ୍ ଯିବା ପରେ କଳାସାମ୍ରାଜ୍ୟର ଖୋଳତାଡ଼ ଚଳାଇଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଲେଡି ଡନ୍‌ଙ୍କ ହାତରେ ବନ୍ଧୁକ ଧରାଇ ଖୋର୍ଦ୍ଧା ଓ ଆଖପାଖ ଅଞ୍ଚଳରେ ରାଜ୍ କରୁଥିବା ଛୋଟାଙ୍କ ବେଆଇନ ସମ୍ପତ୍ତି ମଧ୍ୟ ଧୀରେ ଧୀରେ ଜବତ ହେବାରେ ଲାଗିଛି। ତେବେ ସୋମବାର ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକାନଗରରେ ସରକାରୀ ଜମିକୁ ଦଖଲ କରି କରିଥିବା ଘରକୁ ଭଙ୍ଗାଯିବାବେଳେ ପ୍ରଶାସନ ସ୍ତବ୍ଧ ହୋଇଯାଇଛି। ଉକ୍ତ ଘର ଛୋଟା ଗ୍ୟାଙ୍ଗ୍‌ର ଆଡ୍ଡାସ୍ଥଳ ଥିବା ସ୍ପଷ୍ଟ ହୋଇଛି। ୧୪ ବଖରା ଘର ଭିତରେ ଅଧିକାଂଶ ଥିଲା ଶୀତତାପ ନିୟନ୍ତ୍ରିତ କୋଠରି। ମିଟିଂ ହଲ୍, ସୁଇମିଂ ପୁଲ୍ ବି ରହିଥିଲା। କୁକୁର ଓ ଗ୍ୟାଙ୍ଗ୍ ସଦସ୍ୟ ରହିବା ପାଇଁ ଥିଲା ଭିନ୍ନ ଭିନ୍ନ ଘର। ହେଲିପ୍ୟାଡ୍ ପାଇଁ ମଧ୍ୟ ହୋଇଥିଲା ପ୍ରସ୍ତୁତି। କୋଠରିର କାନ୍ଥ ଓ ପରିସର ବି କହୁଥିଲା ସେଠାରେ କିପରି ଚାଲିଥିଲା ଛୋଟା ସାମ୍ରାଜ୍ୟର ମଉଜମସ୍ତି। ପୂରା ସିସିଟିଭି କ୍ୟାମେରା ନଜରରେ ରହିଥିଲା ଆଡ୍ଡାସ୍ଥଳ। ତେବେ ଜିଲା ପ୍ରଶାସନ ୮ ଘଣ୍ଟାର ଅପରେଶନରେ କୋଟିଏରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତିକୁ ମାଟିରେ ମିଶାଇ ଦେଇଛି।

ଏସ୍‌ଟିଏଫ୍ ପଚରାଉଚରାବେଳେ ଛୋଟା ନିଜ ସାମ୍ରାଜ୍ୟର କିଛି ଗୁମର ଖୋଲିଥିଲା। ବହୁ ସରକାରୀ ଜମି ଦଖଲ କରିଥିବାବେଳେ ଦ୍ୱାରିକାନଗରସ୍ଥିତ ତାଙ୍କ ଆଡ୍ଡାସ୍ଥଳ ସମ୍ପର୍କରେ ସୁରାକ ମିଳିଥିଲା। ପ୍ରଶାସନର ନଜର ପଡ଼ିବା ପରେ ଉକ୍ତ ଘରେ ଉଚ୍ଛେଦ ନୋଟିସ ଲଗାଯାଇଥିଲା। ଏହାପରେ ଉକ୍ତ ଘରେ ଥିବା ଆସବାବପତ୍ର ଓ ବିଭିନ୍ନ ସାମଗ୍ରୀକୁ ବୋହି ନେଇଥିଲେ ସମ୍ପର୍କୀୟ ଲୋକ। ଏପରିକି ବିଦେଶୀ କୁକୁର ଓ ବହୁ ମୂଲ୍ୟବାନ ଜିନିଷପତ୍ର ମଧ୍ୟ ଗାଏବ୍ ହୋଇଯାଇଥିଲା। ତେବେ ଉଚ୍ଛେଦ ପାଇଁ ନିର୍ଦ୍ଧାରିତ ସମୟ ଅନୁସାରେ ଖୋର୍ଦ୍ଧା ଉପଜିଲାପାଳଙ୍କ ଦାୟିତ୍ୱରେ ଥିବା ତହସିଲ୍‌ଦାର ଶୁଭ୍ରାଂଶୁ ସାମଲ ଓ ଡିଏସ୍‌ପି ସତୀଶ ପାଢ଼ୀଙ୍କ ଉପସ୍ଥିତିରେ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟାରୁ ଆରମ୍ଭ ହୋଇଥିଲା ଉଚ୍ଛେଦ। ୨ ପ୍ଲାଟୁନ ଫୋର୍ସ ଓ ୩ଟି ଜେସିବି ସହାୟତାରେ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀମାନେ ୮ ଘଣ୍ଟା ଧରି ବିଭିନ୍ନ ନିର୍ମାଣକୁ ଭାଙ୍ଗି ଦେଇଥିଲେ। ମଝିରେ ମଝିରେ ଜେସିବି ମେଶିନ ବାରମ୍ବାର ଖରାପ ହେବା ଯୋଗୁ ବିଳମ୍ବରେ ଅର୍ଥାତ୍ ସନ୍ଧ୍ୟା ସାଢେ ୬ଟାରେ ଉଚ୍ଛେଦ ଶେଷ ହୋଇଥିଲା।

ମିଳିଥିବା ସୂଚନାନୁସାରେ, ଛାତ ପକାଇବା ଉଦ୍ଦେଶ୍ୟରେ ଘରଗୁଡିକୁ ନିର୍ମାଣ କରାଯାଇଥିବାବେଳେ ସେଥିରେ ଆଜ୍‌ବେଷ୍ଟସ୍ ପକାଯାଇଥିଲା। ଘରଟି ୟୁ ଆକାରରେ ରହିଥିଲା। ସମ୍ମୁଖ ଓ ପଛ ପାଖଟି କମ୍ ଚଉଡା ଦିଶୁଥିବାବେଳେ ପରିସର ପୂରା ରାଜକୀୟ ଭଳି ଲାଗୁଥିଲା। ଭିତରେ ବହୁତ ଜମି ରହିଥିଲା। ଛୋଟାଙ୍କ ଘରର ଆଗ ଓ ପଛ ପାର୍ଶ୍ୱରେ ଅନ୍ୟ ଲୋକଙ୍କ ଘର ରହିଥିଲା। ଘରଗୁଡିକ ଏପରି ତିଆରି ହୋଇଥିଲା ଯେ, କେହି ଅତି ସହଜରେ ଗାଏବ୍ ହୋଇପାରିବ। ନିର୍ମାଣକୁ ଏତେ ଦୃଢ଼ କରାଯାଇଥିଲା ଯେ, ଭାଙ୍ଗିବାକୁ ବହୁ ସମୟ ଲାଗିଥିଲା। ତେବେ ଘରେ ଥିବା ବଡ଼ ବଡ଼ ଏଲଇଡି ଟିଭି, ୧୧ ବିଦେଶୀ କୁକୁର, ସୋଫା ସେଟ୍ ଆଦି ମୂଲ୍ୟବାନ ଉପକରଣକୁ କିଏ ଗାଏବ୍ କଲା ତାହାକୁ ନେଇ ଏବେ ଚର୍ଚ୍ଚା ଜୋର୍‌ଧରିଛି।

### ଚୋରା କାଠ ବ୍ୟବସାୟ କରୁଥିବା ସନ୍ଦେହ

ଛୋଟା ଓ ତାଙ୍କର ଜଣେ ସହଯୋଗୀଙ୍କ ଘରୁ ୬୦ ଶିଫ୍ଟରୁ ଉର୍ଦ୍ଧ୍ୱ ଶାଳ, ଶାଗୁଆନ, ଆମ୍ବ କାଠ ଜବତ ହୋଇଛି। ଏହାର ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ ଓ ସାମଗ୍ରୀ ଜବତ ଜାରି ରହିଥିଲା। ଛୋଟାଙ୍କ ସମ୍ପର୍କୀୟମାନେ ଅନ୍ୟ ସାମଗ୍ରୀ ନେଇଯାଇଥିଲେ ମଧ୍ୟ କାଠଗଣ୍ଡିଗୁଡ଼ିକୁ ଗାଏବ କରି ପାରି ନ ଥିଲେ। କାଠ ଜବତ ପରେ ଛୋଟା ବ୍ରାଉନସୁଗାର, ପଥର ଖଣି ସହ ଚୋରା କାଠ ବ୍ୟବସାୟ କରୁଥିଲେ ବୋଲି ଜଣାପଡିଛି।

### ରହସ୍ୟରେ ୩୨ ବଖରା ଅର୍ଦ୍ଧନିର୍ମିତ ଘର, ଅଣ୍ଡରଗ୍ରାଉଣ୍ଡ୍

ଛୋଟାଙ୍କ ଘର ପଛରେ ରହିଛି ଅର୍ଦ୍ଧ ନିର୍ମିତ ୨୪ ବଖରା ଘର। ଏହି ଘରଗୁଡିକ ଛୋଟାଙ୍କ ସହଯୋଗୀଙ୍କ ପାଇଁ ନିର୍ମାଣ କରାଯାଉଥିଲା ବୋଲି ସନ୍ଦେହ କରାଯାଉଛି। ସେହିପରି ଭଙ୍ଗାଯାଇଥିବା ଘର ପାଖରେ କିଛି ଘର ମଧ୍ୟ ରହିଥିବା ଜଣାପଡିଛି। ତେବେ ପ୍ରଶାସନ ସେହିଘରକୁ ନ ଭାଙ୍ଗି ସରକାରୀ କାର୍ଯ୍ୟାଳୟ ବା କ୍ୱାର୍ଟର କରିବାକୁ ଯୋଜନା କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଅଣ୍ଡରଗ୍ରାଉଣ୍ଡ୍ ଘର ସମ୍ପର୍କରେ କିଛି ସୁରାକ ମିଳିନାହିଁ। ଖୋର୍ଦ୍ଧା ତହସିଲଦାର ସାମଲ କୁହନ୍ତି, ଅର୍ଦ୍ଧନିର୍ମିତ ଘର ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ପାସପୋର୍ଟ ଅଫିସ ନିକଟରୁ ଚୋରି ଘଟଣା, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ଆଞ୍ଚଳିକ ପାସପୋର୍ଟ ଅଫିସ ନିକଟରୁ ଗତ ୧୦ତାରିଖରେ ଏକ କାର ଭିତରେ ଥିବା ବ୍ୟାଗରୁ ୩ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ମୋବାଇଲ ଫୋନ ଚୋରି ହୋଇଥିଲା। ଏହି ଘଟଣାରେ ସୋମବାର ପୋଲିସ ନୟାପଲ୍ଲୀ ୟୁନିଟ-୮ ଗଡସାହି ଅଞ୍ଚଳରେ ରହୁଥିବା ନିରଞ୍ଜନ ନାୟକ ଓରଫ ଟିକନଙ୍କୁ ଗିରଫ କରିଛି। ତାଙ୍କ ଠାରୁ ଚୋରି ହୋଇଥିବା ସୁନା ଅଳଙ୍କାର ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୧୦ତାରିଖରେ ରାକେଶ କୁମାର ସ୍ୱାଇଁ ଓ ତାଙ୍କ ସ୍ତ୍ରୀ କୌଣସି କାମରେ ପାସପୋର୍ଟ ଅଫିସକୁ ଆସିଥିଲେ। ପାସପୋର୍ଟ ଅଫିସ୍ ଭିତରୁ କାମ ସାରି ବାହାରକୁ ଆସିବା ପରେ ତାଙ୍କ କାର ଖୋଲାଥିବା ଦେଖିବାକୁ ପାଇଥିଲେ। ପରେ କାର ଭିତରେ ଥିବା ଭ୍ୟାନିଟ ବ୍ୟାଗରୁ ସୁନା ଅଳଙ୍କାର, ମୋବାଇଲ ଫୋନ, ଓ ଅନ୍ୟାନ୍ୟ ଜରୁରି କାଗଜପତ୍ର ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ରାକେଶଙ୍କ ଅଭିଯୋଗକ୍ରମେ ଅନୟାପଲ୍ଲୀ ପୋଲିସ ଏକ ମାମଲା(ନଂ. ୩୦୮/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ସିସିଟିଭି ଫୁଟେଜ ଓ ଚୋରି ଫୋନକୁ ଟ୍ରାକ କରି ଅଭିଯୁକ୍ତଙ୍କୁ ଧରିବା ସହ ଚୋରି ହୋଇଥିବା ସୁନା ଅଳଙ୍କାରକୁ ଜବତ କରିଥିଲା।

## ଅନିୟମିତତା ପ୍ରତିବାଦରେ ଭାଜପା ପକ୍ଷରୁ ତହସିଲ ଘେରାଉ



ବାଲିଅନ୍ତା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀଙ୍କ ବିକ୍ଷୋଭ।

**ବାଲକାଟୀ,୧୫।୭(ଡି.ଏନ୍.ଏ.)**

ବାଲକାଟୀ ଅଞ୍ଚଳରେ ଫନୀ କ୍ଷୟକ୍ଷତି ତାଲିକାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଦାବି କରିଛନ୍ତି ଅଞ୍ଚଳବାସୀ। ଏହାର ପ୍ରତିବାଦ କରି ସୋମବାର ବାଲିଅନ୍ତା ବ୍ଲକ ଭାଜପା ସଙ୍ଗଠନ ପକ୍ଷରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। ସଙ୍ଗଠନର ନରେନ୍ଦ୍ରନାଥ ନାୟକଙ୍କ ନେତୃତ୍ୱରେ ପ୍ରାୟ ଶତାଧିକ କର୍ମକର୍ତ୍ତା ପୂର୍ବାହ୍ନ ୧୧ଟାରେ ପୁରୁଣା ଜଗନ୍ନାଥ ସଡ଼କ ଗଡ଼କଣ୍ଟଣିଆସ୍ଥିତ ଶ୍ରୀ ସୁଦର୍ଶନଙ୍କ ଦାରୁପୀଠରେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇ ଫନୀ ଦ୍ୱାରା ହୋଇଥିବା କ୍ଷୟକ୍ଷତି ତାଲିକାରେ ବ୍ଲକର କିଭଳି ପ୍ରିୟାପ୍ରୀତି ଅବଲମ୍ବନ କରାଯାଇଛି ତାହାର ପ୍ରତିବାଦ କରିଥିଲେ। ଏ ନେଇ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପ୍ରକୃତ କ୍ଷତିଗ୍ରସ୍ତ ପରିବାର ଲୋକଙ୍କ ନାମ ତାଲିକାଭୁକ୍ତ ହୋଇ ନଥିବାବେଳେ ତହସିଲ କର୍ମଚାରୀ, ଆରଆଇ ଓ ସରପଞ୍ଚମାନେ ବୈଠକ କରି ମନମୁଖି ଭାବେ ନିଜ ଲୋକଙ୍କ ନାମ ତାଲିକାଭୁକ୍ତ କରିଛନ୍ତି। ସେହିପରି ଯୋଗ୍ୟ ହିତାଧିକାରୀଙ୍କ ଘରଭଙ୍ଗା ତାଲିକାରେ ନାମ ନ ଥିବାବେଳେ କୋଠାଘର ଥିବା ବ୍ୟକ୍ତିଙ୍କ ନାମ ତାଲିକାରେ ରହିଛି। ନଡିଆ ଗଛ, ଛତୁ ଓ ପାନବରଜ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିପ୍ରତି ସରକାର ଦୃଷ୍ଟି ଦେଇ ପଦକ୍ଷେପ ନେବା ଦରକାର ବୋଲି ଦାବି ହୋଇଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ଆଦିତ୍ୟ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଦିଲୀପ ସ୍ୱାଇଁ, ବାଲିଅନ୍ତା ଯୁବମୋର୍ଚ୍ଚା ସଭାପତି ସୁବାସ ସାହୁ ଯୋଗଦେଇଥିଲେ।

### ଶ୍ରୀଲିଙ୍ଗରାଜ ମନ୍ଦିର ଶ୍ରାବଣୀ ଜଳଲାଗି ପାଇଁ ପ୍ରସ୍ତୁତି ବୈଠକ

**ପୁରୁଣାଭୁବନେଶ୍ୱର,୧୫।୭ (ଡି.ଏନ୍.ଏ.)**

ଆସନ୍ତା ଶ୍ରାବଣ ମାସ ପ୍ରଥମ ସୋମବାରଠାରୁ କାଉଡିଆମାନେ ବିଭିନ୍ନ ଶୈବପୀଠରେ ଜଳ ଲାଗି କରିବେ। ଏକାମ୍ରକ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀଲିଙ୍ଗରାଜ ମନ୍ଦିରରେ ମଧ୍ୟ ହଜାର ହଜାର କାଉଡିଆଙ୍କ ସୁଅ ଛୁଟିବ। ଏଥିପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଡିଏମ୍ ଅରୁଣ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରାବଣୀ ନୀତି ନିର୍ଘଣ୍ଟ ସ୍ଥିର ହୋଇଥିଲା। ସୋମବାର ଭୋର ୩ଟାରେ ମନ୍ଦିର ଖୋଲାଯିବା ସହ ସାଢେ ୩ଟାରେ ମଙ୍ଗଳ ଆଳତି ଅବକାଶ ନୀତି ଅନୁଷ୍ଠିତ ହେବ। ସାଢେ ୩ଟାରୁ ପୂର୍ବାହ୍ନ ୧୧ଟା ଯାଏଁ ସାହାଣମେଲା ଦର୍ଶନ ବଳବତ୍ତର ରହିବ। ଏହି ଦର୍ଶନ ସମୟ ଅବଧି ମଧ୍ୟରେ କାଉଡିଆମାନେ ଜଳ ଲାଗି କରିପାରିବେ। ଯଦି କାଉଡିଆଙ୍କ ସଂଖ୍ୟା କମ ରୁହେ ତେବେ ସାହାଣମେଲା ଦର୍ଶନ ସମୟ ଅବଧି କମା ଯାଇପାରିବ ବୋଲି ସ୍ଥିର କରାଯାଇଛି। ପୂର୍ବବର୍ଷ ଭଳି ୧୦ ଟଙ୍କାର ରସିଦ କାଟିବା ପରେ କାଉଡିଆମାନେ ଶ୍ରାବଣୀ ଜଳ ଲାଗି କରିପାରିବେ। ଆସନ୍ତା ୨୨ ତାରିଖ, ୨୯ ତାରିଖ, ଅଗଷ୍ଟ ୫ ଓ ୧୨ ତାରିଖ ଏହି ଚାରୋଟି ସୋମବାର ପାଳିରେ ଶ୍ରୀଲିଙ୍ଗରାଜଙ୍କ ପୀଠରେ ଶ୍ରାବଣ ଜଳଲାଗି କରାଯିବ ବୋଲି ସ୍ଥିର ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ, ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା, ସେବାୟତ ବିରଞ୍ଚି ନାରାୟଣ ପତି ଉପସ୍ଥିତ ଥିଲେ।

## ସମ୍ବାଦପତ୍ର ଦୂରଦର୍ଶୀ ସହ ସମଦର୍ଶୀ ହେବା ଜରୁରୀ : ରାଜ୍ୟପାଳ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ସମ୍ବାଦପତ୍ରଗୁଡ଼ିକ ଦୂରଦର୍ଶୀ ହେବା ସହ ସମଦର୍ଶୀ ହେବାର ଯଥେଷ୍ଟ ଆବଶ୍ୟକତା ରହିଛି। ସାମୂହିକ ସ୍ୱାର୍ଥକୁ ନଜରରେ ରଖି ନ୍ୟାୟପୂର୍ବକ କାର୍ଯ୍ୟ କରିବା ଜରୁରୀ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ମାସିକ ପତ୍ରିକା 'ଦୂରଦର୍ଶୀ'ର ଏକାଦଶ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ବହୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ଭୁବନେଶ୍ୱର-ଉତ୍ତର ବିଧାୟକ ସୁଶାନ୍ତ ରାଉତ ଓ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ହରେକୃଷ୍ଣ ଶତପଥୀ ଯୋଗଦେଇଥିଲେ। ପତ୍ରିକା ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ ଆଗାମୀ ଦିନରେ ଦୂରଦର୍ଶୀ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟକୁ ଋଦ୍ଧିମନ୍ତ କରିବ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ପତ୍ରିକାର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ କରିବା ସହ ବିଭିନ୍ନ କ୍ଷେତ୍ରରେ ୧୧ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଡି. ମୁରଲି କ୍ରିଷ୍ଣା, ସୁଶାନ୍ତ କୁମାର ପଣ୍ଡା, ଲକ୍ଷ୍ମୀ ନାରାୟଣ ଅଗ୍ରୱାଲ, ସୂର୍ଯ୍ୟ ଦେଓ, ସରୋଜ କୁମାର ଦାଶ, ଦେବୁ ପଟ୍ଟନାୟକ, ସୁଶାନ୍ତ କୁମାର ବିଶୋୟୀ, ଶୁଭଶ୍ରୀ ମହାରଣା, ଦୁର୍ଯ୍ୟୋଧନ ମିଶ୍ର, ସୌମ୍ୟା ପ୍ରଧାନ, ରାଜେଶ ବିଶ୍ୱାଳଙ୍କୁ 'ଦୂରଦର୍ଶୀ-୨୦୧୯' ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବୁଦ୍ଧଦେବଙ୍କ 'କ୍ୟୁଷ୍ଟ ଆଣ୍ଡ ଷ୍ଟ୍ରଗଲ' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ ଓ ଛାତ୍ର କଲ୍ୟାଣ ଅଧିକାରୀ ପ୍ରଫେସର ଡ. ବୁଦ୍ଧଦେବ ମିଶ୍ରଙ୍କ ଲିଖିତ ଇଂଲିଶ ପୁସ୍ତକ 'କ୍ୟୁଷ୍ଟ ଆଣ୍ଡ ଷ୍ଟ୍ରଗଲ' ସୋମବାର ଲୋକାର୍ପିତ ହୋଇଯାଇଛି। କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ପୁସ୍ତକର ଲୋକାର୍ପଣ କରି କହିଥିଲେ, ଡ. ମିଶ୍ର ତାଙ୍କ ପୁସ୍ତକରେ କୃଷି ବିଶ୍ୱବିଦ୍ୟାଳୟର କେତେକ ଘଟଣାବଳୀକୁ ଅତ୍ୟନ୍ତ ନିଚ୍ଛକ ଭାବେ ବର୍ଣ୍ଣନା କରିଥିଲେ। ମହାତ୍ମା ଗାନ୍ଧୀ ଅହିଂସା ଓ ଐତିହ୍ୟ ନ୍ୟାସ ପକ୍ଷରୁ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପୌରହିତ୍ୟ କରିଥିଲେ। ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି ଯୋଗଦେଇ ମତବ୍ୟକ୍ତ କରିଥିଲେ। ପୁସ୍ତକର ଲେଖକ ପ୍ରଫେସର ଡ. ମିଶ୍ର ପ୍ରାରମ୍ଭିକ ସୂଚନା ଦେଇ ଛାତ୍ର ମଙ୍ଗଳ ଅଧିକାରୀ ଭାବେ ତାଙ୍କର ଯେଉଁ କର୍ତ୍ତବ୍ୟ ସେ ବିଭିନ୍ନ ସମୟରେ କରିଛନ୍ତି ବୋଲି କହିଥିଲେ। ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ପ୍ରଜ୍ଞାନରାଜ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଦୁଇ ସ୍ଥାନରୁ ଜବରଦଖଲ ଉଚ୍ଛେଦ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ସୋମବାର ରାଜଧାନୀର ୨ଟି ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇଛି। ବିଏମ୍‌ସି ଭବାନୀ ମଲ୍ ଓ ରେଲୱେ ଷ୍ଟେଶନ ବସ୍‌ଷ୍ଟାଣ୍ଡ ନିକଟରେ ବେଆଇନ ଭାବେ ସରକାରୀ ଜାଗା ଏବଂ ରାସ୍ତାପାର୍ଶ୍ୱକୁ ଦଖଲ କରି ରହିଥିବା ଦୋକାନ, ହୋର୍ଡିଂ ଆଦିକୁ ଭାଙ୍ଗି ଦିଆଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ), ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ କମିଶନରେଟ ପୋଲିସ୍‌ର ମିଳିତ ସ୍କ୍ୱାଡ୍ ପକ୍ଷରୁ ପୂର୍ବାହ୍ନ ୧୦ଟା ୩୦ରୁ ପ୍ରଥମେ ଭବାନୀ ମଲ୍ ନିକଟରୁ ଉଚ୍ଛେଦ ଆରମ୍ଭ ହୋଇଥିଲା। ଶ୍ରୀକାନ୍ତ ଦାଶଙ୍କ ଅଭିଯୋଗକୁ ଭିତ୍ତିକରି ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ (ଡିଠି ନଂ. ୧୬୦୪୮/୨୦୧୮) ଅନୁସାରେ ଏହି ଉଚ୍ଛେଦ କରାଯାଇଥିଲା। ବେଆଇନ ଭାବେ ରହିଥିବା ୧୩ ଇସ୍ତ୍ରୀ ଦୋକାନ, ୧୧ ଜଳଖିଆ ଦୋକାନ, ୭ ଜରି ପଲିଥିନ ଘର, ୮ ହୋର୍ଡିଂ ସହ ୨ ଫାଷ୍ଟଫୁଡ ଷ୍ଟଲକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ଏସିପି ଅନିଲ ମିଶ୍ରଙ୍କ ଟିମ୍ ସହ ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ୧, ୨, ୪ ଟିମ୍, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ(ବିଏସ୍‌ସିଏଲ) ଅଧିକାରୀ, ବିଏମ୍‌ସି ଉତ୍ତରପୂର୍ବ ଜୋନ୍ ସ୍କ୍ୱାଡ୍, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ୨ ପ୍ରମୋଦ ପାତ୍ର, ଯୋଗସୂତ୍ର ଅଧିକାରୀ ସୁଧାଂଶୁ ଶେଖର ମହାନ୍ତି, କ୍ୟାପିଟାଲ ଥାନା ଅଧିକାରୀ ଏସ୍.ସି. ଚକ୍ରବର୍ତ୍ତୀ ଉପସ୍ଥିତ ଥିବାବେଳେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

## ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ହେରିଟେଜ୍‌ର ଅଧିଷ୍ଠାନ ଦିବସ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**





କ୍ଲବର ମୁଖପତ୍ର 'ଦି ହେରିଟେଜ୍'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ହେରିଟେଜ୍‌ର ୧୧ତମ ଅଧିଷ୍ଠାନ ଦିବସ ସ୍ଥାନୀୟ ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ୍ ଶାନ୍ତନୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର ଭାସ୍କର ଏନ୍ ଥୋରାଟ୍ ଯୋଗଦେଇଥିଲେ। ସଭାପତି ରୋଟାରିଆନ୍ ବିଷ୍ଣୁମୋହନ ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରୋଟାରିଆନ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେକ୍ରେଟାରୀ ରୋଟାରିଆନ୍ ବସନ୍ତ କୁମାର ସାହୁ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ୨୦୧୯-୨୦ ପାଇଁ ସଭାପତି ଭାବେ ରୋଟାରିଆନ୍ ସାରଙ୍ଗଧର ସାମଲ ଓ ସେକ୍ରେଟାରି ରୋଟାରିଆନ୍ ବିଚିତ୍ରାନନ୍ଦ ନାୟକଙ୍କୁ ଅଧିଷ୍ଠିତ କରାଯାଇଥିଲା। ଏଥିସହ ୪ଜଣ ନୂତନ ସଦସ୍ୟଙ୍କୁ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ ରବି ନାରାୟଣ ନନ୍ଦ ଓ ଭବାନୀ ପ୍ରସାଦ ଚୌଧୁରୀ ପିନ୍ ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। କ୍ଲବର ମୁଖପତ୍ର 'ଦି ହେରିଟେଜ୍' ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ନୂତନ ସଭାପତି ରୋଟାରିଆନ ସାମଲ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ସମାଜିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ରୋଟାରିଆନ ଦେବବ୍ରତ ପାଣିଗ୍ରାହୀ ପରିଚୟ ପ୍ରଦାନ ଓ ରୋଟାରିଆନ ପି. ଶ୍ରୀନିବାସ ଧନ୍ୟବାଦ ଦେଇଥିଲେ।

## ସ୍କୁଲ ବନ୍ଦ ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

**ବାଲକାଟୀ,୧୫।୭(ଡି.ଏନ୍.ଏ.)**



ରାସ୍ତା ଉପରେ ଧାରଣା ଦେଇଥିବା ଛାତ୍ରୀଛାତ୍ର।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବାଲକାଟୀ ବ୍ଲକର ବାରୁଦଖାନା ପ୍ରାଥମିକ ସ୍କୁଲ, ଶିଙ୍ଗିରୀ ପ୍ରାଥମିକ ସ୍କୁଲ, ବାଲିଆମାଳ ପ୍ରାଥମିକ ସ୍କୁଲ ଓ ଜାଗିରି ପ୍ରାଥମିକ ସ୍କୁଲକୁ ଚଳିତ ଶିକ୍ଷା ବର୍ଷଠାରୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ବିରୋଧ କରି ଉକ୍ତ ସ୍କୁଲର ଛାତ୍ରୀଛାତ୍ରୀ ଓ ଅଭିଭାବକ ସୋମବାର ଭୁବନେଶ୍ୱର-ବନମାଳୀପୁର ମୁଖ୍ୟରାସ୍ତାକୁ ଟାୟାର ଜାଳି ପ୍ରତିବାଦ କରିଛନ୍ତି। ପ୍ରାୟ ପୂର୍ବାହ୍ନ ୧୦ଟାରୁ ଗୋଟାଏ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିବାରୁ ଉଭୟପାର୍ଶ୍ୱରେ ଶହ ଶହ ଗାଡ଼ି ମୋଟର ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା। ତିନି ଘଣ୍ଟା ପରେ ଖବରପାଇ ବାଲକାଟୀ ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ଶିକ୍ଷାବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିବାପରେ ରାସ୍ତାରୋକୋ ହଟିଥିଲା। ସୂଚନାଯୋଗ୍ୟ, ସ୍କୁଲଗୁଡିକରେ ଉପସ୍ଥାନ ହାର କମ ଯୋଗୁ ଚଳିତ ଶିକ୍ଷାବର୍ଷରୁ ଏହି ୪ଟି ସ୍କୁଲକୁ ବନ୍ଦ କରିବା ପାଇଁ ଶିକ୍ଷାବିଭାଗରୁ ନିର୍ଦ୍ଦେଶ ଆସିଥିଲା। କିନ୍ତୁ ଛାତ୍ରୀଛାତ୍ର ଓ ଅଭିଭାବକ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ପରେ ସ୍ଥାନୀୟଲୋକେ ଏହି ନିର୍ଦ୍ଦେଶନାମାର ପୁନର୍ବିଚାର ପାଇଁ ବିଭାଗୀୟ ଅଧିକାରୀଙ୍କ ଅନୁରୋଧ କରିଥିଲେ ହେଁ କୌଣସି ସୁଫଳ ମିଳି ନଥିଲା। ଗ୍ରାମବାସୀଙ୍କ କହିବା ମୁତାବକ, ଏବେ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଉପସ୍ଥାନ ୧୪ଜଣ ଥିବାବେଳେ ଆହୁରି ୧୪ଜଣ ନାମ ଲେଖାଇବା ପାଇଁ ଗ୍ରାମ୍ୟ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଶିକ୍ଷକ ଓ କର୍ମଚାରୀଙ୍କ ଅବହେଳା ପ୍ରଦର୍ଶନ ହେବାରୁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି କୁହାଯାଉଛି। ଅନ୍ୟପକ୍ଷେ ଏ ନେଇ ବ୍ଲକ ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର କୁହନ୍ତି, ୧କିମି ଦୂରତା ମଧ୍ୟରେ ଥିବା ପ୍ରାଥମିକ ସ୍କୁଲକୁ ବନ୍ଦ କରି ଅନ୍ୟ ପାଖ ସ୍କୁଲଗୁଡିକରେ ମିଶାଇ ଦେବାପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚିଠି ଆସିଛି। ତଦନୁଯାୟୀ ବାଲିଆମାଳ ଓ ବାରୁଦଖାନା ପ୍ରାଥମିକ ସ୍କୁଲକୁ ବିଶୁନିଆପଡା ସ୍କୁଲରେ ମିଶାଯାଇଥିବାବେଳେ ଜାଗିରି ପ୍ରାଥମିକ ସ୍କୁଲକୁ ସାତକାବାଦ ପ୍ରାଥମିକ ସ୍କୁଲରେ ଏବଂ ଶିଙ୍ଗିରୀ ପ୍ରାଥମିକ ସ୍କୁଲକୁ ଝିଣ୍ଟିସ୍ଥିତ ସ୍କୁଲରେ ମିଶାଇ ଦିଆଯାଇଛି।



ଡ୍ରାଇଭିଂ ଲାଇସେନ୍ସ ଲାଗି ଆଧାର ଯାଞ୍ଚ ପ୍ରକ୍ରିୟା ସରକାର ବନ୍ଦ ରଖିଛନ୍ତି।
- ନୀତିନ୍ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ



# ଏନ୍‌ଆଇଏକୁ ମିଳିବ ଅଧିକ କ୍ଷମତା

## ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୧୫ା୭(ପି.ଟି.)

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଅଧିକ କ୍ଷମତା ଦେବା ଲାଗି ସଂଶୋଧିତ ବିଲ୍ ଲୋକ ସଭାରେ ସୋମବାର ଗୃହୀତ ହୋଇଛି। ଏନ୍‌ଆଇଏ ସଂଶୋଧନ ବିଲ୍ ଆଇନରେ ପରିଣତ ହେଲେ ଉକ୍ତ ତଦନ୍ତକାରୀ ସଂସ୍ଥା ଭାରତୀୟ ଏବଂ ବିଦେଶରେ ଥିବା ଭାରତୀୟ ସ୍ୱାର୍ଥ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପର ସମେତ ସାଇବର ଅପରାଧ ଏବଂ ମାନବ ଚାଲାଣ ମାମଲାଗୁଡିକର ମଧ୍ୟ ତଦନ୍ତ କରିବ।

୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ଘଟଣା ପରେ ୨୦୦୯ରେ ଏନ୍‌ଆଇଏ ଗଠନ ହୋଇଥିଲା। ବର୍ତ୍ତମାନର ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏନ୍‌ଆଇଏକୁ ଅଧିକ କ୍ଷମତା ପ୍ରଦାନ କରିବା ଲାଗି ୨୦୧୭ରୁ ଉଦ୍ୟମ କରିଆସୁଛି। ଏନ୍‌ଆଇଏ ଆଇନର ଦୁରୁପଯୋଗ ହେବା ସହ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ କରାଯିବ ବୋଲି ବିରୋଧୀ ଦଳ ଅଭିଯୋଗ କରିଥିବାବେଳେ ସରକାର ଏହାକୁ ଖଣ୍ଡନ କରିଛନ୍ତି।

ଏନ୍‌ଆଇଏ (ସଂଶୋଧନ) ବିଲ୍, ୨୦୧୯ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ କହିଥିଲେ, ଆତଙ୍କବାଦ ଓ ସାରା ବିଶ୍ୱକୁ ବାର୍ତ୍ତା ଦେବା ପାଇଁ ଏନ୍‌ଆଇଏକୁ ଅଧିକ



ଅମିତ୍ ଶାହ

କ୍ଷମତା ଦେବା ପ୍ରସ୍ତାବକୁ ପାର୍ଲାମେଣ୍ଟରେ ସମସ୍ତେ ଏକସ୍ୱରରେ ସମର୍ଥନ ଦେବା ଉଚିତ। ଆତଙ୍କବାଦର ମୂଳୋତ୍ପାଟନ ଲକ୍ଷ୍ୟରେ ଏହି ବିଲ୍ ଅଣାଯାଇଛି। କୌଣସି ସମ୍ପ୍ରଦାୟକୁ ଟାର୍ଗେଟ କରିବା ନରେନ୍ଦ୍ର ମୋଦି ସରକାରଙ୍କ ଉଦ୍ଦେଶ୍ୟ ନୁହେଁ ବୋଲି ଶାହ ସ୍ପଷ୍ଟ କରିଥିଲେ। କାର୍ଯ୍ୟାନୁଷ୍ଠାନ ବେଳେ ଅଭିଯୁକ୍ତଙ୍କ ଧର୍ମକୁ ଦେଖାଯିବନାହିଁ ବୋଲି ସେ କହିଥିଲେ।

ଆଲୋଚନାର ଉତ୍ତର ଦେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଥିଲେ, ଦେଶକୁ ଆତଙ୍କବାଦରୁ ରକ୍ଷା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏହା ଚୌକିଦାରଙ୍କ ଦ୍ୱାରା ପରିଚାଳିତ ସରକାର ହୋଇଥିବାରୁ ଦେଶର ସୁରକ୍ଷାକୁ ସର୍ବାଗ୍ରେ ରଖାଯିବ। ଆତଙ୍କବାଦର କୌଣସି ଧର୍ମ, ଜାତି କିମ୍ବା ଅଞ୍ଚଳ ନାହିଁ ବୋଲି ରେଡ୍ଡୀ କହିଥିଲେ। ତଦନ୍ତ କରିବା ପୂର୍ବରୁ ଏନ୍‌ଆଇଏକୁ ସମ୍ପୃକ୍ତ ରାଜ୍ୟର ମୁଖ୍ୟ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ଲେଖି ଜଣାଇବାକୁ ପଡୁଥିଲା। ତେବେ ସର୍ଜିକାଲ ଷ୍ଟ୍ରାଇକ୍ ଓ ଏୟାରଷ୍ଟ୍ରାଇକ୍‌ରୁ ଜଣାପଡିଲା ପାକିସ୍ତାନ ସମ୍ପୃକ୍ତ ଥିବା ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କର ବିକଳ୍ପ ମାଧ୍ୟମ ରହିଛି। ଏନ୍‌ଆଇଏ ଏବେ ୨୭୨ଟି ମାମଲାର ତଦନ୍ତ କରୁଥିବାବେଳେ ୧୯୯ଟିରେ ଚାର୍ଜସିଟ୍ ଦାଖଲ କରିଛି। ୫୧ଟି ମାମଲାରେ ଅଦାଲତ ରାୟ ଦେଇସାରିଥିବାବେଳେ ୪୬ଟି ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରାଯାଇଛି ବୋଲି ମନ୍ତ୍ରୀ ଗୃହକୁ ସୂଚନା ଦେଇଥିଲେ। ଆତଙ୍କବାଦ କବଳରୁ ଦେଶର ସୁରକ୍ଷା ପାଇଁ ଦେଶବାସୀ ଜନାଦେଶ ଦେଇଛନ୍ତି। ତେଣୁ ଏନ୍‌ଆଇଏକୁ ସୁଦୃଢ଼ କରିବାକୁ ହେବ ବୋଲି ରେଡ୍ଡୀ କହିଥିଲେ। ବିଲ୍ ଉପରେ ଡିଭିଜନ ଆଣିବାକୁ ଏଆଇଏମ୍‌ଆଇଏମ୍ ନେତା ଆସାଦୁଦ୍ଦିନ ଓ୍ୱାଇସି ଦାବି କରିଥିବା ବେଳେ କେଉଁମାନେ ଆତଙ୍କବାଦ ସପକ୍ଷରେ ଓ ବିରୋଧରେ ତାହା ଦେଖାଯାଉ ବୋଲି ଅମିତ୍ ଶାହ କହିଥିଲେ। ୨୭୮ ଜଣ ଏନ୍‌ଆଇଏର ସୁଦୃଢ଼ୀକରଣକୁ ସମର୍ଥନ କରିଥିବାବେଳେ ୬ ଜଣ ବିରୋଧ କରିଥିଲେ। ପରେ ବାଚନିକ ଭୋଟରେ ବିଲ୍ ଗୃହୀତ ହୋଇଥିଲା।

## ସଂକ୍ଷେପରେ

### ହାଫିଜ୍‌ଙ୍କୁ ମିଳିଲା ଆଗୁଆ ଜାମିନ



**ଲାହୋର,୧୫ା୭:** ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜାମାତ୍ ଉଦ୍ ଦାଓ୍ୱା (ଜେୟୁଡି) ମୁଖ୍ୟ ହାଫିଜ୍ ସଇଦ ଓ ତାଙ୍କର ୩ ସହଯୋଗୀଙ୍କୁ ପାକିସ୍ତାନର ଲାହୋର ଆତଙ୍କ ନିରୋଧୀ ଅଦାଲତ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ବେଆଇନଭାବେ ଏହି ନିଷିଦ୍ଧ ସଙ୍ଗଠନ ମଦ୍ରାସା ଲାଗି ଜମି ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ହାଫିଜ୍‌ଙ୍କ ବ୍ୟତୀତ ତାଙ୍କ ସହଯୋଗୀ ହାଫିଜ ମସୁଦ, ଅମୀର ହମ୍‌ଜା, ମଲିକ ଜାଫର ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କାର ସିଓରିଟି ବଣ୍ଡ ମାଧ୍ୟମରେ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ମିଳିଛି। ହାଫିଜ୍‌ଙ୍କ ଓକିଲ କୌଣସି ଜମି ବେଆଇନଭାବେ ଗ୍ରହଣ କରାଯାଇ ନ ଥିବା କହି ଜାମିନ ଲାଗି କୋର୍ଟଙ୍କୁ ଅନୁରୋଧ କରିଥିଲେ। ପ୍ରକାଶଥାଉ କି, ଜେୟୁଡିର ୩୦୦ ମଦ୍ରାସା, ସ୍କୁଲ, ହସ୍ପିଟାଲ, ଆମ୍ବୁଲାନ୍ସ ସର୍ଭିସ, ପବ୍ଲିସିଂ ହାଉସ ରହିଛି। ଗତ ମାର୍ଚ୍ଚରେ ପଞ୍ଜାବ ପୋଲିସ ଜେୟୁଡିର ୧୬୦ ମଦ୍ରାସା, ୩୨ ସ୍କୁଲ, ୨ କଲେଜ, ୪ ହସ୍ପିଟାଲ, ୧୭୮ ଆମ୍ବୁଲାନ୍ସ, ୧୫୩ ହସ୍ପିଟାଲକୁ ସିଜ୍ କରିଥିଲା।

## ‘ରାଜ୍ୟ ପୋଲିସର ସ୍ୱାୟତ୍ତତା ସ୍ପଷ୍ଟ ହେଉ’

ନୂଆଦିଲ୍ଲୀ,୧୫ା୭

ଏନ୍‌ଆଇଏ (ସଂଶୋଧନ) ବିଲ୍‌କୁ ବିଜୁ ଜନତା ଦଳ (ବିଜେଡି) ସମର୍ଥନ ଜଣାଇଛି। ଦଳ ପକ୍ଷରୁ ବରିଷ୍ଠ ନେତା ଭର୍ତ୍ତୃହରି ମହତାବ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ, ରାଜ୍ୟ ପୋଲିସର ବିନା ପରାମର୍ଶରେ ସମ୍ପୃକ୍ତ ରାଜ୍ୟରେ ତଦନ୍ତ ପ୍ରସ୍ତାବ ଉପରେ କେନ୍ଦ୍ର ସରକାର ସ୍ପଷ୍ଟ କରିବା ଆବଶ୍ୟକ। ରାଜ୍ୟ ପୋଲିସକୁ ସୂଚନା ନ ଦେଇ ଏନ୍‌ଆଇଏ ଦ୍ୱାରା ତଦନ୍ତକୁ ଭର୍ତ୍ତୃହରି ବିରୋଧ କରିଥିଲେ। ଏଥିସହିତ ସ୍ୱତନ୍ତ୍ର ଏନ୍‌ଆଇଏ ଅଦାଲତ କେନ୍ଦ୍ର ନା ରାଜ୍ୟ ସରକାର କିଏ ନିଯୁକ୍ତ କରିବ ବୋଲି ସେ ଜାଣିବାକୁ ଚାହିଁଥିଲେ।

ଭର୍ତ୍ତୃହରି କହିଥିଲେ, ଏନ୍‌ଆଇଏର ତଦନ୍ତ ପରିସର ବୃଦ୍ଧି ପାଇବା ଆବଶ୍ୟକ। ରାଜ୍ୟ ପୋଲିସର ବିନା ପରାମର୍ଶରେ ଏନ୍‌ଆଇଏ ତଦନ୍ତ କରିପାରିବ ବୋଲି ବିଲ୍‌ରେ ବ୍ୟବସ୍ଥା ରହିଛି। ସଂଘୀୟ ଶାସନ ବ୍ୟବସ୍ଥାରେ ସର୍ବୋଚ୍ଚ ପୋଲିସ ଅଧିକାରୀ ମଧ୍ୟ ଦେଶର ସେବକ। କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଡିଜିପିଙ୍କୁ ସୂଚନା ଦିଆଯିବ ବୋଲି ବିଲ୍‌ରେ



ଭର୍ତ୍ତୃହରି ମହତାବ

କୁହାଯାଇଛି। କୋଲକାତା ପୋଲିସ କମିଶନରଙ୍କ ମାମଲାର ଉଦାହରଣ ଦେଇ ଭର୍ତ୍ତୃହରି କହିଥିଲେ, ସେଠାରେ ସିବିଆଇ ଏବଂ ରାଜ୍ୟ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ରାଜ୍ୟ ଓ କେନ୍ଦ୍ର ବାହିନୀ ମଧ୍ୟରେ ସେଭଳି ପରିସ୍ଥିତି ସୃଷ୍ଟି ନ ହେବା ଉଚିତ। ବିଦେଶରେ ତଦନ୍ତ କଲାବେଳେ ସମ୍ପୃକ୍ତ ରାଷ୍ଟ୍ର କର୍ତ୍ତୃପକ୍ଷଙ୍କ ସହ ପରାମର୍ଶ କରିବା ବ୍ୟବସ୍ଥା ବିଲ୍‌ରେ ରହିଛି। ତେବେ ନିଜ ଦେଶରେ ଅନ୍ତତଃପକ୍ଷେ ରାଜ୍ୟର ସର୍ବୋଚ୍ଚ ପୋଲିସ ଅଧିକାରୀଙ୍କ ସହ କ’ଣ ପାଇଁ ପରାମର୍ଶ କରାଯିବ ନାହିଁ ବୋଲି ଭର୍ତ୍ତୃହରି ପ୍ରଶ୍ନ କରିଥିଲେ।

## ସରୋଗେସୀ ବିଲ୍ ଆଗତ

ନୂଆଦିଲ୍ଲୀ,୧୫ା୭(ପି.ଟି.)

ବ୍ୟବସାୟିକ ସରୋଗେସୀକୁ ନିଷିଦ୍ଧ କରିବା ଲାଗି ବିଲ୍ ସୋମବାର ଲୋକ ସଭାରେ ଆଗତ ହୋଇଛି। ଏହି ବିଲ୍ ଆଇନରେ ପରିଣତ ହେଲେ ନିଃସନ୍ତାନ ଦମ୍ପତିଙ୍କ ପାଇଁ କେବଳ ଘନିଷ୍ଠ ସମ୍ପର୍କୀୟଙ୍କୁ ସରୋଗେଟ ମାଆ ହେବାର ଅନୁମତି ମିଳିବ। ସରୋଗେସୀ (ନିୟାମକ) ବିଲ୍, ୨୦୧୯ରେ ଜାତୀୟ ଓ ରାଜ୍ୟ ସ୍ତରରେ ସରୋଗେସୀ ବୋର୍ଡ ଗଠନ ବ୍ୟବସ୍ଥା ରହିଛି। ଏହି ପଦ୍ଧତିରେ ସନ୍ତାନ ଗ୍ରହଣ କରୁଥିବା ଦମ୍ପତି କୌଣସି ପରିସ୍ଥିତିରେ ବି ଉକ୍ତ ସନ୍ତାନଙ୍କୁ ପରିତ୍ୟାଗ କରିପାରିବେ ନାହିଁ। କେବଳ ଭାରତୀୟ ଦମ୍ପତି ଅନ୍ୟୂନ ୫ ବର୍ଷ ବୈବାହିକ ଜୀବନ ପରେ ସରୋଗେସୀ ପାଇଁ ଆବେଦନ କରିପାରିବେ।

## ଗାଡ଼ି ଦୁର୍ଘଟଣାରେ ମୃତକ ପରିବାରକୁ ୫ ଲକ୍ଷ କ୍ଷତିପୂରଣ ପ୍ରସ୍ତାବ

ନୂଆଦିଲ୍ଲୀ,୧୫ା୭(ପି.ଟି.)

ଲୋକ ସଭାରେ ସୋମବାର ମୋଟରଯାନ ଆଇନରେ ସଂଶୋଧନ ପାଇଁ ବିଲ୍ ଆଗତ ହୋଇଛି। ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୫ ଲକ୍ଷ ଏବଂ ଗୁରୁତର ଆହତଙ୍କୁ ୨.୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଲାଗି ସରକାର ବିଲ୍‌ରେ ପ୍ରସ୍ତାବ ରଖିଛନ୍ତି। ଏଥିସହିତ ମୋଟରଯାନ ଆଇନକୁ କଡ଼ାକଡି କରିବାକୁ ସରକାର ଚାହୁଁଛନ୍ତି। ଆଇନ ଉଲ୍ଲଂଘନକାରୀଙ୍କୁ ଅଧିକ ଜରିମାନା କରିବା ସହିତ ଲୋକଙ୍କ ସୁରକ୍ଷାକୁ ବିଲ୍‌ରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି।

## ହିମାଚଳପ୍ରଦେଶ, ଗୁଜରାଟର ନୂଆ ରାଜ୍ୟପାଳ



କଲରାଜ୍ ମିଶ୍ର ଆଚାର୍ଯ୍ୟ ଦେବବ୍ରତ

**ନୂଆଦିଲ୍ଲୀ,୧୫ା୭:** ପୂର୍ବତନ କେନ୍ଦ୍ରମନ୍ତ୍ରୀ କଲରାଜ୍ ମିଶ୍ରଙ୍କୁ ହିମାଚଳ ପ୍ରଦେଶର ରାଜ୍ୟପାଳ ଭାବେ ସୋମବାର ନିଯୁକ୍ତି ଦିଆଯାଇଛି। ହିମାଚଳ ପ୍ରଦେଶରେ ଥିବା ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ଗୁଜରାଟର ରାଜ୍ୟପାଳ ଭାବେ ବଦଳି କରାଯାଇଛି। ଏ ସମ୍ପର୍କରେ ରାଷ୍ଟ୍ରପତି ଭବନ ତରଫରୁ ଘୋଷଣା କରାଯାଇଛି। ୨୦୧୭ରେ କଲରାଜ୍ (୭୮) ନରେନ୍ଦ୍ର ମୋଦି ସରକାରରୁ ଇସ୍ତଫା ଦେଇଥିଲେ। ସେ ଗତ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିଲେ। ଆଚାର୍ଯ୍ୟ ଦେବରାତ୍(୬୦) ୨୦୧୫ରେ ହିମାଚଳ ପ୍ରଦେଶର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ। ଓ.ପି. କୋହଲିଙ୍କ କାର୍ଯ୍ୟକାଳ ସୋମବାର ଶେଷ ହେଉଥିବାରୁ ସେ ତାଙ୍କ ପଦଭାର ଗ୍ରହଣ କରିବେ। ମାର୍ଗାରେଟ ଆଲ୍‌ଭାଙ୍କ ଅବସର ପରେ କୋହଲି ୨୦୧୪ ଜୁଲାଇରେ ରାଜ୍ୟପାଳ ଭାବେ ଅବସ୍ଥାପିତ ହୋଇଥିଲେ।

## ୧୩ ଯବାନଙ୍କ ସମେତ ୧୪ ମୃତ

### ହିମାଚଳ କୋଠା ଭୁଶୁଡ଼ିବା ଘଟଣା

ସିମ୍‌ଲା,୧୫ା୭

ହିମାଚଳପ୍ରଦେଶର ସୋଲା ଜିଲାରେ ୪ ମହଲା କୋଠା ଭୁଶୁଡିବା ଘଟଣାରେ ମୃତ୍ୟୁସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ଆସାମ ରାଇଫଲ୍ସ ବାହିନୀର ୧୩ ଜଣ ଯବାନ ଅଛନ୍ତି। ଏହି ଦୁର୍ଘଟଣାରେ ଅନ୍ୟ ୨୮ ଜଣ ଆହତ ହୋଇଛନ୍ତି। ନାହନ-କୁମରହାଟ୍ଟୀ ରୋଡ୍‌ରେ ଥିବା ଉକ୍ତ କୋଠାରେ ଏକ ରେସ୍ତୋରାଁ ଚାଲୁଥିଲା। ପ୍ରବଳ ବର୍ଷା ଯୋଗୁ ରବିବାର ସନ୍ଧ୍ୟାରେ ବିଲ୍ଡିଂ ଭୁଶୁଡ଼ି ପଡିବାରୁ ଅନେକ ଲୋକ ଭଗ୍ନାବଶେଷ ତଳେ ଚାପିହୋଇ ରହିଯାଇଥିଲେ। ଏବେ ବି କେତେକ ଲୋକ ଭଗ୍ନାବଶେଷ ତଳେ ରହିଥିବା ଆଶଙ୍କା କରାଯାଉଛି।

ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ସୋମବାର ସକାଳେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ବିଲ୍ଡିଂ ନିର୍ମାଣରେ ଉପଯୁକ୍ତ ନିୟମ ପାଳନ କରାଯାଇ ନ ଥିଲା ବୋଲି ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଛି। ବିଲ୍ଡିଂ ଭୁଶୁଡିବା ବେଳେ ସେଥିରେ ୩୫ ଜଣ ଯବାନ ଥିଲେ। ସେମାନଙ୍କ ମଧ୍ୟରୁ ୩୦ ଜଣ ଜୁନିୟର କମିଶନ୍ଡ ଅଫିସର। ରବିବାର ଛୁଟି ଥିବାରୁ ସେମାନେ ପାର୍ଟି ମନାଇବା ପାଇଁ ରେସ୍ତୋରାଁକୁ ଯାଇଥିଲେ। ସେନା ଯବାନଙ୍କୁ ମିଶାଇ ରେସ୍ତୋରାଁରେ ପାଖାପାଖି ୫୦ ଲୋକ ଥିଲେ ବୋଲି ଅନ୍ୟ ଜଣେ ଆହତ ବ୍ୟକ୍ତି କହିଛନ୍ତି।



ତିରୁପତିରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଭଗବାନ ଭେଙ୍କଟେଶ୍ୱରଙ୍କ ପ୍ରତିମୂର୍ତ୍ତି ଉପହାର ଦେଉଛନ୍ତି।

## କାର୍‌ଗିଲ ବିଜୟର ସ୍ମାରକୀ ଟ୍ରେନ୍

ନୂଆଦିଲ୍ଲୀ,୧୫ା୭(ପି.ଟି.)

କାର୍‌ଗିଲ ବିଜୟ ସ୍ମାରକୀ ଦିଲ୍ଲୀ-ବାରାଣସୀ କାଶୀ ବିଶ୍ୱନାଥ ଏକ୍ସପ୍ରେସକୁ ଉଦ୍‌ଘାଟନ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷ ବର୍ଦ୍ଧନ, ରେଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ଅଙ୍ଗଦି ଏବଂ ଭାଜପା ଏମ୍‌ପି ମୀନାକ୍ଷୀ ଲେଖି ପତାକା ହଲାଇ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରିଥିଲେ। କାର୍‌ଗିଲ ବିଜୟର ୨୦ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ୧୦ଟି ନୂଆ ଟ୍ରେନ୍ ଚଳାଇବା ପାଇଁ ଯୋଜନା ହୋଇଥିବା ବେଳେ କାଶୀ ବିଶ୍ୱନାଥ ଏକ୍ସପ୍ରେସ ତନ୍ମଧ୍ୟରୁ ଅନ୍ୟତମ।

## ଏସ୍‌ପି ନେତା ନୀରଜ ଶେଖରଙ୍କ ଇସ୍ତଫା

ନୂଆଦିଲ୍ଲୀ,୧୫ା୭

ସମାଜବାଦୀ ପାର୍ଟି ନେତା ନୀରଜ ଶେଖର ସୋମବାର ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ପତ୍ରକୁ ଗୃହର ଅଧ୍ୟକ୍ଷ ଏମ୍. ଭେଙ୍କୟା ନାଇଡୁ ଗ୍ରହଣ କରିନେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପୁଅ ନୀରଜ ଭାଜପାରେ ଯୋଗଦେବା ସମ୍ଭାବନା ରହିଛି। ୨୦୦୮ ଉପନିର୍ବାଚନରେ ସେ ବାଲିଆ ଆସନରୁ ଲୋକ ସଭାକୁ ଆସିଥିଲେ। ପରେ ସେ ଏହି ଆସନରେ ବିଜୟୀ ହୋଇଥିଲେ। ଉତ୍ତରପ୍ରଦେଶରୁ



ସେ ରାଜ୍ୟ ସଭାକୁ ୨୦୧୪ ନଭେମ୍ବର ୨୬ରେ ଆସିଥିଲେ। ନୀରଜଙ୍କ ଇସ୍ତଫା ସମାଜବାଦୀ ପାର୍ଟିକୁ ଶକ୍ତ ଧକ୍କା ବୋଲି କୁହାଯାଉଛି।

## ଭାଜପା ନେତାଙ୍କ ବିବାଦୀୟ ବୟାନ

**ନୂଆଦିଲ୍ଲୀ,୧୫ା୭:** ମୁସଲମାନଙ୍କ ପାଶବିକ ପ୍ରବୃତ୍ତି ଅଛି ଓ ସେମାନଙ୍କ ବିବାହ ପ୍ରଥା ଏହାର ନିଦର୍ଶନ ବୋଲି ଭାଜପା ନେତା ତଥା ବଲିଆ ବିଧାୟକ ସୁରେନ୍ଦ୍ର ସିଂ କହିଛନ୍ତି। ମୁସଲମାନଙ୍କୁ ଟାର୍ଗେଟ କରି ସେ କହିଛନ୍ତି ଯେ, ସେମାନଙ୍କ ଧର୍ମରେ ୫୦ ସ୍ତ୍ରୀ ଗ୍ରହଣ କରିବା, ୧୦୫୦ ପିଲା ଜନ୍ମ କରିବା ଅଛି। ଏହା ପ୍ରଥା ନୁହେଁ, ବରଂ ପାଶବିକ ପ୍ରବୃତ୍ତି। ପ୍ରକାଶଥାଉ କି, ଗତ ମାର୍ଚ୍ଚରେ ଅଭିନେତ୍ରୀ ସପ୍ନା ଚୌଧୁରୀ କଂଗ୍ରେସରେ ସାମିଲ ହେବା ଖବରକୁ ନେଇ ସେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଓ ସୋନିଆଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ।

■ ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲା

## ସୁପ୍ରିମକୋର୍ଟଙ୍କୁ ଅଧିକ ସମୟ ମାଗିଲେ ବିଚାରପତି

ନୂଆଦିଲ୍ଲୀ, ୧୫ା୭

ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାର ଶୁଣାଣି କରୁଥିବା ସ୍ୱତନ୍ତ୍ର ବିଚାରପତି ଏସ୍.କେ. ଯାଦବ ଶୁଣାଣି ଶେଷ କରିବା ଲାଗି ସୁପ୍ରିମକୋର୍ଟଙ୍କୁ ଅଧିକ ସମୟ ମାଗିଛନ୍ତି। ଏହି ମାମଲାରେ ଭାଜପାର ବରିଷ୍ଠ ନେତା ଏଲ୍.କେ. ଆଡଭାନୀ, ମୁରଲୀ ମନୋହର ଜୋଷୀ, କଲ୍ୟାଣ ସିଂ ପ୍ରମୁଖ ଅଛନ୍ତି। ଗତ ମେ’ରେ ଲେଖିଥିବା ଚିଠିରେ ସେ ଦର୍ଶାଇଛନ୍ତି ଯେ, ସେପ୍ଟେମ୍ବର ୩୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଗତ ୨ ବର୍ଷ ହେଲା ସେ ଏହି ମାମଲାର ଦୈନନ୍ଦିନ ଶୁଣାଣି କରିଆସୁଛନ୍ତି। ଶୁଣାଣି ଶେଷ ଲାଗି ଆଉ ୬ ମାସ ସମୟ ଲାଗିବ। ଜଷ୍ଟିସ ଆର୍.ଏଫ୍. ନରିମାନଙ୍କ ନେତୃତ୍ୱରେ ଗଠିତ ଦୁଇଜଣିଆ ଖଣ୍ଡପୀଠଙ୍କ ନିକଟକୁ ମାମଲା ଆସିବା ପରେ ସୋମବାର ଏ ସମ୍ପର୍କରେ ଜଣାପଡ଼ିଛି। ବିଚାରପତି ଏସ୍.କେ. ଯାଦବଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ଉତ୍ତରପ୍ରଦେଶ ସରକାରଙ୍କଠାରୁ ମତାମତ ମଗାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୯ ତାରିଖରେ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରକାଶଥାଉ କି, ୨୦୧୭ ଏପ୍ରିଲରେ ସୁପ୍ରିମକୋର୍ଟ ୨ ବର୍ଷ ମଧ୍ୟରେ ଶୁଣାଣି ଶେଷ କରିବାକୁ ସ୍ୱତନ୍ତ୍ର ବିଚାରପତିଙ୍କୁ କହିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଅଯୋଧ୍ୟାରେ ଥିବା ବାବ୍ରୀ ମସ୍‌ଜିଦକୁ ୧୯୯୨ ଡିସେମ୍ବର ୬ରେ ଭଙ୍ଗାଯାଇଥିଲା।

## ଜଷ୍ଟିସ୍ ସିକ୍ରି ସିଙ୍ଗାପୁର ଅନ୍ତର୍ଜାତୀୟ ବାଣିଜ୍ୟ କୋର୍ଟର ବିଚାରପତି

ନୂଆଦିଲ୍ଲୀ,୧୫ା୭(ପି.ଟି.)



ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଏ.କେ. ସିକ୍ରି ସିଙ୍ଗାପୁର ଅନ୍ତର୍ଜାତୀୟ ବାଣିଜ୍ୟ କୋର୍ଟ (ଏସ୍‌ଆଇସିସି)ର ବିଚାରପତି ନିଯୁକ୍ତ ହୋଇଛନ୍ତି। ସେ ଅଗଷ୍ଟ ୧ରୁ ଜଣେ ଅନ୍ତର୍ଜାତୀୟ ବିଚାରପତି ଭାବେ କାର୍ଯ୍ୟଭାର ଗ୍ରହଣ କରିବେ। ତାଙ୍କର କାର୍ଯ୍ୟକାଳ ୨୦୨୧ ଜାନୁୟାରୀ ୪ରେ ଶେଷ ହେବ। ଏହା ଏକ ପାର୍ଟଟାଇମ୍ ନିଯୁକ୍ତି। ବର୍ଷକୁ ୩-୪ ଥର ସିଙ୍ଗାପୁର ଯିବାକୁ ପଡିବ ବୋଲି ଜଷ୍ଟିସ୍ ସିକ୍ରି କହିଛନ୍ତି। ଏସ୍‌ଆଇସିସି ହେଉଛି ସିଙ୍ଗାପୁର ସୁପ୍ରିମକୋର୍ଟର ଏକ ଅଂଶବିଶେଷ ଯାହା ବାଣିଜ୍ୟ କାରବାର ମାମଲାର ବିଚାର କରିଥାଏ। ଏଥିରେ ୧୬ ଜଣ ଅନ୍ତର୍ଜାତୀୟ ବିଚାରପତି ଅଛନ୍ତି।

■ ଗର୍ଭପାତକୁ ଅପରାଧମୁକ୍ତ କରିବା ଲାଗି ପିଆଇଏଲ୍

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ,୧୫ା୭(ପି.ଟି.)

ଗର୍ଭପାତକୁ ଅପରାଧମୁକ୍ତ କରିବା ଲାଗି ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ସୁପ୍ରିମକୋର୍ଟ ସୋମବାର ବିଚାର ପାଇଁ ଗ୍ରହଣ କରିବା ସହ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଗର୍ଭପାତ ଅପରାଧ ହୋଇଥିବାବେଳେ କେବଳ ମହିଳାଙ୍କ ଜୀବନ ରକ୍ଷା କ୍ଷେତ୍ରରେ ୨୦ ସପ୍ତାହ ପରେ ଏଥିପାଇଁ ଅନୁମତି ଦିଆଯାଇଥାଏ। ଗର୍ଭପାତ ଆଇନ ମହିଳାଙ୍କ ସ୍ୱାସ୍ଥ୍ୟ ଅଧିକାର, ସ୍ୱାଧୀନ ପ୍ରଜନନ ନିଷ୍ପତ୍ତି ଓ ଗୋପନୀୟତାର ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଛି। ସର୍ବୋଚ୍ଚ ଅଦାଲତ ଏହାର ସାମ୍ବିଧାନିକ ବୈଧତାକୁ ଅନୁଧ୍ୟାନ କରିବେ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଓ ଜଷ୍ଟିସ୍ ଦୀପକ ଗୁପ୍ତାଙ୍କ ଖଣ୍ଡପୀଠ କହିଛନ୍ତି। ଗର୍ଭାବସ୍ଥାର ଚିକିତ୍ସାଗତ ସମାପ୍ତି (ଏମ୍‌ଟିପି) ଆଇନର ଧାରା ୩(୨)(ଏ) ଏବଂ ୩(୨)(ବି) ମହିଳାଙ୍କ ମୌଳିକ ଅଧିକାରର ଉଲ୍ଲଂଘନ କରୁଥିବାରୁ ଏହାକୁ ଅସାମ୍ବିଧାନିକ ଘୋଷଣା କରିବା ଲାଗି ୩ ଜଣ ମହିଳାଙ୍କ ପକ୍ଷରୁ ଆବେଦନ କରାଯାଇଥିଲା।

# ଉତ୍ତର-ପୂର୍ବ ରାଜ୍ୟରେ ବନ୍ୟା ବିଘାତ

■ ବିହାରରେ ୪୪ ମୃତ, ୭୦ ଲକ୍ଷ ଲୋକ ପ୍ରଭାବିତ

■ ଆସାମ ବନ୍ୟା ମୃତ୍ୟୁସଂଖ୍ୟା ୭୦ରେ ପହଞ୍ଚିଲା

ନୂଆଦିଲ୍ଲୀ,୧୫ା୭

ପ୍ରବଳ ବର୍ଷା ଯୋଗୁ ଉତ୍ତର-ପୂର୍ବ ରାଜ୍ୟରେ ବନ୍ୟା ବିଭୀଷିକା ଭୟଙ୍କର ରୂପ ଧାରଣ କରିଛି। କେବଳ ବିହାରରେ ସୋମବାର ସୁଦ୍ଧା ୪୪ଜଣ ମୃତ୍ୟୁବରଣ କରିଥିବାବେଳେ ୭୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଆସାମର ୩୦ ଜିଲାରେ ବନ୍ୟା ଦ୍ୱାରା ୩୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୭୦ରେ ପହଞ୍ଚିଛି। ସରକାରୀଭାବେ କିନ୍ତୁ ବିହାରରେ ୨୪ ଓ ଆସାମରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଛି। ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ମାନସ ଜାତୀୟ ଉଦ୍ୟାନ ଓ ପୋବିତୋରା ବନ୍ୟଜନ୍ତୁ ଅଭୟାରଣ୍ୟ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲଙ୍କ ସହ ଟେଲିଫୋନ ଯୋଗେ ବନ୍ୟା ସମ୍ପର୍କିତ କ୍ଷୟକ୍ଷତି ନେଇ ଆଲୋଚନା କରିଥିବାବେଳେ ସମସ୍ତ ସହାୟତା ଯୋଗାଇଦେବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଆସାମର ମୋଟ ୪,୧୫୭ ଗ୍ରାମ (୪୪.୮୭ ଲକ୍ଷ ଲୋକ) ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ବ୍ରହ୍ମପୁତ୍ର ନଦୀ ବିପଦସଙ୍କେତ ଉପରେ ପ୍ରବାହିତ ହେଉଥିବାବେଳେ ପରିସ୍ଥିତି ଉଦ୍‌ବେଗଜନକ ରହିଛି।



ବିହାରରେ ୧୨ ଜିଲାର ୨୫.୬୬ ଲକ୍ଷ ଲୋକ ବନ୍ୟାକ୍ଲିଷ୍ଟ ଅଞ୍ଚଳରେ ଥିବାବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନେପାଳରେ ଲଗାଣ ବର୍ଷାଜନିତ ବନ୍ୟା ଏଠାରେ ପରିସ୍ଥିତିକୁ ବିଗାଡ଼ି ଦେଇଛି। ପୂର୍ବ ଚମ୍ପାରନ୍ ଜିଲାରେ ପୃଥକ ପୃଥକଭାବେ ୫ଜଣ ପିଲା ପାଣିରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦ୍ୱିତୀୟ ଥର ଲାଗି ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ସୀତାମାଢ଼ି, କିଶନଗଞ୍ଜ, ସେଓହର, ଆରାରିଆ, ଚମ୍ପାରନ ଆଦି ଜିଲାରେ ବହୁଳ କ୍ଷତି ଘଟିଛି। ବାଘ୍‌ବତୀ, କମଲା ବାଲାନ୍, ଲାଲ୍‌ବାକେୟା, ଅଧ୍‌ଓ୍ୱାରା ଓ ମହାନନ୍ଦା ନଦୀର ଜଳପତ୍ତନ ବୃଦ୍ଧି ପାଉଥିବାବେଳେ ଏହା ଏବେ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି।

ମିଜୋରାମରେ ଖଥ୍‌ଲାଙ୍ଗଟୁଇପୁଇ ନଦୀରେ ବନ୍ୟା ଆସିବାରୁ ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଏଠାରେ ୩୨ ଗ୍ରାମ ବନ୍ୟା ଯୋଗୁ ପ୍ରଭାବିତ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୫ରେ ପହଞ୍ଚିଥିବା ସରକାରୀଭାବେ କୁହାଯାଇଛି। ଲୁଙ୍ଗଲେଇ ଜିଲା ବନ୍ୟା ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୭୦୦ ଘର ପାଣି ଘେରରେ ଥିବା ଜଣାପଡ଼ିଛି। ମେଘାଳୟରେ ଗତ ୭ଦିନ ହେବ ବର୍ଷା ଲାଗିରହିବାରୁ ଦୁଇଟି ନଦୀରେ ବନ୍ୟା ଦେଖାଦେଇଛି। ଏଥିରେ ୧.୫୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ତ୍ରିପୁରାରେ ଖୋଓ୍ୱାଇ ଓ ହାଓରା ନଦୀରେ ବନ୍ୟା ଆସିବାରୁ ୧୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟାଞ୍ଚଳରେ ଏନ୍‌ଡିଆର୍‌ଏଫ୍ ଟିମ୍ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଲଗାଣ ବର୍ଷା ଯୋଗୁ ପରିସ୍ଥିତିରେ ସୁଧାର ଆସିପାରୁ ନ ଥିବା ଜଣାପଡ଼ିଛି।

## ସୌ | ନ୍ଦ | ର୍ଯ୍ୟ

# ବର୍ଷାଦିନରେ କେଶର ଯତ୍ନ





ବର୍ଷାଦିନରେ ବଢୁଥିବା କେଶ ସମସ୍ୟା ଚିନ୍ତାର କାରଣ ହୋଇପାରେ। ଏଥିଲାଗି ଆପଣଙ୍କୁ କେତୋଟି ଉପାୟ ଦିଆଯାଉଛି ଯାହାକୁ ଆପଣାଇ ହେବେ ଟେନସନ୍ ଫ୍ରି । ଜାଣନ୍ତୁ ଏ ସମ୍ପର୍କରେ ...

- ମନ୍‌ସୁନ୍‌ରେ ସ୍କାଲ୍ପକୁ ଡ୍ରାଏ ରଖନ୍ତୁ ।
- ଯଦି ବର୍ଷାରେ କେଶ ଓଦା ହୋଇଯାଇଛି ତେବେ ତାକୁ ଶୁଖାଇ ଦିଅନ୍ତୁ। ଓଦା କେଶକୁ ବାନ୍ଧନ୍ତୁ ନାହିଁ। ଏହାଦ୍ୱାରା ଫଙ୍ଗାଲ ଇନ୍‌ଫେକ୍‌ସନ୍ ହେବାର ଆଶଙ୍କା ରହିଛି।
- ଭଲ ହେବ ଯଦି କେଶ ଓଦା ହୋଇଛି ତେବେ କେଶକୁ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ। କାହିଁକି ନା ବର୍ଷାପାଣିରେ ଏସିଡିକ୍ ଥାଏ। ଯାହା କେଶକୁ ଖରାପ୍ କରିପାରେ।
- ସପ୍ତାହରେ ଦୁଇ ତିନିଥର ନିଶ୍ଚିତ ମୁଣ୍ଡ ଧୁଅନ୍ତୁ।
- ମୁଣ୍ଡ ସଫା କରିବା ପୂର୍ବରୁ ତେଲ ନିଶ୍ଚିତ ଭାବେ ଲଗାନ୍ତୁ।
- ନଖ ଉଷୁମ ତେଲରେ ମୁଣ୍ଡକୁ ମସାଜ୍ କରନ୍ତୁ।
- କେଶକୁ ନାଚୁରାଲ ଉପାୟରେ ଶୁଖାଇବାକୁ ଚେଷ୍ଟା କରନ୍ତୁ। ହେୟାର ଡ୍ରାୟର ବ୍ୟବହାର କରନ୍ତୁ ନାହିଁ।
- ଅଧିକ କେମିକାଲ ଯୁକ୍ତ ପ୍ରଡକ୍ଟ ବ୍ୟବହାର କରନ୍ତୁ ନାହିଁ।
- ଓଦା କେଶକୁ କୁଣ୍ଡାନ୍ତୁ ନାହିଁ।
- ବଡ଼ ଦାନ୍ତ ଥିବା ପାନିଆ ବ୍ୟବହାର କରନ୍ତୁ। ଏହାଦ୍ୱାରା କେଶ ଛିଡ଼ିବ ନାହିଁ। ହେୟାର ବ୍ରଶ ସବୁବେଳେ ଭଲ କ୍ୱାଲିଟିର ହେବା ଦରକାର। ମଝିରେ ମଝିରେ ଏହାକୁ ସଫା କରିବାକୁ ଚେଷ୍ଟା କରନ୍ତୁ।
- ବହୁତ ଜୋର୍‌ରେ ରଗଡ଼ି ରଗଡ଼ି କେଶକୁ ପୋଛନ୍ତୁ ନାହିଁ।
- ହେୟାର ଷ୍ଟାଇଲ୍ ସିମ୍ପଲ ଓ ଶର୍ଟ ରଖନ୍ତୁ।
- ଭିଟାମିନ୍ ଇ ଯୁକ୍ତ ଖାଦ୍ୟ ଖାଆନ୍ତୁ।

## କିପରି ହେବ ବର୍ଷାଦିନର ପରିଧାନ

ବର୍ଷାଦିନ ଆରମ୍ଭ ହୋଇଗଲେ ମହିଳାଙ୍କ ଚିନ୍ତା ରହିଥାଏ ଯେ ଏହି ଦିନରେ କ'ଣ ପିନ୍ଧିବେ ଆଉ ପିନ୍ଧିବେନି। ଯଦି ଆପଣ ଏଥିରେ ସାମିଲ ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ। କାହିଁକି ନା ଆମେ ଏଠାରେ କେତୋଟି ଟିପ୍ସ ଦେଉଛୁ କ'ଣ ପିନ୍ଧିବେ ଆଉ ପିନ୍ଧିବେନି। ଜାଣନ୍ତୁ ସେ ସମ୍ପର୍କରେ....

- ବର୍ଷାଦିନରେ ସବୁବେଳେ ଏମିତି କପଡ଼ା ବ୍ୟବହାର କରନ୍ତୁ ଯାହା ଓଦାହେବା ମାତ୍ରେ ଶୁଖୁ ଯାଉଥିବ।
- ବର୍ଷାଦିନରେ କର୍ଟନ କପଡ଼ା ପିନ୍ଧନ୍ତୁ ନାହିଁ। ଏହା ଜଲ୍‌ଦୀ ଶୁଖି ନଥାଏ।
- ପଲିଷ୍ଟର, କ୍ରେପ୍ସ, ନାଇଲନ୍ ଭଳି କପଡ଼ା ଭିଜିବା ପରେ ଶୀଘ୍ର ଶୁଖିଯାଏ। ଏଥିଲାଗି ଏହାକୁ ବ୍ୟବହାର କରନ୍ତୁ।
- ଜର୍ଜଟ, ଶିଫନ୍ ଓ ଅନ୍ୟ ପାରଦର୍ଶୀ କପଡ଼ା ପିନ୍ଧନ୍ତୁ ନାହିଁ।
- ଯଦି ଆପଣଙ୍କୁ ଲାଗୁଥାଏ ବର୍ଷାରେ ଓଦାହେଲେ ଆପଣଙ୍କ ଅନ୍ତର୍ବସ୍ତ୍ର ଦେଖାଯିବ ତେବେ ଡ୍ରେସ ଭିତରେ ମୋଟା ସ୍ଲିପ୍ ଓ ସ୍ଲାକ୍ସ ପିନ୍ଧନ୍ତୁ।
- ବର୍ଷାଦିନରେ ଲେଦର ଫ୍ୟାଶନେବଲ ଜିନିଷ ବ୍ୟବହାର କରନ୍ତୁ ନାହିଁ।
- ଯଦି ବର୍ଷାଦିନରେ ଭିଜିବାର ଆଶଙ୍କା ରହିଛି ସବୁବେଳେ ଗାଢ଼ା ରଙ୍ଗର ଡ୍ରେସ ପିନ୍ଧନ୍ତୁ ଫଳରେ ଓଦା ହେଲେ ବି ଅନ୍ତର୍ବସ୍ତ୍ର ଦେଖାଯିବନି।





- ଅଧିକ ପତଳା ଡ୍ରେସ ପିନ୍ଧନ୍ତୁ ନାହିଁ ଏହା ଓଦା ହେବା ମାତ୍ରେ ପୂରା ଶରୀର ଦେଖାଯିବ।
- ବର୍ଷାଦିନରେ ନାଇଲନ୍, ପୋଲୀ କର୍ଟନ ଟିଶର୍ଟ ଓ ଥ୍ରିଫୋର୍ଥ ପ୍ୟାଣ୍ଟ ପିନ୍ଧିବା ସୁବିଧାଜନକ ରହିବ।
- ବର୍ଷାଦିନରେ ଶାଢ଼ି ପିନ୍ଧନ୍ତୁ ନାହିଁ। ଢିଲା ଓ ଆରାମଦାୟକ କପଡ଼ା ପିନ୍ଧନ୍ତୁ।
- ପିରିୟଡ୍ ସମୟରେ ରେନ୍‌କୋର୍ଟ ଯେମିତି ହେଲେ ପିନ୍ଧନ୍ତୁ। ଏହା ଦ୍ୱାରା କପଡ଼ା ଓଦା ହେବନି ଓ ଆପଣଙ୍କୁ ଆରାମ ବି ଲାଗିବ।

# ସ୍ମାର୍ଟ କିଚେନ୍





**ଆଜିକାଲି ସମସ୍ତେ ମଡ୍ୟୁଲାର କିଚେନ୍ ପସନ୍ଦ କରୁଛନ୍ତି। କିଚେନ୍ ମଡ୍ୟୁଲାର ହେବା ସହ ଏହାର ଯତ୍ନନେବା ମଧ୍ୟ ଜରୁରୀ। ଏହାର ସଫାସୁତରା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ। ସାଧାରଣତଃ କିଚେନ୍ ଅପରିଷ୍କାର ରହିଲେ ଅଧିକ ବ୍ୟାକ୍ଟେରିଆ ଜନ୍ମ ନେଇଥାନ୍ତି । ବିଶେଷ ଭାବରେ ରୋଷେଇ ସମୟରେ ବ୍ୟବହୃତ ହେଉଥିବା ଟାୱେଲ, ଡଷ୍ଟବିନ୍, ଚୁଲା ଓ ସିଙ୍କ ହେଉଛି ସେମାନଙ୍କର ବାସସ୍ଥଳ। କିଚେନ୍‌କୁ କିପରି ସଫାସୁତରା ରଖିବେ ଜାଣନ୍ତୁ ସେ ସମ୍ପର୍କରେ...**

**ଟାଇଲ୍ସ :** ରୋଷେଇ କରିବା ସମୟରେ ଗ୍ୟାସ ଚୁଲାର ପାଖାପାଖି ଟାଇଲ୍ସକୁ ପୋଛି ତୁରନ୍ତ ସଫା କରି ଦିଅନ୍ତୁ। ଯଦି ଏହାକୁ ସଙ୍ଗେ ସଙ୍ଗେ ସଫା କରା ନ ଯାଏ ତେବେ ଏହା ପରେ ସଫା କରିବା ଟିକେ କଷ୍ଟକର ହୋଇପାରେ। ସପ୍ତାହରେ ଦୁଇଥର ସଫା କରିବା ପାଇଁ ବେକିଂ ସୋଡାର ବ୍ୟବହାର କରିପାରିବେ। ପାଖାପାଖି ଅଧବାଲ୍‌ଟି ପାଣିରେ ଅଧା କପ ବେକିଂ ସୋଡା ମିଶାଇ ଦିଅନ୍ତୁ। ଏବେ ଏହାକୁ ସ୍ୱଞ୍ଜରେ ନେଇ କିଚେନ୍‌ର ଟାଇଲ୍ସକୁ ସଫା କରନ୍ତୁ। ପୁଣି ଶୁଖିଲା କପଡ଼ାରେ ପୋଛି ଦିଅନ୍ତୁ। କିଚେନ୍‌କୁ ସଫା କରିବା ଲାଗି ବେକିଂ ସୋଡା ହୋମମେଡ୍ କ୍ଲିନର ପରି କାମ କରିଥାଏ। ଟାଇଲ୍ସକୁ ସଫା କରିବା ପାଇଁ ସିର୍‌କା ମଧ୍ୟ ବ୍ୟବହାର କରି ପାରିବେ। ଦୁଇକପ୍ ସିର୍‌କା ଓ ଦୁଇକପ୍ ପାଣିର ଘୋଳ ପ୍ରସ୍ତୁତ କରନ୍ତୁ। ଏହାକୁ ସ୍ପ୍ରେ ବୋତଲରେ ଭରି ଟାଇଲ୍ସ ଉପରେ ସ୍ପ୍ରେ କରନ୍ତୁ। ଏହାପରେ ମୁଲାୟମ୍ କପଡ଼ା ସାହାଯ୍ୟରେ ସଫା କରନ୍ତୁ।

**ସିଙ୍କ୍:** ସିଙ୍କରେ ସବୁଠୁ ଅଧିକ ବ୍ୟାକ୍ଟେରିଆ ଦେଖାଯାନ୍ତି। ଏଥିପାଇଁ ଏହାକୁ ପ୍ରତିଦିନ ସଫା କରନ୍ତୁ। କିଚେନ୍ ସିଙ୍କ ସଫା କରିବାକୁ ପ୍ରଥମେ ତା' ଭିତରେ ରଖାଯାଇଥିବା ବାସନକୁ କାଢ଼ି ସଫା କରି ଦିଅନ୍ତୁ। ତା'ପରେ ସିଙ୍କରେ ପଡ଼ିଥିବା ଅପରିଷ୍କାର ଜିନିଷକୁ କାଢ଼ି ସଫା କରନ୍ତୁ। ଯଦି ସିଙ୍କରେ ଡ୍ରେନ୍ ଷ୍ଟପରରେ ଲାଗିଥିବା ଅଳିଆକୁ କାଢ଼ି ସଫା କରନ୍ତୁ। କିଚେନ୍‌ର ସିଙ୍କକୁ ଘରୋଇ ଉପାୟରେ ସଫା କରିବାକୁ ହେଲେ ଏକ ଚାମଚ ବେକିଂ ସୋଡ଼ା, ଏକ ଚାମଚ ଲେମ୍ବୁ ରସ ସହିତ ଅଧାକପ୍ ହ୍ୱାଇଟ୍ ଭିନେଗାର ମିଶାନ୍ତୁ। ଏହି ମିଶ୍ରଣକୁ ସିଙ୍କର ଚାରିଆଡ଼େ ପକାଇ ଦିଅନ୍ତୁ। ଏହାକୁ ଦଶ ମିନିଟ୍ ରଖିବା ପରେ ବେସିନ୍ ସଫା ବ୍ରଶ ସାହାଯ୍ୟରେ ସଫା କରନ୍ତୁ। ଏହା ପରେ ପାଣି ଦ୍ୱାରା ସିଙ୍କକୁ ଭଲଭାବେ ସଫା କରନ୍ତୁ। ଏକଥା ବି ଧ୍ୟାନ ରଖନ୍ତୁ ଯେ ସିଙ୍କରେ ସବୁବେଳେ ବାସନ ପଡ଼ି ନ ରହୁ। ପ୍ଲେଟ, ଗ୍ଲାସ, ଗିନା ଅନ୍ୟ ସବୁ ବାସନ ବ୍ୟବହାର କରିବା ପରେ ତୁରନ୍ତ ସଫା କରି ତା' ସ୍ଥାନରେ ରଖି ଦିଅନ୍ତୁ। ଅପରିଷ୍କାର ବାସନ ପଡ଼ିରହିଲେ ତା' ଭିତରେ ଜୀବାଣୁ ଜନ୍ମ ନେଇଥାନ୍ତି ଏଥିଲାଗି ଏହାକୁ ସଫା କରି ରଖିଦିଅନ୍ତୁ।

**କିଚେନ୍ କାଚ:** କିଚେନ୍‌ର କାଚରେ ଦୁଇ ପ୍ରକାର ଦାଗ ଲାଗିଯାଏ। ଗୋଟିଏ ତେଲ, ହଳଦୀ ଦାଗ ଓ ଆଉଗୋଟେ ବାମ୍ଫ ପାଣି ଛିଟା ଦାଗ। ଏହାକୁ ସଫା କରିବାକୁ ହେଲେ ବାସନ ମଜା ସାବୁନ୍‌ରେ ଅଳ୍ପ ପାଣିରେ ଡିଟରଜେଣ୍ଟ ମିଶାଇ ଦିଅନ୍ତୁ। ଏବେ ଏକ କପଡ଼ା ନେଇ ସେଇ ପାଣିରେ ବୁଡ଼ାଇ କାଚରେ ଘଷନ୍ତୁ। ଦେଖିବେ ଏହିପରି କାଚରେ ଲାଗିଥିବା ଦାଗ ତୁରନ୍ତ ସଫା ହୋଇଯିବ।

**ଫ୍ଲୋର :** ଫ୍ଲୋର ସଫା କରିବାକୁ ହେଲେ ପାଣିରେ ବେକିଂ ସୋଡ଼ା ମିଶାଇ ଦିଅନ୍ତୁ ଓ କପଡ଼ା ସାହାଯ୍ୟରେ ସଫା କରନ୍ତୁ। ଯଦି କିଚେନ୍‌ରେ ଫ୍ଲୋର ଉଡେନ୍ ହୋଇଥାଏ ତେବେ ଏକ ବାଲ୍‌ଟି ପାଣିରେ ଧଳା ଭିନେଗାର ମିଶାନ୍ତୁ ଏହାପରେ ଓଦା କପଡ଼ା ସାହାଯ୍ୟରେ ଫ୍ଲୋରକୁ ପୋଛନ୍ତୁ। କିଚେନ୍‌କୁ ପ୍ରତିଦିନ ପୋଛନ୍ତୁ। ପୋଛୁଥିବା ପାଣିରେ ଜୀବାଣୁନାଶକ ଓ ଡିଟରଜେଣ୍ଟ ବ୍ୟବହାର କରିପାରିବେ। ଧ୍ୟାନ ରଖନ୍ତୁ ଯେ ଯେଉଁ କପଡ଼ାରେ ପୋଛୁଛନ୍ତି ତାକୁ ସଫା କରିବାକୁ ଭୁଲନ୍ତୁ ନାହିଁ।

**ଡଷ୍ଟବିନ୍ :** କିଚେନ୍‌ର ଡଷ୍ଟବିନ୍ ସଫା କରିବାକୁ ହେଲେ ଅଧା କପ୍ ପାଣିରେ ସିର୍‌କା ମିଶାଇ ସାରିବା ପରେ ଡଷ୍ଟବିନ୍ ସଫା କରନ୍ତୁ। ଡିସ୍‌ଇନଫେକ୍ଟେଡ୍ ଲିକ୍ୱିଡ୍‌କୁ କ୍ଲିନର ରୂପେ ବ୍ୟବହାର କରିପାରିବେ।

**ଗ୍ୟାସ ଚୁଲା :** ଗ୍ୟାସ୍ ଚୁଲାକୁ ସଫା କରିବାକୁ ହେଲେ ପ୍ରଥମେ ଏଥିରେ ବେକିଂ ସୋଡ଼ା ଓ ଉଷୁମପାଣି ଛିଟା ମାରନ୍ତୁ ୩୦ମିନିଟ୍ ପରେ ସ୍କ୍ରବ ସାହାଯ୍ୟରେ ରଗଡ଼ି ସଫା କଲେ ତେଲର ଛିଟା ଛାଡ଼ିଯିବ। ପରେ ଏହାର ବର୍ଣ୍ଣରରେ ଥିବା ଛୋଟଛୋଟ କଣାକୁ ପିନ୍ ସାହାଯ୍ୟରେ ସଫା କରିପାରିବେ।

**କ୍ୟାବିନେଟ୍:** ଏହାକୁ ସଫା କରିବାକୁ ହେଲେ ଅଳ୍ପ ତେଲରେ ଏକ ଚାମଚ୍ ବେକିଂ ସୋଡ଼ା ମିଶାଇ ଦିଅନ୍ତୁ। ଏହାପରେ ଏକ ସ୍ୱଞ୍ଜ ସାହାଯ୍ୟରେ କ୍ୟାବିନେଟ୍‌କୁ ସଫା କରିବା ସହଜ ହେବ।

**ଏଗ୍‌ଜଷ୍ଟ ଫ୍ୟାନ୍:** ଏଗ୍‌ଜଷ୍ଟ ଫ୍ୟାନ୍‌ରେ ଯଦି ତେଲ ଲାଗିଲା ଏହା ବୁଲିବା ବନ୍ଦ ହୋଇଯାଏ। ଏହାକୁ ସଫା କରିବାକୁ ହେଲେ ଅଳ୍ପ ପାଣିରେ ବେକିଂ ସୋଡ଼ା ମିଶାନ୍ତୁ। ଏବେ ଏହା ସାହାଯ୍ୟରେ ସଫା କରନ୍ତୁ।

**ଫ୍ରିଜ୍ :** ଫ୍ରିଜ୍‌କୁ ବି ମଝିରେ ମଝିରେ ସଫା କରିବା ଜରୁରୀ। ଏହାକୁ ସଫା କରିବାକୁ ହେଲେ କର୍ଟନ ବଲ୍‌ସକୁ ଲେମ୍ବୁ ରସରେ ବୁଡ଼ାନ୍ତୁ ଏବଂ ଏହାକୁ ଫ୍ରିଜ୍‌ରେ କିଛି ସମୟ ରଖନ୍ତୁ। ଫ୍ରିଜ୍‌ରେ ଲାଗିଥିବା ଦାଗ ଦୂର କରିବାକୁ ହେଲେ ଲେମ୍ବୁକୁ ଫାଳ କରି କାଟିଦେଇ ସେଥିରେ ଲୁଣ ଲଗାଇ ଦିଅନ୍ତୁ। ଏହାପରେ ଦାଗ ଲାଗିଥିବା ସ୍ଥାନକୁ ରଗଡ଼ି ସଫା କରନ୍ତୁ ଦେଖିବେ ଦାଗ ଛାଡ଼ି ଯାଇଛି। ଲେମ୍ବୁରେ ସଫା କରିବା କାରଣରୁ ଫ୍ରିଜ୍ ଏତେଟା ଦୁର୍ଗନ୍ଧ ହୋଇ ନ ଥାଏ।

**ସେଲଫ୍ :** ରୋଷେଇ ଘରେ ଜିନିଷ ରଖିବା ଲାଗି ଯେଉଁ ସେଲ୍‌ଫ ବ୍ୟବହାର କରୁଛନ୍ତି ଏହାକୁ ମଝିରେ ମଝିରେ ସଫା କରନ୍ତୁ। ଏଥିପାଇଁ ମଧ୍ୟ ଡିଟରଜେଣ୍ଟ ବ୍ୟବହାର କରି ପାରିବେ। ସେଲଫ୍ ବଦଳରେ ଷ୍ଟେନ୍‌ଲେସ୍ ଷ୍ଟିଲ ର୍‌ୟାକ୍ ଲଗାଇପାରିବେ । ଏହାକୁ ସଫା କରିବା ସହଜ ହୋଇଥାଏ।





### ଏମାନେ କ'ଣ କହନ୍ତି


ରଶ୍ମି

#### ନିଜେ କିଚେନ୍ ସଫା କରିଥାଏ

*–ରଶ୍ମି ପଟ୍ଟନାୟକ, ସୂର୍ଯ୍ୟନଗର, ଭୁବନେଶ୍ୱର*

ବର୍ଷାଦିନରେ କିଚେନ୍‌କୁ ପିମ୍ପୁଡ଼ିଠାରୁ ଦୂରେଇ ରଖିବାକୁ ଲକ୍ଷ୍ମଣରେଖା ଟାଣେ। କିଚେନ୍‌କୁ ସଫାସୁତରା ରଖିଲେ ଏହା ଆମ ପାଇଁ ଭଲ। କିଚେନ୍‌କୁ ସଫା ମୁଁ ନିଜେ କରିଥାଏ। ମୁଁ ଏତିକି କହିବି ନିଜ କିଚେନ୍‌କୁ ଆମେ ନିଜେ ଯେପରି ସଫା କରିବା ଅନ୍ୟଜଣେ ସେପରି ସଫା କରିବ ନାହିଁ। ଆଉ ଏକ କଥା–କିଚେନ୍‌ରେ ସୁଜି ରଖୁଥିଲେ ଯଦି ସମ୍ଭବ ହେଉଛି ଖରା ଦେଇ ଶୁଖାଇବେ ନ ହେଲେ ଏହାକୁ ଭାଜି ଦେଇ ରଖିବେ। ଚଣା, ବୁଟ ଆଦି ଜିନିଷକୁ ଫ୍ରିଜ୍‌ରେ ରଖିପାରିବେ। ଫ୍ରିଜ୍‌ରେ ରହିଲେ ଏହା ଖରାପ୍ ହୋଇ ନ ଥାଏ।


ସୁଜାତା

#### କିଚେନ୍‌କୁ ସବୁବେଳେ ହାଇଜେନିକ୍ ରଖିଥାଏ

*–ସୁଜାତା ନାୟକ, ଭାରତୀପୁର, ପିପିଲି, ପୁରୀ*

ବର୍ଷାଦିନରେ ସାଧାରଣତଃ କିଚେନ୍ ଓଦା ଓଦା ଲାଗିଥାଏ। ଏଥିପାଇଁ ପ୍ରତିଦିନ ଫିନାଇଲ ଏବଂ ଡେଟଲ ସାହାଯ୍ୟରେ କିଚେନ୍‌କୁ ସଫା କରନ୍ତୁ। ଖାଦ୍ୟପଦାର୍ଥକୁ ଘୋଡ଼ାଇ ରଖିବା ଦରକାର। ଶସ୍ୟ ଜାତୀୟ ପଦାର୍ଥ ଯେପରି ଡାଲି, ଚାଉଳକୁ ଖରାରେ ଶୁଖାଇବା ଆବଶ୍ୟକ। ବାସନଗୁଡ଼ିକୁ ଭଲଭାବେ ମାଜି ଉଷୁମ ପାଣିରେ ଧୋଇ ଦିଅନ୍ତୁ। କିଚେନ୍‌ରେ ଥିବା ଡବା ଆଦି ସାମଗ୍ରୀକୁ ସୁନ୍ଦରଭାବେ ସଜାଇ ରଖନ୍ତୁ। କିଚେନ୍ ସଫା ରଖିଲେ ଆମେ ବିଭିନ୍ନ ରୋଗଠୁ ଦୂରେଇ ରହିପାରିବା। ସେଥିପାଇଁ ମୁଁ ସବୁବେଳେ କିଚେନ୍‌କୁ ହାଇଜେନିକ୍ ରଖିଥାଏ।

## ପିଲା ଯଦି ଏକୁଟିଆ ଘରେ ଅଛି

–ଘରେ ପିଲା ଏକୁଟିଆ ଥିଲେ ଇଲେକ୍ଟ୍ରିକ୍ ବୋର୍ଡରେ ଟେପ୍ ଲଗାଇ ରଖନ୍ତୁ। ଯଦି ସେ ଘରେ ଏକୁଟିଆ ଅଛି କିଛି ଅସୁବିଧା ନାହିଁ।

–ୱାର୍କିଂ ହୋଇଥିଲେ ପିଲାକୁ ଯଦି ଏକୁଟିଆ ଛାଡୁଛନ୍ତି ରୋଷେଇ କରୁଥିବା ଗ୍ୟାସ୍ ସିଲିଣ୍ଡର ଚାବି ବନ୍ଦ କରି ଦିଅନ୍ତୁ।

–କିଛି ପିଲାଙ୍କ ମନ ଭିତରେ ଡରଥାଏ ତାଙ୍କ ଡରକୁ କମ୍ କରିବାକୁ ହେଲେ ତାଙ୍କୁ କିଛି ସମୟ ଏକୁଟିଆ ଛାଡ଼ନ୍ତୁ। ଆମକୁ ବହୁତ କିଛି କାମ କରିବାର ଅଛି ସେଥିଲାଗି ଏବେଠୁ ପ୍ରସ୍ତୁତ ହେବା ଜରୁରୀ।



–ଘରେ କଇଁଚି, ଛୁରି, ଛୁଞ୍ଚି ଭଳି ଜିନିଷ ପିଲାଠାରୁ ଦୂରରେ ରଖନ୍ତୁ।

–ଘରେ ରଖିଥିବା ପୋଷା ଜୀବଜନ୍ତୁଠୁ ଦୂରରେ ରଖନ୍ତୁ। ପଶୁଙ୍କ ଉପରେ କୌଣସି ଭରସା ନ ଥାଏ। ପୋଷା ଜୀବଙ୍କୁ ଅଲଗା ଗୋଟିଏ ରୁମ୍‌ରେ ବନ୍ଦ କରି ରଖନ୍ତୁ।

–ପିଲା ଯଦି ଏକୁଟିଆ ଘରେ ଅଛି କେମିତି ନିଜକୁ ସୁରକ୍ଷିତ ରଖିବ ସେ ଉପାୟ ତାକୁ ଶିଖାନ୍ତୁ। ଏଥିସହିତ ଘରର ମା'ବାପାଙ୍କ ମୋବାଇଲ୍ ନମ୍ବର ଓ ଏମରଜେନ୍ସି ନମ୍ବର ମନେରଖାନ୍ତୁ।

## ଖା | ଦ୍ୟ | ରୁ | ଚି

### ପଞ୍ଜାବୀ କଡ଼ାଇ ଛୋଲେ



**ଆବଶ୍ୟକ ସାମଗ୍ରୀ:** ୨୫୦ଗ୍ରାମ କାବୁଲିଚଣା, ଏକ ଚାମଚ ଚା' ପତି ଏକ କପଡ଼ାରେ ବନ୍ଧା ହୋଇଥିବା, ଏକ ଚାମଚ ଗୋଟା ଜୀରା, ଗୋଟା ଧନିଆଁ, ଦୁଇଖଣ୍ଡ ଡାଲଚିନି, ଦୁଇଟି ଇଲାଇଚ, ଦୁଇଟି ଲବଙ୍ଗ, ଏକ ଚାମଚ ଡାଳିମ୍ବମଞ୍ଜି, ଏକ ଚାମଚ ଘିଅ, କଟା ହୋଇଥିବା ଅଦା ଏକ ଚାମଚ, କଟା ହୋଇଥିବା ଦୁଇ–ତିନୋଟି କଞ୍ଚାଲଙ୍କା, ସିଝା ହୋଇଥିବା ଗୋଟିଏ ଆଳୁକୁ ଖଣ୍ଡ ଖଣ୍ଡ ଆକାରରେ କାଟନ୍ତୁ, ଏକ ଚାମଚ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଭିଜା ହୋଇଥିବା ଛୋଲେରେ କପଡ଼ା ବନ୍ଧା ହୋଇଥିବା ଚା ପତି ବାନ୍ଧି ପ୍ରେସର କୁକରରେ ବସାଇ ଦିଅନ୍ତୁ। ଜୀରା, ଧନିଆଁ, ଗୋଲମରିଚ, ଇଲାଇଚ, ଲବଙ୍ଗ, ଡାଳିମ୍ବ ମଞ୍ଜିକୁ ଏକ ସଙ୍ଗେ ଭାଜି ଦିଅନ୍ତୁ। ଏବେ ଛୋଲେ ପେସା ହୋଇଥିବା ମସଲା ପକାନ୍ତୁ। କଡ଼ାଇରେ ଘିଅ ଗରମ କରନ୍ତୁ। ଅଦା, କଞ୍ଚାଲଙ୍କା, ଆଳୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ଏଥିରେ ଛୋଲେ, ଲୁଣ, ଅଧାକପ ପାଣି ପକାଇ ଫୁଟାନ୍ତୁ।

ଧରିତ୍ରୀ
DHARITRI
Bhubaneswar, Tuesday, 16 July 2019

| Dollar | Sensex | Nifty | Gold | Silver |
|---|---|---|---|---|
| 68.54 (15) | 38,896.71 (160.48) | 11,588.35 (35.85) | 35,470.00 (₹100) | 39,175.00 (₹25) |



"ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ଲାଗି ପ୍ରୋସେସିଂ ବେଳେ ଆଧାର ବ୍ୟବହାରକୁ ବନ୍ଦ କରାଯାଇଛି।
– ନୀତିନ ଗଡକରୀ, କେନ୍ଦ୍ର ସଡକ ଏବଂ ପରିବହନ ମନ୍ତ୍ରୀ



"ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ବଡ ସଫଳତା ମିଳିଥିବା ବେଳେ ମୋଟ ହିତାଧିକାରୀଙ୍କ ମଧ୍ୟରୁ ୮୬% ଦ୍ୱିତୀୟ ଥର ରିଫିଲିଂ ପାଇଁ ଆସିଛନ୍ତି।
– ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ



## ସଂକ୍ଷେପରେ

### ୨୩ ମାସର ସର୍ବନିମ୍ନ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୫-୭:** ମୋଦି ସରକାରଙ୍କୁ ମୁଦ୍ରାସ୍ଫୀତି କ୍ଷେତ୍ରରେ ଆଶ୍ୱସ୍ତି ମିଳିଛି। ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ତଥ୍ୟ ସୋମବାର ଜାରି କରାଯାଇଛି। ଜୁନ୍‌ରେ ମୁଦ୍ରାସ୍ଫୀତି ୨.୦୨ ପ୍ରତିଶତ ରହିଛି। ଗତ ମାସରେ ଏହା ୨.୪୫% ରହିଥିଲା। ଏପରି ଦେଖିଲେ ଗୋଟିଏ ମାସ ମଧ୍ୟରେ ମୁଦ୍ରାସ୍ଫୀତି ହାର ୦.୪୩% ହ୍ରାସ ପାଇଛି। ଜୁନ୍‌ର ତଥ୍ୟ ଗତ ୨୩ ମାସର ସର୍ବନିମ୍ନ ସ୍ତର କୁହାଯାଉଛି। ଏଥିପୂର୍ବରୁ ୨୦୧୭ ଜୁଲାଇରେ ପାଇକାରୀ ମୁଦ୍ରାସ୍ଫୀତି ହାର ୧.୮୮ ପ୍ରତିଶତ ରହିଥିଲା। ସେହିପରି ଏକ ବର୍ଷ ପୂର୍ବର ତଥ୍ୟ ସହ ତୁଳନା କଲେ ଜଣାପଡେ ଯେ, ୨୦୧୮ ଜୁନ୍‌ରେ ପାଇକାରୀ ମୁଦ୍ରାସ୍ଫୀତି ହାର ୫.୬୮ ପ୍ରତିଶତ ରହିଥିଲା। ପ୍ରକାଶିତ ତଥ୍ୟ ଅନୁଯାୟୀ, ପନିପରିବା, ଇନ୍ଧନ ଓ ବିଜୁଳି କ୍ଷେତ୍ର ସହ ଜଡ଼ିତ ସାମଗ୍ରୀ ଦର ହ୍ରାସ ପାଇବା କାରଣରୁ ମୁଦ୍ରାସ୍ଫୀତି କ୍ରମାଗତ ଦ୍ୱିତୀୟ ମାସ ହେବ କମିଛି। ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ସାମାନ୍ୟ କମି ୬.୯୮ ପ୍ରତିଶତ ରହିଥିବା ବେଳେ ପନିପରିବା ମୁଦ୍ରାସ୍ଫୀତି ହାର ୨୪.୭୬ ପ୍ରତିଶତକୁ ହ୍ରାସ ପାଇଛି। ସୂଚନାଥାଉ କି, ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ସାମାନ୍ୟ ବୃଦ୍ଧି ପାଇବା କାରଣରୁ ଜୁନ୍‌ରେ ଏହା ୩.୧୮%କୁ ବୃଦ୍ଧି ପାଇଥିଲା। ଗତବର୍ଷ ଏହା ୪.୯୨% ଥିଲା। ଚଳିତ ବର୍ଷ ଜାନୁୟାରୀରୁ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଚାଲିଛି।

### ବିମୁଦ୍ରୀକରଣ ପରେ ଫେରିଛି ୧୫ ଲକ୍ଷ କୋଟି

**ନୂଆଦିଲ୍ଲୀ,୧୫-୭:** ମୋଦି ସରକାରଙ୍କ ପ୍ରଥମ କାର୍ଯ୍ୟକାଳରେ ବିମୁଦ୍ରୀକରଣ ଘୋଷଣା ହୋଇଥିଲା। ୨୦୧୬-୧୭ରେ ସେତେବେଳେ ବଜାରରେ ପ୍ରଚଳନରେ ଥିବା ୧୫,୩୧,୦୭୩ କୋଟି ନୋଟ୍ ଫେରି ଆସିଛି ବୋଲି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ସୋମବାର ଲୋକ ସଭାରେ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରାଯାଇ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦିଆଯାଇଥିଲା। ଅନ୍ୟ କେତେକ ପ୍ରଶ୍ନର ଉତ୍ତର ଦେଇ ଠାକୁର କହିଛନ୍ତି ଯେ, ଆର୍‌ବିଆଇ ଡାଟା ଅନୁଯାୟୀ ୨୦୧୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ବ୍ୟାଙ୍କଗୁଡ଼ିକର ଗ୍ରସ୍ ଋଣ ପ୍ରଦାନ ତୁଳନାରେ ଗ୍ରସ୍ ଏନ୍‌ପିଏ ପରିମାଣ ୯.୨% ରହିଥିବା ବେଳେ ଚଳିତବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୯.୦୮ ପ୍ରତିଶତକୁ ଖସିଛି। ବର୍ତ୍ତମାନର ମୂଲ୍ୟ ହାରରେ ୨୦୧୬-୧୭, ୨୦୧୭-୧୮ ଓ ୨୦୧୮-୧୯ରେ ଜିଡିପି ହିସାବରେ ଏହା କ୍ରମଶଃ ୧,୫୩,୬୨,୩୮୬ କୋଟି, ୧,୭୦,୯୫,୦୦୫ କୋଟି ଏବଂ ୧,୯୦,୧୦,୧୬୪ କୋଟି ଟଙ୍କା ହେବ।

### ରପ୍ତାନି, ବାଣିଜ୍ୟ ନିଅଣ୍ଟ ହ୍ରାସ

**ନୂଆଦିଲ୍ଲୀ,୧୫-୭:** ଦେଶର ରପ୍ତାନୀ ଜୁନ୍‌ରେ ୯.୭୧% ହ୍ରାସ ପାଇ ୨୫.୦୧ ବିଲିୟନ ଡଲାରରେ ପହଞ୍ଚିଛି। ଗତବର୍ଷ ଏହି ସମୟରେ ଏହା ୨୭.୭ ବିଲିୟନ ଡଲାର ଥିଲା। ଜେମ୍ସ ଆଣ୍ଡ ଜୁଏଲେରୀ, ଇଞ୍ଜିନିୟରିଂ ସାମଗ୍ରୀ, ପେଟ୍ରୋଲିୟମ ପଦାର୍ଥ ରପ୍ତାନି ହ୍ରାସ ପାଇଥିବା ସରକାରୀ ଡାଟାରୁ ଜଣାପଡିଛି। ସେହିପରି ଆଲୋଚ୍ୟ ମାସରେ ଆମଦାନୀ ମଧ୍ୟ ୯% ହ୍ରାସ ପାଇ ଜୁନ୍‌ରେ ୪୦.୨୯ ବିଲିୟନ ଡଲାର ହୋଇଛି। ୨୦୧୮ର ଏହି ମାସରେ ଏହା ୪୪.୩ ବିଲିୟନ ଡଲାର ଥିଲା। ଅଶୋଧିତ ତେଲ ଦର ହ୍ରାସ ପାଇବା କାରଣରୁ ଦେଶର ଆମଦାନୀ ବାବଦ ଅର୍ଥ ଖର୍ଚ୍ଚ କମିଛି। ତଦନୁଯାୟୀ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ଆଲୋଚ୍ୟ ମାସରେ ୧୫.୨୮ ବିଲିୟନ ଡଲାରକୁ ହ୍ରାସ ପାଇଛି। ୨୦୧୮ ଜୁନ୍‌ରେ ଏହା ୧୬.୬ ବିଲିୟନ ଡଲାର ଥିଲା।

## ଇଲେକ୍ଟ୍ରୋନିକ୍ସ ମାନୁଫାକ୍‌ଚରିଂ ହବ୍

# ଚାଇନାକୁ ଟକ୍କରଦେବା ଯୋଜନା

**ନୂଆଦିଲ୍ଲୀ,୧୫-୭**

ଦେଶକୁ ଇଲେକ୍ଟ୍ରୋନିକ୍ସ ମାନୁଫାକ୍‌ଚରିଂ ହବ୍ ଭାବେ ତିଆରି କରିବା ଲାଗି କେନ୍ଦ୍ର ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଏଥିଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟି ପକ୍ଷରୁ ଆପଲ୍, ସାମସଙ୍ଗ, ସିସ୍କୋ, ସିମେନ୍ସ, ଫକ୍ସୱାଗନ, ଇଣ୍ଟେଲ ଓ ବଶ୍ ଭଳି ବିଶ୍ୱସ୍ତରର କମ୍ପାନୀ ମୁଖ୍ୟମାନଙ୍କ ସହ ଆଲୋଚନା କରାଯାଇଛି। ଭାରତକୁ ଉତ୍ପାଦନ ବେସ୍ ତିଆରି କରିବା ଲାଗି କମ୍ପାନୀଗୁଡ଼ିକୁ କେଉଁଭଳି ସୁବିଧା ଦେବାର ଆବଶ୍ୟକତା ରହିଛି ଜଣାଇବାକୁ ସେମାନଙ୍କୁ କୁହାଯାଇଛି। ଏହାଦ୍ୱାରା ଇଲେକ୍ଟ୍ରୋନିକ୍ସ ମାନୁଫାକ୍‌ଚରିଂ କ୍ଷେତ୍ରରେ ଚାଇନାକୁ ଭାରତ କଡା ଟକ୍କର ଦେଇପାରିବ। ଏଥିସହ ଦେଶରେ ଅଧିକ ବିଦେଶୀ ନିବେଶ ମଧ୍ୟ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।



### ବୈଠକରୁ ବାଦ୍ ପଡ଼ିଲେ ଚାଇନା କମ୍ପାନୀ

ସବୁଠୁ ଆଶ୍ଚର୍ଯ୍ୟର କଥା ଯେ, ଭାରତରେ ଅଧାରୁ ଅଧିକ ସ୍ମାର୍ଟଫୋନ ବଜାରକୁ କବ୍‌ଜା କରିଥିବା ସାଓମୀ, ଓପୋ, ଭିଭୋ ଓ ହୁଆଇ ଭଳି ଚାଇନା କମ୍ପାନୀଗୁଡ଼ିକୁ କମିଟିର ବୈଠକରେ ସାମିଲ କରାଯାଇ ନ ଥିଲା। ଭାରତକୁ ଚାଇନା ନିଜର ଏକ ରପ୍ତାନି ବଜାର ଭାବେ ଗ୍ରହଣ କରୁଥିବାରୁ ସେଠାକାର କମ୍ପାନୀଗୁଡ଼ିକ ଦେଶରେ ପ୍ଲାଣ୍ଟ ପ୍ରତିଷ୍ଠା କରିବେ ନାହିଁ ବୋଲି ମନେ କରାଯାଉଛି।

### ପିଏମ୍‌ଓକୁ ରିପୋର୍ଟ ଦେବ କମିଟି

ନିକଟରେ ଏହି କମିଟିର ସଦସ୍ୟମାନେ ଆମେରିକା, ୟୁରୋପ, ତାଇୱାନ ଓ ଦକ୍ଷିଣ କୋରିଆର ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଏହି କମ୍ପାନୀଗୁଡ଼ିକୁ ଯଥାଶୀଘ୍ର ଭାରତ ଆଣିବା ଲାଗି ନୀତିରେ ଆବଶ୍ୟକ ହେଉଥିବା ପରିବର୍ତ୍ତନ ସମ୍ପର୍କରେ ପ୍ରସ୍ତାବ ଦିଆଯାଇ କମିଟି ପକ୍ଷରୁ ଏକ ରିପୋର୍ଟ ଖୁବଶୀଘ୍ର ପ୍ରସ୍ତୁତ କରାଯିବ ବୋଲି ଜଣାପଡିଛି। କମିଟି ମତରେ ଇଲେକ୍ଟ୍ରୋନିକ୍ସ ଏକ୍ସପୋର୍ଟ ବୃଦ୍ଧି କରିବାକୁ ହେଲେ ସ୍ମାର୍ଟଫୋନ୍ ଉତ୍ପାଦନ ଉପରେ ଜୋର୍ ଦେବାକୁ ହେବ। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ଏହାର ଫାଇଦା ଉଠାଇ ଆମେରିକାର କମ୍ପାନୀଗୁଡ଼ିକୁ ଭାରତରେ କାରଖାନା ପ୍ରତିଷ୍ଠା କରିବାକୁ ପ୍ରବର୍ତ୍ତାଇବା ଲାଗି ଭାରତ ଉଦ୍ୟମ ଆରମ୍ଭ କରିଥିଲା। ଏଦିଗରେ ପିଏମ୍‌ଓ ସକ୍ରିୟ ହୋଇଛି। ଏଥିପାଇଁ ନୀତି ଆୟୋଗ ସହାୟତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି।

### ଆମଦାନୀ ହେଉଛି ଅଧିକ ଇଲେକ୍ଟ୍ରୋନିକ ସାମଗ୍ରୀ

ଅଶୋଧିତ ତେଲକୁ ଛାଡ଼ି ଦେଲେ ସ୍ମାର୍ଟଫୋନ ସହିତ ଅନ୍ୟ ଇଲେକ୍ଟ୍ରୋନିକ ସାମଗ୍ରୀର ଆମଦାନୀ ଯୋଗୁ ଦେଶକୁ ଅଧିକ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ଭାରତ ନିଜକୁ ଏକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦକ ଦେଶ ଭାବେ ଗଢ଼ିତୋଳିବାର ସୁଯୋଗ ପାଇଛି। ଭିଏତନାମ ଭଳି ଦେଶ ସହିତ ଭାରତକୁ ତୁଳନୀୟ ହେବାକୁ ହେଲେ ଯଥାଶୀଘ୍ର ଏକ ଉନ୍ନତ ରପ୍ତାନି ନୀତି ଘୋଷଣା କରିବାକୁ ହେବ। ଭିଏତ୍‌ନାମ ବିଭିନ୍ନ ପ୍ରକାର ଛାଡ଼ ମାଧ୍ୟମରେ ଦକ୍ଷିଣ କୋରିଆର ସାମସଙ୍ଗ ଭଳି କମ୍ପାନୀର ମାନୁଫାକ୍‌ଚରିଂ ପ୍ଲାଣ୍ଟ ନିଜ ଦେଶରେ ବସାଇବାରେ ସକ୍ଷମ ହୋଇଛି।

### ଭିଏତ୍‌ନାମ ଯୋଗୁ ସ୍ଥାନୀୟ ଉତ୍ପାଦନ ପ୍ରଭାବିତ

ଭିଏତ୍‌ନାମରୁ ଶସ୍ତାରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଆମଦାନୀ ହେଉଥିବାରୁ ସ୍ଥାନୀୟ ଉତ୍ପାଦକଙ୍କୁ ଭାରି କ୍ଷତିର ସମ୍ମୁଖୀନ ହେବାକୁ ପଡୁଛି। ଆସିଆନ ଦେଶ ସହିତ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତି କାରଣରୁ ଭିଏତନାମରୁ ଶସ୍ତା ଦରରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଭାରତକୁ ଆସୁଛି। ୨୦୨୫ ସୁଦ୍ଧା ସ୍ମାର୍ଟଫୋନର ମୋଟ ବଜାର ୬୪୮ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ଏଥିରୁ ପ୍ରାୟ ୩୭୦ ବିଲିୟନ ଡଲାର ରପ୍ତାନି ହେବ। ଏହି ବଜାରରେ ଶୀର୍ଷ ୩ କମ୍ପାନୀ ହେଲେ ଆପଲ୍, ସାମସଙ୍ଗ ଓ ହୁଆଇ।

## ଚାଷୀଙ୍କ ଲାଗି ସ୍ୱେଚ୍ଛାକୃତ ହେବ ଫସଲ ବୀମା ଯୋଜନା

**ନୂଆଦିଲ୍ଲୀ,୧୫-୭**



କେନ୍ଦ୍ର ସରକାର ଖୁବଶୀଘ୍ର ପିଏମ୍ କିଷାନ ଫସଲ ବୀମା ଯୋଜନାରେ ଏକାଧିକ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏହି ଯୋଜନାରେ ସାମିଲ ହେବା ଏଣିକି ଚାଷୀଙ୍କ ଲାଗି ସ୍ୱେଚ୍ଛାକୃତ ହେବ। ଏହି ଯୋଜନାରୁ ଉଚ୍ଚ ପ୍ରିମିୟମଯୁକ୍ତ ଫସଲଗୁଡ଼ିକୁ ବାଦ୍ ଦିଆଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୋମବାର କହିଛନ୍ତି। ତାଙ୍କର କହିବାନୁଯାୟୀ, ଜଳସେଚନ ଅଞ୍ଚଳ ଅନୁଯାୟୀ ଫସଲର ପ୍ରିମିୟମ ନିର୍ଦ୍ଧାରିତ ହେବ। ଜଳସେଚନ କ୍ଷେତ୍ରର ୫୦ ପ୍ରତିଶତରୁ ଅଧିକ ସ୍ଥାନରେ ଫସଲ ହେଉଥିଲେ ୨୫% ଏବଂ ୫୦%ରୁ କମ୍ ହେଲେ ପ୍ରିମିୟମ ସିଲିଂ ୩୦% ହେବ। ବର୍ତ୍ତମାନର ପ୍ରିମିୟମ ଦର ହିସାବରେ ଖରିଫ ଫସଲ ଉପରେ ୨%, ରବି ଫସଲ ଉପରେ ୧.୫%, ଔଦ୍ୟୋଗିକ ଏବଂ ବାଣିଜ୍ୟ ଫସଲ ଉପରେ ୫% ପ୍ରିମିୟମ ରାଶି ଚାଷୀ ଦେଉଛନ୍ତି। ପ୍ରତ୍ୟେକ ପ୍ରିମିୟମ ଉପରେ ଚାଷୀଙ୍କୁ ଫସଲ ବୁଣା ପୂର୍ବରୁ ଏବଂ ପରବର୍ତ୍ତୀ ଅବଧି ଲାଗି ବ୍ୟାପକ ବୀମା ଉପଲବ୍ଧ କରାଯାଉଛି। ୨୦୧୬ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ସରକାରଙ୍କ ନିକଟକୁ ୨୦୧୭ ସେପ୍ଟେମ୍ବର ସୁଦ୍ଧା ୨ ହଜାର କୋଟି ଟଙ୍କାର ପ୍ରିମିୟମ ଆସିଛି। ଏହି ସମୟରେ ସରକାର ୮ ହଜାର କୋଟି ଟଙ୍କାର ବୀମା ଦାବି ପ୍ରଦାନ କରିଛନ୍ତି। ବର୍ତ୍ତମାନ ଫସଲ ବୀମାର ଲାଭ ଦେଶର ୩୦% ଫସଲ ଉତ୍ପାଦନ ହେଉଥିବା ଅଞ୍ଚଳରେ ମିଳୁଛି।

## ରାଜ୍ୟଗୁଡ଼ିକର ଜିଏସ୍‌ଟି ସଂଗ୍ରହ ୫.୧୮ ଲକ୍ଷ କୋଟିକୁ ବୃଦ୍ଧି

**ନୂଆଦିଲ୍ଲୀ,୧୫-୭**





୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ପରିମାଣ ୫.୧୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ଏହା ୨୦୧୭-୧୮ରେ ୯ ମାସରେ ୨.୯୧ ଲକ୍ଷ କୋଟି ଟଙ୍କା ରହିଥିଲା ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର କହିଛନ୍ତି। ଏହା ବାଦ କେନ୍ଦ୍ର ଜିଏସ୍‌ଟି କ୍ଷତିପୂରଣ ବାବଦକୁ ୨୦୧୮-୧୯ରେ ରାଜ୍ୟଗୁଡିକୁ ୮୧,୧୭୭ କୋଟି ଟଙ୍କା ପ୍ରଦାନ କରିଛି। ଏହା ୨୦୧୭-୧୮ ଆର୍ଥିକ ବର୍ଷର ଜୁଲାଇ-ମାର୍ଚ୍ଚ ସମୟ ମଧ୍ୟରେ ୪୮,୧୭୮ କୋଟି ଟଙ୍କା ରହିଥିଲା। ଟିକସ ଅନୁପାଳନକୁ ଉନ୍ନତ କରିବାକୁ ପ୍ରୟାସ ଜାରି ରହିଛି ବୋଲି ଲୋକସଭାକୁ ଏକ ଲିଖିତ ଉତ୍ତରରେ ନିର୍ମଳା ଏହା କହିଛନ୍ତି। ଜିଏସ୍‌ଟି ସଂଗ୍ରହରେ ରାଜ୍ୟଗୁଡିକ ଧୀରେ ଧୀରେ ଉନ୍ନତି କରୁଛନ୍ତି। କେନ୍ଦ୍ର ସରକାର କ୍ଷତିପୂରଣ ସହ ଟିକସ ସଂଗ୍ରହରେ ୧୪% ଅଭିବୃଦ୍ଧି ନେଇ ପ୍ରତିଶ୍ରୁତି ଦେଇଥିବା ସେ ପ୍ରକାଶ କରିଛନ୍ତି।

ବିଜ୍‌ନେସ ଧାରାରେ ବିସ୍ତୃତ ଅଟୋମେଶନ, ଇ-ୱେ ବିଲ୍ ବ୍ୟବସ୍ଥା, ଦୃଢ଼ ଅନୁପାଳନ ଯାଞ୍ଚ ବ୍ୟବସ୍ଥା, ପ୍ରସ୍ତାବିତ ଇଲେକଟ୍ରୋନିକ୍ସ ଇନ୍‌ଭଏସ ସିଷ୍ଟମ ଭଳି ବ୍ୟବସ୍ଥା ଟିକସ ସଂଗ୍ରହ ବୃଦ୍ଧି ପାଇଁ ଗ୍ରହଣ କରାଯାଇଥିବା ନିର୍ମଳା କହିଛନ୍ତି। ୨୦୧୭ ଜୁଲାଇ ପହିଲାରୁ ଜିଏସ୍‌ଟି ଲାଗୁ କରାଯାଇଥିବା ବେଳେ ଏହା ମଧ୍ୟରେ ରାଜ୍ୟ ସ୍ତରର ୧୭ ଟିକସ ବିଲୀନ ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ହାରାହାରି ମାସିକ ଜିଏସ୍‌ଟି ସଂଗ୍ରହ ୯୮,୧୧୪ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ଏହା ୨୦୧୭-୧୮ରେ ୮୯,୮୮୫ କୋଟି ଟଙ୍କା ରହିଥିଲା।

## ରେନୋ ଭୁବନେଶ୍ୱର ଶୋ'ରୁମ୍‌ରେ ନୂଆ 'ଡଷ୍ଟର' ମଡେଲର ବଜାର ପ୍ରବେଶ



**ଭୁବନେଶ୍ୱର,୧୫-୭(ବ୍ୟୁରୋ)**

ପ୍ରମୁଖ କମ୍ପାନୀ ରେନୋ ପକ୍ଷରୁ ନୂଆ 'ଡଷ୍ଟର' ମଡେଲର ସ୍ଥାନୀୟ ରେନୋ ଭୁବନେଶ୍ୱର ଶୋ'ରୁମରେ ବଜାର ପ୍ରବେଶ କରାଯାଇଛି। ଯାନଟିକୁ ଗର୍ଗସନ ଅଟୋମୋବାଇଲର ଏମ୍‌ଡି ସତୀଶ ଗର୍ଗ ଏବଂ ଡାଇରେକ୍ଟର ସିଦ୍ଧାର୍ଥ ଗର୍ଗ ଉନ୍ମୋଚନ କରିଥିଲେ। ରେନୋ ଡଷ୍ଟର ଏକ ଲୋକପ୍ରିୟ ଏସ୍‌ୟୁଭି ମଡେଲ ହୋଇଥିବା ବେଳେ ଏହା ସଦ୍ୟତମ ତଥା ପରିବର୍ତ୍ତିତ ରୂପରେ ବଜାରକୁ ଆସିଛି। ଯାନଟିରେ ୨୫ ଅତ୍ୟାଧୁନିକ ଫିଚର ଉପଲବ୍ଧ। ଏହାର ବାହ୍ୟ ଏବଂ ଅଭ୍ୟନ୍ତରରେ ବିଭିନ୍ନ ଅତ୍ୟାଧୁନିକ ଫିଚର ସଂଯୋଗ କରାଯାଇଛି। ସେହିଭଳି ନିରାପତ୍ତା, ଡିଜାଇନ, ଇନୋଭେସନ, ଗୁଣବତ୍ତା ଏବଂ ହାଇଟେକ୍ ଇନ୍‌ଫୋଟେନମେଣ୍ଟ ସୁବିଧା ଏଥିରେ ରହିଛି। ୩ ଇଞ୍ଜିନ ବିକଳ୍ପ ଏବଂ ୯ ଭାରିଆଣ୍ଟରେ ଏହା ଆସୁଛି। କାସ୍ପିଆନ ବ୍ଲୁ ସମେତ ୭ ବଡି କଲର ବିକଳ୍ପରେ ଏହା ଉପଲବ୍ଧ। ଯାନଟିର ବଜାର ଦର ୭.୯୯ ଲକ୍ଷ ଟଙ୍କାରୁ ଆରମ୍ଭ। କାର୍ଯ୍ୟକ୍ରମ ଅବସରରେ ସେଲ୍‌ସ ଏଜିଏମ୍ ଅମୂଲ୍ୟ ରଞ୍ଜନ ଦାସ, ସେଲ୍‌ସ ବିଭାଗର ସଂଗ୍ରାମ ମହାନ୍ତି, ସର୍ଭିସ ଜିଏମ୍ ଦିଲିପ ରଞ୍ଜନ ଷଡଙ୍ଗୀ ଏବଂ ଏଜିଏମ୍ ଶୁଭ୍ରାଂଶୁ ଶେଖର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ହିରୋ ଚ୍ୟାଲେଞ୍ଜର ବିଜେତା ହେଲେ ମାଟ୍ ଫିଟଜ୍‌ପ୍ୟାଟ୍ରିକ





**ନୂଆଦିଲ୍ଲୀ,୧୫-୭**

ଚଳିତ ସିଜନର ହିରୋ ଚ୍ୟାଲେଞ୍ଜର ବିଜେତା ଭାବେ ମାଟ୍ ଫିଟଜ୍‌ପ୍ୟାଟ୍ରିକଙ୍କ ନାମ ଘୋଷଣା କରାଯାଇଛି। ଚଳିତ ସିଜନର ପ୍ରତିଯୋଗିତା ଇଡେନବର୍ଗ ନିକଟସ୍ଥ ନର୍ଥ ବେରୱିକର ରିନାଇସାନ୍ସ କ୍ଲବରେ ଅନୁଷ୍ଠିତ ହୋଇଥିଲା। ସ୍କଟିସ ଓପନ ୨୦୧୯ ପୂର୍ବରୁ ଏହା ସମ୍ପନ୍ନ ହୋଇଛି। ବିଜେତା ମାଟ୍ ଫିଟଜ୍‌ପ୍ୟାଟ୍ରିକ ଆମେରିକାର ମାଟ କୁଚରଙ୍କୁ ପରାଜିତ କରିଛନ୍ତି। ଏହା ଦ୍ୱାରା ୨୪ ବର୍ଷୀୟ ପ୍ୟାଟ୍ରିକ ହିରୋ ଚ୍ୟାଲେଞ୍ଜ ଜିତିବାରେ ପ୍ରଥମ ଖେଳାଳି ହୋଇ ପାରିଛନ୍ତି। ହିରୋମୋଟୋକର୍ପ ଅଧ୍ୟକ୍ଷ ପୱନ ମୁଞ୍ଜାଲ ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ବ୍ୟବସାୟ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ହାସଲ ଲକ୍ଷ୍ୟ: ଆଇଟିସି ଅଧ୍ୟକ୍ଷ

**ନୂଆଦିଲ୍ଲୀ,୧୫-୭**

ଆଇଟିସି ଲିମିଟେଡ ଏହାର ପ୍ରତିଟି ବ୍ୟବସାୟ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀକୁ ଆଗାମୀ ଦିନରେ ଏକ ଶ୍ରେଷ୍ଠ ଉଦ୍ୟୋଗ ଭାବେ ଗଢି ତୋଳିବା ଲାଗି ଉଦ୍ୟମ ଜାରି ରହିଥିବା ଆଇଟିସି ଅଧ୍ୟକ୍ଷ ସଞ୍ଜୀବ ପୁରୀ କହିଛନ୍ତି। ଏଥି ଲାଗି ୯ ସୂତ୍ରୀ ପଦକ୍ଷେପ ଉପରେ କାର୍ଯ୍ୟକ୍ରମ ଜାରି ରହିଛି। ଅଂଶୀଦାରଙ୍କ ଲାଗି ଭାଲ୍ୟୁ ସଂଯୋଗ, ନିଯୁକ୍ତି ସୃଷ୍ଟି ଏବଂ ପରିବେଶ ସୁରକ୍ଷା ଦିଗରେ କମ୍ପାନୀ ସଚେତନ ରହିଥିବା ୧୦୮ତମ ବାର୍ଷିକ ସାଧାରଣ ବୈଠକରେ ପୁରୀ ଏହା କହିଛନ୍ତି। ସମସ୍ତଙ୍କୁ ନେଇ ଅଗ୍ରସର ହେବା, ସମସ୍ତଙ୍କ ସହ ଅଭିବୃଦ୍ଧି, ସର୍ବୋତ୍ତମ ଉତ୍ପାଦ ଏବଂ ସେବା ଯୋଗାଣ, କୃଷି ବାଣିଜ୍ୟରେ ମୂଲ୍ୟ ଯୁକ୍ତ ଉତ୍ପାଦ, ଏଣ୍ଟର ପ୍ରାଇଜକୁ ଦୃଢ଼ କରିବା, ବିଶ୍ୱ ସ୍ତରୀୟ ବ୍ରାଣ୍ଡ ପ୍ରତିଷ୍ଠା, କୃଷକଙ୍କ ଆୟ ବୃଦ୍ଧି, ଉଦ୍ଭାବନ, ଡିଜିଟାଲ କୌଶଳ, ମେକ୍ ଇନ ଇଣ୍ଡିଆକୁ ପ୍ରୋତ୍ସାହନ, ନିରନ୍ତର ଗୋଷ୍ଠୀ ବିକାଶ ଏବଂ ନୂଆ ପ୍ରତିଭାଙ୍କୁ ଆଗକୁ ବଢ଼ିବା ଲାଗି ସୁଯୋଗ ଦେବା ଉପରେ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ପୁରୀ କହିଛନ୍ତି।

## ୫୬ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ସ୍ଥିତି ଅତ୍ୟଧିକ ଖରାପ

**ନୂଆଦିଲ୍ଲୀ,୧୫-୭**



ଆର୍ଥିକ କ୍ଷତି ଦୃଷ୍ଟିରୁ ଦେଶରେ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ସଂଖ୍ୟା ଗତ ୩ ବର୍ଷରେ ବଢ଼ିଚାଲିଛି। ୨୦୧୫-୧୬ରେ ଏହି ସଂଖ୍ୟା ୪୮ ଥିବା ବେଳେ ୨୦୧୭-୧୮ରେ ଏହା ବୃଦ୍ଧି ପାଇ ୫୬ରେ ପହଞ୍ଚିଲାଣି। ଏମାନଙ୍କ ମଧ୍ୟରେ ଏୟାର ଇଣ୍ଡିଆ ସର୍ବାଗ୍ରେ ରହିଛି। ସବୁଠୁ ଖରାପ ସ୍ଥିତିରେ ଥିବା ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ହେଲେ ଏୟାର ଇଣ୍ଡିଆ ଏକ୍ସପ୍ରେସ, ଏୟାର ଇଣ୍ଡିଆ ଇଞ୍ଜିନିୟରିଂ ସର୍ଭିସେସ୍ ଲିମିଟେଡ୍, ଭାରତ କୁକିଂ କୋଲ୍ ଲିମିଟେଡ୍, ଭେଲ୍ ଇଲେକ୍ଟ୍ରୋନିକ୍ସ ମେଶିନ ଲିମିଟେଡ୍ ଏବଂ ଏମ୍‌ଟିଏନ୍‌ଏଲ୍। ସମସ୍ତ ୫୬ କମ୍ପାନୀଙ୍କ ନେଟ୍‌ୱର୍ଥ ୨୦୧୭-୧୮ରେ ମାଇନସ୍ ୮୮,୫୫୬ କୋଟି ଟଙ୍କା ରହିଥିବା ବେଳେ ସେମାନଙ୍କ ମୋଟ୍ କ୍ଷତିର ପରିମାଣ ୧,୩୨,୩୬୦ କୋଟି ଟଙ୍କାରେ ପହଞ୍ଚିଲାଣି। ଏୟାର ଇଣ୍ଡିଆର ନେଟ୍‌ୱର୍ଥ ମାଇନସ ୨୪,୮୯୩ କୋଟି ଟଙ୍କା ଥିବା ବେଳେ ଏହାର କ୍ଷତିର ପରିମାଣ ୫୩,୯୧୪ କୋଟି ଟଙ୍କା ହୋଇଥିବାରୁ ଏହା କ୍ଷତି ଦୃଷ୍ଟିରୁ ସମସ୍ତ କମ୍ପାନୀଙ୍କ ଆଗରେ ରହିଛି ବୋଲି ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ଭାରି ଉଦ୍ୟୋଗ ଏବଂ ରାଷ୍ଟ୍ରାୟତ୍ତ ସଂସ୍ଥା ମନ୍ତ୍ରୀ ଅରବିନ୍ଦ ଗନପତ ସାୱନ୍ତ କହିଛନ୍ତି। କ୍ଷତିରେ ଚାଲୁଥିବା ଏହି କମ୍ପାନୀଙ୍କୁ ପୁନର୍ବାର ମୂଳ ସ୍ଥାନକୁ ଫେରାଇ ଆଣିବା ଲାଗି ପୁନର୍ଗଠନ ଯୋଜନା ହାତକୁ ନିଆଯିବ। ଏଭଳି କମ୍ପାନୀ ଯେପରି ଲାଭର ମୁହଁ ଦେଖିପାରିବେ ସେନେଇ ସରକାର ପଦକ୍ଷେପ ନେବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି। ଇତିମଧ୍ୟରେ ୬ କମ୍ପାନୀର ପୁନରୁଜ୍ଜୀବନ ପାଇଁ ଆଗତ ଯୋଜନାକୁ ସରକାର ମଞ୍ଜୁରୀ ପ୍ରଦାନ କରିସାରିଛନ୍ତି ବୋଲି ସେ କହିଛନ୍ତି। ସେଗୁଡ଼ିକ ହେଲା ବ୍ରହ୍ମପୁତ୍ର ଭ୍ୟାଲି ଫର୍ଟିଲାଇଜର ନିଗମ ଲିମିଟେଡ୍, ହିନ୍ଦୁସ୍ତାନ ଷ୍ଟିଲ୍‌ୱର୍କସ କନଷ୍ଟ୍ରକଶନ ଲିମିଟେଡ୍, ରିଚାର୍ଡସନ ଆଣ୍ଡ କ୍ରୁଡଡାସ ଲିମିଟେଡ୍, ନେପା ଲିମିଟେଡ, ହୁଗଲୀ ପ୍ରିଣ୍ଟିଂ ଲିମିଟେଡ ଓ କୋଙ୍କଣ ରେଲୱେ ନିଗମ ଲିମିଟେଡ୍।

## ଇଣ୍ଡିଗୋ ବିବାଦରେ ନୂଆ ମୋଡ଼

# ପ୍ରମୋଟର ଗଙ୍ଗୱାଲଙ୍କୁ ଜେରା କରିବ ବୋର୍ଡ

**ନୂଆଦିଲ୍ଲୀ,୧୫-୭**



ଇଣ୍ଡିଗୋ ଏୟାରଲାଇନ୍ ପ୍ରମୋଟରଙ୍କ ବିବାଦ ଏବେ ନୂଆ ମୋଡ ନେଇଛି। ଅସନ୍ତୁଷ୍ଟ ଜଣେ ପ୍ରମୋଟରଙ୍କ ପତ୍ରରୁ ସୃଷ୍ଟି ହୋଇଥିବା ଏହି ବିବାଦ ଏବେ ଗମ୍ଭୀର ରୂପ ଧାରଣ କଲାଣି। କମ୍ପାନୀର ଦୁଇ ପ୍ରମୋଟର ରାକେଶ ଗଙ୍ଗୱାଲ ଓ ରାହୁଲ ଭାଟିଆଙ୍କ ମଧ୍ୟରେ ଏବେ ଅଭିଯୋଗ ପ୍ରତ୍ୟାଭିଯୋଗ ଜୋର୍‌ଦାର ହୋଇଛି। କମ୍ପାନୀ ମ୍ୟାନେଜମେଣ୍ଟରେ ପରିବର୍ତ୍ତନ ପାଇଁ ଗଙ୍ଗୱାଲ ଜୋର୍ ଦେଉଥିଲା ବେଳେ ରାହୁଲ ଏହାକୁ ନିଜ ନିୟନ୍ତ୍ରଣରେ ଏହା ରଖିବାକୁ ଚାହୁଁଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏବେ ଇଣ୍ଡିଗୋ ବୋର୍ଡ ଅଫ୍ ଡାଇରେକ୍ଟର୍ସ ଗଙ୍ଗୱାଲଙ୍କୁ ଡାକି ଜେରା କରିବାକୁ ଯାଉଛି। କମ୍ପାନୀ ବାଲାନ୍ସ ସିଟ୍ କୌଣସି ସରକାରୀ ଏଜେନ୍ସି ଦ୍ୱାରା ଯାଞ୍ଚ କରାଇବାକୁ ଭାଟିଆ ରାଜି। କାରଣ ତାଙ୍କ ମତରେ କମ୍ପାନୀର କାର୍ଯ୍ୟ ପ୍ରଣାଳୀରେ କୌଣସି ତ୍ରୁଟିବିଚ୍ୟୁତି ହୋଇନାହିଁ। ମିଡିଆ ରିପୋର୍ଟ ଅନୁଯାୟୀ ଇଞ୍ଜିନ ନିର୍ମାତା ପ୍ରାଟ୍ ଆଣ୍ଡ ହ୍ୱିଟ୍‌ନୀ ବଦଳରେ ସିଏଫ୍‌ଏମ୍ ଠାରୁ ନୂଆ ବିମାନ ଇଞ୍ଜିନ କିଣିବା ପାଇଁ ଗଙ୍ଗୱାଲ କାହିଁକି ନିର୍ଦ୍ଦେଶ ଦେଲେ ବୋଲି ବୋର୍ଡ ଜାଣିବାକୁ ଚାହୁଁଛି। ସେ ଏହି ନିର୍ଦ୍ଦେଶ ଦେବା ପୂର୍ବରୁ ବୋର୍ଡ ଠାରୁ ଅନୁମତି ନେଇ ନ ଥିଲେ। ଏଥିପୂର୍ବରୁ ଇଣ୍ଡିଗୋର ସମସ୍ତ ଇଞ୍ଜିନ ପ୍ରାଟ୍ ଆଣ୍ଡ ହ୍ୱିଟନୀରୁ କିଣାଯାଉଥିଲା। ତେବେ ଗଙ୍ଗୱାଲଙ୍କ ନିର୍ଦ୍ଦେଶରେ ୨୦ ବିଲିୟନ ଡଲାର ମୂଲ୍ୟର ଇଞ୍ଜିନ ଏବେ ସିଏଫ୍‌ଏମ୍‌ରୁ କିଣାଯିବ। ଜଣେ ଏକ୍ଜିକ୍ୟୁଟିଭ ମିଡିଆକୁ କହିଛନ୍ତି ଯେ, ସମ୍ବନ୍ଧିତ ପକ୍ଷ ହସ୍ତାନ୍ତରଣ(ଆର୍‌ପିଟି) ଏବଂ କର୍ପୋରେଟ ନିୟନ୍ତ୍ରଣ ସହ ଜଡ଼ିତ ପ୍ରସଙ୍ଗକୁ ଉଠାଯାଇ ଗଙ୍ଗୱାଲଙ୍କଠାରୁ ଉତ୍ତର ଲୋଡାଯିବ। ବୋର୍ଡ ପକ୍ଷରୁ ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ଶୀର୍ଷ ଅଧିକାରୀମାନଙ୍କ ନିକଟକୁ ପଠାଯାଇସାରିଛି। ଇଣ୍ଡିଗୋରେ ଗଙ୍ଗୱାଲ ଓ ତାଙ୍କ ପରିବାରର ୩୭% ଏବଂ ଭାଟିଆ ଓ ତାଙ୍କ ପରିବାରର ୩୮% ଅଂଶଧନ ରହିଛି। ପ୍ରାୟ ୨୫% ଶେୟାର ଷ୍ଟକ୍ ବଜାର ମାଧ୍ୟମରେ ଅନ୍ୟମାନଙ୍କ ହାତରେ ରହିଛି। ଉଲ୍ଲେଖଥାଉ କି, ଭାଟିଆଙ୍କ ନିକଟରେ ଅଖଣ୍ଡ କ୍ଷମତା ରହିଛି। ସେ ୬ ମଧ୍ୟରୁ ୩ ନିର୍ଦ୍ଦେଶକଙ୍କୁ ନିଯୁକ୍ତ କରିପାରିବେ। ଏହାବ୍ୟତୀତ ସେ ଏମ୍‌ଡି, ସିଇଓ ଓ ପ୍ରେସିଡେଣ୍ଟଙ୍କୁ ମଧ୍ୟ ନିଯୁକ୍ତ କରିପାରିବେ। ଏହି ଅଧିକାରର ଉପଯୋଗ ଠିକ୍ ଭାବେ ହେଉନାହିଁ ବୋଲି ଗଙ୍ଗୱାଲ ଅଭିଯୋଗ କରିଛନ୍ତି।

# ସ୍ୱର୍ଣ୍ଣ ଜିତିଲେ ଇଲାଭେନିଲ୍

**ନୂଆଦିଲ୍ଲୀ, ୧୫।୭ (ପି.ଟି.):** ଜର୍ମାନୀର ସୁଲ୍‌ଠାରେ ଚାଲିଥିବା ଜୁନିୟର ବିଶ୍ୱକପ୍‌ର ମହିଳା ୧୦ ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ଭାରତର ଇଲାଭେନିଲ ଭାଲାରିଭାନ୍ ନିଜ ଦେଶର ମେହୁଲି ଘୋଷଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଇଲାଭେନିଲ ମୋଟ ୨୫୧.୬ ସ୍କୋର କରି ଥିବାବେଳେ ମେହୁଲ ୨୫୦.୨ ସ୍କୋର ସହ ରୌପ୍ୟ ଜିତିଛନ୍ତି। ଫ୍ରାନ୍ସର ମାରିଏନ୍ ମୁଲର ଏହି ଇଭେଣ୍ଟରେ ବ୍ରୋଞ୍ଜ ପାଇଛନ୍ତି। ଭାରତ ମହିଳା ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ଜୁନିୟର ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଟୁର୍ନାମେଣ୍ଟରେ ଭାରତ ଏପର୍ଯ୍ୟନ୍ତ ୬ ସ୍ୱର୍ଣ୍ଣ, ସମାନ ସଂଖ୍ୟକ ରୌପ୍ୟ ଏବଂ ଦୁଇ ବ୍ରୋଞ୍ଜ ସହ ମୋଟ ୧୪ ପଦକ ସହ ଟେବୁଲର ଶୀର୍ଷରେ ରହିଛି।

# ବିଶ୍ୱକପ୍‌ରୁ ଭାରତ ପାଇଲା ୭ କୋଟି ୩୯ ଲକ୍ଷ ଟଙ୍କା

**ନୂଆଦିଲ୍ଲୀ, ୧୫।୭:** ପ୍ରଥମଥର ଲାଗି ବିଶ୍ୱକପ୍ ଜିତିଥିବା ଇଂଲଣ୍ଡ ଚାମ୍ପିୟନ ପୁରସ୍କାର ରାଶି ବାବଦକୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ନିକଟରୁ ୪ ନିୟୁତ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୨୭ କୋଟି ୪୦ ଲକ୍ଷ ଟଙ୍କା)ପାଇଥିବାବେଳେ ରନର୍ସଅପ୍ ନ୍ୟୁଜିଲାଣ୍ଡ (୨ ନିୟୁତ ଡଲାର ବା ପ୍ରାୟ ୧୩ କୋଟି ୭୦ ଲକ୍ଷ ଟଙ୍କା)କୁ ଏହାର ଅଧା ଅର୍ଥରାଶି ମିଳିଥିଲା। ତେବେ ସେମିଫାଇନାଲରୁ ପରାସ୍ତ ହୋଇ ବିଦାୟ ନେଇଥିଲେ ମଧ ବିରାଟ ବାହିନୀ ବିଶ୍ୱକପ୍‌ରୁ କେତେ ଅର୍ଥରାଶି ଆଇସିସି ନିକଟରୁ ପାଇଛି, ତାହା ଜାଣିବା ପାଇଁ କ୍ରିକେଟ୍ ପ୍ରଶଂସକଙ୍କ ମନରେ ଆଗ୍ରହ ପ୍ରକାଶ ପାଇଛି। ଆଇସିସି ପୁରସ୍କାର ରାଶି ତାଲିକା ଉପରେ ନଜର ପକାଇଥିଲେ ଗ୍ରୁପ୍ ପର୍ଯ୍ୟାୟର ପ୍ରତି ମ୍ୟାଚ୍‌ର ବିଜୟୀ ଦଳକୁ ୪୦ ହଜାର ଡଲାର (ପ୍ରାୟ ୨୭ ଲକ୍ଷ ୪୦ ହଜାର ଟଙ୍କା) ପ୍ରଦାନ କରାଯାଇଥାଏ। ସେହି ଦୃଷ୍ଟିରୁ ଭାରତ ଗ୍ରୁପ୍ ପର୍ଯ୍ୟାୟର ପ୍ରଦର୍ଶନକୁ ଦେଖିଲେ ୭ ମ୍ୟାଚ୍ ଜିତି ପାଖାପାଖି ଏକ କୋଟି ୯୧ ଲକ୍ଷ ଟଙ୍କା ଲାଭ କରିଛି। ଏହାପରେ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ନିକଟରୁ ଭାରତ ପରାସ୍ତ ହୋଇଥିଲେ ମଧ ୮ ନିୟୁତ ଡଲାର ପାଇଥିଲା। ସେମିଫାଇନାଲରେ ପ୍ରବେଶ କରିଥିବା ପ୍ରତି ଦଳକୁ ଆଇସିସି ଏହି ପୁରସ୍କାର ରାଶି ପ୍ରଦାନ କରିଥାଏ। ସେହିଦୃଷ୍ଟିରୁ ବିରାଟ କୋହଲିଙ୍କ ଦଳକୁ ଭାରତୀୟ ମୁଦ୍ରାରେ ପାଖାପାଖି ୫ କୋଟି ୪୮ ଲକ୍ଷ ଟଙ୍କା ମିଳିଥିଲା। ଫଳରେ ଗ୍ରୁପ୍ ପର୍ଯ୍ୟାୟ ଓ ସେମିଫାଇନାଲ ଅର୍ଥରାଶିକୁ ମିଶାଇଲେ ଭାରତୀୟ ଦଳ ମୋଟ୍ ଉପରେ ପାଖାପାଖି ୭ କୋଟି ୩୯ ଲକ୍ଷ ଟଙ୍କା ପାଇଛି। ଏଥିପୂର୍ବରୁ ମେନ୍ ଇନ୍ ବ୍ଲୁ ୨୦୧୧ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇ ମୋଟ୍ ଉପରେ ୧୭ କୋଟି ୨୨ ଲକ୍ଷ ୫୦ ହଜାର ଟଙ୍କା ପାଇଥିଲା। **(ବି.ଦ୍ର: ୨୦୧୯ ଜୁଲାଇ ୧୫ରେ ୧ ଡଲାର= ୬୮ ଟଙ୍କା ୫୨ ପଇସା। ସେହିଦୃଷ୍ଟିରୁ ୨୦୧୯ ଆଇସିସି ପୁରସ୍କାର ରାଶିକୁ ହିସାବ କରାଯାଇଛି।)**



> ବିଶ୍ୱକପ ପରି ଏକ ବଡ଼ ଇଭେଣ୍ଟରୁ ଫଳାଫଳ ପାଇଁ ସୁପର ଓଭରର ସହାୟତା ନିଆଯିବା ଠିକ୍ ନୁହେଁ, ଉଭୟ ମୋର୍ଗାନ ଓ ୱିଲିୟମସନ ବିଶ୍ୱକପ ଟ୍ରଫି ଧରିବାକୁ ହକ୍‌ଦାର ଥିଲେ।
> —ମାଇକ୍ ହେସନ, ପୂର୍ବତନ ନ୍ୟୁଜିଲାଣ୍ଡ କୋଚ୍



> ପାକିସ୍ତାନରେ ଭଲ ଆତିଥ୍ୟ ମିଳିଥାଏ, ତେଣୁ ସେଠାରେ ଡେଭିସ୍ କପ୍ ଖେଳିବା ନେଇ ମୋର ଆପତ୍ତି ନାହିଁ ଏବଂ ନିରାପତ୍ତାକୁ ନେଇ ଭୟ ମଧ ନାହିଁ।
> —ରୋହନ ବୋପାନ୍ନା, ଭାରତୀୟ ଟେନିସ ତାରକା



ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ସୋମବାର ଅନୁଷ୍ଠିତ ୧୦ମ ଷ୍ଟେଜ ଅବସରରେ ପ୍ରତିଯୋଗୀମାନେ।

# ଟୁର୍ ଡି ଫ୍ରାନ୍ସ: ୯ମ ଷ୍ଟେଜ୍ ସୁଦ୍ଧା ଜୁଲିଆନ ଆଗରେ

**ପ୍ୟାରିସ, ୧୫।୭:** ବିଶ୍ୱରେ ଅନୁଷ୍ଠିତ ହେଉଥିବା ତିନୋଟି ଗ୍ରାଣ୍ଡ ସାଇକ୍ଲିଂ ଟୁର୍‌ର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ଟୁର୍ ଡି ଫ୍ରାନ୍ସର ୧୦୬ତମ ସଂସ୍କରଣ ଇତିମଧ୍ୟରେ ୯ମ ଷ୍ଟେଜ୍ ଅତିକ୍ରମ କରିଛି। ଜୁଲାଇ ୬ରେ ଏହା ବେଲ୍‌ଜିୟମର ବ୍ରୁସେଲ୍ସରୁ ଆରମ୍ଭ ହୋଇଥିଲା। ୨୧ ଷ୍ଟେଜ୍‌ବିଶିଷ୍ଟ ଏହି ପ୍ରତିଯୋଗିତାରେ ୯ମ ଷ୍ଟେଜ୍ ଶେଷସୁଦ୍ଧା ଫ୍ରାନ୍ସର ଜୁଲିଆନ ଆଲାଫିପେ ଅଗ୍ରଣୀ ରହି ହଳଦିଆ ଜର୍ସିର ଅଧିକାରୀ ହୋଇଛନ୍ତି। ୩,୪୮୦ କିଲୋମିଟର ବିଶିଷ୍ଟ ଏହି ରେସ୍ ଚଳିତମାସ ୨୮ ତାରିଖରେ ଶେଷ ହେବ। ଏଥିରେ ୨୨ଟି ଟିମ୍‌ର ୧୭୬ ରାଇଡର ଅଂଶଗ୍ରହଣ କରିଛନ୍ତି।

# ଆଇସିସି ଏକାଦଶରେ ରୋହିତ, ବୁମ୍‌ରା

**ଲଣ୍ଡନ, ୧୫।୭(ପି.ଟି.)**

କ୍ରିକେଟ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଇଂଲଣ୍ଡ–ନ୍ୟୁଜିଲାଣ୍ଡ ଫାଇନାଲ ଟାଇ ରହିବାପରେ ଫଳାଫଳ ନିର୍ଣ୍ଣୟ ପାଇଁ ସୁପର ଓଭରର ସହାୟତା ନିଆ ଯାଇଥିଲା। ଏହା ମଧ ଟାଇ ରହିବାରୁ ଅଧିକ ବାଉଣ୍ଡରୀ ମାରିଥିବା ଇଂଲଣ୍ଡ ଚାମ୍ପିୟନ ହୋଇ ଇତିହାସ ରଚିଛି। ଦୀର୍ଘ ୪୪ ବର୍ଷର ବିଶ୍ୱକପ୍ ଇତିହାସରେ ଇଂଲଣ୍ଡ ପ୍ରଥମଥର ପାଇଁ ଟାଇଟଲ ଜିତିବାର ସ୍ୱାଦ ଚାଖିଛି। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ(ଆଇସିସି) ବିଶ୍ୱକପ୍ ଏକାଦଶରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ



ରୋହିତ ଶର୍ମା



ଯଶପ୍ରୀତ୍ ବୁମ୍‌ରା

ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନଙ୍କୁ ଏହି ଏକାଦଶର ଅଧିନାୟକ କରାଯାଇଥିବାବେଳେ ଇଂଲଣ୍ଡ ଖେଳାଳିଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି। ସେମିଫାଇନାଲରୁ ବିଦାୟ ନେଇଥିବା ଭାରତୀୟ ଦଳରୁ କେବଳ ରୋହିତ ଶର୍ମା ଓ ଯଶ୍‌ପ୍ରୀତ ବୁମ୍‌ରା ଏହି ଏକାଦଶରେ ସ୍ଥାନ ପାଇବାକୁ ସକ୍ଷମ ହୋଇଛନ୍ତି।

ଆଇସିସି ପକ୍ଷରୁ ଗଠିତ ଚୟନ ପ୍ୟାନେଲ ଇଂଲଣ୍ଡର ୪ ଏବଂ ନ୍ୟୁଜିଲାଣ୍ଡର ୨ ଜଣ ଖେଳାଳିଙ୍କୁ ଏହି ଏକାଦଶରେ ନେଇଛନ୍ତି। ସେମିଫାଇନାଲରେ ପରାଜିତ ଦୁଇ ଦଳ ଭାରତ ଓ ଅଷ୍ଟ୍ରେଲିଆରୁ ୨ ଜଣ ଲେଖାଏ ଖେଳାଳି ଏବଂ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ବାଂଲାଦେଶର ଶାକିବ ଅଲ ହାସନ ସ୍ଥାନ ପାଇଛନ୍ତି। ଆହତ ସମସ୍ୟାରୁ ମୁକୁଳି ଇଂଲଣ୍ଡକୁ ଟାଇଟଲ ବିଜୟରେ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜାସନ ରୟ ଟପ୍ ଅର୍ଡରରେ ସ୍ଥାନ ଦଖଲ କରିବାରେ ସକ୍ଷମ ହୋଇଛନ୍ତି। ରେକର୍ଡ ୫ ଶତକ ସହ ଟୁର୍ନାମେଣ୍ଟର ଟପ୍ ସ୍କୋରର ହୋଇଥିବାରୁ ରୋହିତଙ୍କୁ ଜାସନଙ୍କ ଓପ୍‌ନିଂ ପାର୍ଟନର କରାଯାଇଛି। ଜଣେ ଅଧିନାୟକ ଭାବେ କୌଣସି ବିଶ୍ୱକପ୍‌ରେ ସର୍ବାଧିକ ରନ୍ କରିଥିବା ୱିଲିୟମସନଙ୍କୁ ୩ୟ ସ୍ଥାନ ପାଇଁ ଚୟନ କରାଯାଇଛି। ଇଂଲଣ୍ଡର ଟପ୍ ସ୍କୋରର ଜୋ ରୁଟ୍‌ଙ୍କୁ ୪ର୍ଥ ସ୍ଥାନ ଦିଆଯାଇଛି। ବିଶ୍ୱକପ୍‌ରେ ଶାକିବ ୩ ନମ୍ବରରେ ଆସି ବାଂଲାଦେଶକୁ ଫାଇଦା ଦେଇଥିଲେ ହେଁ କ୍ୟାରିୟରରେ ସେ ସାଧାରଣତଃ ୫ ନମ୍ବରରେ ହିଁ ଖେଳିଥାନ୍ତି। ତେଣୁ ତାଙ୍କୁ ସେହି ସ୍ଥାନରେ ରଖାଯାଇଛି। ବିଶ୍ୱକପ୍ ଫାଇନାଲର ହିରୋ ବେନ୍ ଷ୍ଟୋକ୍ସ ସ୍ୱାଭାବିକ ଭାବେ ୬ଷ୍ଠ ସ୍ଥାନର ହକ୍‌ଦାର ହୋଇଛନ୍ତି। ଷ୍ଟମ୍ପ ପଛରେ ଅଷ୍ଟ୍ରେଲିଆର ଆଲେକ୍ସ କାରେ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ସେ ୨୦ଟି ଡିସ୍‌ମିଶାଲ କରିଥିଲେ। କେବଳ ନ୍ୟୁଜିଲାଣ୍ଡର ଟମ୍ ଲଥାମ ତାଙ୍କଠାରୁ ଅଧିକ ଡିସ୍‌ମିଶାଲ କରିଥିଲେ। ତେବେ କାରେ ୬୦.୦୦ ଆଭରେଜ୍‌ରେ ୩୭୫ ରନ୍ କରିଥିବାରୁ ଲଥାମଙ୍କୁ ପଛରେ ପକାଇ ଦେଇଛନ୍ତି।

ବୋଲିଂ ଲାଇନ୍‌ଅପ୍‌ରେ ସବୁଠାରୁ ଆଗରେ ରହିଛନ୍ତି ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ। ଫାଇନାଲରେ ସୁପର ଓଭରର ହିରୋ ଜୋଫ୍ରା ଆର୍ଚରଙ୍କୁ ମଧ ଏଥିରେ ସ୍ଥାନ ଦିଆଯାଇଛି। ନ୍ୟୁଜିଲାଣ୍ଡର ଲୋକି ଫର୍ଗୁସନ ସର୍ବାଧିକ ଉଇକେଟ ହାସଲକାରୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ଥିବାରୁ ସ୍ୱାଭାବିକ ଭାବେ ସ୍ଥାନ ପାଇଛନ୍ତି। ଶେଷରେ ରହିଛନ୍ତି ଭାରତର ଯଶ୍‌ପ୍ରୀତ ବୁମ୍‌ରା। ଆଇସିସି ଚୟନ କମିଟି ପ୍ୟାନେଲରେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଭାଷ୍ୟକାର ଇଆନ ବିଶପ, ଇଆନ ସ୍ମିଥ୍, ଇସା ଗୁହା, କ୍ରିକେଟ ଲେଖକ ଲରେନ୍ସ ବୁଥ୍ ରହିଥିଲେ।

## ଆଇସିସି ଏକାଦଶ

- ଜାସନ ରୟ (ଇଂଲଣ୍ଡ): ୬୩.୨୮ ଆଭରେଜ୍‌ରେ ୪୪୩ ରନ୍
- ରୋହିତ ଶର୍ମା (ଭାରତ): ୮୧.୦୦ ଆଭରେଜ୍‌ରେ ୬୪୮ ରନ୍
- କେନ୍ ୱିଲିୟମସନ (ଅଧିନାୟକ, ନ୍ୟୁଜିଲାଣ୍ଡ): ୮୨.୫୭ ଆଭରେଜ୍‌ରେ ୫୭୮ ରନ୍
- ଜୋ ରୁଟ୍ (ଇଂଲଣ୍ଡ): ୬୧.୭୭ ଆଭରେଜ୍‌ରେ ୫୫୬ ରନ୍
- ଶାକିବ ଅଲ୍ ହାସନ (ବାଂଲାଦେଶ): ୮୬.୫୭ ଆଭରେଜ୍‌ରେ ୬୦୬ ରନ୍, ୩୬.୨୭ ଆଭରେଜ୍‌ରେ ୧୧ ଉଇକେଟ
- ବେନ୍ ଷ୍ଟୋକ୍ସ (ଇଂଲଣ୍ଡ): ୬୬.୪୨ ଆଭରେଜ୍‌ରେ ୪୬୫ ରନ୍, ୩୫.୧୪ ଆଭରେଜ୍‌ରେ ୭ ଉଇକେଟ
- ଆଲେକ୍ସ କାରେ (ଉଇକେଟ କିପର, ଅଷ୍ଟ୍ରେଲିଆ) : ୬୨.୫୦ ଆଭରେଜ୍‌ରେ ୩୭୫ ରନ୍, ୨୦ ଡିସ୍‌ମିଶାଲ୍ସ
- ମିଚେଲ ଷ୍ଟାର୍କ (ଅଷ୍ଟ୍ରେଲିଆ): ୧୮.୫୯ ଆଭରେଜ୍‌ରେ ୨୭ ଉଇକେଟ
- ଜୋଫ୍ରା ଆର୍ଚର (ଇଂଲଣ୍ଡ): ୨୩.୦୫ ଆଭରେଜ୍‌ରେ ୨୦ ଉଇକେଟ
- ଲୋକି ଫର୍ଗୁସନ (ନ୍ୟୁଜିଲାଣ୍ଡ): ୧୯.୪୭ ଆଭରେଜ୍‌ରେ ୨୧ ଉଇକେଟ
- ଯଶ୍‌ପ୍ରୀତ ବୁମ୍‌ରା (ଭାରତ): ୨୦.୬୧ ଆଭରେଜ୍‌ରେ ୧୮ ଉଇକେଟ
- ଟ୍ରେଣ୍ଟ ବୋଲ୍ଟ (ନ୍ୟୁଜିଲାଣ୍ଡ, ଦ୍ୱାଦଶ ଖେଳାଳି): ୨୮.୧୭ ଆଭରେଜ୍‌ରେ ୧୭ ଉଇକେଟ




# ଇଂଲଣ୍ଡରେ ବିଶ୍ୱକପ୍ ବିଜୟ ଉତ୍ସବ



ସୋମବାର ଓଭାଲଠାରେ ଆଇସିସି ବିଶ୍ୱକପ ଟ୍ରଫି ସହ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ଓ ସାଥୀ ଖେଳାଳିମାନେ ଖୁସି ମନାଉଛନ୍ତି।

**ଲଣ୍ଡନ, ୧୫।୭ (ଏଏଫ୍‌ପି)**

ଇଂଲଣ୍ଡ ରବିବାର ପ୍ରଥମ ଥର ଆଇସିସି ବିଶ୍ୱକପ୍ ହାସଲ କରିଛି। ଏଥିପାଇଁ ଦେଶକୁ ଦୀର୍ଘ ୪୪ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ଏହି ଅପୂର୍ବ ସଫଳତା ପାଇଁ ସୋମବାର ପାଳିତ ହୋଇଥିଲା ବିଜୟ ଉତ୍ସବ। ଓଭାଲଠାରେ ଇଅନ ମୋର୍ଗାନଙ୍କ ଦଳ ସହିତ ବିଜୟ ଉତ୍ସବରେ ସାମିଲ ହୋଇଥିଲେ ସମେତ ବହୁ ସଂଖ୍ୟାରେ ସ୍କୁଲ ପିଲା ଓ ଯୁବ ଖେଳପ୍ରେମୀ। ସାଉଥ ଲଣ୍ଡନସ୍ଥିତ ଏହି ଗ୍ରାଉଣ୍ଡରେ ଗତ ମେ ୩୦ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଜୟ ସହ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଥିଲା ଇଂଲଣ୍ଡ। କେତେକେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଦ୍ୱାରା ପରିଚାଳିତ ଅଲ୍ ଷ୍ଟାର ଜୁନିୟର ପ୍ରୋଗ୍ରାମ୍‌ର କିଟ୍ ପରିଧାନ କରିଥିଲେ। ଅନ୍ୟ ବହୁ ସଂଖ୍ୟାରେ ପିଲା ସ୍କୁଲ ୟୁନିଫର୍ମରେ ଥିଲେ। ୨୦୦୫ରେ ଆଶେସ ସଫଳତା ବେଳେ ଲଣ୍ଡନ ରାଜରାସ୍ତାରେ ଖେଳାଳିମାନଙ୍କର ଖୋଲା ବସ୍‌ରେ ଆଡମ୍ବରପୂର୍ଣ୍ଣ ଶୋଭାଯାତ୍ରାଠାରୁ ଏହି ବିଜୟ ଉତ୍ସବ ବଳି ଯାଇଥିଲା। ପରେ ଖେଳାଳିମାନେ ଡ୍ରାଉନ୍‌ଷ୍ଟ୍ରିଟ୍‌ରେ ବିଦାୟୀ ପ୍ରଧାନମନ୍ତ୍ରୀ ଥେରେସା ମେ'ଙ୍କ ଦ୍ୱାରା ଆୟୋଜିତ ଏକ ଭୋଜିସଭାରେ ଯୋଗ ଦେଇଥିଲେ।

# ଶୀର୍ଷ ସ୍ଥାନ ବଜାୟ ରଖିଲେ କୋହଲି

**ଲଣ୍ଡନ, ୧୫।୭ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସୋମବାର ସଦ୍ୟ ପ୍ରକାଶିତ ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ଓ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଯଥାକ୍ରମେ ବ୍ୟାଟିଂ ଓ ବୋଲିଂ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ତେବେ ବିଶ୍ୱକପ୍ ବିଜୟୀ ଇଂଲଣ୍ଡ ଓ ରନର୍ସଅପ୍ ନ୍ୟୁଜିଲାଣ୍ଡ ଦଳର ଖେଳାଳିମାନେ ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ବିଶେଷଭାବେ ପ୍ରଭାବ ପକାଇଛନ୍ତି।

# ବିଶ୍ୱକପ୍ ଫାଇନାଲରେ ଅମ୍ପାୟରିଂ ତ୍ରୁଟି

**ଲଣ୍ଡନ/ମେଲବୋର୍ନ, ୧୫।୭ (ପି.ଟି.)**



ରନ୍ ନେବା ଅବସରରେ ବେନ୍ ଷ୍ଟୋକ୍ସଙ୍କ ବ୍ୟାଟ୍‌ରେ ବଲ୍ ବାଜି ଅତିରିକ୍ତ ୪ ରନ୍ ହୋଇଛି।

ରବିବାର ଲର୍ଡ୍ସଠାରେ ଅନୁଷ୍ଠିତ ଆଇସିସି ବିଶ୍ୱକପ୍ ଫାଇନାଲରେ ଅମ୍ପାୟରିଂରେ ଏକ ତ୍ରୁଟି ରହିଥିବା ପୂର୍ବତନ ଅନ୍ତର୍ଜାତୀୟ ଅମ୍ପାୟର ସିମନ ଟଫେଲ ଏବଂ କେ. ହରିହରନ ପ୍ରକାଶ କରିଛନ୍ତି। ଏକ ଓଭର ଥ୍ରୋ ପାଇଁ ମ୍ୟାଚ ଅଫିସିଆଲମାନେ ଇଂଲଣ୍ଡକୁ ୫ ରନ ପରିବର୍ତ୍ତେ ୬ ରନ ଦେଇଥିଲେ। ଏହି ମ୍ୟାଚରେ ଇଂଲଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୨୪୨ ରନ ଚେଜ୍ କରୁଥିବାବେଳେ ଶ୍ରୀଲଙ୍କାର କୁମାର ଧର୍ମସେନା ଏବଂ ଦକ୍ଷିଣ ଆଫ୍ରିକାର ମାରିଅସ୍ ଇରାସମସ୍ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଉଥିଲେ। ମ୍ୟାଚ୍‌ର ଫାଇନାଲ ଓଭରରେ ନ୍ୟୁଜିଲାଣ୍ଡ ଫିଲ୍ଡର ମାର୍ଟିନ ଗୁପ୍‌ଟିଲଙ୍କ ଏକ ଥ୍ରୋ ଷ୍ଟୋକ୍ସଙ୍କ ବ୍ୟାଟ୍‌ରେ ବାଜି ବାଉଣ୍ଡାରୀ ଆଡକୁ ଚାଲିଯାଇଥିଲା। ଇଂଲଣ୍ଡକୁ ୬ ରନ ମିଳିଯିବାରୁ ମ୍ୟାଚ ଟାଇ ହୋଇଯାଇଥିଲା ଏବଂ ସୁପର ଓଭର ପର୍ଯ୍ୟାୟକୁ ଚାଲିଯାଇଥିଲା। ଅମ୍ପାୟର ଭୁଲ ବଶତଃ ଇଂଲଣ୍ଡକୁ ୫ ପରିବର୍ତ୍ତେ ୬ ରନ ଦେଇଥିଲେ। ପରିସ୍ଥିତିକୁ ଦେଖିଲେ ଏହା ସ୍ପଷ୍ଟ ବାରିହୋଇଯାଉଛି ବୋଲି ୫ଥର ଆଇସିସି ଅମ୍ପାୟର ଅଫ୍ ଦି ଇୟର ବିବେଚିତ ଟଫେଲ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଭାରତୀୟ ଅମ୍ପାୟର କେ. ହରିହରନ ମଧ ତାଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି କୁମାର ଧର୍ମସେନାଙ୍କ ତ୍ରୁଟି ଯୋଗୁ ନ୍ୟୁଜିଲାଣ୍ଡ ବିଶ୍ୱକପ୍‌ରୁ ବଞ୍ଚିତ ହେଲା ବୋଲି କୁହାଯାଇପାରେ। ଆଇସିସି ଏହି ପ୍ରସଙ୍ଗ ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛି। ଏହାର ଜଣେ ମୁଖପାତ୍ର କହିଛନ୍ତି, ଖେଳ ବେଳେ ଅମ୍ପାୟର ନିୟମାନୁସାରେ ନିଷ୍ପତ୍ତି ନେଇଥାନ୍ତି। ନୀତି ଅନୁସାରେ ଆମେ ସେମାନଙ୍କ ନିଷ୍ପତ୍ତି ଉପରେ କୌଣସି ଟିପ୍ପଣୀ ଦେବା ଉଚିତ ହେବ ନାହିଁ।

# ବାଉଣ୍ଡାରୀ ନିୟମକୁ ସମାଲୋଚନା

**ନୂଆଦିଲ୍ଲୀ, ୧୫।୭ (ପି.ଟି.)**



ସୁପର୍ ଓଭରରେ ମାର୍ଟିନ୍ ଗୁପ୍‌ଟିଲ୍‌ଙ୍କ ରନ୍ ଆଉଟ୍।

ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଆଇସିସି ବିଶ୍ୱକପ୍ ମ୍ୟାଚର ଯେପରି ରୋମାଞ୍ଚକ ପରିସମାପ୍ତି ଘଟିଲା, ସେନେଇ କ୍ରିକେଟ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ ଟାଇ ରହିବା ପରେ ସୁପର ଓଭରର ସହାୟତା ନିଆଯାଇଥିଲା। ମାତ୍ର ତାହା ମଧ ଟାଇ ରହିଥିଲା। ଫଳରେ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି)ର ନିୟମାନୁସାରେ ଅଧିକ ବାଉଣ୍ଡାରୀ ମାରିଥିବା ଦଳ ଇଂଲଣ୍ଡ ବିଜୟୀ ବିବେଚିତ ହୋଇଥିଲା।

ଇଂଲଣ୍ଡ ୨୨ ଚୌକା ଓ ୨ ଛକା ଲଗାଇଥିବାବେଳେ ନ୍ୟୁଜିଲାଣ୍ଡର ବାଉଣ୍ଡାରୀ ସଂଖ୍ୟା ୧୬ ରହିଥିଲା। ଏହି ନିୟମକୁ ଅତୀତ ଓ ବର୍ତ୍ତମାନର ବହୁ କ୍ରିକେଟର ନାପସନ୍ଦ କରିଛନ୍ତି। କ୍ରିକେଟର କିଛି ନିୟମ ରହିଛି, ଯାହାର ପରିବର୍ତ୍ତନ ଆବଶ୍ୟକ ବୋଲି ଟୁର୍ନାମେଣ୍ଟର ଟପ୍ ସ୍କୋରର ରୋହିତ ଶର୍ମା କହିଛନ୍ତି। ରୋହିତ ୬୪୮ ରନ ସ୍କୋର କରିଥିଲେ। ଏଥିରେ ତାଙ୍କର ୫ ଶତକ ସାମିଲ ଥିଲା। ଲିଗ୍ ପର୍ଯ୍ୟାୟରେ ଭାରତ ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିଲେ ମଧ ସେମିଫାଇନାଲରୁ ବିଦାୟ ନେଇଥିଲା। ପୂର୍ବତନ ଭାରତୀୟ ଓପନର ତଥା ବର୍ତ୍ତମାନର ପାର୍ଲାମେଣ୍ଟାରିଆନ ଗୌତମ ଗମ୍ଭୀର ଆଇସିସିର ଏହି ନିୟମକୁ ହାସ୍ୟାସ୍ପଦ ବୋଲି କହିଛନ୍ତି। ମ୍ୟାଚ ଟାଇ ହେବା ପରେ କେଉଁ ଭିତ୍ତିରେ ଅଧିକ ବାଉଣ୍ଡାରୀ ମାରିଥିବା ଦଳକୁ ବିଜୟୀ ଘୋଷଣାର ବ୍ୟବସ୍ଥା ରହିଛି, ତାହାର ହିସାବ ମୁଁ ପାଉନାହିଁ। ତେବେ ଫାଇନାଲରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ପ୍ରଦର୍ଶନକୁ ନେଇ ଉଭୟ ଦଳକୁ ବଧେଇ ଜଣାଉଛି। ଗମ୍ଭୀରଙ୍କ ପୂର୍ବତନ ଟିମ୍‌ମେଟ୍ ଯୁବରାଜ ସିଂ କହିଛନ୍ତି, ଯଦିଓ ମୁଁ ଏହି ନିୟମ ସପକ୍ଷରେ ନାହିଁ। କିନ୍ତୁ ନିୟମ ହେଉଛି ନିୟମ। ବିଶ୍ୱକପ୍ ଜିତିଥିବାରୁ ମୁଁ ଇଂଲଣ୍ଡକୁ ଅଭିନନ୍ଦନ ଜଣାଉଛି। କିନ୍ତୁ ନ୍ୟୁଜିଲାଣ୍ଡର ପ୍ରଦର୍ଶନ ହୃଦୟସ୍ପର୍ଶୀ ଥିଲା। ନ୍ୟୁଜିଲାଣ୍ଡର ପୂର୍ବତନ ଅଲରାଉଣ୍ଡର ସ୍କଟ ଷ୍ଟାଇରିସ ଆଇସିସିକୁ ଏକ 'ଜୋକ୍' ବୋଲି ଅଭିହିତ କରିଛନ୍ତି। ଭାରତୀୟ ସ୍ପିନ କିମ୍ବଦନ୍ତୀ ବିଶେନ ସିଂ ବେଦୀ ମଧ ଆଇସିସି ନିୟମକୁ କଟୁ ସମାଲୋଚନା କରିଛନ୍ତି। ଆଇସିସି ନିୟମ ଇଂଲଣ୍ଡକୁ ବିଶ୍ୱକପ୍ ଜିତାଇବାରେ ସହାୟକ ହେଲା। ମୋ ମତରେ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲେ ଭଲ ହୋଇଥାନ୍ତା। ଅଷ୍ଟ୍ରେଲିଆର ପୂର୍ବତନ ବ୍ୟାଟ୍ସମ୍ୟାନ ଡିନ୍ ଜୋନ୍ସ ତାଙ୍କ ଟୁଇଟର ପେଜ୍‌ରେ କହିଛନ୍ତି, ଡିଏଲ ସିଷ୍ଟମ ପ୍ରକୃତରେ ରନ ଏବଂ ଉଇକେଟ ପତନ ଭିତ୍ତିରେ ପର୍ଯ୍ୟବେଶିତ। କିନ୍ତୁ ଟାଇ ଭାବେ ଶେଷ ହୋଇଥିବା ଏକ ମ୍ୟାଚର ଫଳାଫଳ ବାଉଣ୍ଡାରୀ ହିଟ୍ ଭିତ୍ତିରେ ନିରୂପଣ କରାଯିବା ଯଥାର୍ଥ ନୁହେଁ।

ସୁପର ଓଭରରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା। ବେନ ଷ୍ଟୋକ୍ସ ଏବଂ ଜୋସ୍ ବଟଲର ଦଳ ପାଇଁ ୧୫ ରନ ସ୍କୋର କରିଥିଲେ। ଜବାବରେ ନ୍ୟୁଜିଲାଣ୍ଡ ଏକ ଉଇକେଟ ବିନିମୟରେ ସମାନ ସ୍କୋର କରିଥିଲା। ଇଂଲଣ୍ଡ ମ୍ୟାଚରେ ଅଧିକ ବାଉଣ୍ଡାରୀ ମାରିଥିବାରୁ ବିଜୟୀ ବିବେଚିତ ହୋଇଥିଲା। ଅଷ୍ଟ୍ରେଲିଆର ପୂର୍ବତନ ପେସ୍ ବୋଲର ବ୍ରେଟ୍ ଲି' ନିୟମର ପରିବର୍ତ୍ତନ ଲୋଡା ବୋଲି କହିଛନ୍ତି। ଟାଇ ମ୍ୟାଚର ବିଜେତା ଯେଉଁ ଭିତ୍ତିରେ ଘୋଷଣା କରାଗଲା ତାହା ଅତ୍ୟନ୍ତ ସାଂଘାତିକ। ନ୍ୟୁଜିଲାଣ୍ଡର ପୂର୍ବତନ କ୍ରିକେଟରମାନେ ମଧ ସେମାନଙ୍କ ଅସନ୍ତୋଷ ଜାହିରି କରିଛନ୍ତି। ନିୟମକୁ ଅଯୌକ୍ତିକ ଏବଂ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ନ୍ୟୁଜିଲାଣ୍ଡର ପୂର୍ବତନ ଅଲରାଉଣ୍ଡର ଡିଅନ୍ ନାଶ କହିଛନ୍ତି, ବର୍ତ୍ତମାନ ଏହି ନିୟମକୁ ବିରୋଧ କରିହେବ ନାହିଁ। କାରଣ ଟୁର୍ନାମେଣ୍ଟ ପୂର୍ବରୁ ଏହି ନିୟମ ତିଆରି ହୋଇଛି। ଏହି ନିୟମ ଯେଉଁମାନେ ପ୍ରସ୍ତୁତ କରିଛନ୍ତି ସେମାନେ ଏନେଇ ମତାମତ ଲୋଡିବାର ଆବଶ୍ୟକତା ଥିଲା। ଅତୀତରେ ଯେଉଁ ନିୟମ ପ୍ରଚଳିତ ହୋଇଆସୁଥିଲା, ତଦନୁସାରେ ମ୍ୟାଚ ଯଦି ଟାଇ ରୁହେ ତେବେ ତୁଳନାତ୍ମକ ଭାବେ କମ୍ ଉଇକେଟ ହରାଇଥିବା ଦଳକୁ ବିଜେତା ଘୋଷଣା କରାଯାଉଥିଲା। ଏହି ନିୟମର ଅବା କାହିଁକି ପରିବର୍ତ୍ତନ କରାଗଲା। ୨୦୧୫ ବିଶ୍ୱକପ୍ ଫାଇନାଲିଷ୍ଟ ନ୍ୟୁଜିଲାଣ୍ଡ ଦଳର ଅନ୍ୟତମ ସଦସ୍ୟ କାଇଲ ମିଲ୍ସ ମଧ ସମାନ ମତ ଦେଇଛନ୍ତି। ସେ କହିଛନ୍ତି, ଏହା ଦୁର୍ଭାଗ୍ୟଜନକ ବିଷୟ ଯେ, ଆମେ ନିୟମ ବିରୋଧରେ ଅଭିଯୋଗ କରିପାରିବା ନାହିଁ।



"ଦୀର୍ଘ ୪ ବର୍ଷ କଠିନ ପରିଶ୍ରମର ମୂଲ୍ୟ ମିଳିଛି। ଜଣେ ପେସାଦାର ଖେଳାଳିଭାବେ ମୁଁ ମୋ କର୍ତ୍ତବ୍ୟ କରିଛି। ଆଶା କରୁଛି ଏହା ଯୁବପିଢ଼ିଙ୍କୁ ଉତ୍ସାହିତ କରିବ ।
–ବେନ୍ ଷ୍ଟୋକ୍ସ, ଇଂଲଣ୍ଡ ଖେଳାଳି

"ଆଇସିସି ପକ୍ଷରୁ ପ୍ରଣୟନ ନିୟମ ଉପରେ ଖେଳାଳିଙ୍କର କୌଣସି ନିୟନ୍ତ୍ରଣ ନାହିଁ। ସୁପର ଓଭର ଟାଇ କ୍ଷେତ୍ରରେ ପ୍ରଚଳିତ ବାଉଣ୍ଡାରୀ ନିୟମ ନୂଆ ନୁହଁ ।
–ଇଅନ ମୋର୍ଗାନ, ଇଂଲଣ୍ଡ କ୍ରିକେଟ ଅଧିନାୟକ



## ଇଂଲଣ୍ଡର ବିରଳ ରେକର୍ଡ

**ଲଣ୍ଡନ, ୧୫।୭:** ଆଇସିସି ବିଶ୍ୱକପ୍ ଦ୍ୱାଦଶ ସଂସ୍କରଣର ଫାଇନାଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଇଂଲଣ୍ଡ ଚାମ୍ପିୟନ ହୋଇଛି। ଏଥିସହ କ୍ରିକେଟ୍ ବିଶ୍ୱକପ୍‌ର ୪୪ ବର୍ଷର ଇତିହାସରେ ପ୍ରଥମଥର ଲାଗି କ୍ରିକେଟ୍‌ର ଜନକଭାବେ ପରିଚିତ ଇଂଲଣ୍ଡ ବିଶ୍ୱ ବିଜେତା ହୋଇଛି। ଏହି ବିଜୟ ସହିତ ବିଶ୍ୱର ପ୍ରଥମ ଦେଶ ଭାବେ ଇଂଲଣ୍ଡ କ୍ରିକେଟ୍ ବିଶ୍ୱକପ୍, ଫୁଟ୍‌ବଲ ବିଶ୍ୱକପ୍ ଓ ରଗ୍‌ବୀ ବିଶ୍ୱକପ୍ ଜିତିବାର ବିରଳର କୃତିତ୍ୱ ଲାଭ କରିଛି। କ୍ରୀଡ଼ା ଇତିହାସରେ ଇଂଲଣ୍ଡ ପ୍ରଥମଥର ଲାଗି ୧୯୬୬ରେ ମେଜର ଟାଇଟଲ ଜିତିଥିଲା। ଫିଫା ବିଶ୍ୱକପ୍‌ର ୮ମ ସଂସ୍କରଣ ଇଂଲଣ୍ଡରେ ୧୯୬୬ରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଆୟୋଜକ ଇଂଲଣ୍ଡ ୪-୨ ଗୋଲ ବ୍ୟବଧାନରେ ପଶ୍ଚିମ ଜର୍ମାନୀକୁ ପରାସ୍ତ କରି ବିଶ୍ୱକପ୍ ମୁକୁଟ ପିନ୍ଧିଥିଲା। ଏହାପରେ ଇଂଲଣ୍ଡ ରଗ୍‌ବୀ ବିଶ୍ୱକପ୍ ଟ୍ରଫି ହାତେଇଥିଲା। ୨୦୦୩ରେ ଅଷ୍ଟ୍ରେଲିଆରେ ରଗ୍‌ବୀ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ଫାଇନାଲରେ ଆୟୋଜକ ଅଷ୍ଟ୍ରେଲିଆକୁ ୧୭-୨୦ ପଏଣ୍ଟରେ ପରାସ୍ତ କରି ଇଂଲଣ୍ଡ ଚାମ୍ପିୟନ ହୋଇଥିଲା। ୧୯୬୬ (ଫିଫା ବିଶ୍ୱକପ୍) ପରେ ଇଂଲଣ୍ଡର ଏହା ୨ୟ ବିଶ୍ୱକପ୍ ଟ୍ରଫିଥିଲା। ଶେଷରେ ରବିବାର ଅନୁଷ୍ଠିତ ରୋମାଞ୍ଚକଭରା ଆଇସିସି ପୁରୁଷ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଟାଇ (ନ୍ୟୁଜିଲାଣ୍ଡ- ୨୪୧/୮, ଇଂଲଣ୍ଡ- ୨୪୧/୧୦)ରହିଥିଲା। ଏହାପରେ ସୁପର୍ ଓଭରରେ ମଧ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୧୫ ରନ କରିଥିବାବେଳେ ନ୍ୟୁଜିଲାଣ୍ଡ ସମାନ ସଂଖ୍ୟକ ରନ୍ କରିବାରୁ ମ୍ୟାଚ୍ ପୁଣି ଟାଇରେ ସମାପ୍ତ ହୋଇଥିଲା। ଫଳରେ ମ୍ୟାଚ୍‌ରେ ଅଧିକ ବାଉଣ୍ଡାରୀ ମାରିଥିବାରୁ ଇଂଲଣ୍ଡକୁ ଚାମ୍ପିୟନ ହୋଇଥିଲା। ଇଂଲଣ୍ଡ ମଧ ଆଇସିସି ମହିଳା ବିଶ୍ୱକପ୍ (୫୦ ଓଭର) ଟାଇଟଲ ହାସଲ କରିଛି। ୨୦୧୭ ଆଇସିସି ମହିଳା ବିଶ୍ୱକପ୍ ଫାଇନାଲରେ ହେଥର୍ ନାଇଟ୍‌ଙ୍କ ନେତୃତ୍ୱରେ ଇଂଲଣ୍ଡ ୯ ରନରେ ଭାରତକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା।

# ବାଦ୍ ପଡ଼ିଲେ ଆଉ ୩ ରାଷ୍ଟ୍ର, ଆସିବନି ପାକିସ୍ତାନ

**କଟକ ଅଫିସ,୧୫।୭**

ବୁଧବାରଠାରୁ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଆରମ୍ଭ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ କ୍ରୀଡ଼ାର ୨୧ତମ ସଂସ୍କରଣରୁ ଏବେ ସୁଦ୍ଧା ୫ ଦଳ ବାଦ ପଡ଼ି ସାରିଲେଣି । ପୂର୍ବରୁ ଉଗାଣ୍ଡା ଓ ଜର୍ସି ଭିଜା ଜନିତ ସମସ୍ୟା ଦର୍ଶାଇ ଯୋଗ ଦେଇପାରିବ ନାହିଁ ବୋଲି ସ୍ପଷ୍ଟ କରିଥିବା ବେଳେ ସୋମବାର ଆଉ ୩ ରାଷ୍ଟ୍ର ଯୋଗ ଦେବେ ନାହିଁ ବୋଲି ଟେବୁଲ

**ରାଜ୍ୟଗୋଷ୍ଠୀ ଟିଟି**

**■ ଅଭ୍ୟାସ ପାଇଁ ସଚିନ ତେନ୍ଦୁଲକର ଇନ୍‌ଡୋର ହଲ ପ୍ରସ୍ତୁତ**

ଟେନିସ ଫେଡେରେଶନ ଅଫ ଇଣ୍ଡିଆକୁ ଦର୍ଶାଇଛନ୍ତି। ଏହି ୩ ରାଷ୍ଟ୍ର ହେଲା ଘାନା, ଗୁୟାନା ଓ ପାକିସ୍ତାନ। ପାକିସ୍ତାନ ଆସିବ ନା ନାହିଁ ତାହାକୁ ନେଇ ରାଜ୍ୟ କ୍ରୀଡ଼ା ବିଭାଗ, କଟକ ଜିଲା ପ୍ରଶାସନ ଓ ପୋଲିସ ବିଭାଗ ଦୋଛକିରେ ଥିଲେ। ପାକିସ୍ତାନ ଦଳକୁ ବିଶେଷ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବା ନେଇ ଯୋଜନା ମଧ ରହିଥିଲା। ଏପରିକି ପାକିସ୍ତାନ ଦଳର ଜାତୀୟ ପତାକା ମଧ ଷ୍ଟାଡିୟମ ସମ୍ମୁଖରେ ଲଗା ସରିଛି। ହେଲେ ଏହି ଟୁର୍ନାମେଣ୍ଟରେ ପାକିସ୍ତାନର ଭାଗ ନେବା ଆଶା ସମାପ୍ତ ହୋଇଛି। ଟୁର୍ନାମେଣ୍ଟରେ ଭାଗ ନେବାକୁ ଥିବା ଚୂଡ଼ାନ୍ତ ଦଳ ତାଲିକା ହେଉଛି, ଭାରତ, ଅଷ୍ଟ୍ରେଲିଆ, ବାଂଲାଦେଶ, ସାଇପ୍ରସ, ଇଂଲଣ୍ଡ, ମାଲେସିଆ, ଶ୍ରୀଲଙ୍କା, ନାଇଜେରିଆ, ସ୍କଟଲ୍ୟାଣ୍ଡ, ଦକ୍ଷିଣଆଫ୍ରିକା, ସିଙ୍ଗାପୁର ଓ ୱେଲସ।

### ଆଜି ପହଞ୍ଚିବେ ଭାରତୀୟ ଖେଳାଳି

ଭାରତୀୟ ଦଳ ଏକ ସଙ୍ଗରେ ଆସୁନାହିଁ। ଖେଳାଳିମାନେ ଭିନ୍ନ ଭିନ୍ନ ବିମାନ ଯୋଗେ ଭିନ୍ନଭିନ୍ନ ସ୍ଥାନରୁ ଆସୁଛନ୍ତି। କେତେକ ଖେଳାଳି ବିଦେଶରେ ହେଉଥିବା ଟୁର୍ନାମେଣ୍ଟରେ ମଧ ଭାଗ ନେବାକୁ ଯାଇଥିବା ଜଣାପଡ଼ିଛି। ତେବେ ଭାରତୀୟ ଦଳର ମାନଭ ଠାକର, ଅର୍ଚ୍ଚନା କାମଥ, ମନିକା ବାତ୍ରା ଓ ଶରଥ କମଲ ମଙ୍ଗଳବାର ପୂର୍ବାହ୍ନ ୯.୧୦ରେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ଅନ୍ୟ ଖେଳାଳିମାନେ ଟୁର୍ନାମେଣ୍ଟ ଆରମ୍ଭ ପୂର୍ବରୁ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ରାଜ୍ୟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

### ପହଞ୍ଚିଲେ ୱେଲ୍ସ, ଦକ୍ଷିଣ ଆଫ୍ରିକା

ୱେଲସ ଓ ଦକ୍ଷିଣ ଆଫ୍ରିକା ପ୍ରଥମ ଦୁଇ ରାଷ୍ଟ୍ର ଭାବେ ଉକ୍ତ ଟୁର୍ନାମେଣ୍ଟ ନିମନ୍ତେ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ମାଲେସିଆ ମଧ ସୋମବାର ବିଳମ୍ବିତ ରାତିରେ ପହଞ୍ଚିବେ ବୋଲି ସ୍ଥିର କରାଯାଇଥିଲା । ବାଂଲାଦେଶ, ସ୍କଟଲାଣ୍ଡ, ସିଙ୍ଗାପୁର ଓ ଶ୍ରୀଲଙ୍କା ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିବେ। ଅନ୍ୟ ପକ୍ଷରେ ମ୍ୟାଚ ଅଫିସିଆଲ ଓ ରେଫରିମାନେ ମଧ ଆସିବା ଆରମ୍ଭ କରିଛନ୍ତି।

### ଖୋଲିଲା ବକ୍ସ ଅଫିସ, ୧୩ ସ୍ଥାନରେ ଅଫ୍‌ଲାଇନ ଟିକେଟ

ସୋମବାର ସକାଳୁ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ସମ୍ମୁଖରେ ବକ୍ସ ଅଫିସ ଖୋଲାଯାଇଛି। ଅନଲାଇନ ଯୋଗେ ଟିକେଟ ବୁକ କରିଥିବା କ୍ରୀଡ଼ାପ୍ରେମୀ ଏଠାରୁ ଟିକେଟ ସଂଗ୍ରହ କରିବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଅଫଲାଇନରେ ସହରରେ ୧୩ଟି ସ୍ଥାନରେ ଟିକେଟ ବିକ୍ରି ମଧ ସୋମବାରଠାରୁ ଆରମ୍ଭ ହୋଇଛି । ଏହି ସ୍ଥାନଗୁଡ଼ିକ ହେଲା ଖୋଲା ସାହିର ଆକର୍ଷଣ ମୋବାଇଲ ଷ୍ଟୋର, ଦୋଳ ମୁଣ୍ଡାଇ ଗ୍ରାଣ୍ଡ ହଲ, ବକ୍ସି ବଜାର ସିଟି ପଏଣ୍ଟ, ସିଏମସି କାର୍ଯ୍ୟାଳୟସ୍ଥିତ ରିଫ୍ରେଶମେଣ୍ଟ ପଏଣ୍ଟ, ବାରବାଟୀ ଷ୍ଟାଡିୟମ ନିକଟସ୍ଥ ରକ୍ସ ମୋବାଇଲ ସେଣ୍ଟର, ପ୍ୟାରୀମୋହନ ଏକାଡେମୀ ନିକଟ ଫାଇଭ ପ୍ଲେଭର୍ସ, ଦରଘାବଜାରସ୍ଥିତ ଫ୍ୟାବ ଗିଫ୍ଟ ଶପ, ବିଗ ବଜାର ଇଓର୍ସ ଫେଭରାଇଟ, ତିନିକୋଣିଆ ବଗିଚା ମୋବାଇଲ ୱାର୍ଲଡ, ହାତୀପୋଖରୀର ରକି ବିଟଲ ସପ, ସ୍ୱସ୍ତିକ ସେଣ୍ଟର ପାଖ ସିଏମସି ଓମଫେଡ ପାର୍ଲର, ବାଉଁଶଗଳିସ୍ଥିତ ଉର୍ଦ୍ଧ୍ୱ ବୁକ ଷ୍ଟୋରଠାରେ ଟିକେଟ ବିକ୍ରି କରାଯାଉଛି। ଟିକେଟର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ କରି ୪୦୦ ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି ।



ନୂଆ ରୂପରେ ଜବାହରଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍।

### ଷ୍ଟାଡିୟମ କ୍ଷମତା: ୩୦ ବ୍ଲକରେ ୫୨୨୬ ସିଟ

ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମର ସିଟ୍ କ୍ଷମତା ହେଉଛି ୫୨୨୬। ମୋଟ ୩୦ଟି ବ୍ଲକରେ ଏହି ସିଟକୁ ଭାଗ କରାଯାଇଛି । ପ୍ରଥମ ବ୍ଲକରେ ୨୭, ଦ୍ୱିତୀୟ ବ୍ଲକରେ ୧୫୫, ତୃତୀୟ ଓ ୪ର୍ଥ ବ୍ଲକରେ ୧୫୮, ପଞ୍ଚମ ବ୍ଲକରେ ୧୫୪, ଷଷ୍ଠ ବ୍ଲକରେ ୧୨୫, ସପ୍ତମ ବ୍ଲକରେ ୧୫୩, ଅଷ୍ଟମ , ନବମ ଓ ଦଶମ ବ୍ଲକରେ ୧୫୭, ୧୧ତମ ବ୍ଲକରେ ୧୪୫, ୧୨ତମ ବ୍ଲକରେ ୧୬୬, ୧୩ତମ ବ୍ଲକରେ ୨୩୯, ୧୪ତମ ବ୍ଲକରେ ୧୬୮, ୧୫ତମ ବ୍ଲକରେ ୨୧୪, ୧୬ତମ ବ୍ଲକରେ ୧୬୬, ୧୭ତମ ବ୍ଲକରେ ୨୧୭, ୧୮ତମ ବ୍ଲକରେ ୧୭୬, ୧୯ତମ ବ୍ଲକରେ ୨୪୮, ୨୦ତମ ବ୍ଲକରେ ୧୭୪, ୨୧ତମ ବ୍ଲକରେ ୧୪୪, ୨୨ତମ ବ୍ଲକରେ ୧୭୫, ୨୩ତମ ବ୍ଲକରେ ୨୪୭, ୨୪ତମ ବ୍ଲକରେ ୧୭୪, ୨୫ତମ ବ୍ଲକରେ ୨୧୯, ୨୬ତମ ବ୍ଲକରେ ୧୬୦, ୨୭ତମ ବ୍ଲକରେ ୨୨୦, ୨୮ତମ ବ୍ଲକରେ ୧୬୬, ୨୯ତମ ବ୍ଲକରେ ୨୪୦ ଓ ୩୦ତମ ବ୍ଲକରେ ୧୬୭ଟି ସିଟ୍ ରହିଛି । ହଳଦିଆ ଓ ନାଳି ରଙ୍ଗରେ ବିଭିନ୍ନ ବ୍ଲକର ସିଟ୍‌କୁ ବିଭକ୍ତ କରାଯାଇଛି।

### ଷ୍ଟାଡିୟମର ନବକଳେବର

ଇନଡୋର ଗେମ ଆୟୋଜନ କରିବାରେ ଓଡ଼ିଶାର ବହୁ ପୁରାତନ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମର ଏକ ପ୍ରକାର ନବକଳେବର ହୋଇଛି । ଗତ ୩ବର୍ଷ ହେଲା ଏହି ଷ୍ଟାଡିୟମରେ ହେଉଥିବା ବେଆଇନ ଭୋଜି କାର୍ଯ୍ୟକ୍ରମକୁ ବନ୍ଦ କରିଦିଆସରିଛି । ଭଡ଼ାସୂତ୍ରରେ ବ୍ୟବହାର କରାଯାଉଥିବାରୁ ଷ୍ଟାଡିୟମ ପରିବେଶ ନଷ୍ଟ ହୋଇ ଯାଇଥିଲା। ବିଭିନ୍ନ ଇନଡୋର ଗେମର ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟର ସଫଳ ଆୟୋଜନ କରିବାର ରେକର୍ଡ ରଖିଛି ଏହି ଷ୍ଟାଡିୟମ । ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ହେବା ଫଳରେ ଏବେ ଏହା ନବକଳେବର ହୋଇଛି । ନୂତନ ଆଲୋକ ଓ ସାଉଣ୍ଡ ବ୍ୟବସ୍ଥା ଲଗାଯାଇଛି । ଯାହା ଅତ୍ୟାଧୁନିକ ଓ ଅଧିକ ମୂଲ୍ୟର ମଧ । ଏହାଛଡ଼ା ୧୪ଟି ପ୍ରକୋଷ୍ଠ ମରାମତି ଶେଷ ହୋଇ ଏଠାରେ ମଧ ରହଣିର ସୁବନ୍ଦୋବସ୍ତ ହୋଇଛି । ସମ୍ପୂର୍ଣ୍ଣ ଷ୍ଟାଡିୟମ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଭିତରକୁ ଆସିଛି ।



ଇଟାଲୀର ନାପୋଲିଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ମହିଳା ୧୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶାର ଦୂତୀ ଚାନ୍ଦ ସୋମବାର ଭୁବନେଶ୍ୱର ଫେରିବା ପରେ ବିମାନବନ୍ଦରରେ ପଦକ ପ୍ରଦର୍ଶନ କରୁଛନ୍ତି।

## ୱେଷ୍ଟଇଣ୍ଡିଜ ଟୁର୍ ପାଇଁ ଦଳ ଚୟନ ୧୯ରେ

**ନୂଆଦିଲ୍ଲୀ, ୧୫।୭ (ପି.ଟି.):** ଆସନ୍ତା ମାସରେ ୱେଷ୍ଟଇଣ୍ଡିଜ ଟୁର୍ ପାଇଁ ଭାରତୀୟ କ୍ରିକେଟ ଦଳ ଚୟନ ଚଳିତ ମସ ୧୯ ତାରିଖରେ ହେବ। ଅଗଷ୍ଟ ୩ରୁ ଆୟୋଜକ ଦେଶ ବିପକ୍ଷ ସୀମିତ ଓଭର ସିରିଜରେ ମହେନ୍ଦ୍ର ସିଂ ଧୋନୀ ଖେଳିବେ କି ନା ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ନାହିଁ। ଜୁଲଇ ୯ରେ ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱକପ୍ ସେମିଫାଇନାଲରେ ଭାରତର ପରାଜୟ ପରେ ଧୋନୀଙ୍କ ଭବିଷ୍ୟତ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ୩୮ ବର୍ଷୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ ଆଗାମୀ କିଛି ଦିନ ମଧରେ ତାଙ୍କର ଅବସର ଘୋଷଣା କରିବେ ବୋଲି ଆଶା କରାଯାଉଛି। ଚୟନକର୍ତ୍ତାମାନଙ୍କ ବୈଠକ ଜୁଲାଇ ୧୯ରେ ମୁମ୍ବାଇରେ ବସିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲଙ୍କୁ ଏ ସମ୍ପର୍କରେ ପଚରାଯିବାରେ ସେ କହିଥିଲେ, ମୁଁ ଯଦି କହିବି ଧୋନୀ ବିଶ୍ୱକପ୍‌ରେ ଭଲ ଖେଳିଥିଲେ ବୋଲି ତେବେ କେତେକେ କହିବେ ସେ ମୋ ନିଜ ଲୋକ ବୋଲି। ତେଣୁ ଧୋନୀ ଏ ସମ୍ପର୍କରେ ନିଜେ ଯହା ନିଷ୍ପତ୍ତି ନେବେ। ଏଠାରେ ପ୍ରଶାସକ କମିଟି (ସିଓଏ) ବୈଠକ ପରେ ବିସିସିଆଇ ଅଫିସିଆଲ ଜଣଙ୍କ ଏକଥା କହିଛନ୍ତି। ତିନୋଟି ୨୦ ଏବଂ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଦିନିକିଆକୁ ନେଇ ଖେଳାଯିବାକୁଥିବା ସୀମିତ ଓଭର ସିରିଜ ପାଇଁ ଅଧିନାୟକ ବିରାଟ କୋହଲି ଏବଂ ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବ ବୋଲି ଆଶା କରାଯାଉଛି। ତେବେ ପରେ ଖେଳାଯିବାକୁଥିବ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ବେଳକୁ ଉଭୟେ ଭାରତୀୟ ଦଳ ସହିତ ଯୋଗଦେବେ। ଆହୁରି ମଧ ଓପନର ଶିଖର ଧାୱନ ଏହି ଟୁର୍ ପାଇଁ ଉପଲବ୍ଧ ହେବେ କି ନା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।





କଟକର ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡ଼ିୟମ୍‌ରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଟେବୁଲ୍ ଟେନିସ୍ ଚାମ୍ପିୟନ୍‌ଶିପ୍‌ରେ ଭାଗନେବା ପାଇଁ ସୋମବାର ଭୁବନେଶ୍ୱରରେ ପହଞ୍ଚିଥିବା ୱେଲ୍ସ ଦଳ।

## ସପୋର୍ଟ ଷ୍ଟାଫ୍‌ଙ୍କ ସମେତ ଶାସ୍ତ୍ରୀ ଆବେଦନ କରିବେ

**ନୂଆଦିଲ୍ଲୀ, ୧୫।୭ (ପି.ଟି.):** ଭାରତୀୟ କ୍ରିକେଟ ଦଳର ବିଭିନ୍ନ ସପୋର୍ଟ ଷ୍ଟାଫ୍ ପଦବୀ ସମେତ ମୁଖ୍ୟ କୋଚ୍ ଲାଗି ବିସିସିଆଇ ଖୁବ୍ ଶୀଘ୍ର ଦରଖାସ୍ତ ଆହ୍ୱାନ କରିବ। ଆସନ୍ତା ମାସରେ ୱେଷ୍ଟଇଣ୍ଡିଜ ଗସ୍ତ ସମାପ୍ତ ହେବା ପରେ ବର୍ତ୍ତମାନର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ କାର୍ଯ୍ୟକାଳ ପୂରଣ ହେବ। ଫଳରେ ମୁଖ୍ୟ କୋଚ୍ ପଦବୀ ଲାଗି ତାଙ୍କୁ ମଧ ପୁନଃ ଆବେଦନ କରିବାକୁ ପଡ଼ିବ ବୋଲି ଜଣାପଡ଼ିଛି।

ଶାସ୍ତ୍ରୀଙ୍କ ସମେତ ସପୋର୍ଟ ଷ୍ଟାଫ୍ ତାଲିକାରେ ବୋଲିଂ କୋଚ୍ ଭରତ ଅରୁଣ, ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗର ଓ ଫିଲ୍ଡିଂ କୋଚ୍ ଆର୍. ଶ୍ରୀଧର ରହିଛନ୍ତି। ୱେଷ୍ଟଇଣ୍ଡିଜ ଗସ୍ତ (ଅଗଷ୍ଟ ୩ରୁ ସେପ୍ଟେମ୍ବର ୩)କୁ ନଜରରେ ରଖି ଏମାନଙ୍କ କାର୍ଯ୍ୟକାଳକୁ ବିଶ୍ୱକପ୍ ପରେ ୪୫ ଦିନ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଦରଖାସ୍ତ କରାଯିବାକୁ ଥିବା ବିଭିନ୍ନ ପଦବୀ ଲାଗି ଏହି ସମସ୍ତ ଷ୍ଟାଫ୍ ପୁନଃ ଆବେଦନ କରିପାରିବେ। କିନ୍ତୁ ଶଙ୍କର ବସୁ ଓ ପ୍ୟାଟ୍ରିକ ଫର୍‌ହତ୍‌ଙ୍କ ପରେ ବିସିସିଆଇ ଯଥାକ୍ରମେ ନୂଆ ଟ୍ରେନର ଓ ଫିଜିଓ ସନ୍ଧାନରେ ରହିଛି। ଚଳିତ ବିଶ୍ୱକପ୍ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ନିକଟରୁ ପରାସ୍ତ ହେବା ପରେ ଟ୍ରେନର ବସୁ ଓ ଫିଜିଓ ପ୍ୟାଟ୍ରିକ ଭାରତୀୟ ଦଳ ଛାଡ଼ି ଦେଇଥିଲେ। ୱେଷ୍ଟଇଣ୍ଡିଜ ଗସ୍ତ ପରେ ଭାରତ ଘରୋଇ ମାଟିରେ ସେପ୍ଟେମ୍ବର ୧୫ରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି।

ବିବାଦୀୟ ଘଟଣାକ୍ରମେ ଅନିଲ କୁମ୍ବଲେ ୨୦୧୭ରେ ଭାରତୀୟ ଦଳ ଛାଡ଼ିବା ପରେ ଶାସ୍ତ୍ରୀଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। ୫୭ ବର୍ଷୀୟ ଶାସ୍ତ୍ରୀ ଏଥିପୂର୍ବରୁ ଅଗଷ୍ଟ ୨୦୧୪ରୁ ୨୦୧୬ ଜୁନ୍ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ୍ ଦଳର ଡିରେକ୍ଟର ରହିଥିଲେ। ତେବେ ଶାସ୍ତ୍ରୀଙ୍କ ପ୍ରଶିକ୍ଷଣ କାଳରେ ଭାରତ ଆଇସିସିର ଗୋଟିଏ ହେଲେ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଜିତିପାରି ନାହିଁ। ଚଳିତ ବର୍ଷ ପ୍ରାରମ୍ଭରେ ଭାରତ କେବଳ ଅଷ୍ଟ୍ରେଲିଆ ମାଟିରେ ଐତିହାସିକ ଟେଷ୍ଟ ସିରିଜ ଜିତିପାରିଥିଲା। ଆଉ ଦିନେ କିମ୍ବା ଦୁଇଦିନ ମଧରେ ଆମର ୱେବସାଇଟ୍‌ରେ ଭାରତୀୟ ଦଳର ସହାୟକ ପଦବୀ ନେଇ ଦରଖାସ୍ତ ଆହ୍ୱାନ କରାଯିବ। ସେହିଭଳି ଟିମ୍ ମ୍ୟାନେଜର ପଦବୀ ପାଇଁ ମଧ ଆବେଦନ କରାଯିବ' ବିସିସିଆଇର ଜୈନିକ ଅଧିକାରୀ ପ୍ରକାଶ କରିଛନ୍ତି। ତାମିଲନାଡୁର ପ୍ରାକ୍ତନ ଅଧିନାୟକ ସୁନିଲ ସୁବ୍ରମଣିୟମଙ୍କୁ ୨୦୧୭ରେ ଗୋଟିଏ ବର୍ଷ ଲାଗି ଭାରତୀୟ ଦଳର ମ୍ୟାନେଜର ନିଯୁକ୍ତ କରାଯାଇଥିଲା। କିନ୍ତୁ ପରେ ତାଙ୍କ କାର୍ଯ୍ୟକାଳକୁ ବଢ଼ାଇ ଦିଆଯାଇଥିଲା। ସମସ୍ତ ପଦବୀ ପୂରଣ ଲାଗି ବିସିସିଆଇ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ପାଳନ କରିଛି।


## ମନେ ପଡ଼ନ୍ତି

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅଜୟ କୁମାର କାନୁନ୍‌ଗୋ**
ନୂଆଗାଁ, ଭୁବନେଶ୍ୱର
ତିରୋଧାନ: ୧୫।୦୭।୨୦୧୧

ଦୁଃଖ, ଯନ୍ତ୍ରଣା ଆଉ ଅସହାୟତା ମୁହୂର୍ତ୍ତରେ ମନେପଡ଼େ ତୁମର ସେଇ ପଦିଏ କଥା– " ବ୍ୟସ୍ତ ହୁଅନି, ମୁଁ ଅଛି"... ସେଇ କଥା ପଦଟିକୁ ନେଇ ବଞ୍ଚିବାର ଚେଷ୍ଟା କରି ଚାଲିଛୁ।

ତୁମ ପାଦତଳେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି: ତୁମର ଆପଣାର ସଭିଏଁ।

ଧ–୧୩୩୯୮

**ଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବନମାଳୀ ସାମନ୍ତରା**
କୁସୁମୀ, ଭୁଷଣ୍ଡପୁର
ଆବିର୍ଭାବ: ୨୭।୧୦।୧୯୪୪
ତିରୋଧାନ: ୦୭।୦୭।୨୦୧୯
(ଆଷାଢ଼ ଶୁକ୍ଳପକ୍ଷ ପଞ୍ଚମୀ)

ନନା, ଆପଣ ଥିଲେ ମା' ଉଗ୍ରତାରାଙ୍କର ପରମ ସେବକ। ଆପଣଙ୍କର ଅନୁପସ୍ଥିତି ଆମ୍ଭ ଜୀବନରେ ଆଣିଛି ଅପୂରଣୀୟ ଶୂନ୍ୟତା। ଆପଣଙ୍କ ଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଶୋକସନ୍ତପ୍ତ:**
ପତ୍ନୀ, ପୁତ୍ର, ସୁନ୍ଧୁ, ବୋହୂ, ଝିଅଙ୍କାଇଁ, ନାତି ଓ ନାତୁଣୀମାନେ।

ଧ–୧୩୪୨୧

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ମଇନା ମାହାରୀ**
କେରେଣ୍ଡିଆ ପାଳ, ପୁରୀ
ତିରୋଧାନ: ୩୧।୦୭।୨୦୧୪

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ–୧୩୩୯୩

## CLASSIFIED DISPLAY

ଶ୍ରବଣ ସମସ୍ୟା?
ଶ୍ରବଣ ଯନ୍ତ୍ର
ମାଗଣା ଶ୍ରବଣ ପରୀକ୍ଷା (HEARING TEST) ଓ ଡ଼ିଜିଟାଲ ଶ୍ରବଣ ଯନ୍ତ୍ର (DIGITAL HEARING AID) TRIAL ପାଇଁ ସମ୍ପର୍କ କରନ୍ତୁ।
EMI FACILITY WITH ATTRACTIVE DISCOUNT*
signia Life sounds brilliant. Hearing Systems SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic

| BHUBANESWAR | BHUBANESWAR | BHUBANESWAR | CUTTACK | KORAPUT |
| --- | --- | --- | --- | --- |
| Baramunda | Saheed Nagar | Jaydev Vihar | Link Road | In front of S.L.N Hospital |
| 9777806331 | 6371045707 | 6372287878 | 7381770531 | 6372307123 |

**ADMISSION NOTICE FOR BA.LLB COURSE**
**MAHAMAYA INSTITUTE OF LEGAL SCIENCE, NUAPADA**
Approved by Bar Council of India, New Delhi
Recognised by Dept. Higher Education Govt. of Odisha
Affiliated by Sambalpur University, Jyoti Vihar, Burla
**BUILD YOUR CAREER IN LAW**
Course:- BA.LLB (Semester System)
Duration:- 5 years
Eligibility:- 12th or +2 Arts/ Science/ Commerce or equivalent degree recognized by CHSE, Odisha (40% for SC/ST, 42% for OBC & 45% for General)
Scholarship for ST/SC/ Minority Students.
Hostel facilities for Girls & Boys.
**CONTACT- 7077415312**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୬/୨୦୧୯ Bhubaneswar, Tuesday, July 16/ 2019

## ସଂକ୍ଷେପରେ

### ରେଳଧାରଣା କଡ଼ରୁ ଅଚିହ୍ନା ମୃତଦେହ ଉଦ୍ଧାର

**ନରାଜ,୧୫।୭(ଡି.ଏନ୍.ଏ.)**- ବାରଙ୍ଗ ଜିଆରପି ପୋଲିସ ସୋମବାର ଅପରାହ୍ଣ ୫ଟା ୩୦ରେ ବାରଙ୍ଗ ଷ୍ଟେଶନର ନୂତନ ୪ନଂ ପ୍ଲାଟଫର୍ମ ରେଳଧାରଣା କଡବୁଦାରୁ ଏକ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିପାରି ନଥିବାବେଳେ ତାଙ୍କର ବୟସ ୫୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଲୋକଟି ଗୋଟିଏ କଳାରଙ୍ଗର ପ୍ୟାଣ୍ଟ ଓ ଆକାଶୀ ରଙ୍ଗର ଶାର୍ଟ ପିନ୍ଧିଛନ୍ତି। ତେବେ କୌଣସି ଚଳନ୍ତା ଟ୍ରେନରୁ ଖସିପଡିଥିବା ଜିଆର୍‌ପି ପୋଲିସ ଅନୁମାନ କରୁଥିବାବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ। ଏ ନେଇ ପୋଲିସ ନଂ ୫୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ଜବତ କରିଛି।

### ଡକାୟତି ଯୋଜନା ବେଳେ ୪ ଗିରଫ, ମାରଣାସ୍ତ୍ର ଜବତ



**ଜଟଣୀ,୧୫।୭(ଡି.ଏନ.ଏ):** ଡକାୟତି ଯୋଜନା କରୁଥିବା ବେଳେ ଜଟଣୀ ପୋଲିସ ରବିବାର ବିଳମ୍ବିତ ରାତିରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ୟୁନିଟ୍ ୮ର ସୋମନାଥ ସାମଲ, ଜଟଣୀ ବିକାଶନଗର ଅଞ୍ଚଳର ଭାବ ବାରିକ, ବାଲିଛକ ମୁଣ୍ଡିଆସାହିର ଶେଖ୍ ସାହାଉଦ୍ଦିନ୍, ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ବସନ୍ତ ବେହେରା। ସେମାନଙ୍କଠାରୁ ୨ଟି କଟୁରି, ଲଙ୍କାଗୁଣ୍ଡ, ୨ଟି ମୋବାଇଲ, ୧୨ ଶହ ଟଙ୍କା ପୋଲିସ ଜବତ କରିଛି। ରାତି ପେଟ୍ରୋଲିଂ ସମୟରେ ସ୍ଥାନୀୟ ମୁଖ୍ୟ ରାସ୍ତାର ବିକାଶନଗର ଅଞ୍ଚଳରୁ ଏହି ଚାରି ଅଭିଯୁକ୍ତଙ୍କୁ ପୋଲିସ ଧରିଛି। ଏମାନଙ୍କ ବିରୋଧରେ ପୂର୍ବରୁ ଅନେକ ଡକାୟତି ଓ ଲୁଟ୍ ମାମଲା ଥିବା ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ କହିଛନ୍ତି।

### ଉତ୍ତରାଖଣ୍ଡରୁ ନିଖୋଜ ବୃଦ୍ଧ ପୁରୀରୁ ଉଦ୍ଧାର



**ପୁରୀ ଅଫିସ,୧୫।୭:** ଉତ୍ତରାଖଣ୍ଡରୁ ନିଖୋଜ ହୋଇଥିବା ଜଣେ ବୃଦ୍ଧଙ୍କୁ ପୁରୀ ଆର୍‌ପିଏଫ୍ ସୋମବାର ଉଦ୍ଧାର କରିଛି। ସେ ହେଲେ ଉତ୍ତରାଖଣ୍ଡ ହରିଦ୍ୱାର ଜିଲା ଜବଲପୁରର ତ୍ରିପୁରାରୀ ଚୌଧୁରୀ (୫୨)। ପୁରୀ ଆର୍‌ପିଏଫ୍ ଥାନା ଅଧିକାରୀ ଅନିଲ କୁମାର ସିଂଙ୍କ ସୂଚନା ମୁତାବକ, ସୋମବାର ଅପରାହ୍ଣ ୨ଟାରେ ରେଳଷ୍ଟେଶନ ପରିସରରେ ଆର୍‌ପିଏଫ୍ ପୋଲିସ ପ୍ଲାଟଫର୍ମ ଡ୍ୟୁଟି କରୁଥିବାବେଳେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଜଣେ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଥାନାକୁ ଆଣି ପଚରାଉଚରା କରାଯିବାରୁ ସେ ନିଜ ପରିଚୟ ଦେଇଥିଲେ। ଏ ନେଇ ଥାନାଧିକାରୀ ସିଂ ଜବଲପୁର ଥାନା ସହ ଯୋଗାଯୋଗ କରିଥିଲେ। ତ୍ରିପୁରାରୀ ଗତ ୧୨ତାରିଖରୁ ନିଖୋଜ ଥିବା ଜଣାପଡ଼ିଥିଲା। ସେଠକାର ପୋଲିସ ସହାୟତାରେ ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରାଯାଇଥିଲା। ବାପାଙ୍କୁ ନେବା ପାଇଁ ତ୍ରିପୁରାରୀଙ୍କ ପୁଅ ସୋମବାର ପୁରୀରେ ପହଞ୍ଚିଥିଲେ। ଥାନାଧିକାରୀ ତାଙ୍କୁ ତ୍ରିପୁରାରୀଙ୍କୁ ହସ୍ତାନ୍ତର କରିଥିଲେ। ଏଥିଲାଗି ସେ ପୁରୀ ଆର୍‌ପିଏଫ୍‌କୁ କୃତଜ୍ଞତା ଜଣାଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ପଞ୍ଚାୟିକିଆ ଛକରେ ତିନିଭାଇଙ୍କ ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ଧରିବାକୁ ୩ ସ୍ୱତନ୍ତ୍ର ଟିମ୍‌ର ଚଢ଼ାଉ

**ସାକ୍ଷୀଗୋପାଳ,୧୫।୭(ଡି.ଏନ୍.ଏ.)**

ପୁରୀ ଜିଲା ସତ୍ୟବାଦୀ ଥାନା ପଞ୍ଚାୟିକିଆ ଛକରେ ରବିବାର ଅପରାହ୍ଣରେ ଘଟିଥିବା ଟ୍ରିପଲ ମର୍ଡର ଘଟଣାରେ ସତ୍ୟବାଦୀ ଥାନା ପୋଲିସ ସୋମବାର ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଉଦ୍ୟମ ଚଳାଇଛି। ପୁରୀ ଏସ୍‌ପି ଉମାଶଙ୍କର ଦାଶଙ୍କ ନିର୍ଦ୍ଦେଶକ୍ରମେ ତିନୋଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ପିପିଲି ଏସ୍‌ଡିପିଓ, ସତ୍ୟବାଦୀ ଓ ପିପିଲି ଥାନା ଆଇଆଇସିଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଏହି ୩ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି। ଉତ୍ତେଜନା ଆଶଙ୍କାରେ ଘଟଣାସ୍ଥଳ ପଞ୍ଚାୟିକିଆ ଛକ ଓ ମୃତ ୩ ଭାଇଙ୍କ ଗ୍ରାମ ସଦାନନ୍ଦପୁରରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ପୋଲିସ ଫୋର୍ସ ମୁତୟନ ସତ୍ତ୍ୱେ ସୋମବାର ଉତ୍ତ୍ୟକ୍ତ ଲୋକେ ଗ୍ରାମର ଶଙ୍କର ବେହେରାଙ୍କ ଘର ପୋଡିଦେଇଥିବା ଜଣାପଡିଛି। ପଞ୍ଚାୟିକିଆ ଛକରେ ସୋମବାର ଦିନବେଳା କେତେକ ଦୋକାନ ଖୋଲିଥିବାବେଳେ ସନ୍ଧ୍ୟାରେ ସବୁ ଶୂନ୍‌ଶାନ ରହିଛି। ଉଭୟ ଗୋଷ୍ଠୀର ଭୟରେ ଘଟଣା ସମ୍ପର୍କରେ ପୋଲିସ ନିକଟରେ କେହି ମୁହଁ ଖୋଲିବାକୁ ସାହସ କରୁନାହାନ୍ତି। ମୃତ ପୂର୍ଣ୍ଣ ବେହେରା ଓ କୃଷ୍ଣ ବେହେରାଙ୍କ ବଡ଼ଭାଇ ଲକ୍ଷ୍ମୀଧର ବେହେରାଙ୍କ ପୁଅ ପ୍ରଶାନ୍ତ ପୋଲିସ ନିକଟରେ ଅଭିଯୋଗ କରିବା ପରେ ସତ୍ୟବାଦୀ ଥାନାରେ ୧୧୪/୧୯ନମ୍ବର ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ସହ ସକାଳେ ପୋଲିସ ଘଟଣାସ୍ଥଳରେ ତଦନ୍ତ କରିଥିବା ଥାନା ଆଇଆଇସି ତପନ କୁମାର ରାଉତ କହିଛନ୍ତି। ପ୍ରକାଶ ଯେ, ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଜନଗହଳିପୂର୍ଣ୍ଣ ବଜାର ପଞ୍ଚାୟିକିଆ ଛକରେ ରବିବାର ଅପରାହ୍ଣରେ ଦୁର୍ବୃତ୍ତମାନେ ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ୩ ଭାଇ ପୂର୍ଣ୍ଣ, କୃଷ୍ଣ ଓ ସେମାନଙ୍କ ଦାଦାପୁଅ ଭାଇ ପଞ୍ଚୁଆ ବେହେରାଙ୍କୁ ହତ୍ୟା କରିଥିଲେ। ଏହାପଛରେ ରାଜନୈତିକ, ବ୍ୟବସାୟିକ ଶତ୍ରୁତା ଥିବା ସନ୍ଦେହ କରାଯାଉଥିବାବେଳେ ପୋଲିସ ପୂର୍ବ ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଥିବା କହିଛି।

- ■ ଥାନାରେ ୪ ଅଟକ
- ■ ଘର ପୋଡ଼ିଦେଲେ ଉତ୍ତ୍ୟକ୍ତ ଲୋକେ
- ■ ଘଟଣାସ୍ଥଳ, ସଦାନନ୍ଦପୁରରେ ଏକ ପ୍ଲାଟୁନ ପୋଲିସ ମୁତୟନ



ମୃତକଙ୍କ ଗ୍ରାମ ସଦାନନ୍ଦପୁରରେ ମୁତୟନ ପୋଲିସ ଫୋର୍ସ।

### ସଦାନନ୍ଦପୁରରେ ଭୟର ବାତାବରଣ

ମୃତକ ପୂର୍ଣ୍ଣ, କୃଷ୍ଣ ଏବଂ ପଞ୍ଚୁଆଙ୍କ ଗ୍ରାମ ସଦାନନ୍ଦପୁରରେ ଏବେବି ଭୟର ବାତାବରଣ ରହିଛି। ପରିବାରରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ବୀଭତ୍ସ ହତ୍ୟାକାଣ୍ଡ ପରେ ଗ୍ରାମବାସୀ ଓ ପଞ୍ଚାୟିକିଆ ଛକର ବ୍ୟବସାୟୀମାନେ ସ୍ତବ୍ଧ ହୋଇଯାଇଛନ୍ତି। ସନ୍ଧ୍ୟା ସମୟରେ ରାସ୍ତାଘାଟ ଶୂନଶାନ୍ ହୋଇପଡ଼ିଛି। ସନ୍ଧ୍ୟାହେଲେ ଆଖପାଖର ଗ୍ରାମବାସୀ ଘରୁ ବାହାରିବାକୁ ଉଚିତ ମନେ କରୁନାହାନ୍ତି।



ହତ୍ୟାକାଣ୍ଡ ସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ।



ଶୋକାକୁଳ ପରିବାରବର୍ଗ।

■ ଆଇଆଇଟି ପରିସରରେ ରାଜ୍ୟପାଳଙ୍କ ଦ୍ୱାରା ଦୁଇ ହଷ୍ଟେଲ ଉଦ୍‌ଘାଟିତ

## ପ୍ରଯୁକ୍ତିବିଦ୍ୟାକୁ ଧର୍ମଶାସ୍ତ୍ର ସହ ସଂଶ୍ଳିଷ୍ଟ କରିବା ଦରକାର




କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

**ଜଟଣୀ,୧୫।୭(ଡି.ଏନ.ଏ.)**

ଆଜି ସମଗ୍ର ବିଶ୍ୱ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିଚାରଧାରା ଉପରେ ଆଧାରିତ। କେବଳ ପ୍ରଯୁକ୍ତି ବିଦ୍ୟା ଉପରେ ନିର୍ଭର କରିବା ଯଥେଷ୍ଟ ହେବନାହିଁ। ପ୍ରଯୁକ୍ତି ବିଦ୍ୟାକୁ ଧର୍ମଶାସ୍ତ୍ର ସହ ସଂଶ୍ଳିଷ୍ଟ କରିବାର ପ୍ରୟୋଜନ ରହିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଜଟଣୀସ୍ଥିତ ଆଇଆଇଟି ସ୍ଥାୟୀ କ୍ୟାମ୍ପସ ମଧ୍ୟରେ ସୋମବାର ଛାତ୍ରୀଛାତ୍ରଙ୍କ ପାଇଁ ୨ଟି ହଷ୍ଟେଲ ଉଦ୍‌ଘାଟନ କରିବା ପରିପ୍ରେକ୍ଷୀରେ ରାଜ୍ୟପାଳ ଉପରୋକ୍ତ ବକ୍ତବ୍ୟ ରଖି କହିଥିଲେ, ଭୌତିକ ବିଦ୍ୟାକୁ ଅତି ଭୌତିକ ବିଦ୍ୟା ସହିତ ଯୋଡ଼ିବାର ଆବଶ୍ୟକତା ରହିଛି। ପଞ୍ଚେନ୍ଦ୍ରିୟ ମଧ୍ୟରୁ ୩ ପ୍ରମୁଖ ଇନ୍ଦ୍ରିୟ ମନ, ଧୀଶକ୍ତି ଓ ଅହଂକୁ ଅନ୍ତ ବିଜ୍ଞାନ ସହିତ ଯୋଡ଼ିବାକୁ ହେବ। ପ୍ରଯୁକ୍ତି ସମ୍ବନ୍ଧକୁ ଆନ୍ତଃ ସମ୍ବନ୍ଧ ସହିତ ଯୋଡ଼ାଯିବା ଦରକାର। ଅବିନବକରଣ ସହିତ ଆନ୍ତଃ ବିବର୍ତ୍ତନର ସଂଯୋଗ ଆବଶ୍ୟକ। ଏସବୁର ସନ୍ଧି ହିଁ ବିଦ୍ୟାର୍ଥୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରିବ। ଆଗାମୀଦିନରେ ବିଶ୍ୱର ପିରାମିଡ୍ ଯେଉଁ ଭିତ୍ତିଭୂମି ଉପରେ ଛିଡ଼ା ହେବାକୁ ଯାଉଛି ତାହା ଆଇଆଇଟି ଭଳି ଶିକ୍ଷାନୁଷ୍ଠାନ ଅଟେ ବୋଲି ସେ କହିଥିଲେ। ଏହି ଉଦ୍‌ଘାଟନ ଉତ୍ସବରେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଡିନ୍ ପ୍ରଫେସର ଭି.ଆର୍. ପେଡ଼ିରେଡି ପ୍ରାରମ୍ଭିକ ସୂଚନା ଦେଇଥିଲେ। ରେଜିଷ୍ଟ୍ରାର ଡ. ସୁବୋଧ କୁମାର, ୱାର୍ଡେନ୍ ଶାନ୍ତନୁ ପାଲ, ଶିକ୍ଷାନୁଷ୍ଠାନର ଅନେକ ଫାକ୍‌ଲଟି, କର୍ମଚାରୀ ଓ ବିଦ୍ୟାର୍ଥୀ ଉପସ୍ଥିତ ରହିଥିଲେ। ଆଇଆଇଟି କ୍ୟାମ୍ପସ୍ ମଧ୍ୟରେ ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଦୁଇଟି ହଷ୍ଟେଲ ମଧ୍ୟରୁ ଗୋଟିଏ ଛାତ୍ରୀ ନିବାସ ଓ ଅନ୍ୟଟି ଛାତ୍ରାବାସ । ଛାତ୍ରୀନିବାସ ନାମ ଗଙ୍ଗା ରଖାଯାଇଥିବା ବେଳେ ଏହା ୪୦୦ ଛାତ୍ରୀ ରହିବା କ୍ଷମତା ବିଶିଷ୍ଟ ହୋଇଛି। ସେହିପରି ବ୍ରହ୍ମପୁତ୍ର ନାମରେ ଛାତ୍ରାବାସରେ ୮୦୦ ଛାତ୍ର ରହି ପାରିବେ। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ କ୍ୟାମ୍ପସ୍ ମଧ୍ୟରେ ଚାରାରୋପଣ କରିଥିଲେ।

### ହୃଦ୍‌ଘାତରେ ଆଇଆର୍‌ବି ହାବିଲଦାରଙ୍କ ମୃତ୍ୟୁ

ରଥଯାତ୍ରା ଡ୍ୟୁଟିରେ ଆସିଥିଲେ

**ପୁରୀ ଅଫିସ, ୧୫।୭**

ରଥଯାତ୍ରା ଡ୍ୟୁଟିରେ ଆସିଥିବା ୪ର୍ଥ ବାଟାଲିୟନର ହାବିଲଦାର ପତିତପାବନ ଦାଶ (୪୦)ଙ୍କର ସୋମବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କ ଘର ଦେଓଗଡ଼ରେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ପତିତପାବନ ଗତ ୩ତାରିଖଠାରୁ ରଥଯାତ୍ରା ଡ୍ୟୁଟିରେ ଶ୍ରୀକ୍ଷେତ୍ରକୁ ଆସିଥିଲେ। ସେ ବଳିଆପଣ୍ଡା ଥାନା ବାରାକରେ ରହୁଥିଲେ। ସୋମବାର ଥିଲା ନୀଳାଦ୍ରିବିଜେ। ମହାପ୍ରଭୁଙ୍କ ନୀଳାଦ୍ରିବିଜେ ନୀତି ଚାଲିଥିଲା। ସେ ବଳିଆପଣ୍ଡା ଥାନାରେ ଡ୍ୟୁଟିରେ ଥିବାବେଳେ ରାତି ସାଢେ ୯ଟା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସଙ୍ଗେସଙ୍ଗେ ଅଚେତ ହୋଇପଡ଼ିଥିଲେ। ଅନ୍ୟ ପୋଲିସ କର୍ମଚାରୀମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀ, ଆଇଆର୍‌ବି ଷ୍ଟାଫ୍ ମେଡିକାଲରେ ପହଞ୍ଚିଥିଲେ। ପତିତପାବନଙ୍କ ମୃତ୍ୟୁରେ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## କାର ଧକ୍କାରେ ବାଇକ୍ ଆରୋହୀ ମୃତ: ପ୍ରତିବାଦରେ ରାସ୍ତାରୋକୋ

**ବୋଲଗଡ଼/ ବେଗୁନିଆ, ୧୫।୭ (ଡି.ଏନ.ଏ.)**

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବେଗୁନିଆ ଥାନା ବୋଲଗଡ ବ୍ଲକ ଟିକାତାଲଠାରେ ସୋମବାର ଅପରାହ୍ଣରେ ଏକ କାର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପିଚୁକୁଳି ଗ୍ରାମ ଆଦିବାସୀ ସାହିର ଗଣେଶ ନାୟକ (୨୫)। ଦୁର୍ଘଟଣା ପ୍ରତିବାଦରେ ପିଚୁକୁଳି ଠାରେ ଆଦିବାସୀ ମହିଳାମାନେ ରାଜପଥ ଅବରୋଧ କରିଥିଲେ । ବେଗୁନିଆ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିଛି। ଅନ୍ୟପକ୍ଷେ ରାଜପଥ ଅବରୋଧ ସ୍ଥଳରେ ବୋଲଗଡ ତହସିଲଦାର ମୋନାଲିସା ପଣ୍ଡା ପହଞ୍ଚି ରାଜପଥ ଅବରୋଧକାରୀଙ୍କୁ ବୁଝାଶୁଝା କରିବା ସହିତ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିବା ପରେ ସନ୍ଧ୍ୟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଛି ।

ବେଗୁନିଆ ଥାନା ସୂତ୍ରରୁ ପ୍ରକାଶ ଯେ, ଗଣେଶ ଏକ ବାଇକ୍ ଯୋଗେ ୫୭ନଂ. ଜାତୀୟ ରାଜପଥରେ ପିଚୁକୁଳି ଅଭିମୁଖେ ଫେରୁଥିଲା ବେଳେ ଟିକାତାଲଠାରେ ବିପରୀତ ଦିଗରୁ ଯାଉଥିବା ଓଆର ୦୨ ଏକ୍ୟୁ ୯୯୧୭ ନଂ. ବିଶିଷ୍ଟ କାରଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗଣେଶ ଗୁରୁତର ହୋଇଥିଲେ । ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରୁ ଖୋର୍ଦ୍ଧା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ବେଗୁନିଆ ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁଙ୍କଠାରୁ ପ୍ରକାଶ ।



ଉତ୍ତ୍ୟକ୍ତ ଲୋକେ ପିଚୁକୁଳିଠାରେ ୫୭ ନଂ. ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି।

## ୩୧ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ୬ ଗିରଫ

**ଖୋର୍ଦ୍ଧା ଅଫିସ୍/ ଜଟଣୀ/ କଟକ ରୋଡ୍ ୧୫।୭(ଡି.ଏନ.ଏ.)**

ବେଆଇନ ବ୍ରାଉନ ସୁଗାର କାରବାର ବନ୍ଦ ପାଇଁ ପୋଲିସ ଚଢ଼ଉ ଆରମ୍ଭ କରିଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ୱାଣ୍ଟେଡ୍ ତଥା ର୍‌ୟାକେଟ ଚଳାଉଥିବା ଖୋର୍ଦ୍ଧାର ସୁଧାଂଶୁ ପରିଡ଼ା ଓରଫ ଛୋଟା ଜେଲ୍ ଯିବା ପରେ ପୋଲିସ ତତ୍ପର ହୋଇଉଠିଛି। ସୋମବାର ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିବା ସହ ଲକ୍ଷାଧିକ ଟଙ୍କାର ବ୍ରାଉନ୍‌ସୁଗାର ଜବତ କରିଛି।

ଖୋର୍ଦ୍ଧା ସଦର ଥାନା ପୋଲିସ ଦଧିମାଛଗାଡିଆ ଛକରୁ କାର (ନଂ. ଓଆର୦୨ ଏଏପି ୫୧୯୦) ସହ ୧୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ଜବରଦସ୍ତପୁର ସ୍ୱପେଶ୍ୱରସାହିର ଚିତ୍ତ ରଞ୍ଜନ ସାହୁ ଓ ତାଙ୍କ ଡ୍ରାଇଭର ସୂର୍ଯ୍ୟକାନ୍ତ ବେହେରାଙ୍କୁ ଗିରଫ କରିଛି। ସେହିପରି ଜଟଣୀ ଥାନା ଅନ୍ତର୍ଗତ ବାଲିଛକ ମୁଣ୍ଡିଆ ସାହି ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୨ଜଣଙ୍କୁ ଗିରଫ କରବା ସହ ସେମାନଙ୍କଠାରୁ ୭ ଗ୍ରାମ୍ ବ୍ରାଉନ୍‌ସୁଗାରଓ ୬ହଜାର ୯ଶହ ଟଙ୍କା ଜବତ କରିଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ମଧୁସୂଦନନଗର ଅଞ୍ଚଳର ପ୍ରମୋଦ ପ୍ରଧାନ ଓ ମୁନା ପ୍ରଧାନ। ଅନ୍ୟପକ୍ଷରେ ଭୁବନେଶ୍ୱର ଲକ୍ଷ୍ମୀସାଗର ପୋଲିସ ହଳଦୀପଡ଼ିଆ ବସ୍ତିରୁ ଦୁଇ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଏହି ବସ୍ତିରେ ରହୁଥିବା ଦିଲୀପ ସିଂ ଓ ସଞ୍ଜୟ ମହାନ୍ତି। ଏମାନଙ୍କଠାରୁ ୧୪ଗ୍ରାମ ବ୍ରାଉନସୁଗାର ଓ ୨୪୦୦ଟଙ୍କା ଜବତ ହୋଇଛି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ବାରବୋଡ଼ିଆରୁ ଗୋଖର ଉଦ୍ଧାର



**ସାଲେପୁର,୧୫।୭(ଡି.ଏନ.ଏ.):** ସାଲେପୁର ବ୍ଲକ ଅନ୍ତର୍ଗତ ମଧକଛ ପଞ୍ଚାୟତ ବାରବୋଡ଼ିଆ ଜେନା ସାହିରୁ ସୋମବାର ପ୍ରାୟ ଚାରିଫୁଟ୍ ଲମ୍ବର ଏକ ଗୋଖର ସାପ ଉଦ୍ଧାର କରାଯାଇଛି। ସାହିର ଅଜୟ ଜେନାଙ୍କ ସିଡ଼ି ଘର ତଳେ ସାପ ଫଣାଟେକି ଠିଆ ହୋଇଥିବା ଅଜୟଙ୍କ ପରିବାର ଲୋକେ ଦେଖିଥିଲେ। ପରେ ପରିବାର ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ଖବର ପ୍ରଚାରିତ ହେବାପରେ ଆଖପାଖ ଗ୍ରାମର ବହୁଲୋକ ସାପ ଦେଖିବା ପାଇଁ ଭିଡ଼ ଜମାଇଥିଲେ। ଏହାପରେ ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ ପହଞ୍ଚି ସାପଟିକୁ ଉଦ୍ଧାର କରି ବାରବୋଡ଼ିଆ ସ୍ଥିତ ମହାନଦୀପଠାରେ ଛାଡ଼ିଥିଲେ।

### ସେବା ସମବାୟ ସମିତିରେ ଚାରାରୋପଣ

**ବାଙ୍କୀ,୧୫।୭(ବି.ପ୍ର.):** ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ସରଣ୍ଡା ଶାଖା ଅଧୀନ ଗୋପାଳପୁର ସେବା ସମବାୟ ସମିତି ପରିସରରେ ସୋମବାର ଚାରାରୋପଣ କରାଯାଇଛି। ସେବା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ସରୋଜକାନ୍ତ ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉପସହ ନିବନ୍ଧକ ଜ୍ୟୋତିରଞ୍ଜନ ସେଠୀ ଏବଂ ସମିତି ସମ୍ପାଦକ ଈଶ୍ୱର ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସେବା ସମବାୟ ସମିତି ଅନ୍ତର୍ଗତ ଚାଷୀ ନିଜ ବାଡି ବଗିଚାରେ ଗଛ ଲଗାଇବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ।

### ବାଙ୍କୀ ଉପଖଣ୍ଡରେ ଗୋପଦ ଅଭିଯାନ ଆରମ୍ଭ

**ବାଙ୍କୀ,୧୫।୭(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡ ଅଧୀନ ଡମପଡ଼ା ଓ ବାଙ୍କୀ ବ୍ଲକରେ ଗୋପଦ ଅଭିଯାନ ଆରମ୍ଭ ହୋଇଛି। ଏହିକ୍ରମରେ ସୋମବାର ଡମପଡ଼ା ବ୍ଲକ ଶିମିଳିପୁରଠାରେ ବାଙ୍କୀ ଉପଜିଲାପାଳ ଅରୁଣ ବିଶ୍ୱାଳ, ଡମପଡ଼ା ତହସିଲଦାର ଇନ୍ଦିରା ସାହୁ, ବ୍ଲକ ଅଧ୍ୟକ୍ଷ ଶଶାଙ୍କ ସ୍ୱାଇଁ, ସରପଞ୍ଚ ଲକ୍ଷ୍ମୀପ୍ରିୟା ସାହୁ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ ମହାପାତ୍ର, ଅତିରିକ୍ତ କୃଷି ଅଧିକାରୀ ଗଣେଶ୍ୱର ରଥ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ସେହିପରି ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ପଞ୍ଚାୟତରେ ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ, ଅତିରିକ୍ତ ତହିସିଲଦାର କିଶୋର ଚନ୍ଦ୍ର ଦାଶ, ଗ୍ରାମପଞ୍ଚାୟତ ଅଧିକାରୀ କୁମର ପ୍ରଧାନ, ସହକାରୀ ଯନ୍ତ୍ରୀ ରୂପନୀତା ସ୍ୱାଇଁ, ସରପଞ୍ଚ ତରୁଣ ମହାପାତ୍ର ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାରଦା ମହାନ୍ତି ସହଯୋଗ କରିଥିଲେ।

■ ବିଦ୍ୟାଳୟ ମିଶ୍ରଣକୁ ବିରୋଧ

# ଧାରଣାରେ ଛାତ୍ରୀ, ଅଭିଭାବକ

**ବଡମ୍ବା,୧୫।୭(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁରସ୍ଥିତ ସମୀର କୁମାର ବାଳିକା ଉଚ୍ଚ ବିଦ୍ୟାଳୟକୁ ସ୍ଥାନୀୟ କୃପାସିନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ ସହିତ ମିଶ୍ରଣ କରିବା ପାଇଁ ସରକାର ଚିଠି ଲେଖିଛନ୍ତି। ଏକଥା ଜାଣିବା ପରେ ସମୀର କୁମାର ବାଳିକା ବିଦ୍ୟାଳୟ ଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ଏହାର ପ୍ରତିବାଦରେ ସୋମବାର ଅଭିଭାବକ ଓ ଛାତ୍ରୀ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ସମ୍ପୃକ୍ତ ବିଦ୍ୟାଳୟରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାରେ ଧାରଣା ଦେଇଥିଲେ। ଅଭିଭାବକଙ୍କ କହିବା କଥା ହେଲା, ବିଦ୍ୟାଳୟକୁ ମିଶ୍ରଣ ନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ହେଲେ ଏ ଦିଗରେ କୌଣସି ବିଚାର କରାଯାଇ ନାହିଁ। ଏହାର ପ୍ରତିବାଦରେ ଧାରଣା ଦିଆଯାଇଛି। ସରକାରଙ୍କ ଉକ୍ତ ମିଶ୍ରଣ ଆଦେଶକୁ ରଦ୍ଦ କରା ନ ଗଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ। ସାମାଜିକ କର୍ମୀ ଗୋବିନ୍ଦଚନ୍ଦ୍ର ସାହୁ, ରମେଶଚନ୍ଦ୍ର ସାହୁ, ବସନ୍ତ ବେହେରା, ଆର୍ତ୍ତବନ୍ଧୁ ଘଡେଇ, ଗୋବର୍ଦ୍ଧନ ବେହେରା, ସୂର୍ଯ୍ୟମଣି ଖଟୁଆ, ଚନ୍ଦ୍ରମଣି ସେଠୀ ଓ କୈଳାସଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଉକ୍ତ ଧାରଣା ଦିଆଯାଇଥିଲା। ଘଟଣା ସମ୍ପର୍କରେ କଟକ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ବିଦ୍ୟାଳୟ ମିଶ୍ରଣ ନେଇ ସରକାରଙ୍କ ନିଷ୍ପତ୍ତି ହୋଇଛି। ତେଣୁ ଏହାକୁ ବାତିଲ କରାଯିବ ନାହିଁ। ଏଥିରେ ବାଧା ଉପୁଜିଲେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ସୂଚନାଯୋଗ୍ୟ, ୧୦୦ ମିଟରେ ବ୍ୟବଧାନରେ ୨ଟି ସ୍କୁଲ ଥିଲେ ତାହାକୁ ମିଶ୍ରଣ କରାଯିବ ବୋଲି ସରକାର ନିୟମ ଆଣିଛନ୍ତି। ସେହି ଅନୁସାରେ ଏହି ବିଦ୍ୟାଳୟକୁ ମିଶ୍ରଣ କରାଯାଇଥିବା କୁହାଯାଇଛି। ଅନ୍ୟପକ୍ଷରେ ଏହି ବିଦ୍ୟାଳୟ ୧୦୦ମିଟର ଦୂରରେ ରହିଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।



ବିଦ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାରେ ଛାତ୍ରୀ ଓ ଅଭିଭାବକମାନେ ଧାରଣା ଦେଇଛନ୍ତି।

■ବଢୁଛି ଜନ ଅସନ୍ତୋଷ, ପ୍ରଶାସନ ବିଚାର କରିବାକୁ ଦାବି

■ଆଦେଶ ରଦ୍ଦ କରା ନ ଗଲେ ଆନ୍ଦୋଳନ ଜୋର୍‌ଦାର ହେବ

# ଶିକ୍ଷକ ପଦବୀ ପୂରଣ ଦାବିରେ ଧାରଣା

**ବାଙ୍କୀ,୧୫।୭(ବି.ପ୍ର.)**

ବାଙ୍କୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ବାଉଁଶପୁଟ ପ୍ରକଳ୍ପ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବେ ଦୁର୍ଦ୍ଦିନରେ ଗତି କରୁଛି। ପଞ୍ଚାୟତର ସର୍ବପୁରାତନ ଏହି ବିଦ୍ୟାଳୟ ପ୍ରତି ସରକାର ଅଣଦେଖା କରୁଛନ୍ତି। ଫଳରେ ବିଦ୍ୟାଳୟରେ ଆବଶ୍ୟକ ଅନୁସାରେ ଶିକ୍ଷକ ପଦବୀ ପୂରଣ ହୋଇ ପାରୁନାହିଁ। ତେଣୁ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ଦାବିରେ ସୋମବାର ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର, ଅଭିଭାବକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଗଣଧାରଣାରେ ବସିଥିଲେ। ଖବର ପାଇ ସ୍ଥାନୀୟ ସିଆରସିସି ଧାରଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ଏଠାରେ ଦୀର୍ଘ ବର୍ଷ ହେବ ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଛି। ଅନ୍ୟପକ୍ଷରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ବିଦ୍ୟାଳୟରେ ପାଠପଢା ବାଧାପ୍ରାପ୍ତ ହେଉଛି। ସେହିପରି ଫନୀ ବାତ୍ୟାରେ ବିଦ୍ୟାଳୟ ଆଜବେଷ୍ଟସ୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବର୍ତ୍ତମାନ ସୁଧା ତାହାର ମରାମତି କରାଯାଇ ନ ଥିବାରୁ ଧାରଣାକାରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଆସନ୍ତା ୭ଦିନ ମଧ୍ୟରେ ସମସ୍ୟା ସମାଧାନ କରା ନ ଗଲେ ପଞ୍ଚାୟତବାସୀ ଆନ୍ଦୋଳନକୁ ତୀବ୍ରତର କରିବା ସହିତ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଦିଲୀପ ମନ୍ତ୍ରୀ, ପତିତପାବନ ପଣ୍ଡା, ମନୋଜ କୁମାର ପଣ୍ଡା ପ୍ରମୁଖ ଅଭିଭାବକ ଚେତାବନୀ ଦେଇଛନ୍ତି।




ବିଦ୍ୟାଳୟ ସମ୍ମୁଖରେ ଧାରଣାରତ ଅଭିଭାବକ ଓ ଅନ୍ୟମାନେ।

# ସ୍କୁଲରେ ଲଘୁ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ।

**ନରସିଂହପୁର,୧୫।୭(ସ୍ୱ.ପ୍ର.)**

ନରସିଂହପୁର ସଦର ମହକୁମାରେ ଥିବା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଗୁରୁଜୀ, ଗୁରୁମା ଓ ପରିଚାଳକଙ୍କୁ ନେଇ ବିଷୟ ଭିତ୍ତିକ ଲଘୁ ପ୍ରଶିକ୍ଷଣ ତାଲିକା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶିକ୍ଷା ପରିଷଦ ପରିଚାଳନା ନିର୍ଦ୍ଦେଶକ ବ୍ରଜବନ୍ଧୁ ମହାପାତ୍ର, ଖଣ୍ଡପଡା ବ୍ଲକ ପ୍ରଶିକ୍ଷକ ଦେବାଶିଷ ରଥ ଓ ପ୍ରଶାନ୍ତ ସୁବୁଦ୍ଧି ଯୋଗଦେଇ କୋମଳମତୀ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ, ମାନସିକ, ଶାରିରୀକ ବିକାଶ ନିମନ୍ତେ ସମସ୍ତ ଘୋରୋଇ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଯତ୍ନଶିଳ ହେବା ସହ ସାମ୍ପ୍ରତିକ ଯୁଗ ପାଇଁ ଇଂଲିଶ, ଗଣିତ ଓ ବିଜ୍ଞାନ ପାଠକୁ ସହଜ, ସାବଲୀଳ କରାଇ ଶିକ୍ଷା ଦେବାପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷାକେନ୍ଦ୍ର ପରିଚାଳନା ସମ୍ପାଦକ ଅଯୋଧ୍ୟା ମାଝୀ, ପ୍ରଧାନ ଗୁରୁମା ନମିତା ମିଶ୍ର, ମମତା ରାଣୀ ଚିହ୍ନରା ପ୍ରମୁଖ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଯୋଗଶିକ୍ଷା ସମ୍ପର୍କରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିଲା।

# ଲକ୍ଷ୍ମୀନୃସିଂହ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

**ସାଲେପୁର,୧୫।୭(ଡି.ଏନ.ଏ.)**

ସାଲେପୁର ଶିକ୍ଷାମଣ୍ଡଳ ଅଧୀନ ପୂର୍ବକଚ୍ଛସ୍ଥିତ ଲକ୍ଷ୍ମୀନୃସିଂହ ଉଚ୍ଚ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ପ୍ରଶାନ୍ତ ବେହେରା, ମୁଖ୍ୟବକ୍ତା ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଜଗତସିଂହପୁର ଜିଲା ଡିପିସି ସପନ ଜେନା, ସ୍ୱତନ୍ତ୍ର ଅତିଥି ଡ. ବିଶ୍ୱଜିତ୍ ଘୋଷ, ସମ୍ମାନିତ ଅତିଥି ରଜନୀକାନ୍ତ ଦାଶ, ଏବିଇଓ ଜଗବନ୍ଧୁ ଶତପଥୀ, ସେକ୍ ଅବୁ ତାହେର ପ୍ରମୁଖ ଯୋଗଦେଇ ଶିକ୍ଷା ଓ ଶିକ୍ଷାୟତନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପକ୍ଷରୁ ବିଧାୟକ ବେହେରା, ବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ହରେକୃଷ୍ଣ ବେହେରା, ଶିକ୍ଷାଧିକାରୀ ରଜନୀକାନ୍ତ ଦାଶ, ସେକ୍ ଆବୁ ତାହେର୍ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗୋପବନ୍ଧୁ ବିଜ୍ଞାନ କଲେଜର ପ୍ରତିଷ୍ଠା ଦିବସ

**ଆଠଗଡ଼,୧୫।୭(ସ୍ୱ.ପ୍ର.)**

ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ କଲେଜର ୫୭ତମ ପ୍ରତିଷ୍ଠା ଦିବସ ସୋମବାର କଲେଜ ପରିସରରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ଅମୀୟ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ଏଠାରେ ପଢୁଥିବା ପିଲା ରାଧାନାଥ ଓ ଗୋପବନ୍ଧୁଙ୍କ ପଦାଙ୍କ ଅନୁସରଣ କରନ୍ତୁ ବୋଲି କହିଥିଲେ। ଏଥିସହିତ ଅଧ୍ୟାପିକା ଓ ଅଧ୍ୟାପକ ଛାତ୍ରୀଛାତ୍ରଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ ସହିତ ସେମାନଙ୍କ ମଧ୍ୟରେ ରହିଥିବା ପ୍ରତିଭାର ବିକାଶ ଲାଗି ସହଯୋଗ କରିବାକୁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଉପଦେଷ୍ଟା ତଥା ପ୍ରାଧ୍ୟାପକ ବିଜୟ ତ୍ରିପାଠୀ, ଅଧ୍ୟାପକ ଓ କର୍ମଚାରୀଙ୍କ ପ୍ରତିନିଧି ଭାବେ ଅଧ୍ୟାପକ ପ୍ରଣବ ଦାସ, ଯୁକ୍ତ ୨ ଛାତ୍ର ପ୍ରତିନିଧି ଶତରୂପା ମିଶ୍ର ଏବଂ ଯୁକ୍ତ ୩ ଛାତ୍ର ପ୍ରତିନିଧି ସୋମ ପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପିକା ଦମୟନ୍ତି ପରିଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଲଳିତେନ୍ଦୁ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଛାତ୍ରୀ ଶୁଭଶ୍ରୀ ବନମିତ୍ରା ଖାଟୋଇ, ଶ୍ରବଣ ସାହୁ, ସ୍ମିତା ମଞ୍ଜରୀ ଦଳାଇ, ସ୍ମରଣିକା ସାହୁ, ଶ୍ରଦ୍ଧାଞ୍ଜଳି ପଣ୍ଡା, ବିଶ୍ୱଜିତ ସାମଲ, ଦୀପକ ବେହେରା, କାହ୍ନା ପ୍ରଧାନ, ରଶ୍ମିତା ପଣ୍ଡା ଓ ଶୁଭଶ୍ରୀ ପୃଷ୍ଟିଙ୍କୁ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା।

■ ଜିଲାପାଳଙ୍କ ଗୋପଦ ଅଭିଯାନ

# ଗଳିକନ୍ଦି ବୁଲି ସମସ୍ୟା ବୁଝିଲେ ପ୍ରଶାସନିକ ଅଧିକାରୀ

**ଆଠଗଡ଼,୧୫।୭(ସ୍ୱ.ପ୍ର.)**

କଟକ ଜିଲାପାଳ ଭବାନୀ ଶଙ୍କର ଚୟନିଙ୍କ 'ଗ୍ରୀଭେନ୍ସ ଅଫ୍ ଦ ପିପୁଲ୍ ଆଟ୍ ଦ ଡୋରଷ୍ଟେପ୍' (ଗୋପଦ) ଅଭିଯାନ ସୋମବାର ସମସ୍ତ ବ୍ଲକ ଓ ଏନ୍ଏସି ଅଞ୍ଚଳରେ କାର୍ଯ୍ୟକାରୀ କରାଯାଇଛି। ଏହି କ୍ରମରେ ଆଠଗଡ଼ ଉପଜିଲାପାଳ ଅମୀୟ ସାହୁ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଏନଏସି ଅନ୍ତର୍ଗତ ବାଣୀକଣ୍ଠନଗର ଅଞ୍ଚଳର ଗଳିକନ୍ଦି ବୁଲି ଲୋକଙ୍କ ଅଭିଯୋଗ ଶୁଣିବା ସହ ସେଗୁଡିକର ଫଇସଲା ପାଇଁ ପଦକ୍ଷେପ ନେଇଛନ୍ତି। ଏଠାକାର ପାନୀୟଜଳ ସମସ୍ୟା ତୁରନ୍ତ ସମାଧାନ କରିବା ଲାଗି ଉପସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ବିଭାଗୀୟ କର୍ମଚାରୀ ସେଠାରେ ଥିବା ଏକ ଅଚଳ ଗଭୀର କୂପ ମଧ୍ୟସ୍ଥ ପମ୍ପକୁ ମରାମତି କରିଥିଲେ। ଅଞ୍ଚଳର ଜନସାଧାରଣ ଅର୍ଦ୍ଧାଧିକ ରାସ୍ତାରେ ଆଲୋକ ଜଳୁ ନ ଥିବା, କେତେକ ରାସ୍ତା ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା, ବାଣୀକଣ୍ଠନଗରରେ ଡ୍ରେନେଜ ବ୍ୟବସ୍ଥା ନ ଥିବା ଆଦି ବିଷୟରେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା କରିବାକୁ ଦାବି କରିବା ସହ ସରକାରୀ ଜାଗା ଜବରଦଖଲ କରାଯାଇଥିବା ନେଇ ଉପଜିଲାପାଳଙ୍କୁ ଅବଗତ କରାଇଥିଲେ। ସସ୍ମିତା ମହାନ୍ତି ନାମକ ଜଣେ ମହିଳା ଏକ ଓଏଲଆର କେଶ୍ ସମ୍ପର୍କରେ ଆପତ୍ତି ଉପସ୍ଥାପନ କରିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଙ୍କୁ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଗଳିକନ୍ଦି ବୁଲିବା ପରେ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଏବଂ ଅନ୍ୟ ଅଧିକାରୀ ଯୋଗଦେଇ ଲୋକଙ୍କ ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ଗୁଡ଼ିକର ତତ୍କାଳ ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ତପନ ଖୁଣ୍ଟିଆ, ବିଡିଓ ଅଜାମ୍ବର ମହାନ୍ତି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡା, ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ପୃଥ୍ୱୀରାଜ ପଣ୍ଡା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଅଧିକାରୀ ଅଜିତ ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବାଣୀକଣ୍ଠନଗର ତଥା ୧୫ନଂ ୱାର୍ଡର ପୂର୍ବତନ କାଉନସିଲର ସୁରେଶ ଚନ୍ଦ୍ର ଦାସ, ଶିଶିର ପ୍ରସାଦ ମାନସିଂ, ଆଇନଜୀବୀ ଅନିଲ ମହାପାତ୍ର, ନଳିନୀପ୍ରଭା ପଟ୍ଟନାୟକଙ୍କ ସମେତ ବହୁ ଅଧିବାସୀ ପ୍ରଶାସନିକ ଅଧିକାରୀଙ୍କୁ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।




ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

■ ଶ୍ରୀକ୍ଷେତ୍ର ଯୁକ୍ତ ୨ ବିଜ୍ଞାନ କଲେଜ ହଷ୍ଟେଲ ଛାତ୍ରଙ୍କୁ ମାଡ଼ ଘଟଣା

# ଅନ୍ତର୍ଜାତୀୟ ମାନବାଧିକାର ପରିଷଦର ଥାନାରେ ଅଭିଯୋଗ

**ସାଲେପୁର,୧୫।୭(ଡି.ଏନ.ଏ.)**

ସାଲେପୁର ଶ୍ରୀକ୍ଷେତ୍ର ଯୁକ୍ତ ବିଜ୍ଞାନ କଲେଜ୍ ହଷ୍ଟେଲ ଛାତ୍ରଙ୍କୁ ହୋଇଥିବା ମାଡ଼ ଘଟଣା ନେଇ ଅନ୍ତର୍ଜାତୀୟ ମାନବାଧିକାର ପରିଷଦ ପକ୍ଷରୁ ସୋମବାର ସାଲେପୁର ଥାନାରେ ଅଭିଯୋଗ ହୋଇଛି। ଅନ୍ତର୍ଜାତୀୟ ମାନବାଧିକାର କମିଶନ ରାଜ୍ୟ ସଭାପତି ସସ୍ମିତା ଦାସ ଏବଂ ତାଙ୍କର ଟିମ୍ ସାଲେପୁର ଆସି କଲେଜ ପ୍ରତିଷ୍ଠାତା ରମେଶ ସ୍ୱାଇଁଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ବୁଝିଥିଲେ। ପରେ ହଷ୍ଟେଲରେ ରହୁଥିବା ଓ କଲେଜରେ ପଢୁଥିବା କେତେଜଣ ଛାତ୍ରଙ୍କ ସହ ସେମାନଙ୍କ ଅଭିଭାବକଙ୍କୁ ଭେଟିଥିଲେ। ଏହାପରେ ଦାସ ଟିମ୍ ସଦସ୍ୟଙ୍କ ସହ ଥାନାକୁ ଯାଇ ଆଇଆଇସି ଦେବେନ୍ଦ୍ର ମଲ୍ଲିକଙ୍କୁ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ।

ସେ ଦର୍ଶାଇଥିଲେ, କଲେଜର ଦୁଇ ଅଧ୍ୟାପକ ଗତ ଶନିବାର ରୋଧପୁରସ୍ଥିତ ହଷ୍ଟେଲକୁ ଯାଇ ସେଠାରେ ରହୁଥିବା ଛାତ୍ରଙ୍କୁ କ'ଣ ପାଇଁ କଲେଜକୁ ଯାଉନା କହି ଗାଳିଗୁଲଜ କରିଥିଲେ। ପିଲାମାନେ ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାରେ କିଛି ପିଲା ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ମଧ୍ୟ ହୋଇଥିଲେ। କଲେଜର ସମସ୍ତ ଛାତ୍ର ନାବାଳକ ଥିବାବେଳେ କ'ଣ ପାଇଁ ମାରଧର କରାଗଲା ତାହାର ଦତନ୍ତ କରିବାକୁ ଦାବି କରିଥିଲେ। ଘଟଣା ସମ୍ପର୍କରେ ଆଇଆଇସି ମଲ୍ଲିକଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତିଙ୍କୁ ପଚାରିବାରୁ ସେ ମଧ୍ୟ ସମାନ ଉତ୍ତର ଦେଇଛନ୍ତି। ଘଟଣା ଏବେ ତୀବ୍ର ହେଉଥିବାରୁ ହଷ୍ଟେଲରେ କେତେ ପିଲା ରହୁଛନ୍ତି ଓ ସେମାନଙ୍କ ସୁରକ୍ଷା ନେଇ କର୍ତ୍ତୃପକ୍ଷ କ'ଣ କରିଛନ୍ତି ତାହାକୁ ତଦନ୍ତ ପରିସର ଭୁକ୍ତ କରାଯିବାକୁ ଦାବି ହୋଇଛି। ଶୁକ୍ରବାର ହଷ୍ଟେଲରେ ନିମ୍ନମାନର ଖାଦ୍ୟ ପରିବେଷଣ କରାଯାଇଥିଲା। ଏହାକୁ କେତେକ ଛାତ୍ର ବିରୋଧ କରିଥିଲେ। ଏକଥା ଜାଣିବା ପରେ କଲେଜର ୨ ଅଧ୍ୟାପକ ଆସି ପିଲାଙ୍କୁ ପାଟି କରିବା ସହ ମାଡ଼ ମାରିଥିଲେ। ଏଥିରେ ୧୦ଜଣ ଛାତ୍ର ଗୁରୁତର ହୋଇଥିବା ଅଭିଯୋଗ ହୋଇଥିଲା।



ଥାନା ଅଧିକାରୀଙ୍କ ସହ ମାନବାଧିକାର ପରିଷଦର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

# ଅଂଶୁପାକୁ ଜାତୀୟ ପର୍ଯ୍ୟଟନସ୍ଥଳ ମାନ୍ୟତା ଦାବି

**ବାଙ୍କୀ,୧୫।୭(ସ୍ୱ.ପ୍ର.)**

ବାଙ୍କୀ ବ୍ଲକର ପୂର୍ବତନ ଐତିହାସିକ ସରଣ୍ଡା ରାଜ୍ୟର ମହାନଦୀ ଉତ୍ତର ଦିଗ ବା ବାମ ପାର୍ଶ୍ୱରେ ଅବସ୍ଥିତ ଏସିଆ ମହାଦେଶର ୩ୟ ବୃହତ୍ତମ ମଧୁର ଜଳ ହ୍ରଦ ଅଂଶୁପାକୁ ଏ ପର୍ଯ୍ୟନ୍ତ ପର୍ଯ୍ୟଟନସ୍ଥଳ ମାନ୍ୟତା ମିଳି ପାରିନାହିଁ। ଏଠାରେ ଦୈନିକ ଶତାଧିକ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେବା ଆଶ୍ଚର୍ଯ୍ୟର ବିଷୟ ହୋଇଛି। ତେଣୁ ରାଜ୍ୟ ଓ କେନ୍ଦ୍ର ସରକାର ବିଚାର କରି ଏହାକୁ ଜାତୀୟ ପର୍ଯ୍ୟଟନସ୍ଥଳର ମାନ୍ୟତା ପ୍ରଦାନ କରିବାକୁ ବହୁ କବି, ସାହିତ୍ୟିକ, ଐତିହାସିକ, ଗବେଷକ, ପର୍ଯ୍ୟଟକ ଓ ଜନସାଧାରଣ ନିବେଦନ କରିଛନ୍ତି।

ବାଙ୍କୀ ବ୍ଲକର ସୁବର୍ଣ୍ଣପୁର, ଓସ୍ତିଆ, କଦଳୀବାଡ଼ି, କନ୍ତପ୍ରହରା, ଗୋଡ଼ାବର ପଞ୍ଚାୟତକୁ ନେଇ ପୁରାତନ ସରଣ୍ଡା ରାଜ୍ୟ ହୋଇଥିଲା। ମହାନଦୀ ସହିତ ଅଂଶୁପାକୁ ସଂଲଗ୍ନ ରହିଛି ହୁଳୁହୁଳା ନଦୀ। ବର୍ଷାଦିନେ ଅଂଶୁପାକୁ ହୁଳାହୁଳି ନଦୀମଧ୍ୟରେ ମହାନଦୀ ଜଳ ପ୍ରବାହିତ ହୋଇଥାଏ। ଅଂଶୁପା ସଲଗ୍ନ ସରଣ୍ଡା ପାହାଡ଼ରେ ରହିଛି ଗଡ଼ର ଧ୍ୱଂସାବଶେଷ ମୁଖଶାଳା, ବାରୁଦ ଘର, ଭାଇବୋହୂ କୂପ, କଉଡ଼ି ଖାତ। ରାଜ୍ୟ ସରକାରଙ୍କ ତରଫରୁ ଏହାର ସଂରକ୍ଷଣ ନିମନ୍ତେ କେତେକ ପଦକ୍ଷେପ ନିଆ ଯାଇଥିଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ। ଅନ୍ୟପକ୍ଷରେ ବନବିଭାଗ ତରଫରୁ ନିର୍ମାଣ ହୋଇଛି ବାଉଁଶ ଘର, ଉଦ୍ୟାନ। ଏହି ସରଣ୍ଡା ରାଜ୍ୟର କ୍ଷେତ୍ରଫଳ ଥିଲା ୫୫୦୦ ଏକର, ଚାଷଜମି ଥିଲା ୨୬୦୦ଏକର। ଏହା ପାହାଡ଼ ଜଙ୍ଗଲ ପ୍ରାକୃତିକ ସମ୍ପଦରେ ଭରପୁର। ହ୍ରଦର ଲମ୍ବ ୩କି.ମି ଏବଂ ଓସାର ୧ରୁ ୨କି.ମିର କ୍ଷେତ୍ରଫଳ ୩୮୨ଏକର। ଚତୁଃପାର୍ଶ୍ୱରେ ମନୋରମ ସବୁଜ ବନାନୀ ଓ ପାହାଡ଼ ଯଥା ପୂର୍ବରେ ଗୁଞ୍ଜର ପାହାଡ଼, ପଶ୍ଚିମରେ ସରଣ୍ଡା ପାହାଡ଼ ସହିତ ପର୍ଯ୍ୟାପ୍ତ ସବୁଜ ବନାନୀ। ନିକଟ ଚନ୍ଦକା ଅଭୟାରଣ୍ୟରୁ ମୟୂର ଓ ହରିଣ ଏହି ଅଞ୍ଚଳକୁ ଚାଲି ଆସିଥାନ୍ତି। ଏଠାରେ ମୟୂର ଓ ହରିଣଙ୍କ ପାଇଁ ଅଭୟାରଣ୍ୟ ଏବଂ ପାର୍କର ଆବଶ୍ୟକତା ରହିଛି। ଜାତମୁଣ୍ଡିଆ–ସୁବର୍ଣ୍ଣପୁର ସେତୁ ହେବା ଦିନଠାରୁ ଏଠାକୁ ଗମନାଗମନ ସୁଗମ ହୋଇପାରିଛି। ଜୈବ ବିବିଧତା, ସୁନୀଳ ଜଳରାଶିରେ ଶୋଭିତ ପ୍ରସ୍ଫୁଟିତ ପଦ୍ମଫୁଲର ଆସର ଦୂରଦୂରାନ୍ତରୁ ଆସୁଥିବା ପକ୍ଷୀଙ୍କ ମଧୁର କୁଜନରେ ସୁନ୍ଦରୀ ଅଂଶୁପା ପର୍ଯ୍ୟଟକଙ୍କୁ ଆକର୍ଷଣ କରୁଛି। ସେହିପରି ଏଠାରେ ନୌକାବିହାର, ପ୍ରାକୃତିକ ଉଦ୍ୟାନର ମନଲୋଭା ପରିବେଶ ଖୁବ୍ ଆକର୍ଷଣୀୟ। ଏଥିଯୋଗୁ ଶହଶହ ପର୍ଯ୍ୟଟକ, ସାହିତ୍ୟିକ, ଐତିହାସିକ, ଗବେଷକ, ରାଜ ଓ ରାଜ୍ୟ ବାହାରୁ ଅଂଶୁପା ପରିଦର୍ଶନରେ ଆସୁଛନ୍ତି। ଅଂଶୁପାର ରୂପଲାବଣ୍ୟରେ ମୁଗ୍ଧହୋଇ କବିବର ରାଧାନାଥଙ୍କ ପରବର୍ତ୍ତୀ କବି ଦାମୋଦର ମିଶ୍ର, ଅଧ୍ୟାପକ ଜୟକୃଷ୍ଣ ମିଶ୍ର, କାହ୍ନୁଚରଣ ବାରିକ, ନବକିଶୋର ମହାରଣା, କୃଷ୍ଣ କେଶବ ଷଡଙ୍ଗୀ ଓ ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ପ୍ରମୁଖ ବହୁ କାବ୍ୟକବିତା ଲେଖି ଓଡିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଅଂଶୁପାଠାରୁ ମହାନଦୀର ଅପରପାର୍ଶ୍ୱରେ ବାଙ୍କୀ ସଦର ମହକୁମାଠାରେ ପର୍ଶୁରାମ ପୀଠ ରଚିକ ପାହାଡ଼ରେ ବିରଜମାନ ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ଚର୍ଚ୍ଚିକାଙ୍କ ବିଜେସ୍ଥଳୀ। ଯାହା ପର୍ଯ୍ୟଟକଙ୍କ ପାଇଁ ଅନନ୍ୟ ଅନୁପମ ଦର୍ଶନୀୟ କ୍ଷେତ୍ର। ପର୍ଯ୍ୟଟନ ମାନ୍ୟତା ପ୍ରସଙ୍ଗରେ ପଚାରିବାରୁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦାୟିତ୍ୱରେ ଥିବା ଏସିଏଫ୍ଓ ଫଣିନ୍ଦ୍ର ଭୂଷଣ ନନ୍ଦ କହିଛନ୍ତି, ଏ କାର୍ଯ୍ୟ ପର୍ଯ୍ୟଟନ ବିଭାଗର କାମ। ଆମର ଏଥିରେ କୌଣସି ଭୂମିକା ନାହିଁ। କଟକ ଜିଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ କହିଛନ୍ତି, ଅଂଶୁପା ହ୍ରଦ ପର୍ଯ୍ୟଟନ ମାନ୍ୟତାଠାରୁ ବହୁ ଉର୍ଦ୍ଧ୍ୱରେ ରହିଛି। ତେଣୁ ଏହାକୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା ପ୍ରଦାନର ଆବଶ୍ୟକତା ନାହିଁ। ଓଟିଡିସି ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନେକ କାର୍ଯ୍ୟ ହେଉଛି। ତେଣୁ ସରକାରଙ୍କ ଏ ଦିଗରେ କୌଣସି ପ୍ରସ୍ତାବ ନାହିଁ।

■ନିର୍ମାଣ ହୋଇଛି ବାଉଁଶ ଘର, ଉଦ୍ୟାନ

■ଦୈନିକ ଜମୁଛି ଶତାଧିକ ପର୍ଯ୍ୟଟକଙ୍କ ଭିଡ଼

■ସରକାରଙ୍କ ଦୃଷ୍ଟି ପଡୁନାହିଁ



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୩ ଗିରଫ

**ଚୌଦ୍ୱାର,୧୫।୭(ଡି.ଏନ୍.ଏ.):** ଚାରବାଟିଆ ଶଙ୍କରପୁର ରାସ୍ତାକଡରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ସୋମବାର ଚୌଦ୍ୱାର ପୋଲିସ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶଙ୍କରପୁର ଅଞ୍ଚଳର ଦୀନବନ୍ଧୁ ଥାଟୋଇ, ମିଟୁ ଦାସ ଓ ମଙ୍ଗରାଜପୁରର ଅଶୋକ କୁମାର ଦାସ। ଏମାନଙ୍କ ନିକଟରୁ ୧୧ହଜାର ଟଙ୍କା, ତାସ ଓ ଗୋଟିଏ ବାଇକ୍ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୧୭/୧୯) ରୁଜୁ ହୋଇଛି।

### ଚୌଦ୍ୱାର ମଣ୍ଡଳ ଭାଜପା ପକ୍ଷରୁ ଡ୍ରେନ୍ ସଫେଇ ଦାବି

**ଚୌଦ୍ୱାର,୧୫।୭(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକାର କେତେକ ଅଞ୍ଚଳରେ ଡ୍ରେନ ସଫେଇ ହେଉ ନ ଥିବା ନେଇ ସୋମବାର ଚୌଦ୍ୱାର ମଣ୍ଡଳ ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗ ବ୍ୟାପିବାର ଆଶଙ୍କା ଦେଖାଯାଇଛି। ଏହି ଅଞ୍ଚଳରେ ଥିବା ଡ୍ରେନକୁ ସଫା କରିବା ପାଇଁ ଚୌଦ୍ୱାର ଭାଜପା ସଭାପତି ବୈରାଗୀ ଚରଣ ପ୍ରଧାନ, ପ୍ରଶାନ୍ତ ହୋତା, ରମେଶ ନାୟକ, ପ୍ରକାଶ ବଡଜେନା, ହଂସ ଚରଣ ସାହୁ, ଦେବ ଦାସଙ୍କ ସମେତ ବହୁ ଭାଜପା କର୍ମୀ ଏକ ଦାବିପତ୍ର ପୌରନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସୂଚନାଥାଉକି, ଗତ କିଛିଦିନ ପୂର୍ବେ ଲଗାଣ ବର୍ଷାରେ ଏହି ପୌରପାଳିକାର କେତେକ ୱାର୍ଡରେ ବର୍ଷାଜଳ ଲୋକଙ୍କ ଘର ଭିତରେ ପଶିବା ସହ ରାସ୍ତାରେ ଜମି ରହିଥିଲା। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

### ଜଳାଭିଷେକ ପ୍ରସ୍ତୁତି ବୈଠକ

**ଫୁଲନଖରା,୧୫।୭(ଡି.ଏନ୍.ଏ.):** ଲକ୍ଷେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୋମବାର ଲକ୍ଷେଶ୍ୱର ମହାଦେବଙ୍କ ପୀଠସ୍ଥଳୀରେ ବୋଲବମ ଭକ୍ତଙ୍କ ଜଳାଭିଷେକ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୌରଶ୍ୟାମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ସୋମବାର ଭୋର ୩ଟା ରେ ମନ୍ଦିର ଦ୍ୱାର ଫିଟାଯାଇ ନୀତିକାନ୍ତି ହେବା ପରେ ୪ଟା ରେ ଶ୍ରଦ୍ଧାଳୁମାନେ ବ୍ୟାରିକେଡ ଦେଇ ଧାଡ଼ିରେ ଆସି ଜଳାଭିଷେକ କରିବେ। ଶ୍ରଦ୍ଧାଳୁଙ୍କ ପାଇଁ ଶୌଚାଳୟ, ଆଲୋକ ଓ ଜଳର ବ୍ୟବସ୍ଥା କରାଯାଇଛି। ଭିଡକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯିବ। ଏହି ପ୍ରସ୍ତୁତି ବୈଠକରେ ବଂଶୀଧର ଭୋଳ, ଅମୂଲ୍ୟ ମହାନ୍ତି, ଅନନ୍ତ ଚରଣ ବରାଳଙ୍କ ସମେତ ମନ୍ଦିରର ପୂଜକମାନେ ଯୋଗଦେଇଥିଲେ।

### ବାଟି ମାଗିବା ଘଟଣା: ଜଣେ ଗିରଫ

**କଟକ ଅଫିସ, ୧୫।୭:** ବସ୍ କଣ୍ଡକ୍ଟରଙ୍କୁ ଦାଦାବଟି ମାଗିବା ଘଟଣାରେ ଚାଉଳିଆଗଞ୍ଜ ପୋଲିସ ସୋମବାର ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ତଳସାହି ଅଞ୍ଚଳର ଅଞ୍ଜନ ପାତ୍ର। ଅଭିଯୋଗ ଅନୁଯାୟୀ, ଗତ ୮ ତାରିଖରେ ଓଏମ୍‌ପି ବସ୍‌ଷ୍ଟାଣ୍ଡରେ ରହୁଥିବା ବସ୍ କଣ୍ଡକ୍ଟରମାନଙ୍କ ଠାରୁ ଦାଦାବଟି ମାଗିଥିଲେ କେତେଜଣ ଦୁର୍ବୃତ୍ତ। ଯେଉଁମାନେ ଟଙ୍କା ଦେଉ ନ ଥିଲେ ସେମାନଙ୍କୁ ସେଠାରୁ ଯାତ୍ରୀ ନେବାକୁ ସେମାନେ ଦେଉ ନ ଥିଲେ। ଖବରପାଇ ପୋଲିସ ସେଠାରେ ଚଢାଉ କରି ସେହିଦିନ ୨ ଜଣଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୨୦୩/୧୯) ରୁଜୁ ହୋଇଛି।

### ସାରସ୍ୱତ କବିତା ଆସର

**କଟକ ଅଫିସ, ୧୫।୭:** ସାରସ୍ୱତ ଅନୁଷ୍ଠାନ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଜଗତ୍‌ପୁରସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚ ଶିକ୍ଷାମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ବ୍ରହ୍ମାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଶ୍ରାବଣୀ ସାହିତ୍ୟ ସଂସଦର ସଭାପତି ଉଦୟ କେଶରୀ ବର୍ମା, ସମ୍ମାନିତ ଅତିଥି ଭାବେ ଆଦର୍ଶ ପ୍ରତିଭା ବିକାଶ ପରିଷଦର ସାଧାରଣ ସମ୍ପାଦକ ମାରୁତୀଶ୍ରୀ ରବୀନ୍ଦ୍ର କୁମାର ସେଠୀ ଓ ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଯୋଗଦେଇଥିଲେ।

■ଫନୀକୁ ୨ ମାସ ବିତିଛି

# ଏଲ୍‌ଇଡି ଲାଇଟ୍ ଅଚଳ, ଅନ୍ଧାରରେ ସହରବାସୀ

■ମରାମତି ପାଇଁ ନିଆଯାଉନି ପଦକ୍ଷେପ

■ଘରୋଇ ସଂସ୍ଥା ଉପରେ ଦୋଷ ଲଦୁଛି ସିଏମ୍‌ସି

**କଟକ ଅଫିସ,୧୫।୭**

ଫନୀ ପ୍ରଭାବରେ କଟକ ସହରର ବିଭିନ୍ନ ସ୍ଥାନରେ ଖୁଣ୍ଟ ଭାଙ୍ଗି ଯାଇଥିବାବେଳେ ଷ୍ଟ୍ରିଟ ଲାଇଟ୍ ଅଚଳ ହୋଇପଡ଼ିଛି। ହେଲେ ଇତିମଧ୍ୟରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ବିଏଲଇଡି ଲାଇଟ୍ ମରାମତି ଦିଗରେ ପଦକ୍ଷେପ ନିଆଯାଉନାହିଁ। ଫଳରେ ସହରବାସୀ ଏବେ ବି ଅନ୍ଧାରରେ ରହୁଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଲ୍‌ଇଡି ଲାଇଟ୍ ଲଗାଇବା ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ନୂଆଦିଲ୍ଲୀର ମେସର୍ସ ନିଭ ଏନର୍ଜି ନାମକ ଏକ ଘରୋଇ ସଂସ୍ଥା ଉପରେ ଏ ନେଇ କଟକ ମହାନଗର ନିଗମ(ସିଏମ୍‌ସି) ଦୋଷ ଲଦିଛି।

ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ(ପିପିପି) ମୋଡ୍‌ରେ କଟକ ସହରକୁ ଏଲଇଡି ଲାଇଟ୍ ମାଧ୍ୟମରେ ଆଲୋକୀକରଣ କରିବା ଲାଗି ୨୦୧୫ରେ ଯୋଜନା ହୋଇଥିଲା। ମାତ୍ର ସିଏମସି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ସେଥିରେ ବିଳମ୍ବ ହୋଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୭ରେ ଏହି ଯୋଜନା ଚୂଡାନ୍ତ ହୋଇଥିଲା। ଏଥିପାଇଁ ନୂଆଦିଲ୍ଲୀର ମେସର୍ସ ନିଭ ଏନର୍ଜି ନାମକ ଏକ ଘରୋଇ ସଂସ୍ଥା ସହ ସିଏମ୍‌ସିର ଚୁକ୍ତି ହୋଇଥିଲା। ଚୁକ୍ତି ମୁତାବକ ଉକ୍ତ ସଂସ୍ଥା ସିଏମ୍‌ସିର ୫୯ଟି ୱାର୍ଡରେ ଏଲ୍‌ଇଡି ଲାଇଟ ଲଗାଇବା ସହିତ ୭ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିଲା। ୨୦୧୭ ଡିସେମ୍ବର ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମର୍କତନଗର ଠାରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ମର୍କତନଗର ଠାରେ ୧୦୦ ଏଲ୍‌ଇଡି ବଲ୍‌ବ ଲଗାଯାଇଥିଲା। ପରେ ବିଭିନ୍ନ ଅଞ୍ଚଳରେ ଲଗାଗଲା। ଏଥିସହିତ ବିଦ୍ୟୁତ୍ ଖୁଣ୍ଟରେ ଆର୍ଥିଂ, ପ୍ୟାନେଲ, ଟ୍ରାନ୍ସଫର୍ମର, ସୋଲାର କଣ୍ଟ୍ରୋଲ ମନିଟରିଂ ବ୍ୟବସ୍ଥା କରିବାକୁ ଉକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଉକ୍ତ ସଂସ୍ଥା ଏହି ସବୁ କାର୍ଯ୍ୟ ନ କରିବା ଫଳରେ ହାଇଭୋଲଟେଜ ଯୋଗୁ ଏଲ୍‌ଇଡି ବଲ୍‌ବଗୁଡିକ ପୋଡିଯାଉଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏଭଳି ସମସ୍ୟା ଆରମ୍ଭରୁ ଲାଗି ରହିଛି। ହେଲେ ଫନୀ ଏହି ସମସ୍ୟାକୁ ଆହୁରି ବିଗାଡି ଦେଇଛି। ଫନୀ ପ୍ରଭାବରେ ସହରରେ ଶତାଧିକ ବିଦ୍ୟୁତ ଖୁଣ୍ଟ, ଟ୍ରାନ୍ସଫର୍ମର ଓ ବଲ୍‌ବ ନଷ୍ଟ ହୋଇଥିଲା। ଏଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ପାଇଁ ନିର୍ଦ୍ଦେଶ ଦିଆଗଲା। ମାତ୍ର ତାହା ଠିକ୍ ଭାବେ ପାଳନ ହେଲାନାହିଁ। ଫଳରେ ବର୍ତ୍ତମାନ ସୁଦ୍ଧା ସହରର ଅନେକ ସ୍ଥାନରେ ଏଲ୍‌ଇଡି ବଲବ ଜଳୁନି। ଅନ୍ଧାରର ଫାଇଦା ନେଇ ରାତିରେ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

ବାତ୍ୟା ପରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ ଖୁଣ୍ଟଗୁଡିକର ମରାମତି କରାଗଲା। ମାତ୍ର ଉକ୍ତ ଖୁଣ୍ଟରେ ଏଲ୍‌ଇଡି ଲାଇଟ୍ ଜଳିଲା ନାହିଁ। ବର୍ତ୍ତମାନ ସୁଦ୍ଧା ସହରର ଅଧିକାଂଶ ଅଞ୍ଚଳରେ ଏଲ୍‌ଇଡି ଲାଇଟ ଅଚଳ ହୋଇପଡିଛି। ବିଶେଷକରି ସହରର ବାଦାମବାଡି-ଲିଙ୍କରୋଡ ରାସ୍ତାରେ ଲଗାଯାଇଥିବା ଏଲ୍‌ଇଡି ଲାଇଟଗୁଡିକ ଅଧାରୁ ଅଧିକ ଜଳୁନାହିଁ। ସେହିପରି ରିଂରୋଡ, ଚଣ୍ଡୀମନ୍ଦିର ରୋଡ, ଖାନନଗର, ଚହଟା ଛକଠାରୁ ବିଜୁପଟ୍ଟନାୟକ ପାର୍କ, ସିଡିଏ ଅଞ୍ଚଳର ବହୁ ସ୍ଥାନରେ ଏହି ଲାଇଟ ବ୍ୟବସ୍ଥାରେ ସୁଧାର ଆସିପାରିନାହିଁ।

ଏ ସମ୍ପର୍କରେ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ସହରରେ ଷ୍ଟ୍ରିଟ ଲାଇଟ୍ ଲଗାଇବା ଏବଂ ଏହାର ରକ୍ଷଣାବେକ୍ଷଣ ପାଇଁ ଘରୋଇ ସଂସ୍ଥା ନିଭ୍‌କୁ ଦାୟିତ୍ୱ ଦିଆଯାଇଛି। ସହରର ଯେଉଁ ସ୍ଥାନରେ ଏଲଇଡି ଲାଇଟ୍ ଲାଗିନାହିଁ, ତାହା ଆମ ନଜରକୁ ଆସିଲେ ତୁରନ୍ତ ସେଠାରେ ନିଭ୍ ମାଧ୍ୟମରେ ଲାଇଟ୍ ଲଗାଯିବା ନିମନ୍ତେ ବ୍ୟବସ୍ଥା କରାଯିବ। ଅନ୍ୟପକ୍ଷରେ ମେସର୍ସ ନିଭ ଏନର୍ଜି ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ସୌମ୍ୟରଞ୍ଜନ ସାମଲ କହିଛନ୍ତି, ସହରର ବିଭିନ୍ନ ସ୍ଥାନରେ ଲାଇଟ ବ୍ୟବସ୍ଥା ସ୍ୱାଭାବିକ ହୋଇଛି। ବାତ୍ୟା ପୂର୍ବରୁ ୨୮,୮୦୦ ଏଲଇଡି ଲାଇଟ ଲାଗିଥିଲା। ବାତ୍ୟାରେ ନଷ୍ଟ ହୋଇଥିବା ଲାଇଟ, ଟ୍ରାନ୍ସଫର୍ମର କାମ ଚାଲିଛି। ସେପ୍ଟେମ୍ବର ଶେଷ କିମ୍ବା ଅକ୍ଟୋବର ସୁଦ୍ଧା କାମ ସାରିବାକୁ ଯୋଜନା କରାଯାଇଛି।



ଚଣ୍ଡୀ ମନ୍ଦିର ରାସ୍ତାରେ ଅଚଳ ହୋଇପଡିଥିବା ଏଲଇଡି ଲାଇଟ୍।

## ସ୍କୁଲ ନିକଟରେ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ

**କଟକ ସଦର,୧୫।୭(ଡି.ଏନ୍.ଏ.)**

କଟକ ସିଟି ବିଦ୍ୟୁତ୍ ଡିଭିଜନ ଅଧୀନ ଖପୁରିଆ ସେକ୍ସନ ହାଟସାହି ଗ୍ରାମରେ ଥିବା କାଠଯୋଡି ନୋଡାଲ ସ୍କୁଲ ସମ୍ମୁଖରେ ଏକ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଖୁଣ୍ଟକୁ ସିଧା କରିବା ସହ ଶକ୍ତ ଷ୍ଟେ ପକାଇବା ପାଇଁ ହାଟସାହି ଓ ମଉଗଜପୁର ଗ୍ରାମବାସୀ ସିଟି ଡିଭିଜନର ସହକାରୀ ସାଧାରଣ ପରିଚାଳକଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସ୍କୁଲ ନିକଟରେ ବିଦ୍ୟୁତ୍ ଲାଇନ୍ ଥିଲେ, ସେଥିରେ କଭର ତାର ବ୍ୟବହାର କରାଯିବ। ମାତ୍ର ଏଠାରେ ଖୋଲା ତାରରେ ୧୧ କେଭି ଲାଇନ୍ ଯାଇଛି। ଖୁଣ୍ଟଟି ତଳେ ପଡିଲେ ଜୀବନହାନି ଘଟିବା ସମ୍ଭାବନା ରହିଛି। ଅବଶ୍ୟ ଫନୀ ପରେ ଯୁଦ୍ଧକାଳୀନ ଭିତ୍ତିରେ ଏହି ୧୧ କେଭି ବିଦ୍ୟୁତ୍ ଫିଡରକୁ ମରାମତି କରାଯାଇଥିଲା। ପ୍ରାୟ ୨ ମାସ ପରେ ସ୍କୁଲ ନିକଟ ଖୁଣ୍ଟଟି ରାସ୍ତା ଉପରକୁ ଢଳିବାରେ ଲାଗିଛି। ଖୁବ୍‌ଶୀଘ୍ର ଏହାର ମରାମତି କରିବା ପାଇଁ ଉଭୟ ଗ୍ରାମର ଲୋକମାନେ ଦାବି କରିଛନ୍ତି।

■ମଧୁସୂଦନ ସରକାରୀ ଆଇଟିଆଇରେ ବିଶ୍ୱ ଯୁବ ଦକ୍ଷତା ଦିବସ

## ଯୁବକମାନେ କାରିଗରି ଶିକ୍ଷା ଲାଭ କରି ସ୍ୱାବଲମ୍ବୀ ହେବା ଉଚିତ



ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**କଟକ ଅଫିସ,୧୫।୭**

ଯୋବ୍ରାସ୍ଥିତ ମଧୁସୂଦନ ସରକାରୀ ଆଇଟିଆଇଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ସୋମବାର ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଇଂ. ଶିଶିର କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଳ୍ପ ନିର୍ଦ୍ଦେଶକ ପ୍ରଣବଜ୍ୟୋତି ନାଥ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଆଇଟିଆଇ ପରିଚାଳନା ସମିତିର ଅଧ୍ୟକ୍ଷ ଇଂ ପ୍ରଭାକର ସ୍ୱାଇଁ, କହିଥିଲେ, ଯୁବକମାନେ କାରିଗରି ଶିକ୍ଷା ଲାଭକରି ସ୍ୱାବଲମ୍ବୀ ହେବା ଉଚିତ। ସମ୍ମାନିତ ଅତିଥି ପାରାଦୀପସ୍ଥିତ ଇଫ୍‌କୋ କାରଖାନାର ଜେନେରାଲ ମ୍ୟାନେଜର ଜ୍ଞାନଚାନ୍ଦ ଆଚାର୍ଯ୍ୟ ଯୋଗଦେଇ ଶିଳ୍ପାନୁଷ୍ଠାନଗୁଡିକରେ ଆଇଟିଆଇ ଶିକ୍ଷାପ୍ରାପ୍ତ ଦକ୍ଷ କାରିଗରମାନଙ୍କର ଚାହିଦା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ମଣିଶ୍ରୀ ରିଫ୍ରାକ୍ଟୋରିଜ ଆଣ୍ଡ ସେରାମିକ କମ୍ପାନୀର ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି କହିଥିଲେ, ଆଇଟିଆଇ ଶିକ୍ଷାପ୍ରାପ୍ତ ଯୁବତୀଯୁବକମାନେ ଦକ୍ଷତା ହାସଲ କଲେ ସେମାନଙ୍କୁ ସରକାରୀ ଚାକିରି ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ବରେଣ୍ୟ ଅତିଥି ଭାବେ ରାଜ୍ୟ ବୈଷୟିକ ଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଇଂ. ଶିବ ପ୍ରସାଦ ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ୨ ଜଣ ପ୍ରାକ୍ତନ ଛାତ୍ର ମହମ୍ମଦ ଆୱେଫ ଓ ଦୀପକ କୁମାର ସାହୁଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଦକ୍ଷତା ଓ ସଫଳତା ପାଇଁ ରୋଲ ମଡେଲ ଭାବେ ସମ୍ମାନିତ କରାଯାଇଥିଲା। ରଞ୍ଜିତ କୁମାର ମହାନ୍ତି, ଖଗେଶ୍ୱର ଘଡ଼େଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଂଘମିତ୍ରା ରାୟ ଧନ୍ୟବାଦ ଦେଇଥିଲେ।

## ବାଇକ୍ ପାର୍କିଂକୁ ନେଇ ଗଣ୍ଡଗୋଳ: ଜଣେ ଗିରଫ

**କଟକ ଅଫିସ୍, ୧୫।୭**

ବାଇକ୍ ପାର୍କିଂକୁ ନେଇ ଗଣ୍ଡଗୋଳ କରିବା ଅଭିଯୋଗରେ ଲାଲ୍‌ବାଗ ପୋଲିସ ସୋମବାର ସ୍ଥାନୀୟ ନିମଚୌଡି ଅଞ୍ଚଳର ସାହାବାଜ୍ ଖାଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଲାଲ୍‌ବାଗ ଥାନା ଅନ୍ତର୍ଗତ ବାଙ୍କାବଜାର ଅଞ୍ଚଳରେ ରହୁଥିବା ରାଜକିଶୋର ଅଗ୍ରୱାଲ ଗତ ରବିବାର ନିମଚୌଡି ଅଞ୍ଚଳକୁ ଆସିଥିଲେ। ସେଠାରେ ଥିବା ସାହାବାଜ୍‌ଙ୍କ ବିରିୟାନି ଦୋକାନ ପାଖରେ ବାଇକ୍ ପାର୍କିଂ କରି ପାଖ ଦୋକାନକୁ ଯାଇଥିଲେ। ସେଠାରୁ ଫେରିବା ପରେ ବାଇକ୍ ପାର୍କିଂକୁ ନେଇ ସାହାବାଜ୍‌ଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ପରେ ସାହାବାଜ୍ ଏବଂ ତାଙ୍କ ଜଣେ ସାଙ୍ଗ ରାଜକିଶୋରଙ୍କୁ ମାଡ ମାରିଥିଲେ। ଏ ନେଇ ରାଜକିଶୋର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୩୭/୧୯) ରୁଜୁ କରିଥିଲା।

## ଅର୍ଚ୍ଛିଲ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଶୋଚନୀୟ



ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭାଙ୍ଗି ପଡିଥିବା ଗଛ।

**କଟକ ସଦର,୧୫।୭(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ଧରିଣା ପଞ୍ଚାୟତ ଅର୍ଚ୍ଛିଲ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଶୋଚନୀୟ ହୋଇପଡିଛି। ଦୀର୍ଘଦିନ ହେବ ଏହାର ମରାମତି କରାଯାଉ ନ ଥିବାରୁ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟରେ କେନ୍ଦ୍ରଟି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଗତ ବାତ୍ୟା ସମୟରୁ ଏହି କେନ୍ଦ୍ରର କୋଠା ଉପରେ ଏକ ଗଛ ଉପୁଡି ପଡିରହିଛି। ଫଳରେ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶିକା ବାହାରେ ନିଜର ସରକାରୀ କାର୍ଯ୍ୟ କରୁଛନ୍ତି। ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନରେ ପର୍ଯ୍ୟାପ୍ତ ଅର୍ଥ ଆସୁଥିଲେ ମଧ୍ୟ ଏହାର ମରାମତି ସମ୍ଭବ ହେଉନାହିଁ। ତେଣୁ ଯଥାଶୀଘ୍ର ଏହାର ମରାମତି ପାଇଁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଅର୍ଥ ମଞ୍ଜୁର କରିବାକୁ ଧରିଣା ଗ୍ରାମର ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ କୁମାର ପ୍ରଧାନ ଦାବି କରିଛନ୍ତି। କଟକ-ପାରାଦୀପ ରାସ୍ତାର ବାଲିସାହିରେ ଏହି କେନ୍ଦ୍ର ଥିବାରୁ ଛୋଟବଡ ଦୁର୍ଘଟଣାବେଳେ ଆହତମାନଙ୍କ କାର୍ଯ୍ୟରେ ଏହା ଲାଗିପାରନ୍ତା। ସିଡିଏମ୍‌ଓ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ତଟରକ୍ଷୀ କର୍ମଚାରୀଙ୍କଠାରୁ ଲୁଟ୍, ଏତଲା ରଖିଲାନି ପୋଲିସ

**କଟକ ସଦର,୧୫।୭(ଡି.ଏନ୍.ଏ.)**

କଟକ-ପାରାଦୀପ ରାସ୍ତାର କନ୍ଦରପୁର ନିକଟରେ ସୋମବାର ପାରାଦୀପ ତଟରକ୍ଷୀ ବାହିନୀର କର୍ମଚାରୀ ଏସ୍.ଏସ୍. ରାଣା ମୁକେଶ ଲୁଟ୍‌ର ଶିକାର ହୋଇଛନ୍ତି। ପରେ ଦୁର୍ବୃତ୍ତମାନେ ରାମକୁମାରପୁର ନିକଟରେ ମୁକେଶଙ୍କୁ କାରରୁ ତଳକୁ ଫିଙ୍ଗିଦେଇ ପଳାଇଥିଲେ। ଏ ସମ୍ପର୍କରେ ମୁକେଶ କିଶୋରନଗର, କନ୍ଦରପୁର ଓ ଚାଉଳିଆଗଞ୍ଜ ଥାନାକୁ ଏତଲା ଦେବାକୁ ଯାଇଥିଲେ ମଧ୍ୟ ତାଙ୍କ ଏତଲାକୁ କେହି ଗ୍ରହଣ କରି ନ ଥିବା ସେ ଗଣମାଧ୍ୟମକୁ କହିଛନ୍ତି। ମୁକେଶଙ୍କ କହିବା ଅନୁଯାୟୀ, ସେ ବିଶାଖାପାଟଣାରୁ ଟ୍ରେନ ଯୋଗେ ଆସି ସୋମବାର ସକାଳେ କଟକ ରେଲୱେ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ କିଛି ସମୟ ରହିବା ପରେ ପାରାଦୀପ ଯିବା ପାଇଁ ଓମ୍‌ପି ବସ ଷ୍ଟପକୁ ଆସିଥିଲେ। ଏହି ସମୟରେ ଏକ କାର ଆସି ସେଠାରେ ପହଞ୍ଚି ତାଙ୍କୁ ପାରାଦୀପ ଯିବ ବୋଲି ପଚାରିଥିଲେ। ପରେ ସେ ୧୦୦ଟଙ୍କା ଭଡା ଦେଇ ଉକ୍ତ କାରରେ ଯାଇଥିଲେ। କନ୍ଦରପୁର ନିକଟରେ ଉକ୍ତ କାରରେ ବସିଥିବା ୪ଜଣ ଦୁର୍ବୃତ୍ତ ତାଙ୍କୁ ବାନ୍ଧି ପର୍ସ, ଏଟିଏମ୍ କାର୍ଡ ଓ ମୋବାଇଲ ଫୋନ ନେଇଯାଇଥିଲେ। ଏହା ସହ ତାଙ୍କୁ ଧମକ ଦେଇ ତାଙ୍କ ଠାରୁ ଏଟିଏମ ପାସୱାର୍ଡ ନେଇ ଦୁର୍ବୃତ୍ତମାନେ ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇଥିଲେ। ପରେ ବାଟରେ ତାଙ୍କୁ କାରରୁ ଠେଲି ତଳେ ପକାଇ ପଳାଇଥିଲେ। ଏନେଇ ସେ ଥାନାକୁ ଏତଲା ଦେବାକୁ ଯାଇଥିଲେ ମଧ୍ୟ କେହି ଗ୍ରହଣ କରି ନ ଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଚାଉଳିଆଗଞ୍ଜ ଥାନା ଅଧିକାରୀ ଦୀପକ ମିଶ୍ର, କିଶୋରନଗର ଓ କନ୍ଦରପୁର ଥାନା ଅଧିକାରୀ କୁହନ୍ତି, ଏଭଳି କେହି ଲୋକ ଥାନାକୁ ଏତଲା ଦେବାକୁ ଆସି ନ ଥିବା କହିଛନ୍ତି।

## ସହରରୁ ଜବରଦଖଲ ଉଚ୍ଛେଦ

**କଟକ ଅଫିସ,୧୫।୭:** କଟକ ସହରରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଛି। ସହରର ଯୋବ୍ରାଠାରୁ ଆନିକଟ, ମାତାମଠର ଉଭୟପାର୍ଶ୍ୱ, କାଠଗୋଲା ଲାଇନ ଅଞ୍ଚଳରେ ଥିବା ୩୫ରୁ ଊର୍ଦ୍ଧ୍ୱ ଦୋକାନ ସମ୍ମୁଖ ଭଙ୍ଗା ଯାଇଥିଲା। ଏଥିସହ ଜୁଡିସିଆଲ ଏକାଡେମୀ ନିକଟ ନଦୀ ଭିତରେ ବେଆଇନ ନିର୍ମାଣ ହୋଇଥିବା ଏକ ହୋଟେଲକୁ ଭଙ୍ଗାଯାଇଥିଲା। ଏଥିରେ ଗୋଟିଏ ଜେସିବି, ଦୁଇଟି ଟ୍ରାକ୍ଟର ନିୟୋଜିତ ହୋଇଥିବାବେଳେ ସିଏମ୍‌ସି ଏନଫୋର୍ସମେଣ୍ଟ ଇନଚାର୍ଜ ପ୍ରଭାକର ସାହୁ, ଟ୍ରାଫିକ ଏସିପି ଜତିନ ପଣ୍ଡା, ତହସିଲଦାର, ଅତିରିକ୍ତ ତହସିଲଦାର, ସବକଲେକ୍ଟର ଉପସ୍ଥିତ ଥିଲେ।



ଯୋବ୍ରା ଅଞ୍ଚଳର ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

## ଆର୍‌ପିଏଫ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




କଲେଜ ଛକ ପେଟ୍ରୋଲ ପମ୍ପ ନିକଟରେ ଅନୁଷ୍ଠିତ ସଚେତନା କାର୍ଯ୍ୟକ୍ରମ।

**କଟକଅଫିସ,୧୫।୭**

ରେଳ ସୁରକ୍ଷା ବଳ(ଆରପିଏଫ) ପକ୍ଷରୁ ସୋମବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓ କଲେଜ ଛକ ପେଟ୍ରୋଲ ପମ୍ପ ନିକଟରେ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରେନ୍‌ରେ ଯାତ୍ରା କରୁଥିବା ଲୋକମାନଙ୍କ ସୁରକ୍ଷା ଓ ସଚେତନତା ପାଇଁ ଲାଗୁ ହୋଇଥିବା ନିରାପତ୍ତା ହେଲ୍ପ ଲାଇନ ନମ୍ବର ୧୮୨ର କିପରି ବ୍ୟବହାର କରାଯିବ ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଟ୍ରେନରେ ଲାଗିଥିବା ଆଲାରାମ ଚେନ ଟାଣିବା ଓ ଅନ୍ୟାନ୍ୟ ଅପ୍ରସ୍ତୁତ ବିପଦରୁ ବଞ୍ଚିବା ଲାଗି ତୁରନ୍ତ ଉକ୍ତ ହେଲ୍ପଲାଇନ ନମ୍ବରକୁ ଯୋଗାଯୋଗ କରିବାକୁ କୁହାଯାଇଥିଲା।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆରପିଏଫ ଥାନା ଅଧିକାରୀ ପ୍ରବୀଣ କୁମାରଙ୍କ ସମେତ ଅନ୍ୟ ଅଫିସର ଓ କର୍ମଚାରୀମାନେ ଲୋକମାନଙ୍କୁ ବୁଝାଇଥିଲେ।

## ଗଡ଼ଖାଇ ଅଞ୍ଚଳ ବୁଲିଲେ ଜିଲାପାଳ, ସିଏମ୍‌ସି କମିଶନର

**କଟକ ଅଫିସ, ୧୫।୭**

**ଗୋପଦ ଅଭିଯାନ**

ଗୋପଦ ଅଭିଯାନରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀମାନେ ସୋମବାର ବାରବାଟୀ ଗଡଖାଇ ଅଞ୍ଚଳ ବୁଲିଥିଲେ। ସପ୍ତଧର ପାର୍କଠାରେ ଜବରଦଖଲ ହଟାଇବା, ବିଭିନ୍ନ ଜାଗାରେ ପଡିଥିବା ଆବର୍ଜନାକୁ ସଫା କରିବା, ଅନାଧିକାର ଭାବେ ବାଉଁଶ ବିକାଳି ଏବଂ ଚାରା ବିକାଳିଙ୍କୁ ଉଠାଇବା ସହିତ ମାଇକ୍ ଜରିଆରେ ପ୍ରଚାର କରି ଅନଧିକାର ଭାବେ ଥିବା ବସ୍ତିବାସିନ୍ଦାଙ୍କୁ ଉଠାଇବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଫନୀରେ କ୍ଷତିଗ୍ରସ୍ତ ହୋଇଥିବା କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ଶୌଚାଳୟର ମରାମତି ପାଇଁ ସିଏମସିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗଡଖାଇ (ଇନଡୋର ଷ୍ଟାଡିୟମ ପାଖ)ଠାରେ ଥିବା ଏଟିଟି ବିଦ୍ୟୁତ ଟାୱାରକୁ ଅନ୍ୟତ୍ର ସ୍ଥାନାନ୍ତର, ଇନ୍‌ଡୋର ଷ୍ଟାଡିୟମ୍‌ଠାରୁ ଆନନ୍ଦ ଭବନ ରାସ୍ତା ମଧ୍ୟରେ କ୍ରସ୍ କଲଭର୍ଟର ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ବିଦ୍ୟୁତ ଏବଂ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ଜିଲାପାଳ ଚୟନୀ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶଥାଉ କି ଗଡଖାଇର ପୁନରୁଦ୍ଧାର ପାଇଁ ଜିଲାପାଳ ଚୟନୀଙ୍କ ପ୍ରଚେଷ୍ଟାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ପ୍ରତିନିଧି ଦଳ ଉକ୍ତ ସ୍ଥଳ ପରିଦର୍ଶନ କରି ପଦକ୍ଷେପ ନେବେ।

ସେହିପରି ଜିଲାପାଳଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଗୋପଦ ଅଭିଯାନ ସୋମବାରଠାରୁ ଜିଲାର ସମସ୍ତ ବ୍ଲକ, ସବ୍ ଡିଭିଜନରେ ଆରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଉପଜିଲାପାଳ, ତହସିଲଦାର, ବିଡିଓମାନେ ଲୋକଙ୍କ ଘରପାଖକୁ ଯାଇ ସେମାନଙ୍କର ସମସ୍ୟା ବୁଝି ସ୍ଥାୟୀ ସମାଧାନ ଦିଗରେ କାର୍ଯ୍ୟ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ ରହିଛି। ବିଶେଷକରି ଗାଁ ଗହଳିରେ ଡ୍ରେନେଜ୍ ସିଷ୍ଟମ, ରାସ୍ତା ମରାମତି, ଗ୍ରାମ୍ୟ ଗୃହନିର୍ମାଣ, ଏମ୍‌ଜିଏନ୍‌ଆରଇଜିଏସ୍, ପାନୀୟଜଳ ବ୍ୟବସ୍ଥା, ଘରୋଇ ଶୌଚାଳୟ, ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥାରେ ଲୋକମାନଙ୍କର ଯେପରି ଅସୁବିଧା ନ ହୁଏ, ସେଥିପ୍ରତି ଏହି ଗୋପଦ ଅଭିଯାନ ମାଧ୍ୟମରେ ଧ୍ୟାନ ଦିଆଯିବ। ଏହି ପରିପ୍ରେକ୍ଷୀରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅବଦଲ୍ ଅଖତର ଓ ଉପଜିଲାପାଳମାନେ ବିଡିଓ ଓ ତହସିଲଦାରମାନଙ୍କୁ ଧରି ଗୋପଦ ଅଭିଯାନ ମାଧ୍ୟମରେ ପ୍ରତିଦିନ ସକାଳେ ୮ରୁ ୯.୩୦ମି. ପର୍ଯ୍ୟନ୍ତ ନିଜ ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ସାମାଜିକ କର୍ମୀଙ୍କ ଧାରଣା



**କୃଷ୍ଣପ୍ରସାଦ,୧୫।୭(ଡି.ଏନ.ଏ.)-** ପୋଲିସର ନିଷ୍କ୍ରିୟତା ବିରୋଧରେ କୃଷ୍ଣପ୍ରସାଦ ଅଞ୍ଚଳର ସାମାଜିକ କର୍ମୀ ତଥା ପୁରୀ ଜିଲା ୯ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟା ପ୍ରଭାତି ପ୍ରଧାନ ସୋମବାର କୃଷ୍ଣପ୍ରସାଦ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। କହ୍ନେଇପୁର ଗାଁ ଗୋଷ୍ଠୀ ସଂଘର୍ଷର ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ପାଇଁ ସେ ଦାବି କରିଛନ୍ତି। ପ୍ରକାଶ ଯେ, କୃଷ୍ଣପ୍ରସାଦ ବ୍ଲକ କହ୍ନେଇପୁର ଗାଁରେ ଗତ ୭ ତାରିଖରେ ୨ ଗୋଷ୍ଠୀ ବିବାଦ ଲାଗି ବୋମାମାଡ଼ ହୋଇଥିଲା । ଏଥିରେ ଉଭୟ ଗୋଷ୍ଠୀରୁ ୧୧ ଆହତ ହୋଇଥିଲେ। ଏ ନେଇ ଉଭୟ ପକ୍ଷରୁ କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ ହୋଇଛି । ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ ଏଯାଏଁ କାହାରିକୁ ଗିରଫ କରିନାହିଁ। ତେଣୁ ପୋଲିସର ନିଷ୍କ୍ରିୟତା ବିରୋଧରେ ସାମାଜିକ କର୍ମୀ ପ୍ରଧାନ ଥାନା ସମ୍ମୁଖରେ ପ୍ଲାକାର୍ଡ ଧରି ଧାରଣାରେ ବସିଛନ୍ତି । କିଛିମାସ ଧରି ପୋଲିସର ନିଷ୍କ୍ରିୟତା ଯୋଗୁ କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ଯାଏଁ ସେ ଥାନା ସମ୍ମୁଖରେ ଧାରଣାରେ ବସି ରହିବେ ବୋଲି ପ୍ରକାଶ କରିଛନ୍ତି।

### ଚାରାରୋପଣ



**ଜଟଣୀ,୧୫।୭(ଡି.ଏନ.ଏ.):** ଜଟଣୀ ଜାମୁକୋଲିସ୍ଥିତ ଲବଣଗିରି ବିଦ୍ୟାପୀଠ ପରିସରରେ ସୋମବାର ଚାରାରୋପଣ କରାଯାଇଥିଲା। ୩୦୦ରୁ ଅଧିକ ଫୁଲ, ଔଷଧୀୟ ଫଳ ଗଛର ଚାରାରୋପଣ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଇକରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ, ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପକ ପ୍ରଭୁ ଚରଣ ଲେଙ୍କା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁକାନ୍ତ କୁମାର ପ୍ରଧାନ, ସହକାରୀ ବନ ସଂରକ୍ଷକ ଗୌରଗୋପାଳ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ବନ ବିଭାଗ ପକ୍ଷରୁ ୧୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାଛଡ଼ା ସମ୍ପୃକ୍ତ ଅଞ୍ଚଳର ସରପଞ୍ଚଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ବିଦ୍ୟାର୍ଥୀ ଉପସ୍ଥିତ ରହିଥିଲେ।

■ ଛୋଟାଙ୍କ କୋଟିଏ ଟଙ୍କାର ଘର ଉଚ୍ଛେଦ କଲା ପ୍ରଶାସନ

# ମାଟିରେ ମିଶିଲା ଦ୍ୱାରିକାନଗରର ଆଡ୍ଡାସ୍ଥଳ

**ଖୋର୍ଦ୍ଧା ଅଫିସ,୧୫।୭**



ଛୋଟାଙ୍କ ଆଡ୍ଡାସ୍ଥଳୀକୁ ପ୍ରଶାସନ ପକ୍ଷରୁ ଜେସିବି ଲଗାଯାଇ ଉଚ୍ଛେଦ କରାଯାଉଛି ।



ଆଡ୍ଡାସ୍ଥଳୀ ଭିତରେ ନିର୍ମାଣ କରାଯାଇଥିବା ସୁଇମିଂ ପୁଲ ।

ବ୍ରାଉନ୍ସୁଗାର କାରବାରରୁ ପଥର ଚୋରା ଚାଲାଣ। ବନ୍ଧୁକ କାରବାରଠାରୁ ଆରମ୍ଭ କରି ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ସୁଧାଂଶୁ ପରିଡ଼ା ଓରଫ୍ ଛୋଟା ଓରଫ ଶୁଭ୍ରାଂଶୁ ଜେଲ୍ ଯିବା ପରେ କଳାସାମ୍ରାଜ୍ୟର ଖୋଳତାଡ଼ ଚଳାଇଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଲେଡି ଡନ୍‌ଙ୍କ ହାତରେ ବନ୍ଧୁକ ଧରାଇ ଖୋର୍ଦ୍ଧା ଓ ଆଖପାଖ ଅଞ୍ଚଳରେ ରାଜ୍ କରୁଥିବା ଛୋଟାଙ୍କ ବେଆଇନ ସମ୍ପତ୍ତି ମଧ ଧୀରେ ଧୀରେ ଜବତ ହେବାରେ ଲାଗିଛି। ତେବେ ସୋମବାର ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକାନଗରରେ ସରକାରୀ ଜମିକୁ ଦଖଲ କରିଥିବା ଘରକୁ ଭଙ୍ଗାଯିବାବେଳେ ପ୍ରଶାସନ ସ୍ତବ୍ଧ ହୋଇଯାଇଛି। ଉକ୍ତ ଘର ଛୋଟା ଗ୍ୟାଙ୍ଗ୍‌ର ଆଡ୍ଡାସ୍ଥଳ ଥିବା ସ୍ପଷ୍ଟ ହୋଇଛି। ୧୪ ବଖରା ଘର ଭିତରେ ଅଧିକାଂଶ ଥିଲା ଶୀତତାପ ନିୟନ୍ତ୍ରିତ କୋଠରି। ମିଟିଂ ହଲ୍, ସୁଇମିଂ ପୁଲ୍ ବି ରହିଥିଲା। କୁକୁର ଓ ଗ୍ୟାଙ୍ଗ୍ ସଦସ୍ୟ ରହିବା ପାଇଁ ଥିଲା ଭିନ୍ନ ଭିନ୍ନ ଘର। ହେଲିପ୍ୟାଡ୍ ପାଇଁ ମଧ ହୋଇଥିଲା ପ୍ରସ୍ତୁତି। କୋଠରିର କାନ୍ଥ ଓ ପରିସର ବି କହୁଥିଲା ସେଠାରେ କିପରି ଚାଲିଥିଲା ଛୋଟା ସାମ୍ରାଜ୍ୟର ମଉଜମସ୍ତି। ପୂରା ସିସିଟିଭି କ୍ୟାମେରା ନଜରରେ ରହିଥିଲା ଆଡ୍ଡାସ୍ଥଳ। ତେବେ ଜିଲା ପ୍ରଶାସନ ୮ ଘଣ୍ଟାର ଅପରେଶନରେ କୋଟିଏରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତିକୁ ମାଟିରେ ମିଶାଇ ଦେଇଛି।

ଏସ୍‌ଟିଏଫ୍ ପଚରାଉଚରା ବେଳେ ଛୋଟା ନିଜ ସାମ୍ରାଜ୍ୟର କିଛି ଗୁମର ଖୋଲିଥିଲା। ବହୁ ସରକାରୀ ଜମି ଦଖଲ କରିଥିବାବେଳେ ଦ୍ୱାରିକାନଗରସ୍ଥିତ ତାଙ୍କ ଆଡ୍ଡାସ୍ଥଳ ସମ୍ପର୍କରେ ସୁରାକ ମିଳିଥିଲା। ପ୍ରଶାସନର ନଜର ପଡ଼ିବା ପରେ ଉକ୍ତ ଘରେ ଉଚ୍ଛେଦ ନୋଟିସ ଲଗାଯାଇଥିଲା। ଏହାପରେ ଉକ୍ତ ଘରେ ଥିବା ଆସବାବପତ୍ର ଓ ବିଭିନ୍ନ ସାମଗ୍ରୀକୁ ବୋହି ନେଇଥିଲେ ସମ୍ପର୍କୀୟ ଲୋକ। ଏପରିକି ବିଦେଶୀ କୁକୁର ଓ ବହୁ ମୂଲ୍ୟବାନ ଜିନିଷପତ୍ର ମଧ ଗାଏବ୍ ହୋଇଯାଇଥିଲା। ତେବେ ଉଚ୍ଛେଦ ପାଇଁ

■ ୧୪ ବଖରା ସହ ରହିଥିଲା ଶୀତତାପ ନିୟନ୍ତ୍ରିତ କୋଠରି, ସୁଇମିଂ ପୁଲ୍

■ ଭାଙ୍ଗିବାକୁ ଲାଗିଲା ୮ ଘଣ୍ଟା, ଦାମୀ ଉପକରଣ, ବିଦେଶୀ କୁକୁର ଗାଏବ୍

ନିର୍ଦ୍ଧାରିତ ସମୟ ଅନୁସାରେ ଖୋର୍ଦ୍ଧା ଉପଜିଲାପାଳଙ୍କ ଦାୟିତ୍ୱରେ ଥିବା ତହସିଲ୍‌ଦାର ଶୁଭ୍ରାଂଶୁ ସାମଲ ଓ ଡିଏସ୍‌ପି ସତୀଶ ପାଢ଼ୀଙ୍କ ଉପସ୍ଥିତିରେ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟାରୁ ଆରମ୍ଭ ହୋଇଥିଲା ଉଚ୍ଛେଦ। ୨ ପ୍ଲାଟୁନ ଫୋର୍ସ ଓ ୩ଟି ଜେସିବି ସହାୟତାରେ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀମାନେ ୮ ଘଣ୍ଟା ଧରି ବିଭିନ୍ନ ନିର୍ମାଣକୁ ଭାଙ୍ଗି ଦେଇଥିଲେ। ମଝିରେ ମଝିରେ ଜେସିବି ମେଶିନ ବାରମ୍ବାର ଖରାପ ହେବା ଯୋଗୁ ବିଳମ୍ବରେ ଅର୍ଥାତ୍ ସନ୍ଧ୍ୟା ସାଢେ ୬ଟାରେ ଉଚ୍ଛେଦ ଶେଷ ହୋଇଥିଲା।

ମିଳିଥିବା ସୂଚନାନୁସାରେ, ଛାତ ପକାଇବା ଉଦ୍ଦେଶ୍ୟରେ ଘରଗୁଡିକୁ ନିର୍ମାଣ କରାଯାଇଥିବାବେଳେ ସେଥିରେ ଆଜ୍‌ବେଷ୍ଟସ୍ ପକାଯାଇଥିଲା। ଘରଟି ୟୁ ଆକାରରେ ରହିଥିଲା। ସମ୍ମୁଖ ଓ ପଛ ପାଖଟି କମ୍ ଚଉଡା ଦିଶୁଥିବାବେଳେ ପରିସର ପୂରା ରାଜକୀୟ ଭଳି ଲାଗୁଥିଲା। ଭିତରେ ବହୁତ ଜମି ରହିଥିଲା। ଛୋଟାଙ୍କ ଘରର ଆଗ ଓ ପଛ ପାର୍ଶ୍ୱରେ ଅନ୍ୟ ଲୋକଙ୍କ ଘର ରହିଥିଲା। ଘରଗୁଡିକ ଏପରି ତିଆରି ହୋଇଥିଲା ଯେ, କେହି ଅତି ସହଜରେ ଗାଏବ୍ ହୋଇପାରିବ। ନିର୍ମାଣକୁ ଏତେ ଦୃଢ଼ କରାଯାଇଥିଲା ଯେ, ଭାଙ୍ଗିବାକୁ ବହୁ ସମୟ ଲାଗିଥିଲା। ତେବେ ଘରେ ଥିବା ବଡ଼ ବଡ଼ ଏଲଇଡି ଟିଭି, ୧୧ ବିଦେଶୀ କୁକୁର, ସୋଫା ସେଟ୍ ଆଦି ମୂଲ୍ୟବାନ ଉପକରଣକୁ କିଏ ଗାଏବ୍ କଲା ତାହାକୁ ନେଇ ଏବେ ଚର୍ଚ୍ଚା ଜୋର୍‌ଧରିଛି।

### ଚୋରା କାଠ ବ୍ୟବସାୟ କରୁଥିବା ସନ୍ଦେହ

ଛୋଟା ଓ ତାଙ୍କର ଜଣେ ସହଯୋଗୀଙ୍କ ଘରୁ ୬୦ ଶିଫ୍ଟରୁ ଉର୍ଦ୍ଧ୍ୱ ଶାଳ, ଶାଗୁଆନ, ଆମ୍ବ କାଠ ଜବତ ହୋଇଛି। ଏହାର ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ ଓ ସାମଗ୍ରୀ ଜବତ ଜାରି ରହିଥିଲା। ଛୋଟାଙ୍କ ସମ୍ପର୍କୀୟମାନେ ଅନ୍ୟ ସାମଗ୍ରୀ ନେଇଯାଇଥିଲେ ମଧ କାଠଗଣ୍ଡିଗୁଡିକୁ ଗାଏବ କରି ପାରି ନ ଥିଲେ। କାଠ ଜବତ ପରେ ଛୋଟା ବ୍ରାଉନସୁଗାର, ପଥର ଖଣି ସହ ଚୋରା କାଠ ବ୍ୟବସାୟ କରୁଥିଲେ ବୋଲି ଜଣାପଡିଛି।

### ରହସ୍ୟରେ ୩୨ ବଖରା ଅର୍ଦ୍ଧନିର୍ମିତ ଘର, ଅଣ୍ଡରଗ୍ରାଉଣ୍ଡ୍

ଛୋଟାଙ୍କ ଘର ପଛରେ ରହିଛି ଅର୍ଦ୍ଧ ନିର୍ମିତ ୨୪ ବଖରା ଘର। ଏହି ଘରଗୁଡିକ ଛୋଟାଙ୍କ ସହଯୋଗୀଙ୍କ ପାଇଁ ନିର୍ମାଣ କରାଯାଉଥିଲା ବୋଲି ସନ୍ଦେହ କରାଯାଉଛି। ସେହିପରି ଭଙ୍ଗାଯାଇଥିବା ଘର ପାଖରେ କିଛି ଘର ମଧ ରହିଥିବା ଜଣାପଡିଛି। ତେବେ ପ୍ରଶାସନ ସେହିଘରକୁ ନ ଭାଙ୍ଗି ସରକାରୀ କାର୍ଯ୍ୟାଳୟ ବା କ୍ୱାର୍ଟର କରିବାକୁ ଯୋଜନା କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଅଣ୍ଡରଗ୍ରାଉଣ୍ଡ ଘର ସମ୍ପର୍କରେ କିଛି ସୁରାକ ମିଳିନାହିଁ। ଖୋର୍ଦ୍ଧା ତହସିଲଦାର ସାମଲ କୁହନ୍ତି, ଅର୍ଦ୍ଧନିର୍ମିତ ଘର ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ସରକାରଙ୍କ ମଦ ବୃଦ୍ଧି ଆଭିମୁଖ୍ୟର ପ୍ରତିବାଦ

**ଖୋର୍ଦ୍ଧା ଅଫିସ,୧୫।୭:** ବିଧାୟକ ସୁବ୍ରତ ତରାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଧାନସଭା ଷ୍ଟାଣ୍ଡିଂ କମିଟିର ଅଧିକ ମଦ ଦୋକାନ ଖୋଲି ନିଶାରୁ ୪୬ ଶହ କୋଟି ରାଜସ୍ୱ ଆଦାୟ ପ୍ରସ୍ତାବକୁ ଖୋର୍ଦ୍ଧା ଜିଲାରେ ବିରୋଧ କରାଯାଇଛି। ଏ ନେଇ ଖୋର୍ଦ୍ଧା ଜିଲା ମିଳିତ ନିଶା ନିବାରଣ ସମିତି ପକ୍ଷରୁ ସୋମବାର ସଂସ୍କାର ଭାରତୀ ପରିସରରେ ପ୍ରତିବାଦ ଆଲୋଚନା ସଭା ହୋଇଛି। ଜିଲା ସଭାପତି ରାମ ଶଙ୍କରଙ୍କ ଅଧକ୍ଷତାରେ ରାଜ୍ୟ ସାଧାରଣ ସମ୍ପାଦକ ଅର୍ଜୁନ ଚରଣ ସାମନ୍ତରାୟ, ରାଜ୍ୟ କମିଟି ସଦସ୍ୟ ଆଇନଜୀବୀ ବସନ୍ତ କୁମାର ଦାଶ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂ, ମଦନପୁର ପଞ୍ଚାୟତ ସଭାପତି ମୁରଲୀଧର ଜେନାଙ୍କ ସମେତ ଝାଁଳା, ମେଣ୍ଢାଶାଳ, ଚନ୍ଦକା, ହଳଦିଆ, ବେଗୁନିଆର ପ୍ରତିନିଧିମାନେ ଯୋଗଦେଇଥିଲେ। ରାଜ୍ୟ ସମ୍ପାଦକ ଅର୍ଜୁନ ଚରଣ ସାମନ୍ତରାୟ କହିଲେ, ବିହାର, କେରଳ, ମିଜୋରାମ୍, ନାଗାଲାଣ୍ଡ, ଗୁଜରାଟ ସରକାର ସମ୍ପୂର୍ଣ୍ଣ ମଦ ନିଷେଧ କରିଥିବା ବେଳେ ତାମିଲନାଡୁ ସରକାର ବର୍ଷକୁ ପର୍ଯ୍ୟାୟ କ୍ରମେ ୫୦୦ ମଦ ଦୋକାନ ବନ୍ଦ କରିବା ପ୍ରକ୍ରିୟା ଜାରି ରଖିଛନ୍ତି। ସଭାପତି ରାମଶଙ୍କର କହିଲେ, ନିଶା କବଳରେ ପଡ଼ି



ନିଶା ନିବାରଣ ଲାଗି ଅନୁଷ୍ଠିତ ପ୍ରତିବାଦ ସଭା ।

ଛାତ୍ର, ଯୁବକମାନେ ପଥଭ୍ରଷ୍ଟ ହେବା ସହ ସାମାଜିକ ବିଶୃଙ୍ଖଳା, ନାରୀ ନିର୍ଯାତନା, ହତ୍ୟା ଚୋରି, ଡକାୟତି ଅସମ୍ଭବ ଭାବେ ବୃଦ୍ଧି ପାଇଛି। ଖୋର୍ଦ୍ଧା ସହର ଆଜି ନିଶା କବଳରେ ଜର୍ଜରିତ ଏବଂ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ଅଥଚ ରାଜ୍ୟ ସରକାରଙ୍କ ଷ୍ଟାଣ୍ଡିଂ କମିଟି ଅଧିକ ମଦ ଦୋକାନ ଖୋଲିବାକୁ ପ୍ରସ୍ତାବ ଦେବା ଏବଂ ଅଧିକ ମଦ ବିକୁଥିବା ମଦ ଦୋକାନକୁ ପୁରସ୍କାର ଦେବା ଘୋଷଣା ଅତ୍ୟନ୍ତ ଦୁଃଖଦାୟକ। ଏହା ବିରୋଧରେ ମଙ୍ଗଳବାର ସକାଳ ୯ଟାରୁ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦିଆଯିବାକୁ ରାଜ୍ୟ କମିଟି ପକ୍ଷରୁ ସ୍ଥିର ହୋଇଛି। ବିଭୁପ୍ରସାଦ ବସ୍ତି ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ଦାବିରେ ଲୋକୋ ରନିଂ ଷ୍ଟାଫ୍ ଆସୋସିଏଶନ୍‌ର ଧାରଣା

**ଜଟଣୀ,୧୫।୭(ଡି.ଏନ.ଏ.):** ବିଭିନ୍ନ ଦାବି ନେଇ ଅଲ୍ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ୍ ଆସୋସିଏଶନ୍ ଖୋର୍ଦ୍ଧାରୋଡ ଡିଭିଜନ ଶାଖା ପକ୍ଷରୁ ସୋମବାର ଧାରଣା ଦିଆଯାଇଥିଲା। ଟ୍ରେନ୍ ଚାଳକ ଓ ସହଚାଳକଙ୍କ ପାଇଁ ୧୯୮୦ ନିୟମ ଅନୁଯାୟୀ ଶୀଘ୍ର ମାଇଲେଜ୍ ଭତ୍ତା ଲାଗୁ କରିବା, ରେଲୱେରେ ଘରୋଇକରଣ ବନ୍ଦ, ଦୈନିକ ୮ ଘଣ୍ଟା କାର୍ଯ୍ୟ ନିର୍ଦ୍ଧାରଣ କରିବା, ସପ୍ତାହରେ ୪୬ ଘଣ୍ଟା ବିଶ୍ରାମ ବ୍ୟବସ୍ଥା, ଟ୍ରେନ୍ ଚାଳକଙ୍କ ସ୍ଥାନାନ୍ତରରେ ରହିଥିବା ନିୟମ ପାଳନ କରିବା, ପୁରୁଣା ପେନ୍‌ସନ ଯୋଜନା ପ୍ରଚଳନ, ଖାଲିଥିବା ପଦବୀ ପୂରଣ ଆଦି ବିଭିନ୍ନ



ଧାରଣାରତ ରେଳପଥ କର୍ମଚାରୀ ।

ଦାବି ନେଇ ଧାରଣା ଦିଆଯାଇଥିଲା। ଆସୋସିଏଶନ୍‌ର ଜୋନାଲ ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ, ଡିଭିଜନର ସମ୍ପାଦକ ଜୟପ୍ରକାଶ ଦଣ୍ଡପାଟ, ସଭାପତି ପି.କେ. ମହାନ୍ତିଙ୍କ ନେତୃତ୍ୱରେ ଜଟଣୀସ୍ଥିତ ଖୋର୍ଦ୍ଧାରୋଡ ଡିଭିଜନର ମୁଖ୍ୟ ଦପ୍ତର ସମ୍ମୁଖରେ ଧାରଣା ସହ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ପି.ସି. ଡେଙ୍ଗ, ବାନାମ୍ବର ସାହୁ, ରାକେଶ ମହାନ୍ତି, ସତ୍ୟନାରାୟଣ ପଟ୍ଟନାୟକ ଓ ଆସୋସିଏଶନ୍‌ର ଅନେକ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହିଥିଲେ।

### ରାଷ୍ଟ୍ରୀୟ ଲୋକ ଅଦାଲତ

**ଖୋର୍ଦ୍ଧା ଅଫିସ,୧୫।୭**

ଖୋର୍ଦ୍ଧାର ଜୁଡିସିଆଲ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକ ଆଇନ ସେବା କମିଟିର ଅଧକ୍ଷ ତଥା ପ୍ରଥମ ଅତିରିକ୍ତ ଜିଲା ଜଜ ଧନୁର୍ଦ୍ଧର ସେନାପତି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ଜଜ ଦିଗମ୍ବର ପୃଷ୍ଟି, ୨ୟ ଅତିରିକ୍ତ ଜିଲାଜଜ ଦିଲୀପ କୁମାର ବିଶ୍ୱାଳ, ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ସଂଘମିତ୍ରା ଶର୍ମା, ସବ୍‌ଜଜ ଦିଲୀପ କୁମାର ସାହୁ, ମୁନିସିଫ୍ ଶ୍ରଦ୍ଧାଞ୍ଜଳି ରାୟ, ଜେଏମ୍‌ଏଫସି ଶାଶ୍ୱତୀ ମହାପାତ୍ର, ଏସ୍‌ଜେଏମ୍ ସୁରେନ୍ଦ୍ର କୁମାର ପାଢ଼ୀ, ଖୋର୍ଦ୍ଧା ଆଇନଜୀବୀ ସଂଘର ସଭାପତି ପ୍ରାଣକୃଷ୍ଣ ଦଳବେହେରା, ସରକାରୀ ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ, ବରିଷ୍ଠ ଓ କନିଷ୍ଠ ଆଇନଜୀବୀ ଯୋଗ ଦେଇଥିଲେ। ଏଥିରେ ୧୬୪ ମାମଲା ଫଇସଲା କରାଯାଇ ୧ କୋଟି ୪୨ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଲୋକ ଅଦାଲତକୁ ବସନ୍ତ ଶତପଥୀ ପରିଚାଳନା କରିଥିଲେ।

### ଜଳିଗଲା ଗ୍ୟାସ୍ ସିଲିଣ୍ଡର

**ଖୋର୍ଦ୍ଧା ଅଫିସ,୧୫।୭:** ଖୋର୍ଦ୍ଧା ବ୍ଲକ ଠାକୁରପଡା ସଅରସାହିରେ ଗ୍ୟାସ୍ ଲିକ୍ ହୋଇ ୫ କେଜିଆ ଏକ ସିଲିଣ୍ଡର ଜଳି ଯାଇଛି। ଠାକୁରପଡା ସଅରସାହିର ଲକ୍ଷ୍ମୀଧର ବେହେରା ସୋମବାର ରାତି ପ୍ରାୟ ସାଢ଼େ ୮ ଟାରେ ରୋଷେଇ କରୁଥିବାବେଳେ ଘଟିଥିଲା ଅଭାବନୀୟ ଘଟଣା। ତେବେ ଲକ୍ଷ୍ମୀଧର ଟାଙ୍କି ବାହାରେ ଫୋପାଡି ଦମକଳ କେନ୍ଦ୍ରକୁ ଫୋନ କରିଥିଲେ। କିଛି ସମୟ ପରେ ଖୋର୍ଦ୍ଧା ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ପୂର୍ବତନ କାଉନ୍‌ସିଲରଙ୍କ ପାଖରେ ଦାମୀ କୁକୁର

**ଛୋଟାଙ୍କ ସହ ସମ୍ପର୍କ ସତ୍ତ୍ୱେ କରାଯାଉନି ତଦନ୍ତ**

**ଖୋର୍ଦ୍ଧା ଅଫିସ,୧୫।୭:** ନିଶା ଓ ପଥର ବ୍ୟବସାୟୀ ସୁଧାଂଶୁ ପରିଡା ଓରଫ ଛୋଟା କୋର୍ଟରେ ଆତ୍ମସମର୍ପଣ କରି ଜେଲରେ ଅଛନ୍ତି। ସରକାରୀ ଜମିରେ ଗଢ଼ି ଉଠିଥିବା ଘର ପ୍ରଶାସନ ଉଚ୍ଛେଦ କରିବା ଛୋଟାଙ୍କ ପାଇଁ ଦୁର୍ଦ୍ଦିନ ଡାକି ଆଣିଛି। ଜେଲରେ ଥାଇ ବି ଛୋଟା ଯୁଦ୍ଧକାଳୀନ ଭିତ୍ତିରେ ଅନୁଗତ ଓ ସମ୍ପର୍କୀୟଙ୍କ ଦ୍ୱାରା ଘର ଖାଲି କରି ଦେଇଥିଲେ। ୧୧ଟି କୁକୁର ମଧ୍ୟରୁ ନିକଟରେ ୧ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟରେ ଫ୍ଲାଇଟ୍‌ରେ ଆସିଥିବା ଦାମୀ କୁକୁର ପୂର୍ବତନ କାଉନସିଲରଙ୍କୁ ଦେଇଥିବା ଜଣାପଡିଛି। ଅନ୍ୟପକ୍ଷେ ଛୋଟାଙ୍କ ବିଳାସ ବ୍ୟସନ ପଦାକୁ ଆସିଛି। ଛୋଟାଙ୍କ ଗୁରୁଜଙ୍ଗସ୍ଥିତ ଘରକୁ ଆସିବା ସହଜ ସାଧ ନ ଥିଲା। ବିଭିନ୍ନ ସ୍ଥାନରେ ୧୧ଟି କୁକୁର ନିୟୋଜିତ ଥିଲେ। ପୁଣି ୧୦ ଜଣ ସୁରକ୍ଷାକର୍ମୀ ନିୟୋଜିତ ଥିଲେ। ଯେଉଁମାନେ କି ସିଫ୍ଟରେ କାମ କରୁଥିଲେ। ସେମାନେ ଡଗ୍ ମାଷ୍ଟର ସହ ଛୋଟାଙ୍କ ପାଇଁ କାମ କରୁଥିଲେ। ପ୍ରତି ଘରର ଓ ଆଖପାଖ ଅଞ୍ଚଳର ଦୃଶ୍ୟ ଛୋଟା ସିସିଟିଭିରେ ସବୁବେଳେ ଦେଖୁଥିଲେ। କାରବାରକୁ ଚଳାଇବା ପାଇଁ ଛୋଟା ମିଟିଂ ହଲରେ ଖାସ ଅନୁଗତଙ୍କ ସହ ବୈଠକ କରାଇ ରଣନୀତି ପ୍ରସ୍ତୁତ କରୁଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଛୋଟା ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକାନଗର ଘରେ ବ୍ରାଉନସୁଗାର ରଖୁ ନ ଥିଲେ। ବ୍ରାଉନସୁଗାର ଘର ନିକଟରେ ଥିବା ୫ରୁ ୭ଜଣ ସହଯୋଗୀଙ୍କ ଘରେ ରହୁଥିଲା। ତାହା ପୁଣି ସବୁବେଳେ ପରିବର୍ତ୍ତନ କରାଯାଉଥିଲା ବୋଲି ଛୋଟାଙ୍କର ଜଣେ ବ୍ୟବସାୟୀଙ୍କଠାରୁ ଜଣାପଡିଛି। ଅନ୍ୟପକ୍ଷେ ଜବରଦଖଲରେ ଥିବା ବେଆଇନ ଘର ସୋମବାର ଭାଙ୍ଗିବା ବେଳେ ନିକଟସ୍ଥ ୫ରୁ ୭ଟି ଘରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ରାତି ୯ଟା ପରେ ପୁଣି ଘର ଖୋଲା ରହିଥିବାର ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଛୋଟାଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ଥିବା ପୂର୍ବତନ କାଉନ୍‌ସିଲରଙ୍କୁ ଏସ୍‌ଟିଏଫ୍ ତଦନ୍ତ ପରିସରଭୁକ୍ତ କରୁ ନ ଥିବାର କାରଣ କ'ଣ ବୋଲି ଖୋର୍ଦ୍ଧାରେ ଚର୍ଚ୍ଚା ଚାଲିଛି।

### ଭାଙ୍ଗିବ ଜବରଦଖଲରେ ଥିବା ୪୮ ଘର

ଗୁରୁଜଙ୍ଗସ୍ଥିତ ଖୋର୍ଦ୍ଧା ଜବାହର ନବୋଦୟ ବିଦ୍ୟାଳୟ ପଛପାଖରେ ଥିବା ୪୮ ଘର ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ ହେବ। ଏ ନେଇ ଖୋର୍ଦ୍ଧା ଆରଆଇ ଅଫିସ ପକ୍ଷରୁ ନୋଟିସ୍ ହୋଇ ସାରିଛି।

### ମିଳୁଥିଲା ପ୍ରୋତ୍ସାହନ

ଛୋଟାଙ୍କୁ ରାଜନୈତିକ ଓ ପ୍ରଶାସନିକ ଚାରା ପୋଷକତା ମିଳୁଥିଲା। ଛୋଟାଙ୍କ ପୁଅ ଜନ୍ମ ଦିନରେ କିଛି ବିଧାୟକ, ପୂର୍ବତନ ବିଧାୟକ, ବହୁ ରାଜନୈତିକ ନେତା, କିଛି କ୍ଷମତାସୀନ ଓ ପୂର୍ବତନ ସରପଞ୍ଚ, ସମିତିସଭ୍ୟ ଓ କାଉନସିଲର, ସହରର ପ୍ରତିଷ୍ଠିତ ବ୍ୟକ୍ତି ସାମିଲ ହୋଇଥିଲେ। ଛୋଟା ବ୍ରାଉନସୁଗାର କାରବାର କରିଥିବାର ଜାଣିବା ପରେ ବି ଏମାନେ ଯାଇ ମଉଜମସ୍ତି କରିଥିଲେ। ଧୀରେ ଧୀରେ ଏସବୁ ଖବର ଲିକ୍ ହେବାରେ ଲାଗିଛି।

## ଗୋଟିଏ ରାତିରେ ୧୦ ମୋବାଇଲ୍ ଲୁଟ୍

■ ମୋବାଇଲ୍ ଲୁଟ୍ ଅଭିଯୋଗ ରଖୁନି ପୋଲିସ

■ ହଜିଗଲା ବୋଲି ଅଭିଯୋଗ କରିବାକୁ ଦେଉଛି ପରାମର୍ଶ

**ଖୋର୍ଦ୍ଧା ଅଫିସ,୧୫।୭**

ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ମୋବାଇଲ୍ ଲୁଟେରା ମାତିଛନ୍ତି। ରବିବାର ରାତିରେ ୧୦ ଟି ମୋବାଇଲ୍ ଲୁଟ୍ କରି ପୋଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି। ପୋଲିସ ମୋବାଇଲ୍ ଲୁଟେରାଙ୍କୁ ଧରିବା ବଦଳରେ ଲୁଟ୍ ଅଭିଯୋଗ ରଖିବାକୁ ପଛଘୁଞ୍ଚା ଦେଉଛି। ମୋବାଇଲ୍ ଲୁଟ୍ ବଦଳରେ ହଜିଗଲା ବୋଲି ଅଭିଯୋଗ କରିବାକୁ ପୋଲିସ ପରାମର୍ଶ ଦେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ୧୦ଟି ମୋବାଇଲ୍ ଲୁଟ୍ ହୋଇଥିବାବେଳେ ୫ଟି ଅଭିଯୋଗ ଥାନାକୁ ଆସିଥିଲା। ସବୁ ଅଭିଯୋଗକାରୀଙ୍କୁ ପୋଲିସ ସମାନ କଥା କହିଥିବା ଜଣାପଡିଛି।

କିଛିଦିନ ହେଲା ଖୋର୍ଦ୍ଧାରେ ମୋବାଇଲ୍ ଲୁଟ୍ ଚାଲିଛି। କେତେଜଣ ଯୁବକ ପିଛା କରି ବାଇକ୍ ଅଟକାଇ ମାଡମାରି, ଭୟଭୀତ କରାଇ ମୋବାଇଲ୍ ଲୁଟ୍ କରି ଚାଲିଛନ୍ତି। ବ୍ରାଉନସୁଗାର ରେଟ୍ ବଢ଼ିବା ପରେ ଲୁଟେରାମାନେ ଲୁଟ୍ ବଢି ଚାଲାଛି। ଏଭଳିସ୍ଥଳେ ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଜୁନ୍‌ରେ ୨୫ଟି ମୋବାଇଲ୍ ଲୁଟ୍ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଥାନାରେ ଅଭିଯୋଗ କଲେ ପୋଲିସ ରଖୁ ନ ଥିବାରୁ ମୋବାଇଲ୍ ଲୁଟ୍ ନେଇ ଅଭିଯୋଗ କରାଯାଉ ନ ଥିବା ଜଣାପଡିଛି। ଆଦର୍ଶ ଥାନା ବୋଲି ପୋଲିସ ବାହାବା ନେଉଥିବାବେଳେ ପୋଲିସର ଆଦର୍ଶ ଦେଖିବାକୁ ମିଳୁନାହିଁ ବୋଲି ଅଭିଯୋଗ ଉଠିଲାଣି। ଅନ୍ୟପକ୍ଷେ ରବିବାର ରାତିରେ ଲୋକେଶ୍ୱରପୁରର ହରପ୍ରିୟା ରଣ ବିଜୁଳି ବାପାଙ୍କ ସହିତ ବିଡିଏ କଲୋନୀର ଏକ ବିବାହ ଭୋଜି ଖାଇ ଫେରୁଥିଲେ। ସମୟ ପ୍ରାୟ ୧୦ଟା। ଡିଏଭି ସ୍କୁଲ ଯିବାକୁ ମୁଖ୍ୟରାସ୍ତା ନିକଟରେ ୨ ଜଣ ଯୁବକ ପଚ ପାଖରୁ ପିଛା କରି ପହଞ୍ଚି ମୋବାଇଲ ଲୁଟ୍ କରି ନେଇଗଲେ। ଥାନାରେ ଅଭିଯୋଗ କରିବାରୁ ହଜି ଯାଇଥିବା ଅଭିଯୋଗ ଆଣିବାକୁ କହି ଅଭିଯୋଗ ରଖିଲେ ନାହିଁ। ଆଇଆଇସିଙ୍କୁ ପଚାରିବାରୁ କହିଥିଲେ ମୁଁ ଗଲେ ବୁଝିବି। ମୋବାଇଲ ଲୁଟ୍ ସମ୍ପର୍କରେ ଆଦର୍ଶ ଥାନାର ଆଇଆଇସି ଉମା ପ୍ରସାଦ ସିଂଙ୍କୁ ଯୋଗାଯୋଗ କରିବାରୁ କହିଥିଲେ ମୁଁ ଘଟଣାର ଅନୁଧାନ ପରେ ପଦକ୍ଷେପ ନେବି।

### ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ

**ନିରାକାରପୁର,୧୫।୭(ଡି.ଏନ.ଏ.)** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ଶିରିଡି ସାଇ ମନ୍ଦିର ପରିସରରେ ସୋମବାର ସାଇ ପରିବାର ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ମାନସିକଧାରୀ ମହିଳାପୁରୁଷ ନିକଟସ୍ଥ ମନ୍ଦାକିନୀ ନଦୀରୁ କଳସରେ ଜଳ ଧରି ବିରାଟ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ସନ୍ଧ୍ୟାରେ ସାଇବାବାଙ୍କୁ ଏକ ବିମାନରେ ନଗର ପରିକ୍ରମା କରାଯାଇଥିଲା । ଏହା ପରେ ଯଜ୍ଞ ଆରମ୍ଭ ହୋଇଛି । ଏହି ଆଧାତ୍ମିକ କାର୍ଯ୍ୟକ୍ରମ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ।



■ ଅଟୋ ଧକ୍କାରେ ଲେଭଲ କ୍ରସିଂ ଗେଟ୍ ଭାଙ୍ଗିଲା

## ଅଢ଼େଇ ଘଣ୍ଟା ଖରାରେ ସିଝିଲେ ପଥଚାରୀ

**ନିରାକାରପୁର,୧୫।୭(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁରଠାରେ ଥିବା ରେଳ ଫାଟକଟି ସୋମବାର ଏକ ଅଟୋ ଧକ୍କାରେ ଭାଙ୍ଗିଯିବାରୁ ପ୍ରାୟ ଅଢେଇ ଘଣ୍ଟା ଧରି ଖରାରେ ପଥଚାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ନେବାରୁ ଜଣାପଡିଛି ଯେ, ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ପଶ୍ଚିମ ଓ ଦକ୍ଷିଣ ଓଡିଶାର ଯାତ୍ରୀମାନେ ମୁଖ୍ୟତଃ ନୂଆ ଜଗନ୍ନାଥ ସଡ଼କରେ ଯା'ଆସ କରୁଛନ୍ତି। ଏଥିପାଇଁ ଉକ୍ତ ରାସ୍ତା ଜାମ୍ ଥିବାବେଳେ ପୂର୍ବାହ୍ନ ସାଢେ ୯ଟା ବେଳେ ଏକ ଅଟୋ ନିରାକାରପୁର ଗେଟ୍ ବଜାରସ୍ଥିତ ଲେଭଲ କ୍ରସିଂ ଗେଟ୍‌କୁ ଧକ୍କା ଦେବାରୁ ଏହା ଭାଙ୍ଗିଯାଇଥିଲା। ଫଳରେ ମରାମତି ପର୍ଯ୍ୟନ୍ତ ପ୍ରାୟ ଅଢେଇ



ରେଳ ଫାଟ ନିକଟରେ ଲୋକଙ୍କ ଭିଡ଼।

ଘଣ୍ଟା ଧରି ଗେଟ୍‌ର ଉଭୟ ପାର୍ଶ୍ୱରେ ଯାତ୍ରୀମାନେ ଅଟକି ରହିଥିଲେ। ସକାଳ ସାଢେ ୯ଟାରୁ ୧୧ଟା ୫୫ ପର୍ଯ୍ୟନ୍ତ ପ୍ରଚଣ୍ଡ ଖରାରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରି କି ପୁରୀ ସ୍ୱର୍ଗଦ୍ୱାରକୁ ମୃତଦେହ ଦାହ ପାଇଁ ଯାଉଥିବା ଗାଡିଗୁଡିକ ମଧ ଅଟକି ରହିଥିଲା। ଦୀର୍ଘ ସମୟ ପରେ ରେଳ କର୍ମଚାରୀ ପହଞ୍ଚି ଗେଟ ମରାମତି କରିବା ପରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଆଜି ପୁରୀ ଆସିବେ ରାଜ୍ୟପାଳ

ପୁରୀ ଅଫିସ,୧୫।୭: ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମଙ୍ଗଳବାର ପୁରୀ ଆସିବେ। ଗୋବର୍ଦ୍ଧନ ମଠରେ ଆୟୋଜନ ହେବାକୁ ଥିବା ଗୁରୁପୂର୍ଣ୍ଣିମା ଉତ୍ସବରେ ସେ ଯୋଗଦେବେ। ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟସୂଚୀ ଜିଲା ପ୍ରଶାସନର ହସ୍ତଗତ ହୋଇଛି। ସୂଚନା ଅନୁଯାୟୀ, ଅପରାହ୍ଣ ୪ଟା ୨୫ରେ ରାଜ୍ୟପାଳ ଭୁବନେଶ୍ୱରରୁ ବାହାରି ୫ଟା ୩୫ରେ ପୁରୀ ରାଜଭବନରେ ପହଞ୍ଚିବେ। ୫ଟା ୫୦ରେ ଗୋବର୍ଦ୍ଧନ ମଠକୁ ଯାଇ ସେଠାକାର କାର୍ଯ୍ୟକ୍ରମରେ ଯୋଗଦେବେ। ସନ୍ଧ୍ୟା ୭ଟା ୪୫ରେ ମଠରୁ ବାହାରି ୭ଟା ୫୫ରେ ପୁରୀ ରାଜଭବନରେ ପହଞ୍ଚିବେ। ରାତି ୮ଟା ୧୦ରେ ସେ ଭୁବନେଶ୍ୱର ଅଭିମୁଖେ ଫେରିଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

### ଟୋଲ୍ ଗେଟ୍ ଜଗୁଆଳିଙ୍କୁ ମରଣାନ୍ତକ ଆକ୍ରମଣ

ବ୍ରହ୍ମଗିରି, ୧୫।୭(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଗୌଡିଆଘାଇ ଗ୍ରାମର ଭୁବନେଶ୍ୱର ପ୍ରଧାନଙ୍କୁ ସୋମବାର ଅପରାହ୍ଣରେ ମରଣାନ୍ତକ ଆକ୍ରମଣ ହୋଇଛି। ଭୁବନେଶ୍ୱର ସୁକଳ ମାର୍କଣ୍ଡପଡ଼ା ଟୋଲଗେଟ୍‌ରେ ଜଗୁଆଳି ଭାବେ କାର୍ଯ୍ୟ କରନ୍ତି। ସୋମବାର ସେ ଗେଟ୍‌ରେ କାର୍ଯ୍ୟରତ ଥିବା ସମୟରେ ଏକ ଟ୍ରକ୍ ଡ୍ରାଇଭରଙ୍କ ସହ କୌଣସି କାରଣ ନେଇ ବଚସା ହେବାରୁ ସେ ଭୁବନେଶ୍ୱରଙ୍କୁ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଭୁବନେଶ୍ୱର ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମୟରେ ଘଟଣାସ୍ଥଳରୁ ଟ୍ରକ ଡ୍ରାଇଭର ଗାଡି ନେଇ ଫେରାର ହୋଇଯାଇଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଘଟଣା: ଜେଲ ଗଲେ ଯୁବକ

କାକଟପୁର, ୧୫।୭(ଡି.ଏନ୍.ଏ.): କାକଟପୁର ଥାନା ଅନ୍ତର୍ଗତ ଏକ ଗ୍ରାମର ଜନୈକା ନାବାଳିକାଙ୍କୁ ବଳାତ୍କାର କରିବା ଘଟଣାରେ ଗିରଫ ଯୁବକ ସମୀର ମହାନ୍ତି ସୋମବାର ଜେଲ ଯାଇଛନ୍ତି। ପୋଲିସ ରବିବାର ତାଙ୍କୁ ପୁରୀ ଜିଲା କୋର୍ଟକୁ ଚାଲାଣ କରିଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ଯିବାକୁ ପଡ଼ିଛି। ଅଭିଯୋଗ ହୋଇଛି ଯେ, ସମ୍ପୃକ୍ତା ନାବାଳିକାଙ୍କୁ ତାଙ୍କ ମା' ଓ ଭାଇଙ୍କ ଜାଣତରେ ବାରମ୍ବାର ବଳାତ୍କାର କରାଯାଇଥିଲେ ମଧ୍ୟ ସେମାନେ କୌଣସି ପ୍ରତିବାଦ କରି ନ ଥିଲେ ବରଂ ସମୀରଙ୍କୁ ସାହାଯ୍ୟ କରିଥିଲେ। ଶନିବାର ପୀଡ଼ିତା କୌଶଳକ୍ରମେ ନିମାପଡ଼ା ଥାନାକୁ ଯାଇ ଅଭିଯୋଗ କରିବା ପରେ ପୋଲିସ ଏହି ଅଭିଯୋଗକୁ କାକଟପୁର ଥାନାକୁ ହସ୍ତାନ୍ତର କରିଥିଲା। କାକଟପୁର ଥାନା ପୋଲିସ ଏହି ଅଭିଯୋଗ ପାଇବା ପରେ ଉଭୟଙ୍କୁ ଡାକ୍ତରୀମାଇନା କରିଥିଲା। ଏ ନେଇ କାକଟପୁର ଥାନାରେ ଦଫା ୩୭୬, ୫୧୧, ୩୨୩, ୫୦୬, ୩୫୪(ଏ), ୧୦୯ ଆଇପିସିରେ ଏକ ମାମଲା ରୁଜୁ କରାଯାଇଛି।

### ସମସ୍ୟା ଘେରରେ କଣାସ ରୋଡ୍ ରେଳଷ୍ଟେଶନ

କଣାସ, ୧୫।୭(ସ୍ୱ.ପ୍ର.): ଖୋର୍ଦ୍ଧା ଡିଭିଜନ୍‌ର ଖୋର୍ଦ୍ଧା-ପୁରୀ ରେଳପଥର ମଧ୍ୟବର୍ତ୍ତୀ କଣାସ ରୋଡ୍ ରେଳଷ୍ଟେଶନରେ ଅନେକ ସମସ୍ୟା ରହିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। କଣାସ ଏବଂ ଡେଲାଙ୍ଗ ବ୍ଲକର ଜନସାଧାରଣ ଏହି ଷ୍ଟେଶନ ଉପରେ ନିର୍ଭର କରୁଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଷ୍ଟେଶନର ଅବ୍ୟବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ଲାଗିରହିଛି। ପ୍ରତ୍ୟେକ ମାସ ୫୦ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀ କଣାସରୋଡ୍ ରେଳ ଷ୍ଟେଶନରୁ ରାଜ୍ୟ ଏବଂ ରାଜ୍ୟ ବାହାରକୁ ଯାତାୟାତ କରିଥାନ୍ତି। ଅଧିକ ଟ୍ରେନ୍ ରହଣି ପାଇଁ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନଦେବାକୁ ଅଞ୍ଚଳବାସୀ ଓ କଣାସ ରୋଡ୍ ରେଳ ବିକାଶ ପରିଷଦ ପକ୍ଷରୁ ଦାବି ହୋଇଛି।

# ଦାଦାବଟିକୁ ନେଇ ଶୋ'ରୁମ୍‌ରେ ଭଙ୍ଗାରୁଜା

- ଇଟାମାଡ଼ରେ ଶୋ'ରୁମ୍ ମାଲିକଙ୍କ ସମ୍ପର୍କୀୟ ଆହତ
- ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛି ପୋଲିସ



ଦୁର୍ବୃତ୍ତମାନେ ଶୋ'ରୁମ୍‌ରେ ଭଙ୍ଗାରୁଜା କରିଛନ୍ତି।

ପୁରୀ ଅଫିସ,୧୫।୭:

ଦାଦାବଟିକୁ ନେଇ ପୁରୀ ଟାଉନ ଥାନା ଅଧୀନ ନରେନ୍ଦ୍ରକୋଣସ୍ଥିତ ଏକ ଗଦି ଶୋ' ରୁମ୍‌ରେ ସୋମବାର କେତେଜଣ ଦୁର୍ବୃତ୍ତ ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ସେମାନେ ସୋ'ରୁମ୍ ଭିତରେ ପଶି ବିଭିନ୍ନ ଆସବାବପତ୍ର ନଷ୍ଟ କରିବା ସହ କାଚ ଝରକାକୁ ଭାଙ୍ଗିଦେଇଛନ୍ତି। ଏଥିସହ ବାହାରୁ ଇଟାମାଡ଼ କରିବାରୁ ଶୋ'ରୁମ୍ ମାଲିକଙ୍କ ସମ୍ପର୍କୀୟ ଉଦ୍ଧବ ଚରଣ ପୃଷ୍ଟି (୬୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇଛି। ସୋ'ରୁମ୍ ମାଲିକ ପ୍ରଭାତ କୁମାର ପାତ୍ରଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ନରେନ୍ଦ୍ରକୋଣ ଚକଡ଼ା ନିକଟରେ ଏକ ନାମୀ କମ୍ପାନୀର ଗଦି ଶୋ'ରୁମ୍ ରହିଛି। ଏହା ଉପରେ ଉକ୍ତ ଅଞ୍ଚଳର ଗୋଟିଏ ଗ୍ୟାଙ୍ଗର ନଜର ପଡ଼ିଥିଲା। ସେହି ଗ୍ୟାଙ୍ଗର ସଦସ୍ୟମାନେ ଶୋ'ରୁମ୍ ମାଲିକଙ୍କୁ ମୋଟା ଅଙ୍କର ଅର୍ଥ ମାଗିଥିଲେ। ତେବେ ମାଲିକ ଏଥିରେ ରାଜି ହୋଇ ନ ଥିଲେ। ପରେ ପୁଣି ଥରେ ଦାଦାବଟି ନ ଦେଲେ ଏଠାରେ ଦୋକାନ କରିପାରିବ ନାହିଁ ବୋଲି ଧମକ ଦେଇଥିଲେ। ସୋମବାର ଅପରାହ୍ଣ ପ୍ରାୟ ସାଢେ ୧ଟାରେ ଶୋ'ରୁମ୍‌ରେ କେତେଜଣ କର୍ମଚାରୀ ଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ର ଧରି ଶୋ'ରୁମ୍ ଭିତରେ ପଶିଥିଲେ। ମାଲିକଙ୍କୁ ଡାକିବା ପାଇଁ କର୍ମଚାରୀମାନଙ୍କୁ କହିଥିଲେ। ମାଲିକ ବାହାରକୁ ଯାଇଥିବାରୁ ଆସିବା ବିଳମ୍ବ ହେବ ବୋଲି କର୍ମଚାରୀମାନେ କହିଥିଲେ। ଏଥିରେ ଦୁର୍ବୃତ୍ତ ଦ୍ୱୟ ଉତ୍‌କ୍ଷିପ୍ତ ହୋଇ ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ବାହାର କାଚ ଝରକା ମଧ୍ୟ ବାଡ଼େଇ ଭାଙ୍ଗିଦେଇଥିଲେ। ଏତିକିରେ ସେମାନଙ୍କ ମନ ଶାନ୍ତ ପଡ଼ି ନ ଥିଲା। ବାହାର ପଟୁ ଇଟାମାଡ଼ କରିଥିଲେ। ଶୋ'ରୁମ୍ ମାଲିକଙ୍କ ଦାଦା ଉଦ୍ଧବଙ୍କ ମୁଣ୍ଡରେ ଇଟାଖଣ୍ଡ ବାଜିଥିଲା। ଏଥିସହିତ କାଚଖଣ୍ଡ ଛିଟିକି ତାଙ୍କ ଦେହରେ ବାଜିଥିଲା। ଫଳରେ ସେ ଆହତ ହୋଇଥିଲେ। ଦାଦାବଟି ନ ଦେଲେ ବୋମା ପକାଇ ଶୋ'ରୁମ୍ ଉଡ଼ାଇ ଦେବାକୁ ଧମକ ଦେଇ ସେମାନେ ଚାଲିଯାଇଥିଲେ। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଦେବୀପ୍ରସାଦ ପାତ୍ର କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ସିସିଟିଭି ଯାଞ୍ଚ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

### ନରେନ୍ଦ୍ରକୋଣ ଅଞ୍ଚଳରେ ବଢୁଛି ଗୁଣ୍ଡାରାଜ

ପୁରୀ ଟାଉନ ଥାନା ଓ କୁମ୍ଭାରପଡ଼ା ଥାନା ଅଧୀନରେ ଅବସ୍ଥିତ ନରେନ୍ଦ୍ରକୋଣ ଅଞ୍ଚଳ। ପୁରୀର ପଞ୍ଚତୀର୍ଥ ମଧ୍ୟରେ ଅନ୍ୟତମ ନରେନ୍ଦ୍ର ପୁଷ୍କରିଣୀ ଏଠାରେ ରହିଛି। ଚନ୍ଦନଯାତ୍ରା ସମୟରେ ମହାପ୍ରଭୁ ଏହି ପବିତ୍ର ପୁଷ୍କରିଣୀରେ ଚାପ ଖେଳନ୍ତି। ପର୍ଯ୍ୟଟନ ଦୃଷ୍ଟିରୁ ମଧ୍ୟ ଏହା ଗୁରୁତ୍ୱ ବହନ କରେ। ଅନ୍ୟପଟେ ଏହି ଅଞ୍ଚଳ ଏବେ ଅଶାନ୍ତ ହୋଇପଡ଼ିଛି। ସଞ୍ଜ ନଇଁଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। କାହାଠାରୁ କେତେ ଟଙ୍କାର ବଟି ଆଦାୟ ହେବ, କେଉଁଠି କାହାକୁ ଆକ୍ରମଣ କରାଯିବ ସେନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ନିଶା କାରବାର ମଧ୍ୟ ବୃଦ୍ଧି ପାଉଛି। ଫଳରେ ସନ୍ଧ୍ୟା ପରେ ଏହି ରାସ୍ତା ଦେଇ ଯିବାକୁ ଲୋକେ ଡରୁଛନ୍ତି। ଏ ନେଇ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଟାଉନ ଥାନା ଅଧିକାରୀ ଦେବୀ ପ୍ରସାଦ ପାତ୍ର ଏବଂ କୁମ୍ଭାରପଡ଼ା ଥାନା ଅଧିକାରୀ ଏସ୍.କେ. ସାହୁ କହିଛନ୍ତି, ନିୟମିତ ଭାବେ ନରେନ୍ଦ୍ରକୋଣ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଛି। ସେହିପରି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ନରେନ୍ଦ୍ରକୋଣ ଅଞ୍ଚଳରେ ନିଶା କାରବାର ନେଇ ଅଭିଯୋଗ ଆସିଛି। ଏହାର ତଦନ୍ତ ଜାରିରହିଛି। ଅଭିଯୋଗ ପ୍ରମାଣିତ ହେଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ରାଜ୍ୟସ୍ତରୀୟ ସାହିତ୍ୟ ଆସର, ସମ୍ବର୍ଦ୍ଧନା ଉତ୍ସବ



ଅତିଥିମାନେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କୋଣାର୍କ, ୧୫।୭(ଡି.ଏନ୍.ଏ.)

କୋଣାର୍କ ନିକଟସ୍ଥ ବାଲିଦୋକାନର ମୈତ୍ରେୟ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ପ୍ରାଚୀ ମହାବିଦ୍ୟାଳୟ ପରିସରରେ ୭ମ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ଆସର ଓ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଆଇନଜୀବୀ ହରେକୃଷ୍ଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ କୋଶଳ ସାହିତ୍ୟ ସଂସଦର ସଭାପତି ଦେବେନ୍ଦ୍ର ନାଏକ, ଅଧ୍ୟାପକ ଡ. ଚାଇନା ପ୍ରଧାନ, ପ୍ରାଚୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ସେନାପତି, ବ୍ୟଙ୍ଗକବି ସମ୍ପଦ କୁମାର ରଥ, କୁମାର କବି ପ୍ରଶାନ୍ତ କୁମାର ବାହିନୀପତି ପ୍ରମୁଖ ଯୋଗଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ କବିମାନଙ୍କ ଲେଖନୀ ଚାଳନାରେ ସମାଜରେ ଏକ ସଂସ୍କାରମୂଳକ ବାତାବରଣ ସୃଷ୍ଟି ହେବା ସହ ଏହା ଏକ ପରିବର୍ତ୍ତନର ନୂତନ ଦିଗନ୍ତ ଦିଗରେ ସହାୟକ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ପରିଷଦର ସମ୍ପାଦକ ଚିତ୍ତରଞ୍ଜନ ବିଶ୍ୱାଳ ବାର୍ଷିକ ବିବରଣୀ ଓ ସଂସଦର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟଙ୍ଗକବି ରଥଙ୍କ ସଭାପତିତ୍ୱରେ କବିତା ପାଠ ଉତ୍ସବ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗାୟକ ଅତିବଡ଼ି ମଙ୍ଗରାଜ ବିଶ୍ୱାଳ, ପ୍ରତାପରଶ୍ମି ନାୟକ, କଳ୍ପନା କଳ୍ପଲତା ବିଶ୍ୱାଳ ଓ ସସ୍ମିତା ଆଚାର୍ଯ୍ୟ ପ୍ରମୁଖ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ କୁମାରକବି ପ୍ରଶାନ୍ତ ବାହିନୀପତି ଓ କବି ମନମୋହନ ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ବନଜା ମିଶ୍ରଙ୍କୁ ସ୍ୱର ନିର୍ଝରିଣୀ ସମ୍ମାନ, କବି ଭାଗୀରଥି ସ୍ୱାଇଁଙ୍କୁ ଶ୍ରେଷ୍ଠ ସାହିତ୍ୟିକ ସମ୍ମାନ ଓ ଜ୍ଞାନରଞ୍ଜନ ବିଶ୍ୱାଳଙ୍କୁ ଶ୍ରେଷ୍ଠ ଯୁବ-ସାମ୍ବାଦିକ ସମ୍ମାନ ପ୍ରଦାନ କରାଯିବା ସହ ୨୭ ଜଣ ବିଶିଷ୍ଟ କବି ଓ କବୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବୈଜୟନ୍ତୀମାଳା ବିଶ୍ୱାଳ, ସନ୍ଧ୍ୟାରାଣୀ କର ଓ ପ୍ରଜ୍ଞା ପରମିତା ରଥ ପରିଚାଳନା କରିଥିଲେ। ଶେଷରେ ଆଦର୍ଶ ଶିକ୍ଷକ ପ୍ରବୀଣ କୁମାର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ହିନ୍ଦୁସ୍ଥାନ ନିର୍ମାଣ ଦଳ

### ଦାବି ପୂରଣ ନ ହେଲେ ଆନ୍ଦୋଳନ

ପୁରୀ ଅଫିସ, ୧୫।୭:

ବାତ୍ୟା ଫନୀରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। କ୍ଷତିଗ୍ରସ୍ତଙ୍କ ଲାଗି ସରକାର ସହାୟତା ଘୋଷଣା କରିଥିଲେ। ଏ ନେଇ ପ୍ରଶାସନ ପକ୍ଷରୁ ସର୍ଭେ କରାଯାଇଥିଲା। ତେବେ ସର୍ଭେ ସମୟରେ ପାତରଅନ୍ତର ଓ ତାଲିକାରେ ଚଞ୍ଚକତା ହୋଇଥିବା ଅଭିଯୋଗ ଉଠିଥିଲା। ତେଣୁ ପୁଣି ଥରେ ତାଲିକା ପ୍ରସ୍ତୁତ ସହ କ୍ଷତିଗ୍ରସ୍ତଙ୍କୁ ସମ୍ପୂର୍ଣ୍ଣ ସହାୟତା ଦେବାକୁ ହିନ୍ଦୁସ୍ଥାନ ନିର୍ମାଣ ଦଳ ଦାବି କରିଛି। ଏ ନେଇ ଦଳ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୁରୀ ଜିଲାପାଳଙ୍କୁ ୩୦ ଦଫା ସମ୍ବଳିତ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ପ୍ରତ୍ୟେକ ଚାଷୀଙ୍କୁ ମାଗଣାରେ ଧାନ ବିହନ, ଆର୍ଥିକ ସହାୟତା, ପନିପରିବା ଚାଷ ଲାଗି ମଞ୍ଜି ଓ ସାର ଏବଂ ମତ୍ସ୍ୟଜୀବୀଙ୍କ ଡଙ୍ଗା ଲାଗି ୨ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଚାଷୀ ପରିବାର ନାମରେ ବୀମା କରାଯିବା ସହ ପିଲାଙ୍କୁ ପାଠପଢା ଖର୍ଚ୍ଚ ଦିଆଯାଉ। ଚାଷ ଉପକରଣ ଉପରେ ୮୦ ପ୍ରତିଶତ ଛାଡ଼, ୫ବର୍ଷ ଲାଗି ଋଣ ପ୍ରଭୃତି ଅନ୍ତର୍ଭୁକ୍ତ। ସର୍ଭେ ତାଲିକାରେ ଅନିୟମିତତା ହୋଇଛି। ସେହିପରି ରିଲିଫ ଚାଉଳ, ଟଙ୍କା ହେରଫେର କରାଯାଇଛି। ଏସବୁର ତଦନ୍ତ ହେଉ। ଆଗାମୀ ୩ ସପ୍ତାହ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ, ହିନ୍ଦୁସ୍ଥାନ ନିର୍ମାଣ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଆବାହକ କୈଳାସ ଚନ୍ଦ୍ର ବରାଳ ଏବଂ କାର୍ଯ୍ୟକାରୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଦାଶ କହିଛନ୍ତି।

# ବନ୍ଧୁକ ଦେଖାଇ ଭତ୍ତା ଟଙ୍କା ଲୁଟିନେଲେ

- ଅଭିଯୋଗ କଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ
- ଟଙ୍କା ନ ପାଇ ଫେରିଲେ ହିତାଧିକାରୀ

କାକଟପୁର, ୧୫।୭(ଡି.ଏନ୍.ଏ.)

ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ର ସ୍ୱାଇଁଙ୍କଠାରୁ ସୋମବାର ପୂର୍ବାହ୍ଣରେ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଓ ଛୁରି ଦେଖାଇ ଭତ୍ତା ଟଙ୍କା ଲୁଟିନେଇଛନ୍ତି। ଫଳରେ ଟଙ୍କା ନେବାକୁ ଆସିଥିବା ହିତାଧିକାରୀ ନିରାଶ ହୋଇ ଫେରିଛନ୍ତି। ଏ ନେଇ ଦେବେନ୍ଦ୍ର ଅପରାହ୍ଣରେ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଦଫା ୩୯୨ ଏବଂ ୨୫ ଅସ୍ତ୍ରଶସ୍ତ୍ର ଆଇନ ଅନୁସାରେ ଥାନାରେ ୮୯/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନାଥାଉ କି, ରାଜ୍ୟ ସରକାର ପ୍ରତି ମାସ ୧୫ତାରିଖ ମଧ୍ୟରେ ସମସ୍ତ ପଞ୍ଚାୟତରେ ବିଭିନ୍ନ ପ୍ରକାର ଭତ୍ତା ବଣ୍ଟନ ନେଇ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଅସ୍ତରଙ୍ଗସ୍ଥିତ ଏକ ଘରୋଇ ବ୍ୟାଙ୍କରୁ ସୋମବାର ଭତ୍ତା ବାବଦ ୨ଲକ୍ଷ ୩୨ହଜାର ୬୦୦ ଟଙ୍କା ଉଠାଇ ତାଳଦା ପଞ୍ଚାୟତ କାର୍ଯ୍ୟାଳୟ ଅଭିମୁଖେ ଯାଉଥିଲେ। ଦେବୀନଦୀ ବନ୍ଧର ଖଣ୍ଡାସାହି-ତାଳଦା ଘାଟ ମଝିରେ ଥିବା ନିକାଞ୍ଚନ ସ୍ଥାନରେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ପରେ ବନ୍ଧୁକ ଓ ଛୁରି ଦେଖାଇ ଟଙ୍କା ବ୍ୟାଗ୍ ଛଡ଼ାଇ ନେଇଥିବା ଦେବେନ୍ଦ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏପଟେ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ପାଇଁ ହିତାଧିକାରୀମାନେ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା କରି ନିରାଶରେ ଫେରିଥିଲେ। ଘଟଣା ସମ୍ପର୍କରେ ଅସ୍ତରଙ୍ଗ ବିଡିଓ ଅଶୋକ ଲେଙ୍କା ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହିତାଧିକାରୀମାନେ କିପରି ଶୀଘ୍ର ଭତ୍ତା ଟଙ୍କା ପାଇବେ ସେନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଏ ସମ୍ପର୍କରେ କାକଟପୁର ଥାନା ଆଇଆଇସି ସୁମତି ମହାନ୍ତିଙ୍କୁ ପଚାରିବାରେ ଘଟଣାର ସବୁଦିଗରୁ ତଦନ୍ତ କରାଯାଉଛି। ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଥିଲେ।

# ଗ୍ୟାସ୍‌ଟାଙ୍କି ଲିକ୍‌ରୁ ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ

ପୁରୀ ଅଫିସ,୧୫।୭:

ସୋମବାର ସକାଳେ ସିଂହଦ୍ୱାର ନିକଟ ଏକ ରେଷ୍ଟୁରାଣ୍ଟରେ ଗ୍ୟାସଟାଙ୍କି ଲିକ୍ ହୋଇ ହଠାତ୍ ନିଆଁ ଲାଗିଯାଇଥିଲା। ନିମିଷକ ମଧ୍ୟରେ ଚାରିଆଡେ ନିଆଁ ବ୍ୟାପିଯାଇଥିଲା। ରେଷ୍ଟୁରାଣ୍ଟ ପରିସର ଧୂଆଁମୟ ହୋଇଯାଇଥିଲା। ତେବେ ସେହି ସମୟରେ ରେଷ୍ଟୁରାଣ୍ଟରେ କେହି ଗ୍ରାହକ ନ ଥିଲେ। ଖବର ପାଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ଅଗ୍ନିଶମ ଓ ପୁରୀ ଅଗ୍ନିଶମ ସେବା କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରକାଶ ଯେ, ସୋମବାର ସକାଳ ପ୍ରାୟ ସାଢେ ୮ଟାରେ ରଥାରୂଢ଼ ମହାପ୍ରଭୁଙ୍କ ଦର୍ଶନ ଲାଗି ଭକ୍ତଙ୍କ ଭିଡ଼ ଲାଗିଥିଲା। ଅନ୍ୟପଟେ ଏହି ସମୟରେ ନିକଟସ୍ଥ ରେଷ୍ଟୁରାଣ୍ଟ ପରିସରରୁ ଧୂଆଁ ବାହାରିଥିଲା। କିଛି ସମୟ ମଧ୍ୟରେ ରେଷ୍ଟୁରାଣ୍ଟ ଜଳୁଥିବା ଦେଖିବାକୁ ମିଳିଥିଲା। ସେହି ସମୟରେ ସିଂହଦ୍ୱାର ନିକଟରେ ଥିବା ଲୋକେ ଭୟରେ ଦୌଡ଼ି ପଳାଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ।

# ବାଇକ୍ ଚାଳକଙ୍କୁ ମାଡ଼ମାରି ଲୁଟ୍

ଗୋପ, ୧୫।୭(ଡି.ଏନ୍.ଏ.)

ଗୋପ ଥାନା ବନମାଳୀପୁର ଗ୍ରାମର କେଦାରନାଥ ବେହେରା ରବିବାର ବିଳମ୍ବିତ ରାତିରେ ସମ୍ପର୍କୀୟଙ୍କ ଘରୁ ଫେରୁଥିବାବେଳେ ଭଇରିପୁର ନିକଟରେ ୪ଜଣ ଦୁର୍ବୃତ୍ତ ତାଙ୍କୁ ମାଡ଼ମାରି ଗାଡ଼ି ଓ ସୁନାମୁଦି ଲୁଟ୍ କରି ଫେରାର ହୋଇଯାଇଥିଲେ। ଏହି ଲୁଟ୍‌ର ୧୦ ଘଣ୍ଟା ପରେ ଗୋପ-କୋଣାର୍କ ରାସ୍ତାର ପାଟେଲିଆ ଛକ ନିକଟ ମୁଖ୍ୟରାସ୍ତାର ଏକ ପରିତ୍ୟକ୍ତ ସ୍ଥାନରୁ ବାଇକ୍ ମିଳିଥିବାବେଳେ ଏପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କ ସୁରାକ ପାଇପାରିନାହିଁ।

କେଦାରନାଥ ଓଗାଳପୁର ଗ୍ରାମର ଭାସ୍କର ବେହେରାଙ୍କ ଘରକୁ ଆସି ଫେରୁଥିବାବେଳେ ଏହି ଘଟଣା ଘଟିଥିଲା। ଲୁଟ୍ ପରେ ଏ ସମ୍ପର୍କରେ ସୋମବାର କେଦାରନାଥ ଗୋପ ଥାନାରେ ଅଭିଯୋଗ ପତ୍ର ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା କହୁଥିବାବେଳେ ମାମଲା ରୁଜୁ କରିନାହିଁ। ଏ ସମ୍ପର୍କରେ ଗୋପ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କୁ ପଚାରିବାରେ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ସେ କହିଥିଲେ।



ପାଟେଲିଆ ଛକ ନିକଟ ଏକ ପରିତ୍ୟକ୍ତ ସ୍ଥାନରୁ ଉଦ୍ଧାର ହୋଇଥିବା ବାଇକ୍।

### ଶଟର ତାଡ଼ି ଚୋରି: ଜଣେ ଗିରଫ

ପୁରୀ ଅଫିସ,୧୫।୭:ଦୋକାନ ଶଟର ତାଡ଼ି ଚୋରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଷ୍ଟେଶନ ରୋଡ ରାମମନ୍ଦିର ଛକର ଗୁଡୁ ଜାଲି (୧୮)। ରାମମନ୍ଦିର ଛକରେ ଶିବ ପାଲଙ୍କର ଏକ ପାନଦୋକାନ ରହିଛି। ୧୦ ତାରିଖ ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ। ସେହି ଦିନ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ଶଟର ତାଡ଼ି ୩୦ହଜାର ଟଙ୍କାର ସାମଗ୍ରୀ ଚୋରି କରି ନେଇଯାଇଥିବା ସେ ଥାନାରେ ଅଭିଯୋଗ କରିଥିଲେ।

## ■ ଗୋପ ବ୍ଲକ୍‌ରେ ବନ୍ଦ ହେଉଛି ସରକାରୀ ସ୍କୁଲ

# ଛତୁ ଫୁଟିଲା ଭଳି ଖୋଲୁଛି ଘରୋଇ ଶିକ୍ଷାନୁଷ୍ଠାନ



ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ସୋମବାର ପୁରୀ ଆଇଟିଆଇ ପରିସରରେ ଅନୁଷ୍ଠିତ କର୍ମଶାଳାରେ ଛାତ୍ରମାନେ ପକଳ୍ପ ପ୍ରଦର୍ଶନ କରୁଛନ୍ତି।

- କମୁଛି ଶିକ୍ଷାର ଗୁଣାତ୍ମକ ମାନ
- ମନ୍ତ୍ରୀ କହିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ

ଗୋପ, ୧୫।୭(ଡି.ଏନ୍.ଏ.)

ଗୋପ ବ୍ଲକରେ ଛତୁ ଫୁଟିଲା ଭଳି ଘରୋଇ ଶିକ୍ଷାନୁଷ୍ଠାନ ଖୋଲୁଥିବାବେଳେ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅଭାବରୁ ନିକଟରେ ୧୩ଟି ସରକାରୀ ସ୍କୁଲ ବନ୍ଦ ହୋଇଛି। ଆଗାମୀ ଦିନରେ ଅଧିକାଂଶ ସରକାରୀ ସ୍କୁଲ ବନ୍ଦ ହେବାର ଆଶଙ୍କା ଦେଖାଦେଇଛି। ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ଲାଗି ସରକାର ଗୁଣାତ୍ମକ ଶିକ୍ଷାକୁ ଆଗକୁ ନେବାକୁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବାବେଳେ ତାହା ଏବେ ଫଳପ୍ରଦ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି।

ଗୋପ ବ୍ଲକ୍‌ରେ ଗତ ପାଞ୍ଚବର୍ଷ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ଘରୋଇ ଶିକ୍ଷାନୁଷ୍ଠାନ ଖୋଲିଛି। ସେହିପରି ସରକାରୀ ନିୟମ ଅନୁସାରେ ତିନିବର୍ଷ ମଧ୍ୟରେ ଇଲାଜଙ୍ଗ ପ୍ରାଥମିକ ବିଦ୍ୟାଳୟ, ପୁଟୁପଡ଼ା ପ୍ରାଥମିକ ବିଦ୍ୟାଳୟ, ଦୋପଡ଼ା ପ୍ରାଥମିକ ବିଦ୍ୟାଳୟ, ପଇତରାବରାଇ ପ୍ରାଥମିକ ବିଦ୍ୟାଳୟ, ପାତ୍ରସାହି ପ୍ରାଥମିକ ବିଦ୍ୟାଳୟ, ଜିରିକଣା ପ୍ରାଥମିକ ବିଦ୍ୟାଳୟ, ବସନ୍ତଡିହ ପ୍ରାଥମିକ ବିଦ୍ୟାଳୟ, ଝାଳିଆ ପ୍ରାଥମିକ ବିଦ୍ୟାଳୟ, ତରଡ଼ାପଡ଼ା ପ୍ରାଥମିକ ବିଦ୍ୟାଳୟ, ଜନ୍ତନା ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଛି। ଆଗକୁ ଆହୁରି ଅନେକ ବିଦ୍ୟାଳୟ ବନ୍ଦ ହୋଇଯିବ ବୋଲି ଗୋପ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ସରକାରୀ ନିୟମ ଅନୁସାରେ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ଯୋଗୁ ଏହି ସ୍କୁଲସବୁ ବନ୍ଦ ହୋଇଛି। ୫୦ଟି ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରୁ ୨୫ଟିକୁ ଏନ୍‌ଓସି (ସ୍ୱୀକୃତିପ୍ରାପ୍ତ) ଦିଆଯାଇଥିବା ଜଣାପଡ଼ିଛି। ନିୟମ ଅନୁସାରେ, ବେସରକାରୀ ସ୍କୁଲଗୁଡ଼ିକରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କ ଲାଗି ଖେଳପଡ଼ିଆ, ଶୌଚାଳୟ, କୋଠାଘର, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଭିନ୍ନକ୍ଷମଙ୍କ ଲାଗି ର୍‍ୟାମ୍ପ, ଅଭିଜ୍ଞ ଶିକ୍ଷକଙ୍କ ସହିତ ୩୨ଟି ସରକାରୀ ମାନଦଣ୍ଡ ରହିଥିବାବେଳେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଜଣାପଡ଼ିଛି। ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନରେ ଭିନ୍ନକ୍ଷମ ଓ ଦଳିତ ଛାତ୍ରୀଛାତ୍ରଙ୍କ ଲାଗି ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରି ମାଗଣାରେ ପାଠ ପଢ଼ାଇବା ପାଇଁ ନିୟମ ରହିଥିବାବେଳେ ତାହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏନ୍‌ଓସି ନ ଥିବା ୨୫ରୁ ଅଧିକ ଘରୋଇ ଶିକ୍ଷାନୁଷ୍ଠାନରେ ୫ ହଜାରରୁ ଅଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କେତେକ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ଶିକ୍ଷା ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ କରାୟତ୍ତ କରି ଏନ୍‌ଓସି ହାତେଇଥିବା ଅଭିଯୋଗ ଆସିଛି। ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଯୋଗାଯୋଗ କରିବାରେ ଏନେଇ ଦୃଷ୍ଟିଦେବା ସହ ଦରକାର ପଡ଼ିଲେ ଏହିସବୁ ବେଆଇନ ଘରୋଇ ଶିକ୍ଷାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ଖୁବ୍‌ଶୀଘ୍ର ବେଆଇନ ଘରୋଇ ଶିକ୍ଷାନୁଷ୍ଠାନ ଉପରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।